ଧରିତ୍ରୀ 51 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୧୨/୨୦୨୫ (୧୬ ପୃଷ୍ଠା) | Bhubaneswar, Friday, September 12/2025 | Page 16 | ₹ 7.00 | BALASORE

୫୧ଶ ଭାଗ ୨୮୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 288 | ମୂଲ୍ୟ ₹୭/-



Hero



ମାନ୍ୟବର ପ୍ରଧାନମନ୍ତ୍ରୀ
**ଶ୍ରୀ ନରେନ୍ଦ୍ର ମୋଦୀ**

ଆମେ ଆମର ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ତଥା ଭାରତ ସରକାରଙ୍କୁ ଦୂରଦୃଷ୍ଟି ସମ୍ପନ୍ନ GST ସଂଶୋଧନ ଗୁଡ଼ିକ ପାଇଁ ହାର୍ଦ୍ଦିକ ଧନ୍ୟବାଦ ଅର୍ପଣ କରୁଛୁ, ଯିଏ ଏହି ମୁହୂର୍ତ୍ତକୁ ଦେଶବ୍ୟାପୀ ଉତ୍ସବରେ ପରିଣତ କରିଦେଇଛନ୍ତି ।

ଏହି ପାର୍ବଣ ଋତୁରେ, 100% GSTର ସମ୍ପୂର୍ଣ୍ଣ ଲାଭ ସିଧାସଳଖ ପ୍ରାପ୍ତ କରି କମ ମୂଲ୍ୟରେ ଘରକୁ ଆଣନ୍ତୁ ନିଜର ପ୍ରିୟ ହିରୋ ଟୁ-ହୁଇଲର । ଡେଲିଭରୀ ଏହି ନବରାତ୍ରୀରୁ ଆରମ୍ଭ !

## ହ୍ରାସିତ ମୂଲ୍ୟ, ଉଚ୍ଚତର ଉତ୍ସବ

| ମଡେଲ | ଏତିକି ପର୍ଯ୍ୟନ୍ତ GST ଲାଭ* |
|---|---|
| HF Deluxe | ₹ 5 800 |
| Passion+ | ₹ 6 400 |
| Splendor+ | ₹ 6 800 |
| Destini 125 | ₹ 7 500 |
| Glamour X | ₹ 7 800 |
| Xpulse 210 | ₹ 14 500 |



## ଆଜି ହିଁ ନିଜର ହିରୋ ବୁକ୍ କରନ୍ତୁ!

*ON EX-SHOWROOM BHUBANESWAR

WORLD'S NO.1 24 YEARS IN A ROW## MOTORCYCLE & SCOOTER COMPANY

INDIA'S FIRST 5 YEAR WARRANTY* *Conditions apply

**CALL TOLL-FREE 1800 266 0018**

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj - Phase -II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or visit us on www.HeroMotoCorp.com. ##Highest sales for any 2 Wheeler Corporate Entity in the world for Calendar Year 2024 - Data source: DNA Consult & Advisory's report Assessment of Global Two Wheelers Market (CY24). For all Corporate and Bulk Enquiries, Please email us on institutionalsales@heromotocorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. Offer amount & combination of offers may vary as per model. Offers are valid in select states for a limited period or till stock lasts. For more details, please visit your nearest authorized Hero outlet. Terms & Conditions apply.

**Authorized Dealers:** Balasore: Neelam Hero, Ph: 9289922519, Baripada: Aditya Hero, Ph: 7799766370, Bhadrak: Sanjib Hero, Ph: 9289922608, Jaleswar: Sai Hero, Ph: 9289922844, Keonjhar: Supreme Hero, Ph: 9289922182 **Associate Dealers:** Baliapal:Baba Motors-8093603116 Soro:Twinkle Motors-9861594852, Basta:Shivam Motors-7735958754 Rairangpur:Maa Sakambari Motors-7008581719, Mayurbhanj:Jk Motors-9040909925, Mayurbhanj:Mahaveer Motors-7326872255/9853290346, BasudevPur:Bidyalalita Automobile-9827487072, Kamrda:Siddhivinayak Motors-7208675074, Telkoi:Panchamukhi Motors-9717004926, Barbil:Wheels Motors-9776931870

SAATCHI & SAATCHI

## ମୋଦିଙ୍କ ମଣିପୁର ଗସ୍ତ ପୂର୍ବରୁ ୪୩ ଭାଜପା ସଦସ୍ୟଙ୍କ ଇସ୍ତଫା

**ଇମ୍ଫାଲ,୧୧।୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାତିଆଣ ହିଂସା କ୍ଷତିଗ୍ରସ୍ତ ମଣିପୁରକୁ ଗସ୍ତରେ ଯିବାର ଦିନକ ପୂର୍ବରୁ ଗୁରୁବାର ଉଖ୍ରୁଲ ଜିଲା ଫୁଙ୍ଗ୍ୟାର ନିର୍ବାଚନ ମଣ୍ଡଳୀର ଅନ୍ୟୂନ ୪୩ ଜଣ ଭାଜପା ସଦସ୍ୟ ସମୂହ ଇସ୍ତଫା ଦେଇଛନ୍ତି। ଦଳ ଭିତରେ ଚାଲିଥିବା କାର୍ଯ୍ୟକୁ ନେଇ ସେମାନେ ଅତ୍ୟନ୍ତ ଚିନ୍ତିତ। ତୃଣମୂଳ ସ୍ତରର ନେତାଙ୍କ ପ୍ରତି ଦଳରେ ସମ୍ମାନ ନାହିଁ କି ସେମାନଙ୍କ ସହ ପରାମର୍ଶ କରାଯାଉ ନାହିଁ। ଏହା ଇସ୍ତଫା ପଛର କାରଣ ବୋଲି ସେମାନେ ଦର୍ଶାଇଛନ୍ତି। ତେବେ ସେମାନଙ୍କ ସମ୍ପ୍ରଦାୟ ଏବଂ ମଣିପୁର ଜନସାଧାରଣଙ୍କ କଲ୍ୟାଣ ଲାଗି କାର୍ଯ୍ୟ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି। ନାଗାବହୁଳ ଏହି ନିର୍ବାଚନ ମଣ୍ଡଳୀରେ ଇସ୍ତଫା ଦେଇଥିବା ଭାଜପା ସଦସ୍ୟଙ୍କ ମଧ୍ୟରେ ମଣ୍ଡଳ ସଭାପତି, ମହିଳା, ଯୁବ ଓ କିଷାନ ମୋର୍ଚ୍ଚା ମୁଖ୍ୟ ପ୍ରମୁଖ ରହିଛନ୍ତି।

## ଆମେରିକାରେ ରାଷ୍ଟ୍ରଦୂତ ଥିବା ପିଟରଙ୍କୁ ବହିଷ୍କାର କଲା ବ୍ରିଟେନ୍



ପିଟର ମାଣ୍ଡେଲସନ୍

**ଲଣ୍ଡନ,୧୧।୯**

ଯୌନ ଅପରାଧ ମାମଲାରେ ଦୋଷୀସାବ୍ୟସ୍ତ ଜେଫ୍ରି ଏପ୍‌ଷ୍ଟେଇନ୍‌ଙ୍କ ସହ ପିଟର ମାଣ୍ଡେଲସନ୍ ସମ୍ପର୍କ ରଖିଥିବା ଜଣାପଡ଼ିବା ପରେ ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର ଗୁରୁବାର ତାଙ୍କୁ ରାଷ୍ଟ୍ରଦୂତ ପଦବୀରୁ ବିଦା କରିଛନ୍ତି। ପିଟର ଆମେରିକାରେ ବ୍ରିଟେନ୍‌ର ରାଷ୍ଟ୍ରଦୂତ ରହିଥିଲେ। ବିବାଦୀୟ ଫାଇନାନ୍ସର ଏପ୍‌ଷ୍ଟେଇନ୍ ଯୌନ ଅପରାଧ ମାମଲାରେ ଜେଲଦଣ୍ଡର ସମ୍ମୁଖୀନ ହୋଇଥିବାବେଳେ ପିଟର ତାଙ୍କ ପାଖକୁ ଇମେଲ୍ ପଠାଇବା ସହ ତାଙ୍କୁ ସମର୍ଥନ ଜଣାଇଥିଲେ। ଏହି ଖବର ପ୍ରକାଶ ପାଇବା ପରେ ପିଟରଙ୍କୁ ବହିଷ୍କାର ପାଇଁ ନିଷ୍ପତ୍ତି ନିଆଯାଇଥିବା ବ୍ରିଟେନ୍ ବହିର୍ବ୍ୟାପାର ମନ୍ତ୍ରୀ ଷ୍ଟିଫେନ୍ ଡୌଟି ଗୁରୁବାର ହାଉସ୍ ଅଫ୍ କମନ୍ସରେ କହିଛନ୍ତି।

# ପାର୍ଲାମେଣ୍ଟ ଭଙ୍ଗ, ସମ୍ବିଧାନ ସଂଶୋଧନ କର

## ଦାବିରେ ଅଟଳ ଜେନ୍ ଜେଡ୍



କାଠମାଣ୍ଡୁରେ ଜେନ୍ ଜେଡ୍ ବିକ୍ଷୋଭକାରୀ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଉଛନ୍ତି।

- ଅନ୍ତରୀଣ ପ୍ରଧାନମନ୍ତ୍ରୀ ପଦକୁ ନେଇ ଜେନ୍ ଜେଡ୍‌ରେ ବିବାଦ
- କୁଲମାନ ଘିସିଂଙ୍କ ନାମ ପ୍ରସ୍ତାବ ଦେଲେ ଆଉ ଏକ ଗୋଷ୍ଠୀ
- ସେନା ମୁଖ୍ୟ, ରାମଚନ୍ଦ୍ର ପୌଡେଲଙ୍କ ସହ ଆଲୋଚନା

**କାଠମାଣ୍ଡୁ, ୧୧।୯**

ନେପାଳରେ ସରକାର ବିରୋଧୀ ବିକ୍ଷୋଭର ନେତୃତ୍ୱ ନେଉଥିବା ଜେନ୍ ଜେଡ୍ ପକ୍ଷରୁ ଗୁରୁବାର ଦେଶର ପାର୍ଲାମେଣ୍ଟ ଭଙ୍ଗ ଓ ସମ୍ବିଧାନ ସଂଶୋଧନ ପାଇଁ ଦାବି କରାଯାଇଛି। କାଠମାଣ୍ଡୁରେ ଏକ ଖବରଦାତା ସମ୍ମିଳନୀ କରି ଜେନ୍ ଜେଡ୍ ବିକ୍ଷୋଭକାରୀ କହିଛନ୍ତି, ଆଲୋଚନା ଏବଂ ସହଯୋଗ ମାଧ୍ୟମରେ ବିକ୍ଷୋଭର ସମାଧାନ ବାହାରିପାରିବ। ଗୁରୁବାର ଜେନ୍ ଜେଡ୍‌ର କିଛି ପ୍ରତିନିଧି ସେନା ମୁଖ୍ୟ ଅଶୋକ ରାଜ୍ ସିଗ୍‌ଡେଲଙ୍କ ସହ ଆଲୋଚନା କରିଛନ୍ତି। ଗତ ୯ରେ ନିଜ ପଦରୁ ଇସ୍ତଫା ଦେଇଥିବା ନେପାଳର ପୂର୍ବତନ ରାଷ୍ଟ୍ରପତି ରାମଚନ୍ଦ୍ର ପୌଡେଲଙ୍କ ସହ ମଧ୍ୟ ସେମାନେ ଆଲୋଚନା କରିଛନ୍ତି। ରାଜନୈତିକ ଦଳଗୁଡ଼ିକ ସେମାନଙ୍କ ସ୍ୱାର୍ଥ ପାଇଁ ବିକ୍ଷୋଭକାରୀଙ୍କୁ ବ୍ୟବହାର କରିବା ଉଚିତ ନୁହେଁ। ଏହା ସମ୍ପୂର୍ଣ୍ଣ ନାଗରିକ ଆନ୍ଦୋଳନ ଥିଲା। ଏହାକୁ ନେଇ ରାଜନୀତି ନ ହେଉ ବୋଲି ଜଣେ କାର୍ଯ୍ୟକର୍ତ୍ତା କହିଛନ୍ତି। ନେପାଳ ସଂସଦକୁ ଭଙ୍ଗ କରାଯିବା ଉଚିତ ଏବଂ ଜନସାଧାରଣଙ୍କ ହିତ ଏବଂ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମ୍ବିଧାନରେ ମଧ୍ୟ କିଛି ସଂଶୋଧନ ଆବଶ୍ୟକ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷେ, ସାମ୍ପ୍ରତିକ ସ୍ଥିତିରେ ନେପାଳର ନୂତନ ଅନ୍ତରୀଣ ପ୍ରଧାନମନ୍ତ୍ରୀ ପଦକୁ ନେଇ ଗୁରୁବାର ଜେନ୍ ଜେଡ୍ ମଧ୍ୟରେ ମତଭେଦ ଦେଖାଦେଇଛି। ଅନ୍ତରୀଣ ପ୍ରଧାନମନ୍ତ୍ରୀ ପଦ ପାଇଁ ଜେନ୍ ଜେଡ୍ ବିକ୍ଷୋଭକାରୀଙ୍କ ଏକ ଗୋଷ୍ଠୀ ନେପାଳ ବିଦ୍ୟୁତ୍ ପ୍ରାଧିକରଣର ପୂର୍ବତନ କାର୍ଯ୍ୟନିର୍ବାହୀ ମୁଖ୍ୟ କୁଲମାନ ଘିସିଂଙ୍କ ନାମକୁ ପ୍ରସ୍ତାବ ଦେଇଛି। ନେପାଳ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ୍ ସୁଶୀଳା କାର୍କିଙ୍କ ନାମକୁ ଅନ୍ତରୀଣ ପ୍ରଧାନମନ୍ତ୍ରୀ ପଦ ପାଇଁ ବୁଧବାର ଜେନ୍ ଜେଡ୍ ପକ୍ଷରୁ ପ୍ରସ୍ତାବିତ କରାଯାଇଥିବାବେଳେ ତାଙ୍କ ନାମକୁ ଏହି ଗୋଷ୍ଠୀ ବିରୋଧ କରିଛି। ଅନ୍ତରୀଣ ପ୍ରଧାନମନ୍ତ୍ରୀ ପଦକୁ ନେଇ ମତଭେଦ ମଧ୍ୟରେ ଗୁରୁବାର ସେନା ମୁଖ୍ୟାଳୟ ସମ୍ମୁଖରେ ଜେନ୍ ଜେଡ୍‌ର ୨ ଗୋଷ୍ଠୀ ପରସ୍ପରକୁ ଆକ୍ରମଣ କରିଛନ୍ତି। ନେପାଳ ସେନାର ଜଣେ ମୁଖପାତ୍ର କହିଛନ୍ତି, ନେପାଳରେ ହୋଇଥିବା ଆନ୍ଦୋଳନର ବିଭିନ୍ନ ଅଂଶୀଦାରଙ୍କ ସହ ସେନାର ଆଲୋଚନା ଜାରି ରହିଛି। ଦେଶର ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ ବଜାୟ ରଖିବା ସହ ଅଚଳାବସ୍ଥାକୁ ଦୂର କରିବା ପାଇଁ ସେନା କାର୍ଯ୍ୟ କରୁଛି।

## ନେପାଳ ଜେଲରେ ସଂଘର୍ଷ: ୩ ମୃତ

### ବିଭିନ୍ନ ଜେଲରୁ ୧୫ ହଜାର ବନ୍ଦୀ ଚମ୍ପଟ

**କାଠମାଣ୍ଡୁ,୧୧।୯(ପି.ଟି.)**

ନେପାଳର ମାଧେଶ ପ୍ରଦେଶ ଅନ୍ତର୍ଗତ ରାମେଛାପ ଜିଲା ଜେଲରେ ଗୁରୁବାର ସକାଳେ ସୁରକ୍ଷା କର୍ମୀଙ୍କ ସହ ସଂଘର୍ଷରେ ୩ ଅନ୍ତେବାସୀଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୧୩ ଜଣ ଆହତ ହୋଇଛନ୍ତି। ନେପାଳରେ ସରକାର ବିରୋଧୀ ହିଂସାତ୍ମକ ବିକ୍ଷୋଭ ଆରମ୍ଭ ହେବା ଦିନରୁ ଇତିମଧ୍ୟରେ ବିଭିନ୍ନ ଜେଲରୁ ୧୫,୦୦୦ରୁ ଊର୍ଦ୍ଧ୍ୱ ବନ୍ଦୀ ଖସି ପଳାଇଲେଣି। ମଙ୍ଗଳବାରଠାରୁ ଜେଲରେ ସୁରକ୍ଷା ବଳ ସହ ସଂଘର୍ଷରେ ୮ ବନ୍ଦୀଙ୍କ ଜୀବନ ଯାଇଛି। ଗୁରୁବାର ବନ୍ଦୀମାନେ ସିଲିଣ୍ଡର ବିସ୍ଫୋରଣ ଘଟାଇ ଜେଲରୁ ବାହାରି ପଳାଇବାକୁ ଉଦ୍ୟମ କରୁଥିବାବେଳେ ସୁରକ୍ଷା ଦାୟିତ୍ୱରେ ଥିବା ଯବାନଙ୍କ ସହ ସଂଘର୍ଷ ଘଟିଥିଲା। ସ୍ଥିତି ନିୟନ୍ତ୍ରଣକୁ ଆଣିବା ପାଇଁ ସୁରକ୍ଷା ବଳ ଗୁଳି ଚଳାଇବାରୁ ୩ ଜଣଙ୍କ ମୃତ୍ୟୁ ଘଟିଲା ବୋଲି ପୋଲିସ ସୂତ୍ରରୁ କୁହାଯାଇଛି। ଆହତମାନଙ୍କୁ ରାମେଛାପ ଜିଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ଚାର୍ଲି କିର୍କଙ୍କୁ ହତ୍ୟା, କଠୋର ବାମପନ୍ଥୀଙ୍କୁ ଦାୟୀକଲେ ଟ୍ରମ୍ପ୍



ଚାର୍ଲି କିର୍କ

**ୱାଶିଂଟନ୍,୧୧।୯ (ଏ.ପି/ରଏଟର୍ସ)**

ଜଣାଶୁଣା କଞ୍ଜର୍ଭେଟିଭ୍ ଇନ୍‌ଫ୍ଲୁଏନ୍ସର ତଥା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସହଯୋଗୀ ଚାର୍ଲି କିର୍କଙ୍କୁ ବୁଧବାର ଗୁଳିକରି ହତ୍ୟା କରାଯାଇଛି। ଓରେମ୍‌ସ୍ଥିତ ଉଟାହ ଭ୍ୟାଲି ୟୁନିଭର୍ସିଟି (ୟୁଭିୟୁ)ରେ ଏକ କାର୍ଯ୍ୟକ୍ରମକୁ ସମ୍ବୋଧନ କରିବାବେଳେ ତାଙ୍କ ଉପରକୁ ଗୁଳିମାଡ଼ ହୋଇଥିଲା। କିର୍କଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲକୁ ନିଆଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଟ୍ରମ୍ପ୍ ଏନେଇ ଶୋକବ୍ୟକ୍ତ କରିବା ସହ ଏହାକୁ ଆମେରିକା ପାଇଁ 'ଏକ ଅନ୍ଧକାରମୟ ସମୟ' ଭାବେ ଅଭିହିତ କରିଛନ୍ତି। କିର୍କ ସତ୍ୟ ପାଇଁ ଶହୀଦ ହୋଇଥିବା ଦର୍ଶାଇ ତାଙ୍କ ହତ୍ୟା ଲାଗି କଠୋର ବାମପନ୍ଥୀଙ୍କୁ ଦାୟୀ କରିଛନ୍ତି। କିର୍କଙ୍କୁ ମରଣୋତ୍ତର ଭାବେ ଆମେରିକାର ସର୍ବୋଚ୍ଚ ବେସାମରିକ ସମ୍ମାନ 'ପ୍ରେସିଡେନ୍ସିଆଲ ମେଡାଲ୍ ଅଫ୍ ଫ୍ରିଡମ୍' ପ୍ରଦାନ କରାଯିବ ବୋଲି ଗୁରୁବାର ରାଷ୍ଟ୍ରପତି ଟ୍ରମ୍ପ୍ ଘୋଷଣା କରିଛନ୍ତି।

**ମିଳିବ ଆମେରିକାର ସର୍ବୋଚ୍ଚ ସମ୍ମାନ**

ରକ୍ଷଣଶୀଳ ଯୁବ ସଙ୍ଗଠନ 'ଟର୍ନିଂ ପଏଣ୍ଟ ୟୁଏସ୍‌ଏ'ର ସହପ୍ରତିଷ୍ଠାତା ଚାର୍ଲି କିର୍କ(୩୧) କଞ୍ଜର୍ଭେଟିଭ୍ ମୁଭମେଣ୍ଟ ପାଇଁ ପ୍ରଭାବଶାଳୀ ଢଙ୍ଗରେ ସ୍ୱର ଉତ୍ତୋଳନ କରିଆସୁଥିଲେ। ୧୫ ୟୁନିଭର୍ସିଟିରେ 'ଆମେରିକାନ୍ କମ୍‌ବ୍ୟାକ୍ ଟୁର୍' କାର୍ଯ୍ୟକ୍ରମକୁ ସେ ସମ୍ବୋଧନ କରିବାର ଥିଲା। ସ୍ଥାନୀୟ ସମୟ ମଧ୍ୟାହ୍ନ ୧୨ଟା ୧୦ରେ ସମ୍ବୋଧନ ଆରମ୍ଭ କରିବାର ପ୍ରାୟ ୨୦ ମିନିଟ୍ ପରେ କିର୍କଙ୍କ ଉପରକୁ ଗୁଳିମାଡ଼ ହୋଇଥିଲା।

## କାର୍ଯ୍ୟାନୁଷ୍ଠାନ ଆବେଦନ କୋର୍ଟରେ ଖାରଜ

### ନାଗରିକ ହେବା ପୂର୍ବରୁ ଭୋଟର ତାଲିକାରେ ସୋନିଆଙ୍କ ନାଁ

**ନୂଆଦିଲ୍ଲୀ,୧୧।୯(ପି.ଟି.)**

କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଭାରତର ନାଗରିକ ହେବାର ୩ ବର୍ଷ ପୂର୍ବରୁ ତାଙ୍କ ନାମ ଭୋଟର ତାଲିକାରେ ସାମିଲ ହୋଇଥିବା ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାଏର ପିଟିଶନ୍‌କୁ ଦିଲ୍ଲୀର ଏକ ଅଦାଲତ ଗୁରୁବାର ଖାରଜ କରିଦେଇଛନ୍ତି। ଅଭିଯୋଗକାରୀ ବିକାଶ ତ୍ରିପାଠୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ପବନ ନାରଙ୍ଗ ବୁଧବାର କୋର୍ଟରେ ଉପସ୍ଥିତ ରହି କହିଥିଲେ, ନୂଆଦିଲ୍ଲୀ ନିର୍ବାଚନମଣ୍ଡଳୀର ଭୋଟର ତାଲିକାରେ ସୋନିଆଙ୍କ ନାଁ ୧୯୮୦ ଜାନୁଆରୀରେ ସାମିଲ ହୋଇଥିଲା। ସେତେବେଳେ ସେ ଭାରତର ନାଗରିକ ହୋଇ ନ ଥିଲେ। ଯଦି ସେ ଜଣେ ନାଗରିକ, ତେବେ ୧୯୮୨ରେ ତାଙ୍କ ନାଁକୁ ଭୋଟର ତାଲିକାରୁ ହଟାଇ ଦିଆଗଲା କାହିଁକି ବୋଲି ନାରଙ୍ଗ ପ୍ରଶ୍ନ କରିଥିଲେ। ସୋନିଆ ନାଗରିକ ହେବା ପରେ ୧୯୮୩ରେ ତାଙ୍କ ନାମକୁ ପୁନର୍ବାର ଭୋଟର ତାଲିକାରେ ସାମିଲ କରାଯାଇଥିଲା। ପୋଲିସକୁ ଏହାର ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଉ ବୋଲି ଅଭିଯୋଗକାରୀ କୋର୍ଟଙ୍କୁ ନିବେଦନ କରିଥିଲେ। ଅତିରିକ୍ତ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ବୈଭବ ଚୌରାଶିଆ ଅଭିଯୋଗକାରୀ ଓ ପ୍ରତିପକ୍ଷଙ୍କ ଯୁକ୍ତି ଶୁଣିବା ପରେ ପିଟିଶନକୁ ଖାରଜ କରିଦେଇଛନ୍ତି।



ସୋନିଆ ଗାନ୍ଧୀ

## ଗୁଜରାଟରେ ୨ ବର୍ଷରେ ୩୦୭ ଏସୀୟ ସିଂହଙ୍କ ମୃତ୍ୟୁ

**ଅହମଦାବାଦ, ୧୧।୯**

ଗତ ୨ ବର୍ଷ ମଧ୍ୟରେ ଗୁଜରାଟରେ ୩୦୭ ଏସୀୟ ସିଂହଙ୍କ ମୃତ୍ୟୁ ଘଟିଥିବା ନେଇ ବୁଧବାର ବିଧାନସଭାରେ ରାଜ୍ୟ ସରକାର ସୂଚନା ଦେଇଛନ୍ତି। ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ, ୨୦୨୩ ଅଗଷ୍ଟରୁ ୨୦୨୪ ଜୁଲାଇ ମଧ୍ୟରେ ରାଜ୍ୟରେ ୧୪୧ ସିଂହଙ୍କର ମୃତ୍ୟୁ ଘଟିଥିବାବେଳେ ୨୦୨୪ ଅଗଷ୍ଟରୁ ୨୦୨୫ ଜୁଲାଇ ମଧ୍ୟରେ ୧୬୬ ସିଂହଙ୍କର ମୃତ୍ୟୁ ଘଟିଛି। ଗିର୍ ଜାତୀୟ ଉଦ୍ୟାନ ଓ ଏହାର ଆଖପାଖ ଅଞ୍ଚଳରେ ପ୍ରାକୃତିକ ମୃତ୍ୟୁ ସମେତ ରୋଗ, ଦୁର୍ଘଟଣା, ଆଭ୍ୟନ୍ତରୀଣ ଲଢ଼େଇ ଆଦି କାରଣ ଯୋଗୁ ମଧ୍ୟ ଅନେକ ସିଂହଙ୍କର ମୃତ୍ୟୁ ଘଟିଥିବା ଏହି ରିପୋର୍ଟରେ କୁହାଯାଇଛି। ସିଂହଙ୍କ ଅପ୍ରାକୃତିକ ମୃତ୍ୟୁକୁ ରୋକିବା ପାଇଁ ରାଜ୍ୟ ସରକାର ୩୭.୩୫ କୋଟି ଟଙ୍କା ଖର୍ଚ୍ଚ କରିଥିବା ସତ୍ତ୍ୱେ ଏତେ ସଂଖ୍ୟାରେ ସିଂହ ମୃତ୍ୟୁ ଗୁଜରାଟ ସରକାରଙ୍କ ସିଂହ ସରକ୍ଷଣ ରଣନୀତି ଉପରେ ପ୍ରଶ୍ନବାଚି ସୃଷ୍ଟି କରିଛି। ସମ୍ପ୍ରତି ଗୁଜରାଟର ୮ ଜିଲାରେ ୮୯୧ ସିଂହ ରହିଛନ୍ତି।

## ଅଭିଯୁକ୍ତଙ୍କ ନାର୍କୋ ପରୀକ୍ଷା ପାଇଁ ଏନ୍‌ଆଇଏର ଆବେଦନ ଖାରଜ

**ଜମ୍ମୁ,୧୧।୯(ପି.ଟି.)**

**ପହଲଗାମ୍ ଆକ୍ରମଣ**

ପହଲଗାମ୍ ଆକ୍ରମଣ ସହ ସମ୍ପୃକ୍ତି ଅଭିଯୋଗରେ ଗିରଫ ୨ ଜଣଙ୍କ ପଲିଗ୍ରାଫ୍ ଓ ନାର୍କୋ ପରୀକ୍ଷା ପାଇଁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) କରିଥିବା ଆବେଦନକୁ ସ୍ୱତନ୍ତ୍ର ଅଦାଲତ ଖାରଜ କରିଦେଇଛନ୍ତି। ଏପ୍ରିଲ ୨୨ରେ ପହଲଗାମ୍‌ରେ ଆତଙ୍କବାଦୀଙ୍କ ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁ ଘଟିଥିଲା। ଅଭିଯୁକ୍ତ ନିଜକୁ ନିର୍ଦ୍ଦୋଷ ପ୍ରମାଣିତ କରିବା ନିମନ୍ତେ ଉପରୋକ୍ତ ୨ ପରୀକ୍ଷାର ସମ୍ମୁଖୀନ ହେବାକୁ ସହମତି ଦେଇଥିବା କୋର୍ଟଙ୍କୁ ଏନ୍‌ଆଇଏ ଜଣାଇଥିଲା। ବଶିର ଅହମଦ ଜୋଥାଟ ଓ ପରଭେଜ ଅହମଦଙ୍କୁ ହୋଇଥିବା ସମନ ଏନ୍‌ଆଇଏ ଦାବିବିରୋଧରେ ଯାଉଛି। ଆତଙ୍କବାଦୀଙ୍କୁ ଆଶ୍ରୟ ପ୍ରଦାନରେ ସମ୍ପୃକ୍ତି ଅଭିଯୋଗରେ ସେମାନଙ୍କୁ ଜୁନ୍ ୨୬ରେ ଗିରଫ କରାଯାଇଥିଲା। ସେମାନେ ନାର୍କୋ ଏବଂ ପଲିଗ୍ରାଫି ପରୀକ୍ଷା ଦେବା ପାଇଁ ଇଚ୍ଛୁକ ନ ଥିବା କୋର୍ଟରେ ଉପସ୍ଥିତ ରହି କହିଥିଲେ।

## ଗ୍ରୀଷ୍ମଲହର ପାଇଁ ଜୀବାଶ୍ମ ଇନ୍ଧନ, ସିମେଣ୍ଟ କମ୍ପାନୀ ଦାୟୀ

**ନୂଆଦିଲ୍ଲୀ,୧୧।୯(ପି.ଟି.)**

ପ୍ରାକ୍‌ଶିଳ୍ପ ଯୁଗରୁ ଏପର୍ଯ୍ୟନ୍ତ ହାରାହାରି ୫୦ ପ୍ରତିଶତ ଅଧିକ ଗ୍ରୀଷ୍ମଲହର ପାଇଁ ଜୀବାଶ୍ମ ଇନ୍ଧନ ଓ ସିମେଣ୍ଟ ଉତ୍ପାଦନରୁ ହେଉଥିବା ନିର୍ଗମନ ପ୍ରତ୍ୟକ୍ଷଭାବେ ଦାୟୀ ହୋଇପାରେ ବୋଲି ଏକ ଅଧ୍ୟୟନରେ କୁହାଯାଇଛି। ନେଚର ପତ୍ରିକାରେ ପ୍ରକାଶିତ ଏହି ଗବେଷଣାରେ କୁହାଯାଇଛି, ୧୬ରୁ ୫୩ଟି ଗ୍ରୀଷ୍ମଲହର ଘଟଣା କେବଳ ଗୋଟିଏ ଅତ୍ୟଧିକ ଅଙ୍ଗାରକ ନିର୍ଗମନକାରୀ ସୃଷ୍ଟି କରିପାରେ। ବୈଶ୍ୱିକ ଉତ୍ତାପୀକରଣ ବିନା ଏହା ହେବା ସମ୍ପୂର୍ଣ୍ଣ ଅସମ୍ଭବ। ଇଟିଏଚ୍ ଜୁରିଚ୍‌ର ବିଶେଷଜ୍ଞଙ୍କ ସମେତ ୟୁରୋପର ଗବେଷକମାନେ ୨୦୨୨ରେ ଭାରତରେ ହୋଇଥିବା ଗ୍ରୀଷ୍ମଲହର ସମେତ ୨୦୦୦ରୁ ୨୦୨୩ ମଧ୍ୟରେ ବିଶ୍ୱରେ ରେକର୍ଡ ହୋଇଥିବା ୨୧୩ଟି ହିଟ୍‌ୱେଭ୍‌ର ଅନୁଶୀଳନ କରିଥିଲେ। କାର୍ବନ ନିର୍ଗମନକାରୀ ଜୀବାଶ୍ମ ଇନ୍ଧନ କମ୍ପାନୀ ସାଉଦି ଆରାମ୍‌କୋ, ରୁଷିଆର ଗାଜ୍‌ପ୍ରୋମ୍, ଚେଭ୍ରୋନ୍, ଏବଂ କୋଇଲା ଉପରେ ନିର୍ଭରଶୀଳ ଚାଇନା ଓ ଭାରତ ଭଳି ଦେଶଗୁଡ଼ିକ ଉପରେ ଗବେଷକ ଟିମ୍ ଅନୁଧ୍ୟାନ କରିଥିଲେ। ହିଟ୍‌ୱେଭ୍ ଏବଂ ଅତ୍ୟଧିକ ବୃଷ୍ଟିପାତ ଭଳି ଘଟଣାରେ ଜଳବାୟୁ ପରିବର୍ତ୍ତନ କେତେ ପ୍ରଭାବ ପକାଉଛି, ତାହା ନିର୍ଦ୍ଧାରଣ କରିବାରେ ଏହି ଅଧ୍ୟୟନ ସହାୟକ ହେବ ବୋଲି ଗବେଷକମାନେ କହିଛନ୍ତି।



**ଫୁର୍‌ସତ**

## ଆଜିଠୁ ଓଟିଟିରେ ସୈୟାରା

ମୁମ୍ବାଇ: ଗତ ଜୁଲାଇ ୧୮ରେ ମୋହିତ ସୁରୀଙ୍କ ନିର୍ଦ୍ଦେଶିତ ରୋମାଣ୍ଟିକ୍ ଡ୍ରାମା ଫିଲ୍ମ 'ସୈୟାରା' ରିଲିଜ୍ ହୋଇଥିଲା। ଫିଲ୍ମରେ ଅଭିନେତା ଅହାନ ପାଣ୍ଡେ ଓ ଅଭିନେତ୍ରୀ ଅନୀତ ପଡ୍ଡାଙ୍କ ଯୋଡ଼ିକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ। ସିନେମା ହଲ୍‌ରେ ରିଲିଜ୍ କରିବାର ପ୍ରାୟ ୫୦ ଦିନ ପରେ ଏହି ଫିଲ୍ମକୁ ଓଟିଟିରେ ଷ୍ଟ୍ରିମିଂ କରିବାକୁ ଫିଲ୍ମ ନିର୍ମାତା ନିଷ୍ପତ୍ତି ନେଇଛନ୍ତି। ଶୁକ୍ରବାରଠାରୁ ଓଟିଟି ପ୍ଲାଟ୍‌ଫର୍ମ ନେଟ୍‌ଫ୍ଲିକ୍ସରେ ୧୫୬ ମିନିଟ୍ ଅବଧିର ଏହି ଫିଲ୍ମ ଷ୍ଟ୍ରିମିଂ ହେବାକୁ ଯାଉଛି। ୧୯୦ ଦେଶରେ 'ସୈୟାରା' ଫିଲ୍ମ ଷ୍ଟ୍ରିମିଂ ହେବ ବୋଲି ଗୁରୁବାର ନେଟ୍‌ଫ୍ଲିକ୍ସ ଇଣ୍ଡିଆ ପକ୍ଷରୁ ଇନ୍‌ଷ୍ଟାଗ୍ରାମରେ ସୂଚନା ଦିଆଯାଇଛି। ରିପୋର୍ଟ ଅନୁଯାୟୀ, ଗତ ୫ ତାରିଖ ସୁଦ୍ଧା ଏହି ଫିଲ୍ମ ଭାରତୀୟ ସିନେମାହଲ୍‌ଗୁଡ଼ିକରୁ ପ୍ରାୟ ୪୦୮ କୋଟି ଟଙ୍କା ବ୍ୟବସାୟ କରିଥିବାବେଳେ ବିଶ୍ୱବ୍ୟାପୀ ଏହାର ରୋଜଗାର ୫୭୭ କୋଟି ଟଙ୍କା ରହିଛି। ଯଶରାଜ୍ ଫିଲ୍ମସ୍‌ର ବ୍ୟାନରରେ ଏହି ଚଳଚ୍ଚିତ୍ର ମାତ୍ର ୪୦ରୁ ୫୦ କୋଟି ଟଙ୍କାର ବଜେଟରେ ନିର୍ମିତ ହୋଇଥିଲା।



## ମଙ୍ଗଳରେ ଅତିସୂକ୍ଷ୍ମ ଜୀବସତ୍ତାର ସଙ୍କେତ

**କେପ୍ କାର୍‌ନେଭାଲ**

ଆମେରିକୀୟ ମହାକାଶ ସଂସ୍ଥା ନାସା ମଙ୍ଗଳ ଗ୍ରହରେ ବଡ଼ ସଫଳତା ପାଇଥିବା କହିଛି। ମଙ୍ଗଳକୁ ପ୍ରେରିତ ନାସାର ପର୍ସିଭରେନ୍ସ ରୋଭର ଏକ ଶୁଖିଲା ନଦୀଗର୍ଭରେ ପଥର ଆବିଷ୍କାର କରିଛି, ଯହିଁରେ ପ୍ରାଚୀନ ଅତିସୂକ୍ଷ୍ମ ଜୀବସତ୍ତାର ସମ୍ଭାବ୍ୟ ସଙ୍କେତ ମିଳିଛି। ନାସା ବୈଜ୍ଞାନିକମାନେ ବୁଧବାର କହିଛନ୍ତି, କୌଣସି ନିଷ୍କର୍ଷରେ ପହଞ୍ଚିବା ପୂର୍ବରୁ ଲାବୋରେଟୋରିରେ ପର୍ସିଭରେନ୍ସ ଦ୍ୱାରା ସଂଗୃହୀତ ନମୁନାଗୁଡ଼ିକର ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ ଅତ୍ୟନ୍ତ ଜରୁରୀ। ୨୦୨୧ରୁ ଲାଲ୍ ଗ୍ରହରେ ଘୂରିବୁଲୁଥିବା ପର୍ସିଭରେନ୍ସ ରୋଭର ବର୍ତ୍ତମାନ ସୁଦ୍ଧା ସେଠାରେ ଅତୀତରେ ଜୀବନ ଥିବା ନେଇ କୌଣସି ପ୍ରତ୍ୟକ୍ଷ ପ୍ରମାଣ ପାଇନାହିଁ। ଏହି ରୋଭରରେ ସଂଲଗ୍ନ ଏକ ଡ୍ରିଲ୍ ଜରିଆରେ ମିଳିଥିବା ତଥ୍ୟ ଅନୁଯାୟୀ ଅନେକ କୋଟି ବର୍ଷ ପୂର୍ବେ ମଙ୍ଗଳ ଗ୍ରହରେ ଜୀବସତ୍ତା ଥିଲା। ଜୀବନ ସନ୍ଧାନ ପାଇଁ ପଥୁରିଆ ସ୍ଥାନ ନମୁନା ସର୍ବୋତ୍ତମ। ମଙ୍ଗଳରେ ଠାବ ବିରଳ ନମୁନା ଆଗକୁ ଲାଲ୍ ଗ୍ରହର ଅନେକ ରହସ୍ୟ ଉପରୁ ପରଦା ହଟାଇବା ପାଇଁ ନାସା ବୈଜ୍ଞାନିକଙ୍କୁ ଗବେଷଣାରେ ସହାୟକ ହେବ ବୋଲି ଆଶା କରାଯାଉଛି।















ଧରିତ୍ରୀ 51 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୧୨/୨୦୨୫ | Bhubaneswar, Friday, September 12/2025 | ପୃଷ୍ଠା-୧









କେନ୍ଦୁଝର ବନଖଣ୍ଡ ଅଧୀନ ସଦର ରେଞ୍ଜ ମହାଦେଇଯୋଡ଼ା ପଞ୍ଚାୟତ ଡାଲିମ୍ବାରପୁର ଗ୍ରାମ ନିକଟ ଏକ ଧାନକ୍ଷେତରେ ଗୁରୁବାର ପଶିଥିବା ହାତୀପଲ। **(ଫଟୋ: ନରେଶ ଚନ୍ଦ୍ର ପଟ୍ଟନାୟକ)**

# ସାର ଅଭାବ ନାହିଁ, କଳାବଜାର ରୋକ: ମୁଖ୍ୟମନ୍ତ୍ରୀ

**ସମ୍ପ୍ରତି ଧାନଚାଷ ପାଇଁ ଚାଷୀଙ୍କୁ ଆବଶ୍ୟକ ୟୁରିଆ ସାର। ହେଲେ ତାହା ସରକାରୀ ବ୍ୟବସ୍ଥା ମଧ୍ୟରେ ଠିକ୍‌ରେ ମିଳୁ ନ ଥିବାରୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ଏଥିପାଇଁ ରାସ୍ତାରୋକୋ, ଧାରଣା, ପାକ୍ସ ସମ୍ମୁଖରେ ଚାଷୀମାନେ ଭୋରରୁ ଲମ୍ବା ଧାଡ଼ି ଲଗାଇବା ଭଳି ଦୃଶ୍ୟ ଦେଖିବାକୁ ମିଳୁଛି। ଏହାର ଫାଇଦାରେ ବଜାରରେ ଚଢ଼ା ଦରରେ ୟୁରିଆ ବିକ୍ରି କରାଯାଉଛି, ଯାହାକି ଚାଷୀମାନଙ୍କୁ ଆନ୍ଦୋଳନମୁଖୀ କରିଛି। ଏପରିସ୍ଥଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ରାଜ୍ୟରେ ସାର ଯୋଗାଣ ସ୍ଥିତିର ସମୀକ୍ଷା କରିଛନ୍ତି। ସ୍ଥିତି ଅନୁଧ୍ୟାନ ପରେ ରାଜ୍ୟରେ ସାର ଅଭାବ ନ ଥିବା ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ଚାଷୀମାନଙ୍କୁ ପାକ୍ସ ଏବଂ ଲାମ୍ପ୍ସ ମାଧ୍ୟମରେ ସାର ଆବଣ୍ଟନ କାର୍ଯ୍ୟକୁ ଠିକ୍ ଭାବେ ତଦାରଖ କରିବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ପ୍ରକାର କଳାବଜାର, ଗଚ୍ଛିତ କିମ୍ବା ନକଲି ସାରର ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯାଞ୍ଚ ସ୍ଥାନରେ ସାରକୁ ଜବତ ନ କରି ସେହି ସାରକୁ ନିକଟସ୍ଥ ପାକ୍ସ କିମ୍ବା ଲାମ୍ପ୍ସକୁ ସ୍ଥାନାନ୍ତର କରି ଚାଷୀଙ୍କୁ ଆବଣ୍ଟନ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।**

ଭୁବନେଶ୍ୱର,୧୧।୯
(ରବିନାରାୟଣ ଜେନା)

ରାଜ୍ୟରେ ଚାଷୀଙ୍କ ଆବଶ୍ୟକତା ଅନୁଯାୟୀ ସାର ମହଜୁଦ ରହିଛି। ଏପରି କି ବର୍ତ୍ତମାନ ରାଜ୍ୟରେ ୧ଲକ୍ଷ ୮୦ହଜାରରୁ ଅଧିକ ମେଟ୍ରିକ୍ ଟନ୍ ସାର ରହିଛି। ଯେଉଁଠାରେ ସାର କଳାବଜାର ନେଇ ଅଭିଯୋଗ ଆସୁଛି ସେଠାରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟରେ ସାର ସଙ୍କଟ ଓ ଏହାକୁ ନେଇ ବିଭିନ୍ନ ଜିଲାରେ ଉପୁଜୁଥିବା ଘଟଣାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଗୁରୁବାର ପୂର୍ବାହ୍ନରେ ଲୋକସେବା ଭବନରେ ସାର ସମୀକ୍ଷା କରିଛନ୍ତି। ଏହି ଅବସରରେ କୃଷି ବିଭାଗ ପକ୍ଷରୁ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ରାଜ୍ୟରେ ସାରର ଆବଶ୍ୟକତା ଏବଂ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆସିଥିବା ସାର ମହଜୁଦ ସମ୍ପର୍କରେ ଟିକିନିଖି ଅବଗତ କରାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ହୃଦ୍‌ବୋଧ ହୋଇଥିଲା ଯେ, କେନ୍ଦ୍ର ସରକାର ଚଳିତବର୍ଷ ଚାଷୀଙ୍କ ଆବଶ୍ୟକତା ଅନୁଯାୟୀ ସାର ଯୋଗାଣ କରିଛନ୍ତି। ମାତ୍ର ଜିଲାସ୍ତରରେ ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ) ଏବଂ ବୃହତ୍ ଅଞ୍ଚଳ ବହୁମୁଖୀ ସମିତି (ଲାମ୍ପ୍ସ) କର୍ମଚାରୀମାନେ ଠିକଣା ଭାବେ ସାର ଆବଣ୍ଟନ କରୁନାହାନ୍ତି; ଯେଉଁଥିପାଇଁ କୃତ୍ରିମ ଭାବେ ସାର ସଙ୍କଟ ସମସ୍ୟା ଦେଖାଦେଇଛି। ଏହାକୁ ଦୃଷ୍ଟିରେ ରଖି ଜିଲାପାଳମାନେ ପ୍ରତ୍ୟେକ ପାକ୍ସ ଓ ଲାମ୍ପ୍ସକୁ ତଦାରଖ କରି ମହଜୁଦ ସାରକୁ ଚାଷୀଙ୍କୁ ଆବଣ୍ଟନ କରିବା ଲାଗି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବୈଠକର ସୂଚନା ଅନୁଯାୟୀ, ୨୦୨୫ ଖରିଫ ଋତୁରେ ☞ପୃଷ୍ଠା-୨

- **ତଦାରଖ ପ୍ରକ୍ରିୟା ତ୍ୱରାନ୍ୱିତ ଲାଗି ସବୁ ଜିଲାପାଳଙ୍କୁ ନିର୍ଦ୍ଦେଶ**
- **ଜବତ ସାରକୁ ପାକ୍ସ କିମ୍ବା ଲାମ୍ପ୍ସ ଜରିଆରେ ଚାଷୀଙ୍କୁ ବାଣ୍ଟ**



ଭୁବନେଶ୍ୱର ଲୋକସେବା ଭବନରେ ଗୁରୁବାର ଅନୁଷ୍ଠିତ ସାର ଯୋଗାଣ ସମ୍ପର୍କିତ ସମୀକ୍ଷା ବୈଠକରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ଓ ଅନ୍ୟ ଅଧିକାରୀମାନେ।

# ଡଲାର=୮୮.୩୫ ଟଙ୍କା

## ଗୁରୁବାର ଛୁଇଁଲା ସର୍ବକାଳୀନ ନିମ୍ନ ସ୍ତର ୮୮.୪୯

ମୁମ୍ବାଇ,୧୧।୯(ପି.ଟି.)



ଆମେରିକାର ଟାରିଫ୍ ଚାପରେ ଭାରତୀୟ ଟଙ୍କା ଗୁରୁବାର ପୂର୍ବାପେକ୍ଷା ଆହୁରି ୨୪ ପଇସା ଦୁର୍ବଳ ହୋଇ ସର୍ବନିମ୍ନ ସ୍ତରକୁ ଖସିଆସିଛି। ଆମେରିକୀୟ ଡଲାର ତୁଳନାରେ ଏହାର ବିନିମୟ ମୂଲ୍ୟ ୮୮.୩୫ ଟଙ୍କା ରହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ସାମଗ୍ରୀ ଉପରେ ଲଗାଇଥିବା ୨୫% ଆମଦାନୀ ଶୁଳ୍କ ଅଗଷ୍ଟ ୭ରୁ ଲାଗୁ ହୋଇଥିବାବେଳେ ଭାରତର ରୁଷୀୟ ତୈଳ କ୍ରୟ ବାବଦ ୨୫% ଜରିମାନା ଅଗଷ୍ଟ ୨୭ରୁ କାର୍ଯ୍ୟକାରୀ ହୋଇଛି। ଫଳରେ ଭାରତୀୟ ସାମଗ୍ରୀଗୁଡ଼ିକ ଆମେରିକା ବଜାରକୁ ପ୍ରବେଶ କରିବା ପରେ ମହଙ୍ଗା ହୋଇଯାଇଛି। ଏଭଳି ସ୍ଥିତିରେ ଆମେରିକୀୟ ବ୍ୟବସାୟିକ ସଂସ୍ଥାଗୁଡ଼ିକ ଅପେକ୍ଷାକୃତ ସ୍ୱଳ୍ପ ଟାରିଫ୍‌ର ସମ୍ମୁଖୀନ ହେଉଥିବା ରାଷ୍ଟ୍ରଗୁଡ଼ିକଠାରୁ ସାମଗ୍ରୀ ଆମଦାନୀ କରି ଶସ୍ତାରେ ଘରୋଇ ଉପଭୋକ୍ତାଙ୍କୁ ବିକ୍ରି କରୁଛନ୍ତି। ଇତିମଧ୍ୟରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଉପରେ ଚାପ ସୃଷ୍ଟି ସକାଶେ ମସ୍କୋଠାରୁ ତୈଳ କିଣୁଥିବା ଭାରତ ଓ ଚାଇନା ଉପରେ ୧୦୦% ଟାରିଫ୍ କଷିବା ପାଇଁ ଟ୍ରମ୍ପ ୟୁରୋପୀୟ ସଂଘ(ଇୟୁ)କୁ ପରାମର୍ଶ ଦେଇଛନ୍ତି। ଟ୍ରମ୍ପ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ☞ପୃଷ୍ଠା-୨

# ସୁରକ୍ଷା କର୍ମୀଙ୍କ ଗୁଳିରେ ୧୧ ମାଓବାଦୀ ନିହତ

ମାଲକାନଗିରି,୧୧।୯(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ କାଙ୍କେର ଜିଲା ପରତାପୁର ଥାନା ଏବଂ ଗାରିଆବନ୍ଧ ଜିଲା ମେନପୁର ଥାନା ଅଞ୍ଚଳରେ ଥିବା ଜଙ୍ଗଲରେ ଗୁରୁବାର ସୁରକ୍ଷା କର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ସୁରକ୍ଷା କର୍ମୀଙ୍କ ଗୁଳିରେ ୧୧ ମାଓବାଦୀଙ୍କ ମୃତ୍ୟୁ ଘଟିଛି।

ତଥ୍ୟ ଅନୁଯାୟୀ, ମେନପୁର ଥାନା ନିକଟ ଜଙ୍ଗଲରେ ମାଓବାଦୀଙ୍କ ଉପସ୍ଥିତି ସମ୍ବନ୍ଧରେ ଖବର ପାଇ ଗାରିଆବନ୍ଧ ଜିଲାର ଏସ୍‌ଟିଏଫ୍ ଓ କୋବ୍ରା ବାହିନୀ ମିଳିତ ଭାବେ କୋମ୍ବିଂ ଅପରେଶନ କରିଥିଲେ। ଗୁରୁବାର ସକାଳେ ସୁରକ୍ଷା କର୍ମୀ ଓ ମାଓବାଦୀ ମୁହାଁମୁହିଁ ହେବା ସହ ସେମାନଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଥିଲା। ସୁରକ୍ଷା କର୍ମୀଙ୍କ ଗୁଳିରେ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ମାଓବାଦୀଙ୍କ ମୃତ୍ୟୁ ଘଟିଥାଇପାରେ ବୋଲି ଅନୁମାନ କରାଯାଉଛି। ସେଥିମଧ୍ୟରୁ ମାଓବାଦୀ ସଙ୍ଗଠନର ଟପ୍ କ୍ୟାଡରଙ୍କ ମୃତ୍ୟୁ ହୋଇଥାଇପାରେ ବୋଲି କୁହାଯାଉଛି। ତେବେ ଯବାନମାନେ କୋମ୍ବିଂ ଅପରେଶନ ସାରି ଫେରିବା ପରେ ସମ୍ପୂର୍ଣ୍ଣ ତଥ୍ୟ ଜଣାପଡ଼ିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

ସେହିପରି କାଙ୍କେର ଜିଲା ପରତାପୁର ଥାନା ଅନ୍ତର୍ଗତ ଆଲନାର ଜଙ୍ଗଲରେ ଗୁରୁବାର ସକାଳେ ଡିଆରଜି, ବିଏସ୍‌ଏଫ୍ ବାହିନୀ ମିଳିତ ଭାବେ କୋମ୍ବିଂ ଅପରେଶନ ସମୟରେ ସୁରକ୍ଷା କର୍ମୀ ଓ ମାଓବାଦୀ ମୁହାଁମୁହିଁ ହୋଇଥିଲେ। ମାଓବାଦୀମାନେ ସୁରକ୍ଷା କର୍ମୀଙ୍କ ଗୁଳିର ସାମ୍ନା କରି ନ ପାରି ଘଟଣାସ୍ଥଳରୁ ଛତ୍ରଭଙ୍ଗ ଦେଇଥିଲେ। ସର୍ଚ୍ଚ ଅପରେଶନ ସମୟରେ ଯବାନମାନେ ଜଣେ ମାଓବାଦୀଙ୍କ ମୃତଦେହ ଜବତ ☞ପୃଷ୍ଠା-୨

# କିମ୍ ଜୋଙ୍ଗ୍ ଉନ୍‌ଙ୍କ ଉତ୍ତରାଧିକାରୀ ହେବେ ଝିଅ

**ଦକ୍ଷିଣ କୋରିଆ ଗୁପ୍ତଚର ସଂସ୍ଥାର ଦାବି**

ସିଓଲ,୧୧।୯


ଉତ୍ତର କୋରିଆର ସୁପ୍ରିମ ଲିଡର କିମ୍ ଜୋଙ୍ଗ୍ ଉନ୍ ଝିଅ କିମ୍ ଜୁ ଏ'ଙ୍କୁ ଖୁବ୍‌ଶୀଘ୍ର ନିଜ ଉତ୍ତରାଧିକାରୀ ଘୋଷଣା କରିପାରନ୍ତି। ଏନେଇ ଦକ୍ଷିଣ କୋରିଆର ଏକ ଗୁପ୍ତଚର ସଂସ୍ଥା ଗୁରୁବାର ଦାବି କରିଛି। ନିକଟରେ କିମ୍‌ଙ୍କ ବେଜିଂ ଗସ୍ତ ବେଳେ ଝିଅ ଜୁ ଏ' ମଧ୍ୟ ତାଙ୍କ ସହ ନଜରକୁ ଆସିଥିଲେ। କିମ୍‌ଙ୍କ ସହ ଜୁ ଏ'ଙ୍କର ଏହା ପ୍ରଥମ ସରକାରୀ ବିଦେଶ ଗସ୍ତ ଥିଲା, ଯାହା ତାଙ୍କୁ ସାରା ବିଶ୍ୱରେ ଚର୍ଚ୍ଚିତ କରାଇଥିଲା। ଚାଇନା ଗସ୍ତ ପରେ କିମ୍‌ଙ୍କ ସମ୍ଭାବିତ ଉତ୍ତରାଧିକାରୀ ଭାବେ ଝିଅ ଜୁ ଏ'ଙ୍କ ସ୍ଥିତି ମଜଭୁତ ହୋଇଥିବା ନେଇ ଦକ୍ଷିଣ କୋରିଆ ଗୁପ୍ତଚର ସଂସ୍ଥା ଆକଳନ କରିଛି। କିମ୍‌ଙ୍କ ସହ ବିଦେଶ ଯାତ୍ରା କରିଥିବାରୁ ଝିଅ ଜୁ ଏ' ତାଙ୍କ ☞ପୃଷ୍ଠା-୨



ଝିଅ କିମ୍ ଜୁ ଏ'ଙ୍କ ସହ ଉତ୍ତର କୋରିଆର ସୁପ୍ରିମ ଲିଡର କିମ୍ ଜୋଙ୍ଗ୍ ଉନ୍।

# ଚୁପ୍ ବସିବେନି ସୁପ୍ରିମକୋର୍ଟ

**ବିଲ୍ ମଞ୍ଜୁରୀ ପାଇଁ ରାଜ୍ୟପାଳଙ୍କ ସମୟସୀମା ପ୍ରସଙ୍ଗ**



**ରାୟ ସଂରକ୍ଷିତ**

ନୂଆଦିଲ୍ଲୀ,୧୧।୯(ପି.ଟି.)

ରାଜ୍ୟପାଳଙ୍କ ଭଳି ସାମ୍ବିଧାନିକ କର୍ତ୍ତୃପକ୍ଷ ଯଦି ଦାୟିତ୍ୱ ସମ୍ପାଦନରେ ବିଫଳ ହୁଅନ୍ତି, ତେବେ ନିଜକୁ ସମ୍ବିଧାନର ତତ୍ତ୍ୱାବଧାରକ କହୁଥିବା ସୁପ୍ରିମକୋର୍ଟ ଚୁପ୍ ବସିପାରିବେ ନାହିଁ ବୋଲି ଗୁରୁବାର ସାମ୍ବିଧାନିକ ପୀଠ କହିଛନ୍ତି। ରାଜ୍ୟ ବିଧାନସଭା ଦ୍ୱାରା ଗୃହୀତ ବିଲ୍‌କୁ ମଞ୍ଜୁରୀ ପ୍ରଦାନ ଲାଗି ରାଜ୍ୟପାଳଙ୍କ ପାଇଁ ସମୟସୀମା ଧାର୍ଯ୍ୟ ବିରୋଧରେ ଦାଏର ପିଟିଶନ୍‌ର ଶୁଣାଣି କରି ସର୍ବୋଚ୍ଚ ଅଦାଲତ ରାୟ ସଂରକ୍ଷିତ ରଖିଛନ୍ତି।

ବିଲ୍‌କୁ ମଞ୍ଜୁରୀ ଦେବାରେ ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ ପାଇଁ ସାମ୍ବିଧାନିକ ଅଦାଲତ ସମୟସୀମା ଧାର୍ଯ୍ୟ କରିପାରିବେ କି ନାହିଁ ମୁଖ୍ୟ ପ୍ରସଙ୍ଗ ଏବଂ ଅନୁଚ୍ଛେଦ ୨୦୦ ଓ ୨୦୧ ଉପରେ କେନ୍ଦ୍ରିତ ପ୍ରେସିଡେନ୍ସିଆଲ ରେଫରେନ୍ସ ଉପରେ କ୍ରମାଗତ ୧୦ ଦିନ ଧରି ଶୁଣାଣି ଚାଲିଥିଲା। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ବି.ଆର୍. ଗବଇଙ୍କ ଅଧ୍ୟକ୍ଷତାରେ ଗଠିତ ସାମ୍ବିଧାନିକ ପୀଠ ଆଟର୍ନି ଜେନେରାଲ ଆର୍. ଭେଙ୍କଟରମଣୀ, ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଏବଂ ବରିଷ୍ଠ ଆଇନଜୀବୀ କପିଲ ସିବଲ, ଅଭିଷେକ ମନୁ ସିଂଘଭି, ଗୋପାଳ ସୁବ୍ରମଣ୍ୟମ୍, ଅରବିନ୍ଦ ଦାତାର ଓ ଅନ୍ୟମାନଙ୍କ ଯୁକ୍ତି ଶୁଣିଥିଲେ। ସାମ୍ବିଧାନିକ ବେଞ୍ଚରେ ଥିବା ଅନ୍ୟ ବିଚାରପତି ହେଲେ ଜଷ୍ଟିସ୍ ସୂର୍ଯ୍ୟ କାନ୍ତ, ବିକ୍ରମ ନାଥ, ପି.ଏସ୍. ନରସିଂହା ଏବଂ ଏ.ଏସ୍. ଚନ୍ଦୁରକର। ଶୁଣାଣିର ଶେଷ ଦିନରେ ମେହେଟ୍ଟା ସମ୍ବିଧାନର ଅନ୍ୟତମ ମୂଳ ଢାଞ୍ଚା କ୍ଷମତା ବିଭାଜନ ପ୍ରସଙ୍ଗ ଉଠାଇ ଅଦାଲତ ସମୟସୀମା ଧାର୍ଯ୍ୟ କରିବା ଉଚିତ ନୁହେଁ ଏବଂ ରାଜ୍ୟପାଳଙ୍କ ଇଚ୍ଛାଧୀନ କ୍ଷମତା ଉପରେ ହସ୍ତକ୍ଷେପ କରିବା ଉଚିତ ନୁହେଁ ବୋଲି କହିଥିଲେ। ଏହା ଉପରେ ସିଜେଆଇ କହିଥିଲେ, ଯିଏ ଉଚ୍ଚରେ ହୁଅନ୍ତୁ ନା କାହିଁକି ସମ୍ବିଧାନର ତତ୍ତ୍ୱାବଧାରକ ଭାବେ ମୁଁ ଖୋଲାଖୋଲି କହିବି ଯେ, କ୍ଷମତା ବିଭାଜନ ସିଦ୍ଧାନ୍ତରେ ମୋର ଦୃଢ଼ ବିଶ୍ୱାସ ରହିଛି ଏବଂ ଯେହେତୁ ସେଠାରେ ନ୍ୟାୟିକ ତତ୍ପରତା ରହିବାର ଅଛି, ନ୍ୟାୟିକ ଆତଙ୍କବାଦ ବା ଦୁଃସାହସ ରହିବା ଉଚିତ ନୁହେଁ। ଏଥିସହିତ ଗଣତନ୍ତ୍ରର ଗୋଟିଏ ଶାଖା ଯଦି କାର୍ଯ୍ୟନିର୍ବାହ କରିବାରେ ବିଫଳ ହୁଏ, ତେବେ ସମ୍ବିଧାନର ତତ୍ତ୍ୱାବଧାରକ କ୍ଷମତାହୀନ ହୋଇ ଚୁପ୍ ବସିବେ କି ବୋଲି ସିଜେଆଇ ପ୍ରଶ୍ନ କରିଥିଲେ। ମେହେଟ୍ଟା କହିଥିଲେ, କେବଳ ଅଦାଲତ ନୁହନ୍ତି, କାର୍ଯ୍ୟପାଳିକା ଓ ବ୍ୟବସ୍ଥାପିକା ମଧ୍ୟ ନାଗରିକଙ୍କ ମୌଳିକ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ୟୁରୋପ ଏତେ ଦୁର୍ବଳ କାହିଁକି


DHARITRI
YOUTH
CONCLAVE 2025

DHARITRI YOUTH CONCLAVE 2025

**ଧରିତ୍ରୀ କ୍ଲାଇମେଟ ଗ୍ରାଣ୍ଟ**

ସ୍ଥାନୀୟ ଅଞ୍ଚଳରେ ଜଳବାୟୁ ପରିବର୍ତ୍ତନର ମୁକାବିଲା କ୍ଷେତ୍ରରେ ଓତପ୍ରୋତ ଭାବେ ଜଡ଼ିତ ରହି କାର୍ଯ୍ୟ କରୁଥିବା ଓଡ଼ିଶାର ଯୁବପିଢ଼ି ଏବଂ ସଂଗଠନଗୁଡ଼ିକଠାରୁ ଆବେଦନ ପତ୍ର ଆହ୍ୱାନ କରାଯାଉଛି ।

ଆପଣ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରିଥିବା ସମ୍ପର୍କରେ (୨୫୦ରୁ ୩୦୦ଶବ୍ଦ ମଧ୍ୟରେ) ଏକ ସରଳ ବିବରଣୀ ଆମ ପାଖକୁ ପଠାନ୍ତୁ । ଏଥିସହ ୪ଟି ହାଇ ରିଜୋଲ୍ୟୁଶନ ଫଟୋ ଏବଂ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତୀୟ ନେଇଥିବା ପଦକ୍ଷେପ ସହ ଭବିଷ୍ୟତର ଯୋଜନା ସମ୍ପର୍କିତ ଗୋଟିଏ ଭିଡିଓ ମଧ୍ୟ ପଠାନ୍ତୁ, ଯାହାଦ୍ୱାରା ଆପଣମାନେ 'ଧରିତ୍ରୀ କ୍ଲାଇମେଟ ଗ୍ରାଣ୍ଟ'ରେ ବିଜୟୀ ହେବାର ସୁଯୋଗ ପାଇବେ ।

ଅନୁରୂପ ପ୍ରକ୍ରିୟା ଅନୁସରଣ କରି ଆପଣ ଅନ୍ୟ ଜଣଙ୍କୁ ମଧ୍ୟ ମନୋନୀତ କରିପାରିବେ ।

ମନୋନୀତ ବ୍ୟକ୍ତି କିମ୍ବା ସଂଗଠନକୁ ପ୍ରୋତ୍ସାହନ ସ୍ୱରୂପ ଆସନ୍ତା ନଭେମ୍ବରରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା 'ଧରିତ୍ରୀ ୟୁଥ୍ କନ୍‌କ୍ଲେଭ-୨୦୨୫'ରେ
**ଧରିତ୍ରୀ କ୍ଲାଇମେଟ ଗ୍ରାଣ୍ଟ**
ପୁରସ୍କାର ପ୍ରଦାନ କରାଯିବ ।
ଏହି ସ୍ୱୀକୃତି ଯୁବ ପରିବେଶବିତ୍‌ଙ୍କୁ ପରିବେଶ ଏବଂ ଜଳବାୟୁ ସୁରକ୍ଷା ଦିଗରେ ଅଧିକ ଅଗ୍ରସର କରାଇବ ।

ମନୋନୀତ ଯୁବ ପରିବେଶବିତ୍ ଏବଂ ସଂଗଠନକୁ ଧରିତ୍ରୀ ୟୁଥ୍ କନ୍‌କ୍ଲେଭରେ ଯୁବ ପରିବେଶ ଯୋଦ୍ଧା ଏବଂ ବିଶେଷଜ୍ଞମାନଙ୍କ ସହ ଆଲୋଚନାରେ ଭାଗ ନେବାକୁ ନିମନ୍ତ୍ରଣ କରାଯିବ ।

**ଆବେଦନର ଶେଷ ତାରିଖ : ୧୦ ଅକ୍ଟୋବର ୨୦୨୫**
ଦୟାକରି ନିଜ ବିବରଣୀ
dharitriyouthconclave@gmail.com କୁ ପଠାନ୍ତୁ।
ଅଧିକ ଜାଣିବା ପାଇଁ www.dharitriyouthconclave.com କୁ ଦେଖନ୍ତୁ।

APPLY NOW
https://tinyurl.com/yk7ct969

GREEN OR GONE | ACT FOR FUTURE | CLIMATE ACTION NOW | YOUTH FOR CLIMATE

# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ଓଡ଼ିଶା ବିକାଶ ଅଭିଯାନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ଷ୍ଟୁଆର୍ଟ ଯଜାତି, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଜୟକିରଣ ସମ୍ମାନ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଝରଣା ସାହିତ୍ୟ ସଂସଦ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: କେଦାରନାଥ ଗବେଷଣା ପ୍ରତିଷ୍ଠାନ, ସମୟ: ସନ୍ଧ୍ୟା ୬ଟା ୩୦।

### କଟକ
- ଜିଲା ପ୍ରଶାସନ ପକ୍ଷରୁ କଟକ ବାଲିଯାତ୍ରା ୨୦୨୫ ପ୍ରସ୍ତୁତି ବୈଠକ, ସ୍ଥାନ: ସଦଭାବନା ସଭାଗୃହ, ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- କଟକ ମହାନଗର ନିଗମର ୩୫ତମ ସାଧାରଣ ଅଧିବେଶନ, ସ୍ଥାନ: ବିଶ୍ୱନାଥ ପଣ୍ଡିତ ସଭାକକ୍ଷ, ସିଏମ୍‌ସି, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଅଭୀପ୍‌ସା ପକ୍ଷରୁ ଦ୍ୱାଦଶ କାହ୍ନୁଚରଣ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା, ସ୍ଥାନ: ବାଦାମବାଡ଼ି ନ୍ୟୁ କଲୋନୀ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୩ଟା।
- କଟକ ସତସଙ୍ଗ ବିହାର ଆନୁକୂଲ୍ୟରେ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଭାଦ୍ର ପରିକ୍ରମା ସତସଙ୍ଗ, ସ୍ଥାନ: ସଞ୍ଜୀବ କୁମାର ନାୟକଙ୍କ ବାସଭବନ, ସିଦ୍ଧେଶ୍ୱର ମନ୍ଦିର ପାଖ, ଚାଉଳିଆଗଞ୍ଜ, ସମୟ: ସନ୍ଧ୍ୟା ୭ଟା ୩୦।

### ଖୋର୍ଦ୍ଧା
- ଶରଧାପୁର ଫୁଟ୍‌ବଲ ଲିଗ୍ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍, ସ୍ଥାନ: ଶରଧାପୁର ଖେଳପଡ଼ିଆ, ସମୟ: ଅପରାହ୍ନ ୩ଟା।

### ବାଲେଶ୍ୱର
- ଜିଲାସ୍ତରୀୟ ସାମାଜିକ-ଆର୍ଥିକ ଓ ଜୀବିକା ସର୍ଭେ କାର୍ଯ୍ୟକ୍ରମର ଚତୁର୍ଥ ଦିବସ, ସ୍ଥାନ: ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଖ୍ରୀଷ୍ଟିଆନ ସ୍କୁଲ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- କୁଇଜ୍ ପ୍ରତିଯୋଗିତା ଓ ସଚେତନତା ସଭା, ସ୍ଥାନ: କେକେଏସ୍ କଲେଜ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ଦାବିରେ ଗଣଧାରଣା, ସ୍ଥାନ: ତହସିଲ କାର୍ଯ୍ୟାଳୟ, ଭୋଗରାଇ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ଆତ୍ମହତ୍ୟା ପ୍ରତିରୋଧ ସପ୍ତାହର ଉଦ୍‌ଯାପନୀ ଦିବସ, ସ୍ଥାନ: ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।

### ଭଦ୍ରକ
- ବାବା ଗଜାନନ କମିଟି ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: କଦମବେଡ଼ା ନାୟକ କଲୋନୀ, ଭଦ୍ରକ, ସମୟ: ସକାଳ ୯ଟା।
- ଏସିଡିସି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ, ଭଦ୍ରକ, ସମୟ: ସକାଳ ୯ଟା ୩୦।
- ସ୍ୱର୍ଗତ ଉଷାରାଣୀ ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ, ସ୍ଥାନ: ଜଗନ୍ନାଥପୁର କଲେଜ ରୋଡ୍, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱର୍ଗତ କିରଣବାଳା ବେହେରାଙ୍କ ଶ୍ରାଦ୍ଧ ଉତ୍ସବ, ସ୍ଥାନ: ବେହେରା କମ୍ପ୍ଲେକ୍ସ, ଭଦ୍ରକ ବାଇପାସ୍, ସମୟ: ଅପରାହ୍ନ ୧ଟା।

### ମୟୂରଭଞ୍ଜ
- ଶତାବ୍ଦୀର କଳାକାର ଭୁବନେଶ୍ୱର ପକ୍ଷରୁ ମଞ୍ଚସ୍ଥ ହେବ ନାଟକ 'ମହାସଂଗ୍ରାମର ମହାନାୟକ', ସ୍ଥାନ:ଶହୀଦ ସ୍ମୃତି ଭବନ, ବାରିପଦା,ସମୟ ସନ୍ଧ୍ୟା ୬ଟା ୩୦।

### କନ୍ଧମାଳ
- ବିଦ୍ୟାଳୟସ୍ତରୀୟ କ୍ରୀଡା ପ୍ରତିଯୋଗିତା, ସ୍ଥାନ: କନ୍ଧମାଳ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ ଟା।
- ଶିଶୁ ମାତୃ ମୃତ୍ୟୁ ଉପରେ ସମୀକ୍ଷା ବୈଠକ, ସ୍ଥାନ: ଫୁଲବାଣୀ ଜିଲା ପରିଷଦ ସଭା ଗୃହ, ସମୟ: ଅପରାହ୍ନ ୪ଟା।
- ରୋଗୀ କଲ୍ୟାଣ ସମିତି କାର୍ଯ୍ୟ ନିର୍ବାହୀ କମିଟିର ବୈଠକ, ସ୍ଥାନ: ଫୁଲବାଣୀ ଜିଲା ପରିଷଦ ସଭା ଗୃହ, ସମୟ: ଅପରାହ୍ନ ୪ଟା ୩୦।

### ଢେଙ୍କାନାଳ
- ଭୀମଭୋଇ ସାମର୍ଥ୍ୟ ଶିବିର, ସ୍ଥାନ: ଗଁଦିଆ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୯ଟା।
- ଶ୍ରୀ ଜଗନ୍ନାଥ କୃପା ମହୋତ୍ସବ, ସ୍ଥାନ: ଗୋପବନ୍ଧୁ ଟାଉନହଲ, ଢେଙ୍କାନାଳ, ସମୟ: ସନ୍ଧ୍ୟା ୬ଟା ୩୦।

### ଜଗତ୍‌ସିଂହପୁର
- ଜିଲା ଯୋଗାଣ ବିଭାଗ କାର୍ଯ୍ୟ ଉପରେ ଅନୁଧ୍ୟାନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସିଏସ୍‌ଓଙ୍କ କାର୍ଯ୍ୟାଳୟ ସମୟ: ପୂର୍ବାହ୍ନ ୧୦ଟା ୩୦।
- ମା' ଶାରଳା ମନ୍ଦିରର ସମ୍ମିଳନୀ ଉନ୍ନୟନ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କିତ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ସମୟ: ୧୧ଟା ୩୦।

### କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ, ସ୍ଥାନ: ଟାଉନ ବଳରାମପୁର, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।

### ଯାଜପୁର
- ବରୀ ପଞ୍ଚାୟତ ସମିତିର ଚତୁର୍ଥ ସାଧାରଣ ବୈଠକ, ସ୍ଥାନ: ବରୀ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଧର୍ମଶାଳା ଆମ୍ବେଡକର ଫାଉଣ୍ଡେଶନ ପକ୍ଷରୁ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ଭଙ୍ଗା ନେଇ ଗଣ ପ୍ରତିବାଦ, ସ୍ଥାନ: ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଯାଜପୁର ଯଯାତିକେଶରୀ ମେଡିକାଲ କଲେଜ ଓ ଡାକ୍ତରଖାନାରେ ସିଟି ସ୍କାନ ମେସିନ ଓ ମେଡିସିନ ଓପିଡି ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ : ମେଡିକାଲ କଲେଜ ପରିସର, ସମୟ : ଅପରାହ୍ନ ୪ଟା।

### ନୟାଗଡ଼
- ଓଡ଼ିଶା ପାଠାଗାର ଆନ୍ଦୋଳନର ପ୍ରବାଦ ପୁରୁଷ, ପ୍ରଖ୍ୟାତ ସଂଗ୍ରାହକ ଦାଶରଥି ପଟ୍ଟନାୟକ ଓରଫ ଦାସିଆ ଅଜାଙ୍କ ୨୮ତମ ଶ୍ରାଦ୍ଧ ବାର୍ଷିକୀ, ସ୍ଥାନ: ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ କଚେରୀ ବଜାର, ସମୟ: ସକାଳ ୭ଟା ୩୦।
- ଖଣ୍ଡପଡ଼ା ବିଧାୟକଙ୍କ ଜନଶୁଣାଣି ଶିବିର, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଶିଖରପୁର ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ସ୍ୱର୍ଗତ ଖଣ୍ଡପଡା ବିଧାୟକ ଅରୁଣ ପଟ୍ଟନାୟକଙ୍କ ସ୍ମୃତି ଚାରଣ ଦିବସ, ସ୍ଥାନ: ଖଣ୍ଡପଡ଼ା ଅରୁଣ ନିବାସ, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ବାଦିପାଲାର ଚତୁର୍ଥ ଦିବସ, ସ୍ଥାନ: ନୟାଗଡ଼ ବ୍ଲକ ବଡପଣ୍ଡୁସର ଗଡ଼ ଭିତରସାହି, ସମୟ: ସନ୍ଧ୍ୟା ୬ଟା।
- ପ୍ରଖ୍ୟାତ ସଂଗ୍ରାହକ ଦାଶରଥି ପଟ୍ଟନାୟକ ଓରଫ ଦାସିଆ ଅଜାଙ୍କ ଶ୍ରାଦ୍ଧ ବାର୍ଷିକୀରେ ସ୍ମୃତିଚାରଣ ସଭା, ସ୍ଥାନ: ନୂଆଗାଁ ବ୍ଲକର ଉଦୟପୁର, ସମୟ: ସନ୍ଧ୍ୟା ୬ଟା।

### ରାୟଗଡ଼ା
- ମା' ଅଗ୍ନି ଭୈରବୀ ବାଲିଯାତ୍ରା ଉଦ୍‌ଯାପନ, ସ୍ଥାନ: ଟିକିରି,ସମୟ: ଅପରାହ୍ନ ୫ଟା।
- ନିର୍ବାଣ ଟ୍ରଷ୍ଟର ସ୍ୱତନ୍ତ୍ର ବୈଠକ, ସ୍ଥାନ: ବାଘୁଆ ଦେଉଳ, ଗୁଣପୁର, ସମୟ: ସନ୍ଧ୍ୟା ୬ଟା।

### ନବରଙ୍ଗପୁର
- ଜୋନାଲ୍‌ସ୍ତରୀୟ ଦୌଡ଼ ଓ ଖେଳକୁଦ ପ୍ରତିଯୋଗିତା, ସ୍ଥାନ: ସରକାରୀ ନୂତନ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଡାବୁଗାଁ, ସମୟ: ସକାଳ ୮ଟା।
- ମିଲେଟ ମିଶନ କର୍ମଶାଳା, ସ୍ଥାନ: ତେନ୍ତୁଲିଖୁଣ୍ଟି ବ୍ଲକ ଗୌଡ଼ଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ଦ୍ୱାରା ନନ୍ଦାହାଣ୍ଡି ବ୍ଲକର ଉନ୍ନୟନ କାର୍ଯ୍ୟ ସମୀକ୍ଷା, ସ୍ଥାନ: ନନ୍ଦାହାଣ୍ଡି ବ୍ଲକ ଡଙ୍ଗରଭେଜା, ସମୟ: ଅପରାହ୍ନ ୩ଟା।

### କୋରାପୁଟ
- ଯଶୋଦା ଯୋଜନା ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ : ପୂର୍ବାହ୍ନ ୧୦ ଟା।
- କୋଡ଼ିଙ୍ଗାମାଳି ପାରିପାର୍ଶ୍ୱିକ ଅଞ୍ଚଳବାସୀଙ୍କ ନିଯୁକ୍ତି ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ଲକ୍ଷ୍ମୀପୁର, ସମୟ: ପୂର୍ବାହ୍ନ ୧୧ଟା।
- ଦେଓମାଳି ପର୍ଯ୍ୟଟନସ୍ଥଳୀ ତନଖି ଫାଟକ ନିଲାମ, ସ୍ଥାନ: ପଟ୍ଟାଙ୍ଗି ବ୍ଲକ୍ କୋଟିଆ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।
- କୋରାପୁଟ ଜିଲାରେ ଥିବା ୫ ଆଇଟିଆଇ କେନ୍ଦ୍ରର ସାଧାରଣ ବର୍ଡ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ ଗୃହ, ସମୟ : ଅପରାହ୍ନ ୪ ଟା।
- ବାଲିଯାତ୍ରା ଆରମ୍ଭ, ସ୍ଥାନ: ବୈପାରୀଗୁଡ଼ା, ସମୟ: ସନ୍ଧ୍ୟା ୬ଟାରୁ ମଧ୍ୟରାତ୍ର।

### ମାଲକାନଗିରି
- ବ୍ଲକ୍‌ସ୍ତରୀୟ ଖେଳକୁଦ ପ୍ରତିଯୋଗିତା, ସ୍ଥାନ: ଏମ୍‌ଭି-୯୦ ଗ୍ରାମ ଖେଳପଡ଼ିଆ, କାଲିମେଲା, ସମୟ: ସକାଳ ୮ଟା।

### ସମ୍ବଲପୁର
- ୟସ ବ୍ୟାଙ୍କ ଆୟୋଜନରେ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୭ଟା।
- ୨୪ତମ ସୈରେନ୍ଦ୍ରି ନାୟକ ଟ୍ରଫି ଫୁଟବଲ ମ୍ୟାଚ, ସ୍ଥାନ : ସିଂହପାଲି-କାଇଁଶିର ଫୁଟବଲ ପଡିଆ, ସମୟ : ଅପରାହ୍ନ ୩ଟା।
- ସମ୍ବଲପୁର ଚ୍ୟାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ ଆୟୋଜିତ ଜିଏସ୍‌ଟି ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ : ତପସ୍ୱିନୀ ପ୍ରେକ୍ଷାଳୟ, ସମୟ : ଅପରାହ୍ନ ୫ଟା ୩୦।
- ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କ ଆଗମନ, ସ୍ଥାନ : ବୁର୍ଲା ସ୍ଥିତ ଅଶୋକ ନିବାସ, ସମୟ : ରାତି ୧୦ଟା ୫୦।

### ବଲାଙ୍ଗୀର
- ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଦ୍ୱାରା ନୂତନ କୃଷି ଭବନ ଉଦ୍‌ଘାଟନ, ସ୍ଥାନ: ପାଟଣାଗଡ, ସମୟ: ପୂର୍ବାହ୍ନ ୧୦ଟା ୩୦।

### ରାଉରକେଲା
- ନେତାଜୀ କ୍ଲବ ପକ୍ଷରୁ ନିଶା ନିବାରଣ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୧୭, ସମୟ: ସକାଳ ୮ଟା।
- ଉତ୍କଳ ସମ୍ମିଳନୀ ରାଉରକେଲା ପକ୍ଷରୁ ଓଡ଼ିଆ ନାମଫଳକ ପାଇଁ ପଦଯାତ୍ରା, ସ୍ଥାନ: ବିଶ୍ରା ଛକ, ସମୟ ପୂର୍ବାହ୍ନ ୧୦ଟା।
- ମଡେଲ ୟୁନାଇଟେଡ୍ ନେଶନ କାର୍ଯ୍ୟକ୍ରମ, ସ୍ଥାନ: ଦିଲ୍ଲୀ ପବ୍ଲିକ ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଗୋପବନ୍ଧୁ ପାଠାଗାର ଓ ସ୍ୱସ୍ତି ସାହିତ୍ୟ ସଂସଦ ପକ୍ଷରୁ ମାସିକ ସାହିତ୍ୟ ସମାବେଶ, ସ୍ଥାନ: ଛେଣ୍ଡ, ସମୟ: ସନ୍ଧ୍ୟା ୬ଟା ୪୫।

### ବରଗଡ଼
- ରକ୍ତଦାନ ଶିବିର, ସ୍ଥାନ: ବୁଦେଲପାଲି, ବରଗଡ଼,ସମୟ: ପୂର୍ବାହ୍ନ ୧୦ଟା।
- ଜନସାଥୀ ଲେଙ୍ଗୁ ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକୀ, ସ୍ଥାନ: ବରଗଡ଼ ମହିଳା ସମିତି, ବରଗଡ଼, ସମୟ: ଅପରାହ୍ନ ୫ଟା।

### କଳାହାଣ୍ଡି
- ମା' ଲଙ୍କେଶ୍ୱରୀ ଖଣ୍ଡାବସା କପ୍ ଉଦ୍‌ଘାଟନ, ସ୍ଥାନ: ଜୁନାଗଡ଼ ହାଇସ୍କୁଲ ପଡିଆ, ସମୟ: ଅପରାହ୍ନ ୨ଟା।
- ସ୍ୱାସ୍ଥ୍ୟ ବିଭାଗର ଟାସ୍କ ଫୋର୍ସ ବୈଠକ, ସ୍ଥାନ: ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବାଲିଯାତ୍ରା ୨୦୨୫, ସ୍ଥାନ: ଥୁଆମୂଳ ରାମପୁର ରାଜବାଟି ସମ୍ମୁଖ, ସମୟ: ଅପରାହ୍ନ ୪ଟା।
- ବାଲିଯାତ୍ରା ଅବସରରେ ଜିଲାସ୍ତରୀୟ ଘୁମୁରା ପ୍ରତିଯୋଗିତା, ସ୍ଥାନ: ଥୁଆମୂଳ ରାମପୁର ରାଜବାଟି ସମ୍ମୁଖ, ସମୟ: ରାତ୍ର ୧୦ଟା।

### ସୁବର୍ଣ୍ଣପୁର
- ସୋନପୁର ବିଜୁ ପଟ୍ଟନାୟକ ମହିଳା ଡିଗ୍ରୀ କଲେଜରେ ସ୍ୱାଗତ ଉତ୍ସବ, ସ୍ଥାନ: କଲେଜ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ତରଭା ଦୁର୍ଗାପୂଜା କମିଟିର ବୈଠକ, ସ୍ଥାନ: ଦୁର୍ଗା ମଣ୍ଡପ ପରିସର, ସମୟ: ସନ୍ଧ୍ୟା ୬ଟା।

### ନୂଆପଡ଼ା
- ରାସ୍ତା କାର୍ଯ୍ୟରେ ଯାଇଥିବା ଜମି ସହାୟତା ନ ମିଳିବାରୁ ଅନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ଼ ପଞ୍ଚାୟତ ଧରମପୁର ଗାଁ, ସମୟ: ପୂର୍ବାହ୍ନ ୧୦ଟା।

## ୧୬ରେ ସର୍ବଦଳୀୟ ବୈଠକ ଡକାଇଲେ ବାଚସ୍ପତି

ଭୁବନେଶ୍ୱର,୧୧।୯(ସୁନିତ୍ ମିଶ୍ର)

ବିଧାନସଭାର ମୌସୁମୀ ଅଧିବେଶନ ଆସନ୍ତା ୧୮ ତାରିଖରୁ ଆରମ୍ଭ ହୋଇ ସେପ୍ଟେମ୍ବର ୨୫ରେ ଶେଷ ହେବ। ଏହି ଅଧିବେଶନରେ ମୋଟ୍ ୭ଟି କାର୍ଯ୍ୟଦିବସ ରହିଛି। ତେବେ ଏହି ଅଳ୍ପ ଦିନିଆ ଅଧିବେଶନ କିପରି ସୁରୁଖୁରୁରେ ଚାଲିବ ସେଥିନେଇ ବାଚସ୍ପତି ସୁରମା ପାଢ଼ୀ ଆସନ୍ତା ୧୬ ତାରିଖରେ ସର୍ବଦଳୀୟ ବୈଠକ ଡକାଇଛନ୍ତି। ସେହିଦିନ ୧୧ଟା୩୦ ମିନିଟ୍ ସମୟରେ ବାଚସ୍ପତିଙ୍କ ଚାମ୍ବରରେ ଏହି ବୈଠକ ଅନୁଷ୍ଠିତ ହେବ।

# ମୌସୁମୀ ଅଧିବେଶନ ପାଇଁ ବିରୋଧୀ-ଶାସକ ସଜବାଜ

ଭୁବନେଶ୍ୱର,୧୧।୯(ରବିନାରାୟଣ ଜେନା)

ଚଳିତମାସ ୧୮ରୁ ୨୫ ତାରିଖ ଯାଏ ମୌସୁମୀ ଅଧିବେଶନ ଅନୁଷ୍ଠିତ ହେବ। ଏହାକୁ ନେଇ ସେପ୍ଟେମ୍ବର ୧୬ରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବାକୁ ରହିଥିବାବେଳେ ବିରୋଧୀମାନେ ଏହି ଅଧିବେଶନ ବେଳେ ସରକାରଙ୍କୁ ଘେରିବା ପାଇଁ ରଣନୀତି ପ୍ରସ୍ତୁତ କରୁଛନ୍ତି।

ଗୁରୁବାର ଲୋକସେବା ଭବନରେ ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ କହିଛନ୍ତି, ୧୮ରୁ ୨୫ ତାରିଖ ପର୍ଯ୍ୟନ୍ତ ଗୃହ ଚାଲିବ। ଅଧିବେଶନଟି ସ୍ୱଳ୍ପ ସମୟର ହେଲେ ମଧ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହେବାକୁ ରହିଛି। ରାଜ୍ୟବାସୀଙ୍କ ହିତକୁ ଦୃଷ୍ଟିରେ ରଖି ଅଧିବେଶନ ପୂର୍ବରୁ ସବୁ ଦଳର ସଦସ୍ୟଙ୍କୁ ନେଇ ବାଚସ୍ପତି ବୈଠକ କରିବେ। ଏହି ସମୟରେ ଗୃହ କିପରି ସୁରୁଖୁରୁରେ ଚାଲିବ ତାହା ଉପରେ ବିସ୍ତୃତ ଆଲୋଚନା ହେବ। ଗୃହ କାର୍ଯ୍ୟରେ ସହଯୋଗ କରିବାପାଇଁ ବିରୋଧୀ ସଦସ୍ୟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅଧିବେଶନକାଳରେ ବିରୋଧୀ ଯେଉଁସବୁ

- ନାରୀ ନିର୍ଯାତନା ସହ ଅନାସ୍ଥା ଆଣିବୁ: କଂଗ୍ରେସ
- ଖୁବ୍‌ଶୀଘ୍ର ରଣନୀତି ପ୍ରସ୍ତୁତ ହେବ: ବିଜେଡି
- ଗଠନମୂଳକ ପ୍ରସ୍ତାବକୁ ସ୍ୱାଗତ କରିବୁ: ଭାଜପା

ଗଠନମୂଳକ ପ୍ରସ୍ତାବ ଉପରେ ଆଲୋଚନା କରିବାକୁ ଚାହିଁବେ ତାହା ଉପରେ ସରକାର ଆଲୋଚନା ପାଇଁ ପ୍ରସ୍ତୁତ ବୋଲି ସେ କହିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ରାଜ୍ୟରେ ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି; ଯେଉଁଥିପାଇଁ ସରକାର ମୌସୁମୀ ଅଧିବେଶନ ପାଇଁ ପଛଘୁଞ୍ଚା ଦେଉଥିଲେ। ଏବେ ଏହି ସ୍ୱଳ୍ପ ଅଧିବେଶନ ବେଳେ କଂଗ୍ରେସ ପକ୍ଷରୁ ନାରୀ ନ୍ୟାୟ ସହିତ ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଅଣାଯିବ। ଏହାସହିତ ଚାଷୀ, ଆଦିବାସୀ, ଦଳିତଙ୍କ ପ୍ରତି ସରକାରଙ୍କ ବୈମାତୃକ ମନୋଭାବଠାରୁ ଆରମ୍ଭ କରି ଛାତ୍ର ସଂସଦ ନିର୍ବାଚନ ପର୍ଯ୍ୟନ୍ତ ବହୁତ କିଛି ପ୍ରସଙ୍ଗ କଂଗ୍ରେସ ଆଣିବ ବୋଲି ସେ କହିଥିଲେ।

ଅନ୍ୟପକ୍ଷରେ ପ୍ରମୁଖ ବିରୋଧୀଦଳ ବିଜେଡି ଏହି ଅଧିବେଶନରେ ଦଳର ଆଭିମୁଖ୍ୟ କ'ଣ ରହିବ ସେନେଇ ଏପର୍ଯ୍ୟନ୍ତ ନିଷ୍ପତ୍ତି ନେଇ ନାହିଁ। ଏସମ୍ପର୍କରେ ବିରୋଧୀଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ଯେ, ଖୁବ୍‌ଶୀଘ୍ର ଦଳ ପକ୍ଷରୁ ରଣନୀତି ପ୍ରସ୍ତୁତ ହେବ ଏବଂ ରାଜ୍ୟବାସୀ ଜାଣି ପାରିବେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଭଲ ଭଲ ଲୋକ ଚୋରି କରନ୍ତି**
**ରଙ୍କୁଣୀ ଦେଖିଲେ ମାରି ଗୋଡ଼ାନ୍ତି ।**

କ୍ଷମତାରେ ଥିବା କିଛି ବ୍ୟକ୍ତି ନିଜ ପଦବୀର ଅପବ୍ୟବହାର କରି ଧନ ଆତ୍ମସାତ କରି ଚାଲୁଥିବା ବେଳେ ସମାଜର ନିମ୍ନଶ୍ରେଣୀର ଲୋକ ସେପରି କରିବାକୁ ସାହସ ଜୁଟାଇ ପାରି ନ ଥାନ୍ତି। ପରନ୍ତୁ ପେଟ ବିକଳରେ ଯଦି ଗରିବ ଲୋକ କିଛି ଛୋଟମୋଟ ଚୋରି କାମ କରିପକାନ୍ତି, ତେବେ ଉକ୍ତ ତଥାକଥିତ ଉଚ୍ଚପଦବୀରେ ଅଧିଷ୍ଠିତ ହୋଇଥିବା ବଡ଼ବାବୁମାନେ ମାରି ଗୋଡ଼ାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଭାତ ଖୁଆଇଲି କୁକୁରକୁ**
**କୁକୁର ଚଢ଼ିଲା ଉପରକୁ ।**

ଛୋଟ ଲୋକର ମୁହଁ ବଢ଼େଇଲେ ସେମାନେ ଖାତିର କରନ୍ତି ନାହିଁ। ବେଖାତିର କରି ଶେଷରେ ଉପରେ ହାକିମି ଦେଖାଇବାକୁ ଚେଷ୍ଟା କରନ୍ତି। ବେଶି ଗେହ୍ଲା କରିବା ଓ ପାଖରେ ପୂରାଇବା ଦ୍ୱାରା ତଥା ସ୍ନେହ, ଶ୍ରଦ୍ଧା କରି ପାଖରେ ନିଜର କରି ରଖିବା ଦ୍ୱାରା ଶେଷରେ ନିଜର ସମ୍ମାନହାନି ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ପ୍ରଥମ ପୃଷ୍ଠାରୁ...

## ସାର ଅଭାବ ନାହିଁ...

ସେପ୍ଟେମ୍ବର ୩୦ ସୁଦ୍ଧା ୯,୫୫,୦୦୦ ମେଟ୍ରିକ ଟନ୍ ସାର ଆବଶ୍ୟକ ଥିବାବେଳେ କେନ୍ଦ୍ର ସରକାର ଏହି ପରିମାଣର ସାର ଆବଣ୍ଟନ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ରାଜ୍ୟ ସରକାରଙ୍କ ପାଖରେ ମହଜୁଦ ଥିବା ୧୧,୬୬,୭୩୩ ମେଟ୍ରିକ ଟନ ସାର ମଧ୍ୟରୁ ୯,୮୫,୯୬୭ ମେଟ୍ରିକ ଟନ ବିକ୍ରି ହୋଇସାରିଛି। ତେବେ ଜିଲାରେ ସାରର ଷ୍ଟକ ସ୍ଥିତି ଏବଂ ଆବଶ୍ୟକତା ଅନୁସାରେ ପାକ୍ସ ଏବଂ ଲାମ୍ପ୍ସକୁ ବିଭିନ୍ନ ଗ୍ରେଡ୍‌ର ସାର ଯୋଗାଇଦେବା ପାଇଁ କୃଷି ବିଭାଗକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ମାର୍କଫେଡ୍‌ର ଅଧିକାରୀମାନଙ୍କୁ ସାର ଯୋଗାଣ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଛନ୍ତି। ଜିଲା ଏବଂ ବ୍ଲକସ୍ତରରେ ନିୟମିତ ଭାବରେ ବେଆଇନ କାର୍ଯ୍ୟକଳାପ ଉପରେ ଯାଞ୍ଚ କରିବା, କଳାବଜାର ରୋକିବା ପାଇଁ ଚଢ଼ଉକୁ ଅଧିକ କଡ଼ାକଡ଼ି କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ପ୍ରତ୍ୟେକ ଜିଲାରେ ଫସଲ ବିବିଧକରଣ ଏବଂ ସମନ୍ୱିତ ଚାଷ ପଦ୍ଧତିକୁ ଅଧିକ ଗୁରୁତ୍ୱ ଦେବା ସହିତ ତୈଳବୀଜ ଏବଂ ଡାଲି ଜାତୀୟ ଫସଲ କରିବା ପାଇଁ ପ୍ରୋତ୍ସାହନ ଦେବାପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି। ସମୃଦ୍ଧ କୃଷକ ଯୋଜନା ମାଧ୍ୟମରେ ଚାଷ କାର୍ଯ୍ୟକୁ ବହୁଗୁଣିତ କରିବା ପାଇଁ ଲକ୍ଷ୍ୟ ରହିଛି। ବନ୍ୟାଞ୍ଚଳରେ କ୍ଷୟକ୍ଷତି ଆକଳନ କରି ସେଠାରେ ଚାଷୀମାନଙ୍କୁ ଯଥା ସୁବିଧା ଯୋଗାଇ ଦିଆଯାଉଛି ଏବଂ ଯେପରି ସେହି ଅଞ୍ଚଳରେ ଚାଷୀମାନେ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେ ବିଷୟରେ ଧ୍ୟାନ ଦିଆଯିବା ଆବଶ୍ୟକ ବୋଲି ସେ କହିଛନ୍ତି।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି, ରାଜ୍ୟରେ ସାର ସଙ୍କଟ ନାହିଁ। କିନ୍ତୁ କିଛି ସ୍ଥାନରେ କଳାବଜାର କାରଣରୁ ସେମାନଙ୍କ ଉପରେ ବି କାର୍ଯ୍ୟାନୁଷ୍ଠାନ ହୋଇଛି। ୫୮ଟି ସ୍ଥାନରେ ଚଢ଼ଉ ହୋଇଛି। ଗତବର୍ଷ ଅପେକ୍ଷା ଚଳିତବର୍ଷ ସାରର ଅଧିକ ଆବଶ୍ୟକତା ରହିଛି। ଯେତିକି ଆବଶ୍ୟକତା ଅଛି ତା'ଠୁ ଅଧିକ ସାର ରାଜ୍ୟକୁ ଆସିଛି। ଆଉ ୮ ରୁ ୧୦ ଦିନ ସାର ଆବଶ୍ୟକ। କିନ୍ତୁ କଳାବଜାର ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ସରକାର ନିଶ୍ଚିତ କରିଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ବୈଠକରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ।

## ଡଲାର=୮୮.୩୫...

ଭାରତ-ଆମେରିକା ଟ୍ରେଡ୍ ଡିଲ୍ ନେଇ ଆଲୋଚନା ପାଇଁ ଆଗ୍ରହ ପ୍ରକାଶ କରିଥିଲେ ମଧ୍ୟ ଇୟୁକୁ ଟ୍ରମ୍ପଙ୍କ ଉପରୋକ୍ତ ତାଗିଦ ବଜାର ଅସ୍ଥିରତାର କାରଣ ହୋଇପାରେ ବୋଲି ମନେକରାଯାଉଛି।

ଟାରିଫ୍‌ଜନିତ ବଜାର ଅନିଶ୍ଚିତତା ସାଙ୍ଗକୁ ତୈଳ, ସୁନା ଆମଦାନୀକାରୀଙ୍କ ଡଲାର ଚାହିଦାକୁ ଟଙ୍କାର ଅବମୂଲ୍ୟାୟନ ପାଇଁ ଦାୟୀ କରାଯାଉଛି। ଏହାବାଦ୍ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ)ମାନେ ମଧ୍ୟ ଭାରତୀୟ ପୁଞ୍ଜିବଜାରରୁ ବିପୁଳ ଅର୍ଥ ପ୍ରତ୍ୟାହାର କରି ବିକଳ୍ପ କ୍ଷେତ୍ରରେ ନିବେଶ ପାଇଁ ପସନ୍ଦ କରୁଛନ୍ତି। ଏଭଳି ସ୍ଥିତିରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଘରୋଇ କରେନ୍ସିରେ ସ୍ଥିରତା ଆଣିବା ପାଇଁ ହସ୍ତକ୍ଷେପର ସଙ୍କେତ ମିଳୁ ନ ଥିବା ବିଶେଷଜ୍ଞମାନେ କହିଛନ୍ତି। ଗୁରୁବାର ଟ୍ରେଡିଂ ସେସନ୍ ପ୍ରାରମ୍ଭରେ ଟଙ୍କା ୮୮.୧୧ରେ କାରବାର ହୋଇଥିଲା। ଅପରାହ୍ନ ବେଳକୁ ଡଲାର ତୁଳନାରେ ଏହା ୮୮.୪୯କୁ ଖସିଯାଇଥିଲା, ଯାହାକି ସର୍ବକାଳୀନ ନିମ୍ନ ରେକର୍ଡ। ତେବେ କାରବାର ଶେଷରେ ଟଙ୍କାର ବିନିମୟ ମୂଲ୍ୟ ୮୮.୩୫ ରହିଥିଲା। ଏଚ୍‌ଡିଏଫ୍‌ସି ସିକ୍ୟୁରିଟିଜ୍‌ର ଫରେନ୍ ଏକ୍ସଚେଞ୍ଜ ବିଶ୍ଳେଷକ ଦିଲୀପ ପରମାର କହିଛନ୍ତି, ତୈଳ ଓ ସୁନା ଆମଦାନୀକାରୀମାନେ ବ୍ୟାଙ୍କଗୁଡ଼ିକରୁ ଡଲାର କିଣିବା ବଢ଼ାଇଦେଇଥିବାରୁ ଏଭଳି ସ୍ଥିତି ଉପୁଜିଛି। ସିଆର୍ ଫରେକ୍ସ ଆଡଭାଇଜର୍ସ ଏମ୍‌ଡି ଅମିତ୍ ପରମାରଙ୍କ ମତରେ ଭାରତୀୟ ଟଙ୍କା ସର୍ବକାଳୀନ ନିମ୍ନ ରେକର୍ଡକୁ ଖସିବା ପଛରେ ଆର୍‌ବିଆଇର ନୀରବତା ମଧ୍ୟ ଦାୟୀ। ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ଆମେରିକାର ଉଚ୍ଚ ଟାରିଫ୍ ଚାପ ଯୋଗୁ ଟଙ୍କା ଦୁଃସ୍ଥିତିରେ ରହିଛି। ଏପରି ସମ୍ବେଦନଶୀଳ ସମୟରେ ଆର୍‌ବିଆଇ ଟଙ୍କାରେ ସ୍ଥିରତା ଆଣିବା ପାଇଁ ପଦକ୍ଷେପ ନ ନେବା ଦୁର୍ଭାଗ୍ୟଜନକ।

ଏନ୍‌ଏସ୍‌ଡିଏଲ୍ ଡେଟା ଅନୁସାରେ ଫରେନ୍ ପୋର୍ଟଫୋଲିଓ ଇନ୍‌ଭେଷ୍ଟର୍ସ (ଏଫ୍‌ପିଆଇ) ଜୁଲାଇରେ ୧୭,୭୪୧ କୋଟି ଟଙ୍କାର ନେଟ୍ ସେଲିଂ କରିଥିବାବେଳେ ଅଗଷ୍ଟରେ ଏହି ପରିମାଣ ୩୪,୯୯୩କୁ ବୃଦ୍ଧି ପାଇଥିଲା। ସେପ୍ଟେମ୍ବର ଆରମ୍ଭରୁ ଅଦ୍ୟାବଧି ଏଫ୍‌ପିଆଇମାନେ ୭,୩୬୮ କୋଟି ଟଙ୍କା ଭାରତୀୟ ବଜାରରୁ ଉଠାଇସାରିଲେଣି। ଏହି ପୃଷ୍ଠଭୂମିରେ ନିକଟ ଭବିଷ୍ୟତରେ ଟଙ୍କାର ଦୁର୍ବଳତା ବଜାୟ ରହିବ ବୋଲି ଆଇଏଫ୍‌ଏ ଗ୍ଲୋବାଲ ପ୍ରତିଷ୍ଠାତା ତଥା ସିଇଓ ଅଭିଷେକ ଗୋଏଙ୍କା କହିଛନ୍ତି।

## ସୁରକ୍ଷା କର୍ମୀଙ୍କ ଗୁଳିରେ...

କରିଛନ୍ତି। ମୃତ ମାଓବାଦୀଙ୍କ ନାମରେ ୮ ଲକ୍ଷ ପୁରସ୍କାର ଘୋଷଣା ଥିବାବେଳେ ତାଙ୍କ ନାମ ମାସା ବୋଲି ଜଣାପଡିଛି। ଘଟଣାସ୍ଥଳରୁ ୩୦୩ ରାଇଫଲ, ୱାକିଟକି ସେଟ୍, ମାଓବାଦୀ ପୁସ୍ତିକା, କଳା ବସ୍ତ୍ର ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଉକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନ ଜାରି ରହିଥିବା ପୋଲିସ ସୂତ୍ରରୁ ପ୍ରକାଶ।

## କିମ୍ ଜୋଙ୍ଗ୍ ଉନ୍‌ଙ୍କ...

ଉତ୍ତରାଧିକାରୀ ହେବା ନେଇ ପର୍ଯ୍ୟାପ୍ତ ସଙ୍କେତ ମିଳିଛି ବୋଲି ଦକ୍ଷିଣ କୋରିଆ ସଂସଦୀୟ ଗୋଇନ୍ଦା କମିଟିର ଜଣେ ସଦସ୍ୟ ତଥା ଦେଶର ଆଇନ ପ୍ରଣେତା ଲି ସେଓଙ୍ଗ କ୍ୱେଅନ୍ କହିଛନ୍ତି। ଏନେଇ କମିଟିର ସଦସ୍ୟଙ୍କୁ ଉକ୍ତ ଗୁପ୍ତଚର ସଂସ୍ଥା ଅବଗତ କରାଇଛି। ଜୁ ଏ'ଙ୍କୁ କିମ୍‌ଙ୍କ ସ୍ୱୀକୃତିପ୍ରାପ୍ତ ଉତ୍ତରାଧିକାରୀ ଭାବେ ଦକ୍ଷିଣ କୋରିଆ ଗ୍ରହଣ କରୁଛି ଏବଂ ବାପାଙ୍କ ଚାଇନା ଗସ୍ତରେ ତାଙ୍କ ଅଂଶଗ୍ରହଣକୁ ଉତ୍ତରାଧିକାରୀ ଭାବେ ତାଙ୍କୁ ପ୍ରସ୍ତୁତ କରିବା ଯୋଜନାର ଅଂଶବିଶେଷ ବୋଲି ସେ କହିଛନ୍ତି। ୨୦୨୨ରେ ଜୁ ଏ' ପ୍ରଥମ ଥର ପାଇଁ ସାର୍ବଜନୀନ ଭାବେ ସାମ୍ନାକୁ ଆସିଥିଲେ। ସେତେବେଳେ ଏକ ଆନ୍ତଃ ମହାଦେଶୀୟ ବାଲିଷ୍ଟିକ୍ ମିଶାଇଲ ଲଞ୍ଚ୍ ବେଳେ ବାପା କିମ୍ ଜୋଙ୍ଗ୍‌ଙ୍କ ସହ ତାଙ୍କୁ ଦେଖିବାକୁ ମିଳିଥିଲା। ତେବେ କେତେଜଣ ବିଶେଷଜ୍ଞଙ୍କ ମତରେ ଜୁ ଏ'ଙ୍କର ଜଣେ ବଡ଼ ଭାଇ ମଧ୍ୟ ରହିଛନ୍ତି, ଯାହାଙ୍କୁ ଗୁପ୍ତ ଭାବରେ ଉତ୍ତର କୋରିଆର ପରବର୍ତ୍ତୀ ନେତା ଭାବରେ ପ୍ରସ୍ତୁତ କରାଯାଉଛି।

## ଚୁପ୍ ବସିବେନି...

ଅଧିକାରର ତତ୍ତ୍ୱାବଧାରକ। ରାଜ୍ୟପାଳ ବିଲ୍‌କୁ ଦୀର୍ଘଦିନ ପକାଇ ରଖିପାରିବେ ନାହିଁ, ଏହାର ଅର୍ଥ ନୁହେଁ ସେମାନଙ୍କୁ ଅନୁଚ୍ଛେଦ ୨୦୦ରେ ମିଳିଥିବା ଇଚ୍ଛାଧୀନ କ୍ଷମତା ହରାଇଛନ୍ତି। ମଞ୍ଜୁରୀ ପ୍ରଦାନରେ ସମୟସୀମା ଅନୁସରଣକୁ ବାଧ୍ୟ କରାଯାଇପାରିବ ନାହିଁ। ସୂଚନାଯୋଗ୍ୟ, ତାମିଲନାଡୁ ବିଧାନସଭା ଦ୍ୱାରା ଗୃହୀତ କେତେକ ବିଲ୍‌କୁ ରାଜ୍ୟପାଳ ଏନ୍. ରବି ମଞ୍ଜୁରୀ ପ୍ରଦାନ ନ କରି ସେଗୁଡ଼ିକୁ ଦୀର୍ଘଦିନ ପକାଇ ରଖିଥିବାରୁ ରାଜ୍ୟର ଡିଏମ୍‌କେ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବିଲ୍ ଉପରେ ନିଷ୍ପତ୍ତି ନେବା ପାଇଁ ସର୍ବୋଚ୍ଚ ଅଦାଲତ ରାଜ୍ୟପାଳଙ୍କ ନିମନ୍ତେ ୩ ମାସ ଏବଂ ରାଷ୍ଟ୍ରପତିଙ୍କ ପାଇଁ ୧ ମାସ ସମୟସୀମା ଧାର୍ଯ୍ୟ କରିଥିଲେ। ଏହାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଚ୍ୟାଲେଞ୍ଜ କରାଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପରୋକ୍ଷ ଶତ୍ରୁତାରୁ କେତେକ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବେ। ସମ୍ମୁଖରେ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ କଥା କହୁଥିବାର ଶୁଣିବାକୁ ପାଇବେ। ପରିବାରରେ ଅବସ୍ଥା ଦେଖି ବ୍ୟବସ୍ଥା ନ କଲେ ଅନୁତାପ କରିବେ। ଆର୍ଥିକ ସ୍ଥିତିରେ ଉନ୍ନତି ହେତୁ ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟାର ସମାପ୍ତି ଘଟିପାରେ।

**ବୃଷ** ସହକର୍ମୀଙ୍କ ଅସହଯୋଗରୁ କୌଣସି କାମ ସମ୍ପନ୍ନ ଦିଗରେ ଅସୁବିଧାର ସମ୍ମୁଖୀନ ହେବେ। ପଡୋଶୀ ସହଯୋଗର ହାତ ବଢାଇବେ ଓ କାମଟି ସୁବିଧାରେ ହୋଇଯିବ । ଆଲୋଚନା କ୍ଷେତ୍ରରେ କାର୍ଯ୍ୟବ୍ୟସ୍ତ ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ସନ୍ତାନ ହେତୁକ ପୀଡା କିମ୍ବା ଅନୁପସ୍ଥିତିର ଅଭାବ ଅନୁଭବ କରିବେ।

**ମିଥୁନ** ପରିବାରର ଅସହମତିଜନିତ କାର୍ଯ୍ୟ କରିବା ଯୋଗୁ ନିଜଘରେ ସମାଲୋଚିତ ହେବେ। ନୂତନ କର୍ମାରମ୍ଭ ସାଙ୍ଗକୁ ପ୍ରଶାସନ, ପ୍ରକାଶନ, ରାଜନୀତି, ସଂଗଠନ,ସଭାସମିତି ପାଇଁ ଦିନଟି ଭଲ। ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭ କରି ପ୍ରଶଂସିତ ହେବେ। ସ୍ତ୍ରୀଙ୍କ ସୌହାର୍ଦ୍ଦ୍ୟରୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ।

**କର୍କଟ** ଆଜି ସତର୍କତା ଅଭାବରୁ ହାତପାଦରେ ଆଘାତ କିମ୍ବା ସ୍ନାୟବିକ ଦୁର୍ବଳତାରୁ ସମସ୍ୟା ଆସିବ। ମନ କଥା ମନରେ ରଖି କାମ ନ କଲେ କଳହ ଲାଗିପାରେ। କିନ୍ତୁ ନିଜ ଭାଇ, ବନ୍ଧୁ ଓ କୁଟୁମ୍ବ ଲୋକଙ୍କ ସହ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହୋଇପାରେ। ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରି ଆତ୍ମବିଭୋର ହୋଇପାରନ୍ତି।

**ସିଂହ** ବନ୍ଧୁ କିମ୍ବା ସହକର୍ମୀଙ୍କ କଥାରେ ପ୍ରଭାବିତ ହୋଇ ନୂତନ କାମ କରିପାରନ୍ତି। କ୍ରୀଡ଼ା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟାଗୁଡିକର ସରଳ ସମାଧାନ କରିବାରେ ସଫଳ ହେବେ। ସନ୍ତାନଙ୍କ ସମସ୍ୟା, ବ୍ୟୟବୃଦ୍ଧି ଓ ପଡୋଶୀଙ୍କ ଟାହିଟାପରା ମାନସିକ ଅଶାନ୍ତିର କାରଣ ହେବ।

**କନ୍ୟା** ଅମୀମାଂସିତ ଆଲୋଚନା ଆଜିର ମୁଖ୍ୟ ସମସ୍ୟା ରୂପେ ଅସ୍ଥିରତାକୁ ଡାକି ଆଣିବ। ଅର୍ଥନୀତି ପ୍ରଭାବିତ ହେବା ସହ କୌଣସି ସମସ୍ୟା ସୃଷ୍ଟି କରିପାରେ। ଶତ୍ରୁତା କରୁଥିବା ଲୋକଟିର ମନକୁ ବାଧିଲା ଭଳି କଥାରୁ ଦୁଃଖ ପ୍ରକାଶ କରିବେ। ଅବଶ୍ୟ ଚିତ୍ରା ନକ୍ଷତ୍ର ପାଇଁ କୌଣସି ବିଶେଷ ଅସୁବିଧା ନ ହୋଇପାରେ।

**ତୁଳା** ବନ୍ଧୁଙ୍କ ସହାନୁଭୂତି ଓ ଆଦରବୋଳା କଥାରେ ଦୁଃଖର ମାତ୍ରା ଲାଘବ ହୋଇଯିବ। ତଥାପି ଶତ୍ରୁଠାରୁ ଦୂରତା ରଖି କାମ କରିବା ଭଲ ହେବ, ନଚେତ୍ ହଇରାଣ ହେବାକୁ ପଡିପାରେ । ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିଯିବାର ଆଶଙ୍କା ରହିଛି। ଶିଳ୍ପ, ବାଣିଜ୍ୟ, ସାମ୍ବାଦିକତା ଓ ଅର୍ଥ ସମ୍ବନ୍ଧିତ କାମରେ ସଫଳତା ପାଇବେ।

**ବିଛା** ଦୀର୍ଘଦିନ ହେଲା ଯାହା ହୋଇପାରି ନ ଥିଲା ଆଜି ତାହାକୁ ସମ୍ପନ୍ନ କରିପାରିବେ। ବନ୍ଧୁଙ୍କ ନିକଟରୁ ଯେତେ ପାଇଲେ ମଧ୍ୟ ଅଧିକ ପାଇବା ସକାଶେ ବ୍ୟାକୁଳ ହେବେ। ପରିବହନ, ଶିଳ୍ପ, ବ୍ୟବସାୟରେ ପ୍ରତିବନ୍ଧକ ଦୂରେଇବା ଲାଗି ପ୍ରଯତ୍ନ କରିପାରନ୍ତି। ପରିବାରର ସଦସ୍ୟଙ୍କଠାରୁ କିମ୍ବା ସହକର୍ମୀଙ୍କ ତରଫରୁ ସମସ୍ୟା ଆସିପାରେ।

**ଧନୁ** ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆପଣଙ୍କ ପାରିବାରିକ ଜୀବନକୁ ବିଶୃଙ୍ଖଳିତ କରିପାରେ। ଆର୍ଥିକ ସମସ୍ୟା ସମାଧାନର ପନ୍ଥା ଖୋଜି ପାଇବେ। ସହକର୍ମୀଙ୍କ ସହ ମିଷ୍ଟାଳାପରେ ମାତିରହିବେ ଓ ସମୟ ଅବଶ୍ୟ ଖୁସୀରେ କଟିଯିବ। ବାଟରେ ଯିବା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ, ଏଣୁ ଗାଡିକୁ ପରଖି ନେବା ଭଲ ହେବ।

**ମକର** ବିଭିନ୍ନ କ୍ଷେତ୍ର ସମସ୍ୟାବହୁଳ ହେଉଥିବାରୁ ମାନସିକ ଅସ୍ଥିରତା ଲାଗିରହିବ। ଧନିଷ୍ଠା ନକ୍ଷତ୍ରର ଶତ୍ରୁମାନେ ଚେଷ୍ଟା କଲେ ମଧ୍ୟ କ୍ଷତି କରିପାରିବେ ନାହିଁ। ଆର୍ଥିକ ସ୍ଥିତି ମନ୍ଦ ହେବନି, କିନ୍ତୁ ଋଣ ପରିଶୋଧରେ ପଛେଇଯାଇ ସମାଲୋଚିତ ହୋଇପାରନ୍ତି। ଶିଳ୍ପ, ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି, ଲେଖାପଢା ପ୍ରଭୃତିରୁ ସୁଫଳ ପାଇବେ।

**କୁମ୍ଭ** ପରିବାରରେ ଭୁଲ୍ ବୁଝାମଣାରୁ ସାଧାରଣ କଥାରେ କଳହ ସୃଷ୍ଟି ହୋଇପାରେ। ବିବାଦୀୟ ସମସ୍ୟାର ସମାଧାନ ସକାଶେ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରି ପାରନ୍ତି। ଆଲୋଚନା କ୍ଷେତ୍ରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବ। କ୍ରୀଡା, ସଙ୍ଗୀତ, ଚଳଚ୍ଚିତ୍ର, ରାଜନୀତି ଓ ସାହିତ୍ୟକ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ ।

**ମୀନ** ପରିବାର ଭିତରେ ଅଯଥା ବ୍ୟସ୍ତତା ପ୍ରକାଶ କରି ସମାଲୋଚିତ ହେବେ। ପରିସ୍ଥିତି, ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ, ନଚେତ୍ ସମସ୍ୟା ଉପୁଜିପାରେ। କୌଣସି ଅପରିଚିତ ବ୍ୟକ୍ତିଙ୍କୁ ବିଶ୍ୱାସ କରି ଖାଲରେ ପଡିବାର ସୂଚନା ରହିଛି। କୌଣସି କଥା ଭଲ ରୂପେ ନ ବୁଝି ଅନ୍ୟ ଉପରେ ଦୋଷ ଲଦି ପାରନ୍ତି।

ଆଜି ସେପ୍ଟେମ୍ବର ୧୨ ତାରିଖ, ଆଶ୍ୱିନ କୃଷ୍ଣପକ୍ଷର ପଞ୍ଚମୀ ଯୁକ୍ତ ଗଜଷଷ୍ଠୀ ଶୁକ୍ରବାର। ରାଶିନକ୍ଷତ୍ର-ଦିବା ଘ.୧୧।୫୯ ମି. ପର୍ଯ୍ୟନ୍ତ ଦ୍ୱିଜା/ମେଷ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ମହାଳୟା ବିଧିରେ କରାଯିବ, ସକାଳ ଘ.୦୫।୩୭ ଗତେ, ଘ.୦୬।୨୫ ମଧ୍ୟେ, ଘ.୦୭।୧୪ ଗତେ, ଘ.୦୮।୩୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୧୧ ଗତେ, ଘ.୧୧।୪୨ ମଧ୍ୟେ ରାହୁ କାଳ।




# ମହାନଦୀ ନଦୀତଟ ଯୋଜନାକୁ ମଞ୍ଜୁର ଦେଲେ ମୁଖ୍ୟମନ୍ତ୍ରୀ

- **୨୦୨୫-୨୬ରୁ ୨୦୨୭-୨୮ ମଧ୍ୟରେ ହେବ କାର୍ଯ୍ୟକାରୀ**
- **୩ ବର୍ଷରେ ୨୪୦ କୋଟି ଟଙ୍କା ଖର୍ଚ୍ଚ ହେବ**

ଭୁବନେଶ୍ୱର, ୧୧।୯(ସୁନିତ୍ ମିଶ୍ର)

ବହୁ ଆକାଂକ୍ଷିତ ମହାନଦୀ ନଦୀତଟ ବିକାଶ (ମହାନଦୀ ରିଭର ଫ୍ରଣ୍ଟ ଡେଭଲପମେଣ୍ଟ) ଯୋଜନାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ମଞ୍ଜୁର ଦେଇଛନ୍ତି। ଏହି ଯୋଜନା ୨୦୨୫-୨୬ରୁ ୨୦୨୭-୨୮ ମଧ୍ୟରେ କାର୍ଯ୍ୟକାରୀ ହେବ। ଏଥିପାଇଁ ୩ ବର୍ଷରେ ୨୪୦ କୋଟି ଟଙ୍କା ଖର୍ଚ୍ଚ ହେବ। ଜଳ ସମ୍ପଦ ବିକାଶ ବିଭାଗ ଦ୍ୱାରା ରାଜ୍ୟ ସରକାରଙ୍କ ନିଜସ୍ୱ ପାଣ୍ଠିରୁ ଏହି ଅର୍ଥ ଖର୍ଚ୍ଚ ହେବ।

ଯୋଜନାକୁ ମଞ୍ଜୁର ଦେଇ ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି, ମହାନଦୀ ହେଉଛି ଓଡ଼ିଶାର ଜୀବନରେଖା। ମହାନଦୀର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ପରିବେଶ, ସାଂସ୍କୃତିକ ତଥା ଆଧ୍ୟାତ୍ମିକ ପର୍ଯ୍ୟଟନର ପ୍ରମୁଖ କେନ୍ଦ୍ରରେ ପରିଣତ କରାଯିବ। ଏହି ପର୍ଯ୍ୟଟନସ୍ଥଳୀଗୁଡ଼ିକ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଯୋଜନାର ପ୍ରମୁଖ ଉଦ୍ଦେଶ୍ୟଗୁଡ଼ିକ ହେଉଛି, ନଦୀକୂଳରେ ସହର ପାଇଁ ସାମାଜିକ, ସାଂସ୍କୃତିକ ସୁବିଧା ଯୋଗାଇଦେବା, ଘରୋଇ ସହଭାଗିତା ମାଧ୍ୟମରେ ଜଳକ୍ରୀଡ଼ା, ମନୋରଞ୍ଜନ ପାର୍କ, ବିଜ୍ଞାନ ପାର୍କ, ହର୍ବାଲ ଉଦ୍ୟାନ ଆଦିର ବିକାଶ ପାଇଁ ମୌଳିକ ଭିତ୍ତିଭୂମି ନିର୍ମାଣ, ନଦୀତଟ କ୍ଷୟ ତଥା ନଦୀ ସଂରଚନାର ନିୟନ୍ତ୍ରଣ, ଆବର୍ଜନା ନିଷ୍କାସନ ପଥ ପରିବର୍ତ୍ତନକରି ନଦୀଜଳ ସଫା ରଖିବା, ଜଳ ସଂରକ୍ଷଣ ଦ୍ୱାରା ଜଳାଭାବ ସମୟରେ ନିକଟସ୍ଥ ଅଞ୍ଚଳକୁ ପାନୀୟଜଳ ଯୋଗାଣ ଏବଂ ସମ୍ବଲର ସ୍ଥାୟୀ ବିକାଶ ସହିତ ପାରିପାର୍ଶ୍ୱିକ କ୍ଷେତ୍ରକୁ ପୁନର୍ଜୀବିତ କରିବା। ଏହି ଯୋଜନାରେ ୨ଟି ସ୍ଥାନରେ ନଦୀତଟର ବିକାଶ କରାଯିବ। ପ୍ରଥମଟି ହେଉଛି ସମ୍ବଲପୁରର ମନ୍ଦଲିଆରୁ ଚଉଁରପୁର ପର୍ଯ୍ୟନ୍ତ ମହାନଦୀରେ ନଦୀକୂଳ ବିକାଶ। ଏଥିରେ ପାର୍କିଂ ସ୍ଥାନ, ଜଗିଂ ପାର୍କ, ସେଲ୍ଫି ପଏଣ୍ଟ, ପାର୍କ, ଖୋଲା ଜିମ୍, ଘାଟର ଉନ୍ନତୀକରଣ, ସ୍ନାନଘାଟ ନିର୍ମାଣ, ଆରତି ଘାଟ, ଥିମ୍ ପ୍ଲାଜା, ଶପିଂ କମ୍ପ୍ଲେକ୍ସ, ଶୌଚାଳୟ ଆଦିର ବିକାଶ କରାଯିବ। ଏଥିପାଇଁ ୧୬୦ କୋଟି ଟଙ୍କା ବିନିଯୋଗ ହେବ। ଦ୍ୱିତୀୟଟି ହେଉଛି ଭୁବନେଶ୍ୱର ପାଣ୍ଡରା ନିକଟ କୁଆଖାଇ ଓ କୁଶଭଦ୍ରା ନଦୀରେ ନଦୀତଟ ବିକାଶ। ଏଥିରେ ସୁରକ୍ଷା କାର୍ଯ୍ୟ ସହ ନଦୀକୂଳ ଘାଟର ବିକାଶ, ରିଂରୋଡ୍ ସହ ଦୃଶ୍ୟ ପଏଣ୍ଟ ବିକାଶ, ଭାସମାନ ଜେଟି, ଲକ୍‌ଗେଟ୍, ସେତୁ, ପାର୍କିଂ, କାଫେଟେରିଆ, ଶୌଚାଳୟ, ନଦୀପଥ ସହ ଆଭ୍ୟନ୍ତରୀଣ ପାଦଚଲା ରାସ୍ତା ନିର୍ମାଣ କରାଯିବ। ଏଥିପାଇଁ ୮୦ କୋଟି ଟଙ୍କା ବିନିଯୋଗ କରାଯିବ।

# ଫିଟ୍ ରହିବା ପାଇଁ ସୁସ୍ଥ ଖାଦ୍ୟ, ମନ ଆବଶ୍ୟକ: ପ୍ରଭାତୀ

**'ହେଲ୍‌ଦି ଡାଏଟ୍ ଅଭିଯାନ' ଶୁଭାରମ୍ଭ**

**ଲୋକଙ୍କୁ ସଚେତନ କରିବେ ଅଙ୍ଗନୱାଡ଼ି କର୍ମୀ**

ଭୁବନେଶ୍ୱର,୧୧।୯ (ସୁଚିସ୍ମିତା ସାହୁ)

ସୁସ୍ଥ ରହିବା ପାଇଁ ପୁଷ୍ଟିକର ଖାଦ୍ୟ ନିତାନ୍ତ ଆବଶ୍ୟକ। ନିଜକୁ ଫିଟ୍ ରଖିବା ପାଇଁ ସୁସ୍ଥ ଖାଦ୍ୟ ସହିତ ସୁସ୍ଥ ମନ ଆବଶ୍ୟକ। ବର୍ତ୍ତମାନର ଜୀବନଶୈଳୀରେ ମେଦବହୁଳତା ଭଳି ସମସ୍ୟା ଦେଖାଯାଉଛି। ପ୍ରଧାନମନ୍ତ୍ରୀଙ୍କ 'ଫିଟ୍ ଇଣ୍ଡିଆ' ଆହ୍ୱାନକ୍ରମେ ନିଜେ ସଚେତନ ହେବା ସହ ନିୟମିତ ବ୍ୟାୟାମ କରିବା ପାଇଁ ସମସ୍ତଙ୍କୁ ସଚେତନ କରିବାକୁ ପଡ଼ିବ। ପୋଷଣ ମାସ ଅବସରରେ ୭୪ ହଜାର ଅଙ୍ଗନୱାଡ଼ି କେନ୍ଦ୍ର ମାଧ୍ୟମରେ ଲୋକଙ୍କ ପାଖରେ 'ହେଲ୍‌ଦି ଡାଏଟ୍ ଅଭିଯାନ'ର ବାର୍ତ୍ତା ପହଞ୍ଚିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ୟୁନିସେଫ୍ ପକ୍ଷରୁ ଗୁରୁବାର ଏକ ଘରୋଇ ହୋଟେଲରେ 'ହେଲ୍‌ଦି ଡାଏଟ୍ ଅଭିଯାନ'ର ଶୁଭାରମ୍ଭ କରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ବିଭିନ୍ନ ଖାଦ୍ୟାଭ୍ୟାସ ଉପରେ ଚର୍ଚ୍ଚା କରିଥିଲେ। ଆଦିବାସୀ ମହିଳାମାନେ ମାଣ୍ଡିଆ ଖାଉଥିବାରୁ ତାଙ୍କ ଶରୀର ସୁସ୍ଥ ରହିଥାଏ। ବଜାରର ଜଙ୍କ ଫୁଡ୍‌ଠାରୁ ଦୂରେଇ ରହି ଘର ତିଆରି ଖାଦ୍ୟ ତଥା ମାଣ୍ଡିଆ, ପଖାଳ ଓ ପିଠା ଖାଇବାକୁ ସେ ପରାମର୍ଶ ଦେଇଥିଲେ।

ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଯୋଗଦେଇ ଅଙ୍ଗନୱାଡ଼ି ଓ ସ୍କୁଲରେ ପାଠ ପଢୁଥିବା ପିଲାଙ୍କୁ ପୋଷଣଯୁକ୍ତ ଖାଦ୍ୟ ଯୋଗାଣ ଉପରେ ଗୁରୁତ୍ୱ ଦେଇଥିଲେ। ପିଲାମାନେ ଚିପ୍ସ ଓ ନୁଡୁଲ୍‌ସ ଖାଇବା ଅଭ୍ୟାସକୁ ନେଇ ସେ ଚିନ୍ତା ପ୍ରକଟ କରିବା ସହ ମହିଳା ଓ ଶିଶୁଙ୍କ ଖାଦ୍ୟାଭ୍ୟାସକୁ ପରିବର୍ତ୍ତନ କରିବା ପାଇଁ ବିଭାଗ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ପୋଷଣ ବିଶେଷଜ୍ଞ ତଥା ୟୁନିସେଫ୍ ଅଧିକାରୀ ସୌରଭ ଭଟ୍ଟାଚାର୍ଯ୍ୟ କହିଲେ, ସୁସ୍ଥ ରହିବା ପାଇଁ ଘର ତିଆରି ଖାଦ୍ୟ ସହିତ ପରିବାର ଲୋକଙ୍କ ସହିତ ମିଶି ଖାଦ୍ୟ ଖାଆନ୍ତୁ। ଶିଶୁଙ୍କୁ ୬ ମାସ ପର୍ଯ୍ୟନ୍ତ ମା' କ୍ଷୀର ଖାଇବାକୁ ଦେବା ସହ ତେଲଯୁକ୍ତ ଖାଦ୍ୟଠାରୁ ଦୂରରେ ରଖନ୍ତୁ। ଏଥିସହ ଶିଶୁଙ୍କୁ ମୋବାଇଲଠାରୁ ଦୂରେଇ ରଖିବାକୁ ସେ ପରାମର୍ଶ ଦେଇଛନ୍ତି। ଅଭିନେତ୍ରୀ ଅନୁ ଚୌଧୁରୀ ନିଜ ଖାଦ୍ୟାଭ୍ୟାସ ବିଷୟରେ ସୂଚନା ଦେଇଥିବାବେଳେ ଅଭିନେତା ସବ୍ୟସାଚୀ ମିଶ୍ର ସିନେମା ପାଇଁ ଓଜନ ବଢ଼େଇବା ପରେ ଉପୁଜିଥିବା ସମସ୍ୟା ଉପରେ କହିଥିଲେ। ଅଭିନେତ୍ରୀ ଅର୍ଚ୍ଚିତା ସାହୁ ସ୍ମାର୍ଟ ଖାଦ୍ୟଶୈଳୀ ଉପରେ ଚର୍ଚ୍ଚା କରିଥିଲେ। ଏହି ଅବସରରେ ସାମାଜିକ ବ୍ୟାବହାରିକ ପରିବର୍ତ୍ତନ ବିଷୟରେ ଏକ ପୋଷ୍ଟର ଉନ୍ମୋଚନ ହୋଇଥିଲା। ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ସ୍ୱାଗତ ଭାଷଣ ଓ ଅତିରିକ୍ତ ଶାସନ ସଚିବ ସ୍ୱୟଂପ୍ରଭା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟ ସରକାରଙ୍କୁ ୨ ସପ୍ତାହରେ ଜବାବ ଦାଖଲ ନିର୍ଦ୍ଦେଶ

**ହାଇକୋର୍ଟରେ ଲୋକାୟୁକ୍ତ ଚେୟାରପର୍ସନ, ସଦସ୍ୟ ନିଯୁକ୍ତି ମାମଲା**


କଟକ,୧୧।୯(କାର୍ତ୍ତିକ ସାହୁ)

ଲୋକାୟୁକ୍ତ ଓଡ଼ିଶାରେ ଚେୟାରପର୍ସନ ଓ ସଦସ୍ୟ ନିଯୁକ୍ତି କ୍ଷେତ୍ରରେ ରାଜ୍ୟ ସରକାରଙ୍କ ନିଷ୍କ୍ରିୟତା ବିରୋଧରେ ହାଇକୋର୍ଟରେ ରୁଜୁ ମାମଲାର ଶୁଣାଣି ଗୁରୁବାର ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି ୨ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ରାଜ୍ୟ ସରକାରଙ୍କ ଜବାବ ଦାଖଲ ପରେ ୧ ସପ୍ତାହ ମଧ୍ୟରେ ଆବେଦନକାରୀ ପ୍ରତିଜବାବ ଦାଖଲ କରିବାକୁ ଖଣ୍ଡପୀଠଙ୍କ ନିର୍ଦ୍ଦେଶ ରହିଛି। ମାମଲାର ପରବର୍ତ୍ତୀ ଶୁଣାଣି ନିମନ୍ତେ ଅକ୍ଟୋବର ୧୬କୁ ଧାର୍ଯ୍ୟ ହୋଇଛି। ସୂଚନାନୁସାରେ, ରାଜ୍ୟ ସରକାର ୨୦୧୯ ଫେବୃଆରୀ ୨୮ରେ ଲୋକାୟୁକ୍ତ ପ୍ରତିଷ୍ଠା କରିଥିଲେ। ଲୋକାୟୁକ୍ତରେ ଜଣେ ଚେୟାରପର୍ସନ ଓ ୫ଜଣ ସଦସ୍ୟ ରହିବାର ନିୟମ ରହିଛି। ସଦସ୍ୟ ୫ ଜଣଙ୍କ ମଧ୍ୟରୁ ୨ଜଣ ବିଚାର ବିଭାଗୀୟ ସଦସ୍ୟ ରହିବାର ନିୟମ ମଧ୍ୟ ରହିଛି। ତଦନୁସାରେ ୨୦୧୯ରେ ଚେୟାରପର୍ସନଙ୍କ ସମେତ ସଦସ୍ୟମାନଙ୍କୁ ପର୍ଯ୍ୟାୟ କ୍ରମେ ନିଯୁକ୍ତ କରାଯାଇଥିଲା। ମାତ୍ର ସେମାନଙ୍କ କାର୍ଯ୍ୟକାଳ ୫ ବର୍ଷ ହୋଇଥିବାରୁ ସେହି ଅବଧି ଶେଷ ହେବା ପରେ ୨୦୨୪ ମାର୍ଚ୍ଚ ୧୯ରୁ ଚେୟାରପର୍ସନ ଓ ସଦସ୍ୟମାନଙ୍କ କାର୍ଯ୍ୟକାଳ କ୍ରମାନ୍ୱୟରେ ଶେଷ ହୋଇଥିଲା। ଶେଷରେ ୨୦୨୪ ଅଗଷ୍ଟ ୮ରୁ ଲୋକାୟୁକ୍ତଙ୍କ ଚେୟାରପର୍ସନ ଓ ସଦସ୍ୟ ପଦ ଖାଲି ପଡ଼ିଛି। ଏହାକୁ ନେଇ ଆବେଦନକାରୀ ଆଇନଜୀବୀ ପ୍ରବୀର କୁମାର ଦାସ ବିଭିନ୍ନ ସମୟରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମାତ୍ର କିଛି ଫଳ ନ ହେବାରୁ ସେ ରାଜ୍ୟ ସରକାରଙ୍କୁ ପକ୍ଷଭୁକ୍ତ କରି ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି।





ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହ ଅନ୍ୟ ଅତିଥିମାନେ ସାମାଜିକ ବ୍ୟାବହାରିକ ପରିବର୍ତ୍ତନ ସଂକ୍ରାନ୍ତୀୟ ଏକ ପୋଷ୍ଟର ଉନ୍ମୋଚନ କରୁଛନ୍ତି।







# ବିଜେଡି ଛାଡ଼ିଲେ ହରିଶଙ୍କର

କଟକ,୧୧।୯ (ଶିଳ୍ପା ପ୍ରିୟଦର୍ଶିନୀ)

ବିଜେଡିରୁ ଇସ୍ତଫା ଦେଲେ ଛାତ୍ରନେତା ହରିଶଙ୍କର ରାଉତ। ଗୁରୁବାର କଟକ ମହାବୀର ଗ୍ୟାଲେକ୍ସି ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଇସ୍ତଫା ସମ୍ପର୍କରେ ସୂଚନା ଦେଇ କାର୍ତ୍ତିକେୟନ ପାଣ୍ଡିଆନ୍‌ଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି ଯେ ୨୦ବର୍ଷ ଦଳ ପାଇଁ କାମ କରିଛି, ହେଲେ କିଛି ମିଳିଲାନି। କେବଳ ପ୍ରତାରଣା ମିଳିଛି। ମୁଁ କେବେ ଅଣଓଡ଼ିଆର ଚାଟୁକାରୀ କରିପାରିବି ନାହିଁ। ବିଜେଡିରେ ସବୁ ନିଷ୍ପତ୍ତି ପାଣ୍ଡିଆନ ନେଉଛନ୍ତି। ଜଣେ ଅଣଓଡ଼ିଆ ହୋଇ ଦଳକୁ ଶାସନ କରୁଛନ୍ତି। ପାଣ୍ଡିଆନ ଓଡ଼ିଶାକୁ ଲୁଟିବାକୁ ଆସିଛନ୍ତି। ଏପରିକି ଦଳ ନିର୍ବାଚନରେ ତାଙ୍କ ପାଇଁ ପରାଜିତ ହେଲା। ବିଜେଡିରେ ଯେଉଁମାନେ ପାଣ୍ଡିଆନ୍‌ଙ୍କ ଗୁଣଗାନ କରିବେ, କେବଳ ତାଙ୍କୁ ହିଁ ପଦବୀ ମିଳିବ। ବିଜେଡି ଛାତ୍ର ଓ ଯୁବ ସଭାପତି ଚୟନ ନିଷ୍ପତ୍ତି କେବଳ ପାଣ୍ଡିଆନ୍‌ଙ୍କର ରହିଛି। ଦଳ ଏବେ ମୁରବୀ ବିହୀନ ରହିଛି। ଏହିସବୁରେ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାଏଙ୍କର ମଧ୍ୟ ଭାଗୀଦାରି ରହିଛି। ବ୍ୟୋମକେଶ ପାଣ୍ଡିଆନ୍‌ଙ୍କର ପଟ୍ଟଶିଷ୍ୟ ପାଲଟିଛନ୍ତି। ବ୍ୟୋମକେଶ ଯୁବଛାତ୍ର ଦାୟିତ୍ୱରେ ଥିବା ସମୟରେ ତିନି ତିନିଥର ମୋତେ ପ୍ରତିଶ୍ରୁତି ଦେଇଛନ୍ତି, ହେଲେ ତାହା କେବେ କାର୍ଯ୍ୟକାରୀ କରିନାହାନ୍ତି। ଦଳ ଯେଉଁଭଳି ପ୍ରତାରଣା ଦେଉଛି ଏବେ ଗୋଟେ ପରେ ଗୋଟେ କର୍ମୀ ଦଳ ଛାଡିବେ। ବିଜେଡିର ଭବିଷ୍ୟତ ସମ୍ପୂର୍ଣ୍ଣ ଭାବେ ଅନ୍ଧାର ହୋଇଯାଇଛି ବୋଲି ରାଉତ କହିଛନ୍ତି।

ଅତିମାନବ ନୁହଁ ଏକ ଉନ୍ନତ ମାନବର ଉଚ୍ଚତମ ନିର୍ଦ୍ଧାରିତ ଶୃଙ୍ଗ ଉପରେ ଆରୋହୀ ମାନବ। ସେ ମଧ୍ୟ ମାନବୀୟ ଜ୍ଞାନ, ଶକ୍ତି, ବୁଦ୍ଧି, ସଂକଳ୍ପ, ଚରିତ୍ର, ପ୍ରତିଭା, ଗତିଶୀଳ ଶକ୍ତି, ସଚ୍ଚତ୍ୱ, ପ୍ରେମ, ପବିତ୍ରତା କିମ୍ବା ପରିପୂର୍ଣ୍ଣତାର ପ୍ରତୀକ ନୁହେଁ। ... ସେ ମଣିଷ ପ୍ରକୃତିର ଉଚ୍ଚତମ ଚେତନାଠାରୁ ଉଚ୍ଚରେ ଅତିମାନସ ଚେତନାର ଅଧିକାରୀ। -ଶ୍ରୀଅରବିନ୍ଦ





# ୟୁରୋପ ଏତେ ଦୁର୍ବଳ କାହିଁକି

ଆଣ୍ଡ୍ରେସ ଭେଲାସ୍କୋ

ଆମେରିକାର ଅସ୍ଥିରତା, ଚାଇନାର ଏକଚ୍ଛତ୍ରବାଦ ଓ ରୁଷିଆର ଆକ୍ରମଣାତ୍ମକ ତଥା ବିଦ୍ୱେଷ ଭାବନାକୁ ବିଶ୍ୱ ଏବେ ସାମ୍ନା କରୁଛି। ବିଶ୍ୱରେ ଏଭଳି ସ୍ଥିତିରେ ପରିବର୍ତ୍ତନ ପାଇଁ ଜଣେ ବିଶ୍ୱାସଯୋଗ୍ୟ ବ୍ୟକ୍ତି ବା ଗୋଷ୍ଠୀର ଆବଶ୍ୟକତା ଅନିବାର୍ଯ୍ୟ। ଯଦି ଦେଖାଯାଏ ତେବେ କେବଳ ୟୁରୋପ ଅର୍ଥାତ୍ ଏହାର ନେତାମାନେ ପରିବର୍ତ୍ତନ ଆଣିପାରିବେ। ବିଶ୍ୱ ସମ୍ମୁଖରେ ଏକ ଉଦାହରଣ ସୃଷ୍ଟି କରିବା ପାଇଁ ଅନ୍ୟ କୌଣସି ଦେଶ କିମ୍ବା ଅଞ୍ଚଳ ୟୁରୋପ ଭଳି ଏତେ ବୃହତ୍, ସ୍ୱାଧୀନ, ସମୃଦ୍ଧ, ମୂଲ୍ୟବୋଧ ସମ୍ପନ୍ନ ନୁହେଁ। କିନ୍ତୁ ଭଲ ବ୍ୟକ୍ତିମାନେ କେବଳ ଭଲ ହେଲେ ଯଥେଷ୍ଟ ହେବ ନାହିଁ। ସେମାନେ ଦୃଢ଼ ବଦ୍ଧପରିକର ହେବା ଦରକାର। କିନ୍ତୁ ମୋ ମନରେ ଆଶଙ୍କା ସୃଷ୍ଟି ହେଉଛି ଯେ, ଏଥିରେ ୟୁରୋପର ଅଭାବ ରହୁଛି । ଏବେ ୟୁରୋପ ସବୁଥିରେ ଦୃଢ଼ ମନେହେଉଥିଲେ ମଧ୍ୟ ଏହା ପୂରା ଦୁର୍ବଳ। ପ୍ରଥମେ ଆମେରିକା ସହ ତଥାକଥିତ ବାଣିଜ୍ୟ ଚୁକ୍ତିକୁ ଦେଖିବା। ଲଣ୍ଡନ ସ୍କୁଲ ଅଫ୍ ଇକୋନୋମିକ୍ସର ସହକର୍ମୀ ଲୁଇସ୍ ଗାରିକାନୋ ଲେଖିଥିଲେ ଯେ, ଏହା ଏକ ଚୁକ୍ତି ନୁହେଁ, ବରଂ ଏକ ପ୍ରକାର ଆତ୍ମ ସମର୍ପଣ। କୌଣସି ବିନିମୟରେ ପ୍ରମୁଖ ରପ୍ତାନି ସାମଗ୍ରୀଗୁଡ଼ିକ ଉପରେ ୧୫% ଟାରିଫ୍‌କୁ ଗ୍ରହଣ କରିବା ସହ ଏହା ଅନେକ ଘଟଣାରେ ସହମତ ହୋଇଛି। ହ୍ୱାଇଟ୍ ହାଉସରେ ଅଗଷ୍ଟ ୧୮ ବୈଠକରେ ୟୁରୋପୀୟ ନେତାମାନେ ଏକାଠି ହୋଇଥିଲେ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଯଦି କିଛି କଳା ରହିଛି ତାହା ହେଉଛି ସେ ସବୁବେଳେ ଆକର୍ଷଣର କେନ୍ଦ୍ରବିନ୍ଦୁ ହେବା ପାଇଁ ସେଭଳି ପରିବେଶ ସୃଷ୍ଟି କରିଥାନ୍ତି। ଏଠାରେ ମଧ୍ୟ ସମାନ ସ୍ଥିତି ଦେଖାଯାଇଥିଲା। ଏହି ବୈଠକରେ ସେ ତାଙ୍କ ଡେସ୍କ ପଛରେ ଏକ ଚେୟାରରେ ବସିଥିବାବେଳେ ଜର୍ମାନୀ, ଫ୍ରାନ୍ସ, ଇଟାଲୀ, ଫିନଲାଣ୍ଡ, ୟୁକ୍ରେନ୍ ଏବଂ ବ୍ରିଟେନର ନେତାମାନଙ୍କ ସହ ୟୁରୋପୀୟ କମିଶନର ଅଧ୍ୟକ୍ଷ ଏବଂ ନାଟୋର ମହାସଚିବ ଡେସ୍କର ଅନ୍ୟ ପାଖରେ ବିନୀତ ବ୍ୟକ୍ତି ଭାବେ ବସିଥିଲେ। ସେମାନଙ୍କ ସାହସ ଓ ପ୍ରକୃତ ଶକ୍ତିରେ ବିଷମତା ଏଥିରୁ ସ୍ପଷ୍ଟ ପ୍ରତିପାଦିତ ହୋଇଥିଲା।

ଆମେରିକାର ଜଣେ କ୍ଷତିକାରକ ରାଷ୍ଟ୍ରପତି ସାମ୍ନାରେ ୟୁରୋପ ଦୋଷୀ ଭଳି ନତମସ୍ତକ ହେବାରେ କୌଣସି କାରଣ ନାହିଁ। ଦେଖିବାକୁ ଗଲେ, ଆମେରିକା ତୁଳନାରେ ୟୁରୋପର ଜନସଂଖ୍ୟା ଯଥେଷ୍ଟ ଅଧିକ। ଏହାସହ ୟୁରୋପୀୟ ସଂଘ, ବ୍ରିଟେନ ଏବଂ ନରୱେ, ସୁଇଜରଲାଣ୍ଡ ଭଳି ଅନ୍ୟ ଧନୀ ୟୁରୋପୀୟ ଦେଶଗୁଡ଼ିକର ମୋଟ ଜିଡିପି ଆମେରିକା ଜିଡିପି ପାଖାପାଖି । ପ୍ରକୃତ କଥା, ୟୁରୋପର ତ୍ରୁଟିଗୁଡ଼ିକରେ ତାହାର ଦୁର୍ବଳତା ପ୍ରତିଫଳିତ ହେଉଛି। ସବୁଠୁ ବଡ଼ ତ୍ରୁଟି ରହିଛି ସୁରକ୍ଷାରେ ଏବଂ ତା' ଉପରେ ଆଲୋଚନା କରିବା। ସ୍ପେନର ଅର୍ଥନୀତିଜ୍ଞ ରାଜନେତା ତଥା ୟୁରୋପୀୟ ସଂସଦର ପୂର୍ବତନ ସଦସ୍ୟ



ଗାରିକାନୋ ଏହାକୁ ଭଲ ଭାବେ ଉପସ୍ଥାପନ କରିଛନ୍ତି। ସେ କହନ୍ତି, ତୁମକୁ ସୁରକ୍ଷା ଦେଉଥିବା ସେନା ବିରୋଧରେ ତୁମେ କେବେ ବି ବାଣିଜ୍ୟ ଯୁଦ୍ଧ ଜିତିପାରିବ ନାହିଁ। ଏହା ସହ ଆଜକୁ ୬୦ ବର୍ଷ ପୂର୍ବେ ସ୍ୱାଧୀନ ଭାବେ ୟୁରୋପୀୟ ପ୍ରତିରକ୍ଷା ଦକ୍ଷତା ବୃଦ୍ଧି ସପକ୍ଷରେ ଫ୍ରାନ୍ସର ରାଷ୍ଟ୍ରପତି ଚାର୍ଲସ୍ ଦେ ଗାଉଲେ ଯେଉଁ ମତ ଦେଇଥିଲେ ସେଥିରେ ଫ୍ରାନ୍ସର କୌଣସି ପରିବର୍ତ୍ତନ ଆସି ନ ଥିବା ଦେଖାଯାଏ। ହେଲେ ସାମ୍ପ୍ରତିକ ସମୟରେ ଏହା ଏକ ଦୂରଦର୍ଶୀ ମତ ବୋଲି ଜଣାପଡୁଛି। ୟୁକ୍ରେନ ଉପରେ ରୁଷିଆର ଆକ୍ରମଣ ସ୍ପଷ୍ଟ କରିଛି ଯେ, ଆମେରିକାର ସୁରକ୍ଷା ଗ୍ୟାରେଣ୍ଟି ବିନା ୟୁରୋପ ନିଷ୍ପ୍ରଭ। ହେଲେ ଯେ ପର୍ଯ୍ୟନ୍ତ ଟ୍ରମ୍ପ ରାଷ୍ଟ୍ରପତି ଥିବେ ସେଯାଏ ଏହା ଉପରେ ଭରସା କରାଯାଇପାରିବ ନାହିଁ।

ୟୁରୋପ ତାହାର ସୁରକ୍ଷା ଅଭାବକୁ ପୂରଣ କରିବା ପାଇଁ ଅଧିକ କିଛି କରୁନାହିଁ। ୟୁରୋପୀୟ ନାଟୋ ସଦସ୍ୟ ମଧ୍ୟରୁ ୨୮ଟି ଦେଶ ୨୦୨୪ରେ ପ୍ରତିରକ୍ଷା ବାବଦରେ ସେମାନଙ୍କ ଜିଡିପିର ୨%ରୁ ଅଧିକ ବ୍ୟୟ କରିଛନ୍ତି ଏବଂ ଦୁଇ ବର୍ଷ ମଧ୍ୟରେ ଏଥିରେ ମାତ୍ର ୦.୬% ବୃଦ୍ଧି ଘଟିଛି। କିନ୍ତୁ ଏହା ଆମେରିକାର ପ୍ରତିରକ୍ଷା ବ୍ୟୟ (ଜିଡିପିର ୩.୪%) ତୁଳନାରେ ବହୁ ପଛରେ ରହିଛି। ପୋଲାଣ୍ଡ ୨୦୨୫ ପାଇଁ ପ୍ରତିରକ୍ଷା କ୍ଷେତ୍ରରେ ଜିଡିପିର ୪.୭% ବ୍ୟୟ କରିବାକୁ ଆକଳନ କରିଛି। ୟୁରୋପୀୟ ଦେଶଗୁଡ଼ିକ ପୃଥକ୍ ଭାବେ ପ୍ରତିରକ୍ଷା ସାମଗ୍ରୀ କ୍ରୟ କରୁଛନ୍ତି। ଫଳସ୍ୱରୂପ, ପ୍ରତିରକ୍ଷା ଅଭାବ ପୂରଣ କରିବାରେ ବିଳମ୍ବ ଘଟିବା ସହ ସେମାନଙ୍କ ଅକ୍ଷମତା ପ୍ରକାଶ ପାଇଛି। ତେବେ ପ୍ରସ୍ତାବିତ ୟୁରୋପୀୟ ପ୍ରତିରକ୍ଷା ବ୍ୟବସ୍ଥା, ଯେଉଁଥିରେ ବ୍ରିଟେନ୍ ସାମିଲ, ତାହା ଏକ ମିଳିତ କ୍ରୟ ସଂସ୍ଥା ଭାବେ କାମ କରିବ। ଆଗାମୀ ସମୟରେ ୟୁକ୍ରେନ ଓ ପୂର୍ବ ୟୁରୋପକୁ ସୁରକ୍ଷିତ ରଖିବା ପାଇଁ ଆମେରିକାଠାରୁ ଅସ୍ତ୍ର କିଣିବା (ଅତି କମ୍‌ରେ ସ୍ୱଳ୍ପ ସମୟ ପାଇଁ)ର ବିଚାର ଏକ ସବୁଠୁ ଭଲ ଉପାୟ ବୋଲି କୁହାଯାଇପାରେ।

ନୂଆ ଅସ୍ତ୍ରଶସ୍ତ୍ର କ୍ରୟ ପାଇଁ ୟୁରୋପ କିଭଳି ଦେୟ ଦେବ ତାହାକୁ ନେଇ ବଡ଼ ପ୍ରଶ୍ନ ଉଠୁଛି। ୟୁରୋପୀୟ ସଂଘ(ଇୟୁ) ଏକକ ପୁଞ୍ଜି ବଜାର ସଂଘ କିମ୍ବା ଏକକ ବ୍ୟାଙ୍କିଙ୍ଗ ସଂଘ ଗଢ଼ିପାରିନାହିଁ। ୟୁରୋପୀୟ ସଂଘର ସବୁସଦସ୍ୟଙ୍କ ତରଫରୁ ମିଳିତ ଭାବେ ଜାରି ଏକକ ବର୍ଗର ବଣ୍ଡ ସ୍ଥାୟୀ ଭାବେ ସୃଷ୍ଟି କରାଯାଇନାହିଁ। କୋଭିଡ୍ ମହାମାରୀ ସମୟରେ ପ୍ରଦାନ କରାଯାଇଥିବା ଅତ୍ୟଧିକ ଇୟୁ ଋଣର ଯେତେବେଳେ ଅବଧି ପୂରଣ ହେବ ସେତେବେଳେ ଏହା ନବୀକରଣ ହେବ କି ନାହିଁ ସ୍ପଷ୍ଟ ହୋଇନାହିଁ। ଏଣୁ ଏକ ଅଧିକ ସ୍ଥାୟୀ ଓ ବଡ଼ ଭିତ୍ତିଭୂମି ପ୍ରତିଷ୍ଠା ହେବାର ସମ୍ଭାବନା କମ୍ ରହିଛି, ଯାହା ଅତ୍ୟନ୍ତ ଦୁଃଖଦାୟକ। ୟୁରୋପ ପାଇଁ ଏକ ମିଳିତ ୟୁରୋବଣ୍ଡ୍ ଅଧିକ ଲାଭଦାୟକ ହେବ। ଆର୍ଥିକ ଦୃଷ୍ଟିକୋଣରୁ ୟୁରୋବଣ୍ଡ୍ ନ୍ୟାୟିକ ଭାବେ ମିଳିତ ଋଣ ପ୍ରଦାନ କରି ମହାଦେଶରେ ମିଳିତ ପ୍ରତିରକ୍ଷାକୁ ପାଣ୍ଠି ଯୋଗାଇବ। ଏହା ୟୁରୋକୁ ଏକ ବୈଶ୍ୱିକ ସୁରକ୍ଷିତ ଆସେଟ୍ ହେବାରେ ସାହାଯ୍ୟ କରିବ ଏବଂ ତାହା ପାଇଁ ଏହା ହେଉଛି ପ୍ରକୃଷ୍ଟ ସମୟ। ତେବେ ଟ୍ରମ୍ପଙ୍କ ଅଦ୍ଭୁତ ପଦକ୍ଷେପ ଯୋଗୁ ଏବେ ଡଲାର ବର୍ଦ୍ଧିତ ବଜାର ମୁଦ୍ରା ଭାବେ ସାମ୍ନାକୁ ଆସିବା ଲକ୍ଷ୍ୟ କରାଯାଉଛି। ଏବଂ ନିବେଶକମାନେ ସବୁଠି ବିକଳ୍ପ ସନ୍ଧାନରେ ରହୁଛନ୍ତି। ନିବେଶକଙ୍କ ଦୃଷ୍ଟିକୋଣରୁ, ଇୟୁ ସମର୍ଥିତ ବଣ୍ଡଗୁଡ଼ିକ ସୁରକ୍ଷିତ ହେବ। ସେଗୁଡ଼ିକର ସୁଧ ହାର କମ୍ ରହିବ ଓ ୟୁରୋପକୁ ପ୍ରଚୁର ଅର୍ଥ ସଞ୍ଚୟ କରିବାକୁ ସୁଯୋଗ ଦେବ। ୟୁରୋ ବିଶ୍ୱ ସ୍ତରରେ ମଜଭୁତ ହେବା ସମ୍ଭାବନା ରହିଛି। ଜର୍ମାନୀ ଓ ନେଦରଲାଣ୍ଡ ଭଳି ରପ୍ତାନି କେନ୍ଦ୍ରିକ ଅର୍ଥ ବ୍ୟବସ୍ଥାଗୁଡ଼ିକର ରାଜନେତାଙ୍କୁ ଏହା ଦ୍ୱନ୍ଦ୍ୱରେ ପକାଇଛି। ସେଥିପାଇଁ ଏକ ମଜଭୁତ ୟୁରୋ ଅଧୁରା ରହିଥିବା ବିଶାଳ ଏକକ ବଜାର ଗଠନ କରିବା ଏକ ବାହାନା ହୋଇପାରେ।

ସବୁ ସାମଗ୍ରୀ ଓ ସେବାର ବାଣିଜ୍ୟ ପାଇଁ ଇୟୁ ଏକ ସମ୍ପୂର୍ଣ୍ଣ ଏକୀକୃତ ବଜାର ହେବା ଦରକାର, କିନ୍ତୁ ଏଥିରେ ବାସ୍ତବରେ ବହୁ ବାଧା ରହିଛି। ୟୁରୋପର ବାହ୍ୟ ଦୁର୍ବଳତା ହେଉଛି ତାହାର ଆଭ୍ୟନ୍ତରୀଣ ଦୁର୍ବଳତାର ପରିଣାମ। ମହାଦେଶର ରାଜନେତାମାନେ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି ଏବଂ ସେମାନଙ୍କର ଦୂରଦୃଷ୍ଟିର ଅଭାବ ରହିଛି । ୨୦୧୨ରେ ଜର୍ମାନୀର ପୂର୍ବତନ ଚାନ୍ସେଲର ଆଞ୍ଜେଲା ମର୍କେଲ ଯେତେବେଳେ ପ୍ରତିଜ୍ଞା କରିଥିଲେ ଯେ, ସେ ବଞ୍ଚିଥିବା ଯାଏ ୟୁରୋବଣ୍ଡ ହୋଇପାରିବ ନାହିଁ, ସେତେବେଳେ ତାଙ୍କର ଦୂରଦର୍ଶୀ ନେତୃତ୍ୱର ଅଭାବ ଦେଖାଯାଇଥିଲା। ଏବଂ ନିକଟରେ ଫ୍ରାନ୍ସର ରାଷ୍ଟ୍ରପତି ଏମାନୁଏଲ ମାକ୍ରୋଁ ଇୟୁ ମର୍କେସୋର ବାଣିଜ୍ୟ ଚୁକ୍ତି ବନ୍ଦ କରିବାକୁ ସବୁକିଛି କରି ସେ ଦେଶର କୃଷକମାନଙ୍କୁ ଖୁସି କରିବାକୁ ପ୍ରୟାସ କରିଥିଲେ। ଏମିତିକା ପ୍ରମୁଖ ନେତାମାନଙ୍କଠାରୁ ୟୁରୋପ ଯଦି ଏଭଳି କିଛି ପାଏ, ତେବେ ୟୁରୋପୀୟମାନେ ମହାଦେଶର ଅନ୍ୟ ସବୁ ନେତାଙ୍କଠାରୁ କ'ଣ ବା ଆଶା କରିପାରିବେ? ଗୋଟିଏ ପଟେ ଟ୍ରମ୍ପ ଓ ଅନ୍ୟ ପଟେ ପୁଟିନଙ୍କ ଧମକ ରହିଥିବାବେଳେ ୟୁରୋପୀୟମାନେ ସେମାନଙ୍କ ନେତାଙ୍କଠାରୁ ସକ୍ରିୟ ପ୍ରତିକ୍ରିୟା ପାଇବାର ଆଶା କ୍ଷୀଣ। କେବଳ ବିଶ୍ୱର ଅବଶିଷ୍ଟ ଭଲ ନେତା ବା ବ୍ୟକ୍ତି ଆଗକୁ ଆସିବା ଦରକାର। ଏହାକୁ ସବୁଠି ଗଣତନ୍ତ୍ର ସପକ୍ଷବାଦୀମାନେ ଅପେକ୍ଷା କରି ରହିଛନ୍ତି।

**ପୂର୍ବତନ ଅର୍ଥମନ୍ତ୍ରୀ, ଚିଲି**

## ଏଇ ଭାରତରେ

ଝାଡ଼ଖଣ୍ଡର ବରକୁଲି ଗାଁର ମହିଳା ଜ୍ଞାନଲତା ହେମ୍ବ୍ରମ୍ ଜୈବିକ ପଦ୍ଧତିରେ ଚାଷ କରିବା ସହ ୧୦ ଲକ୍ଷ ଟଙ୍କାର ବିଜ୍‌ନେସ ଚଳାଇବାକୁ ସକ୍ଷମ ହୋଇଛନ୍ତି। ୨୦୨୧ରେ ସେ ପ୍ରଫେଶନାଲ ଆସିଟୋନ୍ସ ଫର୍ ଡେଭଲପ୍‌ମେଣ୍ଟ ଆକ୍ସନ( ପ୍ରଦାନ) ନାମକ ସଂସ୍ଥା ସହଯୋଗରେ ଜୈବିକ ଚାଷ ଆରମ୍ଭ କରିଥିଲେ। ପ୍ରଦାନ ବିଶେଷକରି ମହିଳାଙ୍କ ଜୀବନଜୀବିକାରେ ଉନ୍ନତି ଆଣିବା ପାଇଁ କାମ କରୁଛି। ଏହା ସହଯୋଗ ପାଇବା ପରେ ଜ୍ଞାନଲତା ୬ ଏକର ଜମିରେ ଟମାଟୋ, ବାଇଗଣ, ଲଙ୍କା, କୋବି, କ୍ୟାପ୍‌ସିକମ୍ ଆଦି ଜୈବିକ ପଦ୍ଧତିରେ ଚାଷ କରୁଛନ୍ତି। ପ୍ରଦାନ ଦ୍ୱାରା ପ୍ରତିଷ୍ଠା କରାଯାଉଥିବା ବାୟୋ ରିସୋର୍ସ ସେଣ୍ଟର(ବିଆର୍‌ସି) ସ୍ଥାନୀୟ ମହିଳା ଚାଷୀଙ୍କୁ ସହଯୋଗ କରୁଛି। ତେବେ ଜ୍ଞାନଲତା ନିଜ ଅଞ୍ଚଳରେ ଏହାର ଦାୟିତ୍ୱ ନେବା ପରେ ତାଙ୍କ ଗାଁ ଓ ଆଖପାଖ ଅଞ୍ଚଳର ସ୍ୱୟଂ ସହାୟିକା ଗୋଷ୍ଠୀର ପ୍ରାୟ ୧୨୦୦ ମହିଳାଙ୍କୁ ଏହା ସହ ଯୋଡ଼ି ଜୈବିକ ଚାଷ ପାଇଁ ପ୍ରେରିତ କରୁଛନ୍ତି। ଏହା ମାଧ୍ୟମରେ ମହିଳାଙ୍କ କୃଷି ଉତ୍ପାଦ ବିନା ମଧ୍ୟସ୍ଥରେ ବିକ୍ରି କରାଯିବା ସହ ଜିଆଖତ ପ୍ରସ୍ତୁତ କରାଯାଉଛି। ପ୍ରଥମ ବର୍ଷ ଜ୍ଞାନଲତା ବିଆର୍‌ସି ମାଧ୍ୟମରେ ୬୦,୦୦୦ ଟଙ୍କାର ବିଜ୍‌ନେସ କରିଥିବାବେଳେ ଏବେ ଏହା ୧୦ ଲକ୍ଷ ଟଙ୍କାରେ ପହଞ୍ଚିଗଲାଣି। ଜ୍ଞାନଲତା ଚାଷୀଙ୍କୁ ବିଭିନ୍ନ ପନିପରିବାର ଚାରାଗଛ ଯୋଗାଇ ଦେଉଛନ୍ତି। ଏହା ବ୍ୟତୀତ ଚାଷୀମାନେ କିଭଳି କମ୍ ଖର୍ଚ୍ଚରେ ଚାରାଗଛ ଉତାରିପାରିବେ, ସେଥିରେ ମଧ୍ୟ ସେମାନଙ୍କୁ ସହଯୋଗ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୧୨ ସେପ୍ଟେମ୍ବର ୧୯୭୬

- ଆଦିବାସୀ ଅଞ୍ଚଳରେ ମହୁଚାଷ ପାଇଁ ୪୦.୬୯ ଲକ୍ଷ ଟଙ୍କା ବ୍ୟୟ କରାଯିବା ନେଇ ରାଜ୍ୟ ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ସ୍ଥିର କରିଛି।
- ଇସ୍ପାତ କାରଖାନାର ଯନ୍ତ୍ରପାତି ଉତ୍ପାଦନ ନିମନ୍ତେ ଭାରତ ଗୁରୁଯନ୍ତ୍ରପାତି କର୍ପୋରେଶନ ଓ ସୋଭିଏତ ଭାରି ଇଞ୍ଜିନିୟରିଂ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ।
- ଦେଶରେ ଗୋଦାମଘରର ଅଭାବ ଦୂର କରିବା ପାଇଁ ବିଶ୍ୱବ୍ୟାଙ୍କ ପକ୍ଷରୁ ୧୩୦ କୋଟି ଟଙ୍କାର ସାହାଯ୍ୟ ପ୍ରତିଶ୍ରୁତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 8 | | 5 | |
| | 5 | 6 | | | | 8 | | |
| | | 2 | | 6 | | 7 | | |
| | 4 | | 8 | | 3 | | | |
| 1 | | | 2 | | | | | 7 |
| 3 | | 8 | 9 | 5 | | | | |
| 9 | | | | | | | | |
| 2 | | 3 | 7 | | 4 | | | 5 |
| | | | | | 9 | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 7 | 9 | 5 | 2 | 1 | 6 | 3 | 4 |
| 6 | 2 | 5 | 3 | 4 | 7 | 8 | 9 | 1 |
| 1 | 4 | 3 | 9 | 8 | 6 | 7 | 5 | 2 |
| 4 | 6 | 1 | 7 | 5 | 8 | 3 | 2 | 9 |
| 2 | 3 | 8 | 4 | 6 | 9 | 1 | 7 | 5 |
| 9 | 5 | 7 | 2 | 1 | 3 | 4 | 6 | 8 |
| 7 | 9 | 2 | 8 | 3 | 4 | 5 | 1 | 6 |
| 5 | 1 | 4 | 6 | 7 | 2 | 9 | 8 | 3 |
| 3 | 8 | 6 | 1 | 9 | 5 | 2 | 4 | 7 |

ଗତକାଲିର ଉତ୍ତର



# ସନ୍ଦେହରେ ଗଣତନ୍ତ୍ରର ମୂଳଦୁଆ

ବିଚିତ୍ର ବିଶାଳ

ଆମ ଦେଶର ଗଣତନ୍ତ୍ରର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠିଛି। ପ୍ରଶ୍ନ ଉଠିଛି ଆମ ନିର୍ବାଚନୀ ବ୍ୟବସ୍ଥା ଉପରେ। ନିର୍ବାଚନ କମିଶନ ପ୍ରସ୍ତୁତ କରୁଥିବା ଭୋଟର ତାଲିକା ଉପରେ, ଯାହାର ଆଧାରରେ ଦେଶର ପ୍ରତ୍ୟେକ ନାଗରିକ ଭୋଟଦେବା ପାଇଁ ଯୋଗ୍ୟ ବା ଅଯୋଗ୍ୟ ବିବେଚିତ ହୁଅନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ପ୍ରଶ୍ନ ଦେଶର ବିରୋଧୀ ଦଳ ନେତା ତଥ୍ୟ ପ୍ରମାଣ ସହ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଉଠାଇଛନ୍ତି। ଭୋଟ ଚୋରି ପ୍ରଶ୍ନ ଉତ୍ଥାପନର ଗୋଟେ ସପ୍ତାହ ପରେ ନିର୍ବାଚନ କମିଶନ ସାମ୍ବାଦିକ ସମ୍ମିଳନୀକରି ତା'ର ଉତ୍ତର ରଖିଛନ୍ତି। କିନ୍ତୁ ତାଙ୍କ ଉତ୍ତର ଅନେକଙ୍କୁ ସନ୍ତୁଷ୍ଟ କରିପାରିନାହିଁ ଓ ନିର୍ବାଚନ କମିଶନଙ୍କ ସ୍ୱଚ୍ଛତା ଏବଂ ନିରପେକ୍ଷତାକୁ ସନ୍ଦେହ ଘେରକୁ ଟାଣିନେଉଛି। ଏପରିକି ନିର୍ବାଚନ କମିଶନ ଅନେକ ପ୍ରଶ୍ନର ଉତ୍ତର ନ ଦେଇ ଏଡ଼ାଇଯାଇଛନ୍ତି ଓ ଅଭିଯୋଗ କରିଥିବା ଅଭିଯୋଗକାରୀଙ୍କୁ ସତ୍ୟପାଠ ଦେବା ପାଇଁ ଆହ୍ୱାନ ଦେଇଛନ୍ତି। ଏତିକି ହିଁ ଯଥେଷ୍ଟ ମନେହୁଏ, ନିର୍ବାଚନ କମିଶନ ପରି ଗୋଟେ ସ୍ୱତନ୍ତ୍ର ଅନୁଷ୍ଠାନର ନୈତିକ ଦୁର୍ବଳତାକୁ ବୁଝିବା ପାଇଁ। ପୂରା ପ୍ରକରଣରେ ନିର୍ବାଚନ କମିଶନଙ୍କ ପୂର୍ବରୁ ଶାସକ ଦଳ ନେତାମାନେ କୁଦିପଡ଼ି ସାମ୍ନାକୁ ଆସି ନିର୍ବାଚନ କମିଶନଙ୍କ ଢାଲ ସାଜିଛନ୍ତି।

ଏବେ ବିହାରରେ ଏସ୍‌ଆଇଆର୍(ସ୍ପେଶିଆଲ ଇଣ୍ଟେନ୍‌ସିଭ ରିଭିଜନ)ଚାଲିଛି। ବିହାର ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ଭୋଟର ତାଲିକାକୁ ତନ୍ନତନ୍ନକରି ସମୀକ୍ଷା କରିବା ଏହାର ଲକ୍ଷ୍ୟ ହୋଇଥିବା ବେଳେ ଏସ୍‌ଆଇଆର୍‌ର ପ୍ରଥମ ପର୍ଯ୍ୟାୟ ପରେ ବିରୋଧୀ ଦଳ ଓ ବୁଦ୍ଧିଜୀବୀମାନେ ଏହାକୁ ସୁପ୍ରିମକୋର୍ଟଙ୍କ ଦୁଆରକୁଟାଣି ନେଇଛନ୍ତି। ଏସ୍‌ଆଇଆର୍‌ରେ ୬୫ ଲକ୍ଷ ଭୋଟରଙ୍କ ନାମ ଭୋଟର ତାଲିକାରୁ କଟାଯାଇଛି। ଏହାକୁ ଚ୍ୟାଲେଞ୍ଜକରି ଜଣେ ଅଭିଯୋଗକାରୀ ଯୋଗେନ୍ଦ୍ର ଯାଦବ, ମୃତ ଘୋଷଣା କରି ନାମ କଟାଯାଇଥିବା ୩ ଜଣ ଭୋଟରଙ୍କୁ ଆଣି ସୁପ୍ରିମକୋର୍ଟରେ ବିଚାରପତିଙ୍କ ଆଗରେ ଠିଆ କରିଥିଲେ। ଏସବୁ ଘଟଣା ପୁନଶ୍ଚ ନିର୍ବାଚନ କମିଶନଙ୍କ ସ୍ୱଚ୍ଛ ଭୂମିକାକୁ ଧୂଆଁଳିଆ କରୁଛି।

ରାଜନୈତିକ ଦଳ ପ୍ରେମରୁ ଊର୍ଦ୍ଧ୍ୱକୁ ଉଠି ନିରପେକ୍ଷ ଭାବେ ଆମ ଗଣତନ୍ତ୍ରର ସ୍ୱଚ୍ଛତା କଥା ଚିନ୍ତାକଲେ, ଏପରି ଅଭିଯୋଗ ଓ ପ୍ରତ୍ୟାଭିଯୋଗ ଦେଶର ନାଗରିକ ଭାବେ ଆମ ପାଇଁ ଏକ ନିରାଶାର ବାତାବରଣ ସୃଷ୍ଟିକରୁଛି। ଗଣତନ୍ତ୍ରର ମୂଳଦୁଆ ଦୁର୍ବଳ ହେଲେ ଏହା ସମଗ୍ର ଦେଶକୁ ବିପତ୍ତି ଦିଗରେ ବୋହିନେବ। ଯଦି ସତରେ ଭୋଟର ତାଲିକାକୁ ଉଦ୍ଦେଶ୍ୟମୂଳକ ଭାବେ ଯୋଡ଼େଇ ବା ଛଟେଇ କରାଯାଉଛି (ପ୍ରମାଣ ସହ ଯେପରି ଅଭିଯୋଗମାନ ଆସୁଛି) ତେବେ ଏହା ଦେଶ ସହ ଧୋକାବାଜି। ଏପରି କ୍ଷେତ୍ରରେ ଶାସକ ଓ ବିରୋଧୀ ଦଳର ନେତାମାନେ ଯାହା ବି କରନ୍ତୁ, କିନ୍ତୁ ନିର୍ବାଚନ କମିଶନ ନିଜ ସ୍ୱଚ୍ଛତା ପ୍ରଦର୍ଶନ କରିବାର ଆବଶ୍ୟକତା ରହିଛି।

ଆମ ଚାରିପଟେ ଏକାଧିକ ଦେଶରେ ମୃତ ଗଣତନ୍ତ୍ର ଓ ସ୍ୱେଚ୍ଛାଚାରୀ ଶାସନକୁ ଆମେ ଦେଖୁଛନ୍ତି ଏବଂ ସେଠାରେ ସାଧାରଣ ଲୋକଙ୍କର ଦୈନ୍ୟ ପରିସ୍ଥିତିକୁ ଅନ୍ଦେ ବହୁତେ ବୁଝୁଛନ୍ତି। ଟିକେ




ଚିନ୍ତା କରନ୍ତୁ – ଯଦି ଏବେର ସରକାର ସମ୍ବିଧାନ ପରିବର୍ତ୍ତନକରି ନିୟମ କରିଦେବେ, ଆସନ୍ତା ସବୁ ସମୟ ପାଇଁ ଦେଶରେ ବର୍ତ୍ତମାନର ଶାସକ ଦଳ ହିଁ ଶାସନ କରିବେ, ତେବେ କ'ଣ ହେବ! ଆମେମାନେ କ'ଣ ଏଥିରେ ରାଜିହୋଇ ଏପରି ହେବାକୁ ଛାଡ଼ି ଦେଇପାରିବା! ନିଶ୍ଚିତ ଭାବେ ଏହାର ଉତ୍ତର ହେବ 'ନା'। କିନ୍ତୁ ଏବେ ସମୟ ବଦଳିଛି। ଚିରକାଳ କ୍ଷମତାରେ ରହିବା ପାଇଁ ଆଉ ଖଣ୍ଡା, ଭୁଜାଲି, ଗୁଳି, ବନ୍ଧୁକ ଲୋଡ଼ା ନାହିଁ। ଏପରି ରଣକୌଶଳ ବି ପୁରୁଣା ହୋଇଗଲାଣି। ଏହା ପ୍ରଯୁକ୍ତି ଓ ଡାଟାର ଯୁଗ। କମ୍ପ୍ୟୁଟର ସାମ୍ନାରେ ବସି ଆମ ମୁଣ୍ଡକୁ ନିୟନ୍ତ୍ରଣ କରିବା ପାଇଁ ଘମାଘୋଟ ପ୍ରୟାସ ଚାଲୁଛି। ଏବେ ଗୁରୁତ୍ୱପୂର୍ଣ୍ଣ ସ୍ୱାଧୀନ ଅନୁଷ୍ଠାନଗୁଡ଼ିକୁ ବ୍ୟବହାରକରି କ୍ଷମତାକୁ ନିରଙ୍କୁଶ କରିବା ପାଇଁ ଯେପରି ଭାବେ ବିରୋଧୀ ସ୍ୱରକୁ ଦବେଇବାକୁ ଚେଷ୍ଟା କରାଯାଉଛି, ଏହା ସ୍ୱେଚ୍ଛାଚାରିତାର ମୃଦୁ ପଦପାତ ଓ ଗଣତନ୍ତ୍ରର ଦୁର୍ବଳୀକରଣ ପ୍ରକ୍ରିୟା ବୋଲି ବୁଝିବାକୁ ହେବ। ଏହି ଧାରାରେ କେହି ଯଦି ନିର୍ବାଚନ କମିଶନଙ୍କୁ ନିୟନ୍ତ୍ରଣକୁ ନେଇ ନିର୍ବାଚନମଣ୍ଡଳୀ ଅନୁଯାୟୀ ହିସାବ ନିକାଶକରି କେବଳ ସମର୍ଥିତ ଭୋଟରମାନଙ୍କୁ ଲିଷ୍ଟରେ ଯୋଡ଼ିବ ଓ ବିରୋଧୀମାନଙ୍କୁ ଲିଷ୍ଟରୁ କାଟିବାରେ ସଫଳ ହେବ, ତେବେ ସେହି ଦଳ ନିରଙ୍କୁଶ ଭାବେ ନିଜ ପାଖରେ କ୍ଷମତା ରଖିବାରେ ସଫଳ ହେବ। ତେଣୁ ଏପରି ପରିସ୍ଥିତିରେ ରାଜନୀତି ଓ ନିଜ ପସନ୍ଦ ନାପସନ୍ଦରୁ ଊର୍ଦ୍ଧ୍ୱକୁ ଉଠି ନିର୍ବାଚନ କମିଶନଙ୍କୁ ଅନେକ ଦୃଢ଼ ପଦକ୍ଷେପ ନେଇ ନିର୍ବାଚନ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବାକୁ ହେବ। ତା'ହେଲେ ହିଁ ନିର୍ବାଚନ କମିଶନ ନିଜ ଗାରିମାର ପ୍ରତିଷ୍ଠା କରିପାରିବେ ଓ ଲୋକଙ୍କ ବିଶ୍ୱାସଭାଜନ ହୋଇପାରିବେ।

ପ୍ରଥମେ ତ ନିର୍ବାଚନ କମିଶନ କମ୍ପ୍ୟୁଟରୀକୃତ ମେଶିନ ପଠନୀୟ ଫର୍ମାଟରେ(ମେଶିନ ରିଡେବୁଲ) ଭୋଟର ଲିଷ୍ଟକୁ ସର୍ବସାଧାରଣଙ୍କ ପାଇଁ ଉପଲବ୍ଧ କରିବା ଆବଶ୍ୟକ। ଏହା ଦ୍ୱାରା କିଛି ବି କାହାକୁ ଅଛପା ରହିବ ନାହିଁ। ମୁକ୍ତ ତଥ୍ୟ ଓ ସୂଚନା ଗଣତନ୍ତ୍ରର ବିଭବ। ଯାହାର ନାମ ଭୋଟର ଲିଷ୍ଟରୁ କଟାଯାଉଛି, ତା'ର ସ୍ପଷ୍ଟ କାରଣ ଉଲ୍ଲେଖ ହେଉ ଓ ଏହା ସର୍ବସାଧାରଣରେ ଉପଲବ୍ଧ ହେଉ। ଏଥିସହ ଭୋଟ କେନ୍ଦ୍ର ବାହାରର ସିସି ଟିଭି ରେକର୍ଡିଂ ସଂରକ୍ଷିତକରି ରଖାଯାଉ ଓ ଅନୁରୋଧକାରୀଙ୍କୁ ଦେବା ପାଇଁ ନିର୍ବାଚନ କମିଶନ ପଛଘୁଞ୍ଚା ଦିଅନ୍ତୁ ନାହିଁ। ଫର୍ମ ୧୭– ସି'କୁ ଅନ୍ତତଃ ପକ୍ଷେ ବୁଥ୍ ସ୍ତରରେ ସାର୍ବଜନୀନ କରାଯାଉ। ଫଳରେ ଲୋକମାନେ ଜାଣିପାରିବେ ସେମାନଙ୍କ ବୁଥ୍‌ରେ ସମୁଦାୟ କେତେ ଭୋଟ ପଡ଼ିଲା। ଏମିତି ହେଲେ ପରବର୍ତ୍ତୀ ସମୟରେ ସମୁଦାୟ ଭୋଟ ସଂଖ୍ୟାରେ ନକଲି ଭୋଟ ଯୋଡ଼ିହେବ ନାହିଁ କି ବୈଧ ଭୋଟ କାଟିହେବ ନାହିଁ। ଫର୍ମ – ୬ ମାଧ୍ୟମରେ ଯେଉଁ ନୂଆ ଭୋଟର ଯୋଡ଼ିହେଲେ ତାହାର ସୂଚନା ବୁଥ୍ ସ୍ତରରେ ଲୋକଙ୍କ ପାଇଁ ଉପଲବ୍ଧ ହେଉ। ସମସ୍ତେ ଜାଣିବେ କେଉଁ ନୂଆ ଭୋଟର ଲିଷ୍ଟରେ ଯୋଡ଼ି ହେଲେ ଓ ଏହା ବୈଧ କି ଅବୈଧ। ପ୍ରକ୍ରିୟା ଯେତେ ଯେତେ ମୁକ୍ତ, ସ୍ପଷ୍ଟ ଓ ଲୋକଙ୍କ ପାଇଁ ଉପଲବ୍ଧ ହେବ, ସନ୍ଦେହ ସେତେ କମ୍ ହେବ। ଏହା ଗଣତନ୍ତ୍ରର ଭାବନାକୁ ଦୃଢ଼କରିବ ଓ ଦେଶ ଶକ୍ତିଶାଳୀ ହେବ। ସମସ୍ତ ତଥ୍ୟ ସାର୍ବଜନୀନ ହେଲେ ଓ ମେଶିନ ପଠନୀୟ ଫର୍ମାଟ୍‌ରେ ଉପଲବ୍ଧ ହେଲେ ସାଧାରଣ ନାଗରିକମାନେ ତା'ର ସମୀକ୍ଷା କରିପାରିବେ ଓ କୌଣସି ତ୍ରୁଟିକୁ ଉଜାଗରକରି ସଂଶୋଧନ ପାଇଁ ଦାବି କରିପାରିବେ। ଆମ ଗଣତନ୍ତ୍ରକୁ ସ୍ୱଚ୍ଛ ତଥା ସମୃଦ୍ଧ କରିବା ଓ ସେଥିରେ ଜନଭାଗୀଦାରିକୁ ନିଶ୍ଚିତ କରିବା ହିଁ ଅସଲ ସ୍ୱାଧୀନତା। ଏହାକୁ କେବଳ ରାଜନୈତିକ ଦଳଙ୍କ ହାତରେ କି କୌଣସି ଅନୁଷ୍ଠାନ ହାତରେ ଏକପାଖିଆ ଭାବେ ଛାଡ଼ିଦେଲେ ଚଳିବ ନାହିଁ।

**ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର**
**ମୋ: ୯୪୩୮୪୬୮୪୭୪**

# ଦାୟିତ୍ୱ ନିର୍ବାହର ଦାୟବଦ୍ଧତା



ଯଦୁମଣି ପାଣିଗ୍ରାହୀ

ଆମମାନଙ୍କର ବ୍ୟକ୍ତିଗତ, ପାରିବାରିକ ଜୀବନ ହେଉ କି ସାମାଜିକ ଜୀବନ ହେଉ ଆମର କିଛି ନା କିଛି ଦାୟିତ୍ୱ ନିଶ୍ଚିତ ରହିଛି। ସେହିସବୁ ଦାୟିତ୍ୱଗୁଡିକୁ ଠିକ୍ ଭାବେ ନିର୍ବାହ କରିବା ହେଉଛି ପ୍ରତ୍ୟେକ ବ୍ୟକ୍ତିଙ୍କର କର୍ତ୍ତବ୍ୟ। ତେବେ ଆମେ ଯେତେବେଳେ ଏହା ନିର୍ବାହ କରିବାରେ ବିଫଳ ହୁଅନ୍ତି ସେତେବେଳେ ବ୍ୟକ୍ତିଗତ, ପାରିବାରିକ ଓ ସାମାଜିକ କ୍ଷେତ୍ର ପ୍ରଭାବିତ ହେବା ସହିତ ନାନାଦି ବିଭ୍ରାଟ ସୃଷ୍ଟି ହେବା ସ୍ୱାଭାବିକ କଥା। ବ୍ୟକ୍ତିଗତ ଜୀବନରେ ଆମେ ଆମ ପରିବେଶକୁ ସଫାସୁତରା ରଖିବା, ରାସ୍ତାର ନିୟମକୁ ମାନି ଚଳିବା, ରୋଗବ୍ୟାଧି, ମହାମାରୀ ଓ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ବେଳେ ସରକାରୀ ନିର୍ଦ୍ଦେଶକୁ ପାଳନ କରିବା ସର୍ବୋପରି ସମାଜରେ ଅକ୍ଷମ, ଅସମର୍ଥ ଓ ଅବହେଳିତଙ୍କ ପ୍ରତି ସହଯୋଗର ହାତ ବଢ଼ାଇବା ଆଦି ନେଇ ରହିଥିବା ଆମ ଦାୟିତ୍ୱକୁ ଅତ୍ୟନ୍ତ ନିଷ୍ଠା ଓ ଆନ୍ତରିକତାର ସହ ନିର୍ବାହ କରିବାର ଆବଶ୍ୟକତା ରହିଛି। ପାରିବାରିକ ଜୀବନରେ ଆମେ ମାତାପିତା ଓ ଅଭିଭାବକ ଭାବରେ ଆମ ପିଲାମାନଙ୍କର ଲାଳନପାଳନ କରିବା ସହିତ ସେମାନଙ୍କୁ ଉପଯୁକ୍ତ ଶିକ୍ଷା ଓ ସଂସ୍କାର ପ୍ରଦାନ କରି ସ୍ୱାବଲମ୍ବୀ ଓ ସମାଜ ଉପଯୋଗୀ କରି ଗଢ଼ିବାର ଦାୟିତ୍ୱ ଆମ ଉପରେ। ଆଗାମୀ ଭବିଷ୍ୟତରେ ପିଲାମାନେ ଯେପରି ଏକ ନୀତିନିଷ୍ଠ ଓ ମୂଲ୍ୟବୋଧଭିତ୍ତିକ ପାରିବାରିକ ଓ ସାମାଜିକ ଜୀବନ ନିର୍ବାହ କରିବେ ସେଥିପ୍ରତି ମଧ୍ୟ ଆମେ ପୂର୍ଣ୍ଣ ସଚେତନ ରହିବା ଆବଶ୍ୟକ। ପରିବାର ଭିତରେ ସମସ୍ତେ ଯେପରି ସମ୍ମାନ ଓ ସ୍ୱାଭିମାନର ସହିତ ବଞ୍ଚିପାରିବେ ସର୍ବୋପରି ସୁସ୍ଥ ଓ ଶୃଙ୍ଖଳିତ ଜୀବନଯାପନ କରିବେ ସେଥିପ୍ରତି ଆମେ ସମସ୍ତେ ସଚେତନ ଓ ଯତ୍ନବାନ୍ ହେବା ଉଚିତ। ଆମେ ଯେତେବେଳେ ଆମ ଦାୟିତ୍ୱ ପାଳନ କରିବାରେ ତ୍ରୁଟି କରିବା ସେତେବେଳେ ପାରିବାରିକ ଜୀବନରେ ଅଶାନ୍ତି ଓ ବିଶୃଙ୍ଖଳା ସୃଷ୍ଟି ହେବା ନିଶ୍ଚିତ। ଆଜି ଅନେକ ମାତାପିତା ଓ ଅଭିଭାବକ ସେମାନଙ୍କ ଦାୟିତ୍ୱ ପାଳନରେ ଅବହେଳା କରିବା କାରଣରୁ ସେମାନଙ୍କ ପିଲାମାନେ ମଣିଷରୁ ଅମଣିଷ ପାଲଟି ଯାଉଛନ୍ତି। ସେମାନେ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହି ନିଜ ପ୍ରତି ଓ ପରିବାର ପ୍ରତି ବିପଦ ସୃଷ୍ଟି କରୁଛନ୍ତି। ନିନ୍ଦା ଓ ଅପବାଦ ବି ଅର୍ଜନ କରୁଛନ୍ତି। ସେହିପରି ପରିବାରର ମାତାପିତା, ବରିଷ୍ଠ ଓ ଗୁରୁଜନଙ୍କ ଦାୟିତ୍ୱ ବହନ କରିବାକୁ ଆଜି ଅଧିକାଂଶ ପିଲା ଆଗ୍ରହ ପ୍ରକାଶ କରୁ ନ ଥିବାରୁ ସେମାନେ ଦୁଃଖକଷ୍ଟରେ କାଳାତିପାତ କରୁଛନ୍ତି ଅଥବା କେଉଁ ବୃଦ୍ଧାଶ୍ରମରେ ଯାଇ ଅବଶିଷ୍ଟ ଜୀବନ ଅତିବାହିତ କରିବାକୁ ବାଧ୍ୟ ହେଉଛନ୍ତି।

ବ୍ୟକ୍ତିଗତ ଜୀବନଠାରୁ ଆରମ୍ଭ କରି ସାମାଜିକ ଜୀବନରେ ଆମେ ଯିଏ ଯେଉଁଠି ଓ ଯେଉଁ କ୍ଷେତ୍ରରେ ନିୟୋଜିତ ଅଛନ୍ତି ସେ ଦାୟିତ୍ୱକୁ ଆମେମାନେ ଠିକ୍ ଭାବେ ନିର୍ବାହ କରୁଛନ୍ତି କି ନାହିଁ ସେ ପ୍ରଶ୍ନ ପ୍ରଥମେ ନିଜେ ନିଜକୁ ପଚାରିବାର ଆବଶ୍ୟକତା ରହିଛି। ଶିକ୍ଷାଦାନରେ ନିୟୋଜିତ ଶିକ୍ଷକଟିଏ ହୁଅନ୍ତୁ ଅଥବା ଉଚ୍ଚପଦସ୍ଥ ପ୍ରଶାସନିକ ଅଧିକାରୀଟିଏ ହୁଅନ୍ତୁ ସେମାନଙ୍କ ଉପରେ ଯେଉଁ ଗୁରୁଦାୟିତ୍ୱ ରହିଛି ତାହାକୁ ସେମାନେ ଅତ୍ୟନ୍ତ ନିଷ୍ଠା ଓ ଦକ୍ଷତାର ସହ ଅନୁପାଳନ କରିବା ଉଚିତ। ଉତ୍ତମ ଶିକ୍ଷାଦାନ କରି ଉନ୍ନତ ମାନବ ସମ୍ବଳ ସୃଷ୍ଟି କରିବା ଯେମିତି ଜଣେ ଶିକ୍ଷକଙ୍କ ଦାୟିତ୍ୱ ଠିକ୍ ସେମିତି ଲୋକଙ୍କ ସମସ୍ୟା ସମାଧାନ ଦିଗରେ ଉତ୍ତମ ସେବା ପ୍ରଦାନ କରିବା ହେଉଛି ଜଣେ ପ୍ରଶାସନିକ ଅଧିକାରୀଙ୍କ ଦାୟିତ୍ୱ । ସମାଜରେ ସମସ୍ତେ ସୁସ୍ଥ ଓ ସୁରକ୍ଷିତ ରହିବା ଅତ୍ୟନ୍ତ ଜରୁରୀ ବିଷୟ । ସେହି କାରଣରୁ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇ ଦେଉଥିବା ଡାକ୍ତର, ଆଇନ ଶୃଙ୍ଖଳା ରକ୍ଷା ଦାୟିତ୍ୱରେ ଥିବା ପୋଲିସ ବାବୁମାନେ ସେମାନଙ୍କ ଦାୟିତ୍ୱ ସୁଚାରୁ ରୂପେ ଅନୁପାଳନ କରିବା ଅତ୍ୟନ୍ତ ଆବଶ୍ୟକ। ଲୋକଙ୍କୁ ବିଭିନ୍ନ ସେବା ଯୋଗାଇ ଦେବାକୁ ଏବଂ ସରକାରୀ ଯୋଜନାଗୁଡିକୁ କାର୍ଯ୍ୟକାରୀ କରାଇବାକୁ ନିୟୋଜିତ ଅଧିକାରୀ/କର୍ମଚାରୀମାନେ ସେମାନଙ୍କ ଦାୟିତ୍ୱକୁ ଠିକ୍ ଭାବେ ପାଳନ କରୁ ନ ଥିବା ନେଇ ଅନେକ ସମୟରେ ଅଭିଯୋଗ ହୋଇଥାଏ । ଦୁର୍ଘଟଣା ହ୍ରାସ ଓ ବୃକ୍ଷରୋପଣ ଆଦି ନେଇ ଲୋକଙ୍କୁ ସଚେତନ କରାଇବା ଦିଗରେ ସରକାରୀବାବୁମାନେ ଯେଭଳି ତତ୍ପର ଓ ଦାୟିତ୍ୱବାନ୍ ହେବା କଥା ତାହା ହୋଇ ନ ଥାନ୍ତି । ସାଧାରଣ ଲୋକେ ଏହାର କୁପରିଣାମ ହିଁ ଭୋଗ କରିଥାନ୍ତି। ଏକଥା ସତ ଯେ, ଦାୟିତ୍ୱ ନିର୍ବାହର ଦାୟବଦ୍ଧତା ଆମ ଭିତରେ ରହିପାରିଲେ ପଛକୁ ଆମକୁ ଦୋଷ ଦେବାକୁ କେହି ନ ଥିବେ।

**ଶଂଖିଡା, ତିହିଡ଼ି, ଭଦ୍ରକ,**
**ମୋ:୯୯୩୭୫୬୫୫୨୭**

## ଚିରନ୍ତନୀ

ବସି ତହିଁ
ଉଦାସ ବେଦନା ବହି
ଚକ୍ରବାକ ନିର୍ବାକ ଦମ୍ପତି
ଭାଳେ ହରାଇବ ଅବା କି ସ୍ୱର୍ଗ-ସମ୍ପତ୍ତି ।
-(ଚକ୍ରବାକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଆପତ୍ତିଜନକ ଟିପ୍ପଣୀ ନିନ୍ଦନୀୟ

ମହାଶୟ,

ପ୍ରଧାନମନ୍ତ୍ରୀ ମୋଦିଙ୍କ ମା'ଙ୍କ ପ୍ରତି ବିରୋଧୀ ଦଳମାନେ ଆପତ୍ତିଜନକ ଟିପ୍ପଣୀ ଦେଇ ସମାଲୋଚନା କରିବା ସାମ୍ବିଧାନିକ ଧାରା ଅନୁସାରେ ବାକ୍‌ସ୍ୱାଧୀନତାର ମୌଳିକ ଅଧିକାର ନୁହେଁ। ଆଇନତଃ, ଏହା ଏକ ନିନ୍ଦନୀୟ ଓ ଅକ୍ଷମଣୀୟ ରାଜନୈତିକ ଅପରାଧ ବୋଲି ବିବେଚନା କରାଯିବା ଦରକାର। ବିରୋଧୀମାନେ ନିର୍ବାଚନ ପ୍ରଚାର କଲାବେଳେ କାହାର ସମ୍ମାନ ହାନି କରିବା ଭଳି ମନ୍ତବ୍ୟ ଦେବାରୁ ଦୂରେଇ ରହିବା ଆବଶ୍ୟକ। ଶାସକ ଦଳର ପ୍ରଶାସନିକ କ୍ଷମତାର ଅପବ୍ୟବହାର, ଦୁର୍ନୀତି ଏବଂ ଶାସନ ପଦ୍ଧତିକୁ ସମାଲୋଚନା କରିବା ଯଦିଓ ବିରୋଧୀ ଦଳର କର୍ତ୍ତବ୍ୟ, ତଥାପି ସମାଲୋଚନା ସବୁ ଯୁକ୍ତି ସଙ୍ଗତ ଓ ଗଠନମୂଳକ ହେବା ଆବଶ୍ୟକ। ପ୍ରତ୍ୟେକ ବିରୋଧୀ ଦଳ ସଦସ୍ୟମାନେ ହିଁ ନିର୍ବାଚିତ ଜନ ପ୍ରତିନିଧି ଓ ଶାସନର ଜାଗ୍ରତ ପ୍ରହରୀ ରୂପେ ଦେଶର ବିକାଶ ଓ ସମ୍ମାନ ବୃଦ୍ଧି ପ୍ରତି ଧ୍ୟାନଶୀଳ ହେବା ଉଚିତ।

**–ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଅନ୍‌ଲାଇନରେ ନୋଟାରି, ଆଇନଜୀବୀଙ୍କ ପ୍ରସ୍ତୁତ ହେବ ଡାଟାବେସ୍

ଭୁବନେଶ୍ୱର,୧୧।୯(ସୁନିତ୍ ମିଶ୍ର)

ରାଜ୍ୟରେ ଆଇନ ପ୍ରକ୍ରିୟାକୁ ସହଜ ଓ ସରଳ କରିବା ଦିଗରେ ନୋଟାରି ଓ ଆଇନଜୀବୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି କ୍ରମରେ ନୂତନ ନୋଟାରି ନିଯୁକ୍ତି ଏବଂ ଅନ୍‌ଲାଇନ ଯୋଗେ ନୋଟାରି ଓ ଆଇନଜୀବୀଙ୍କ ଡାଟାବେସ୍ ପ୍ରସ୍ତୁତ ନେଇ ଗୁରୁବାର ଆଇନ ବିଭାଗ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନୋଟାରି ଓ ଆଇନଜୀବୀଙ୍କ ଲାଗି ଏକ ସ୍ୱତନ୍ତ୍ର ୱେବ୍ ପୋର୍ଟାଲ ବିଷୟରେ ଆଲୋଚନା ହୋଇଛି। ଏହି ୱେବ୍ ପୋର୍ଟାଲ ଜରିଆରେ ସବୁ ନୋଟାରି ଓ ଆଇନଜୀବୀଙ୍କୁ ପଞ୍ଜୀକୃତ କରାଯିବ। ନୂଆ ନିଯୁକ୍ତି ଲାଗି ମଧ୍ୟ ନୋଟାରିମାନେ ଏହି ପୋର୍ଟାଲ ଜରିଆରେ ଦରଖାସ୍ତ କରିପାରିବେ। ପରବର୍ତ୍ତୀ ସମୟରେ ନୋଟାରିମାନେ ନିୟମିତ ନିଜ କାର୍ଯ୍ୟର ବିବରଣୀ ଏହି ପୋର୍ଟାଲ ଜରିଆରେ ଦାଖଲ କରିବା ନେଇ ବୈଠକରେ ଆଲୋଚନା ହୋଇଛି। ଏଥିସହ ସହଜ ବ୍ୟବହାର ଲାଗି ଏକ ମୋବାଇଲ ଆପ୍ ପ୍ରସ୍ତୁତ ପାଇଁ ମନ୍ତ୍ରୀ ହରିଚନ୍ଦନ ପରାମର୍ଶ ଦେଇଛନ୍ତି। ବୈଠକରେ ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ମାନସ ରଞ୍ଜନ ବାରିକ, ଅତିରିକ୍ତ ଶାସନ ସଚିବ ଶିବପ୍ରସାଦ ମହାପାତ୍ର, ଅରୁଣ କୁମାର ସାହୁ ଏବଂ ଯୁଗ୍ମ ଶାସନ ସଚିବ ଅଂଶୁମାନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ମିଜୋରାମକୁ ରେଳ ସଂଯୋଗ



■ ଅଶ୍ୱିନୀ ବୈଷ୍ଣବ

ଦୀର୍ଘଦିନ ଧରି ଉତ୍ତର-ପୂର୍ବାଞ୍ଚଳକୁ ଏକ ଦୂର ସୀମାନ୍ତ ଭାବେ ବିବେଚନା କରାଯାଉଥିଲା, କାରଣ ସେହି ଅଞ୍ଚଳ ବିକାଶ ପାଇଁ ଅପେକ୍ଷାରତ ଥିଲା। ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ରହୁଥିବା ଆମର ଭାଇଭଉଣୀମାନେ ପ୍ରଗତି ପାଇଁ ଆକାଂକ୍ଷା ବହନ କରୁଥିଲେ, କିନ୍ତୁ ଆବଶ୍ୟକ ଭିତ୍ତିଭୂମି ଓ ସୁଯୋଗ ସେମାନଙ୍କ ନିକଟକୁ ପହଞ୍ଚି ପାରି ନ ଥିଲା।

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଯେତେବେଳେ ପୂର୍ବାଞ୍ଚଳରେ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ କଲେ ସେତେବେଳେ ପରିବର୍ତ୍ତନ ଘଟିବା ଆରମ୍ଭ ହେଲା। ଦୂର ସୀମାନ୍ତରୁ ଉତ୍ତର-ପୂର୍ବାଞ୍ଚଳ ଏବେ ଏକ ଅଗ୍ରଣୀ କ୍ଷେତ୍ର ଭାବରେ ସ୍ୱୀକୃତି ପାଇଛି।

## ଶାନ୍ତି, ପ୍ରଗତି ଏବଂ ସମୃଦ୍ଧି

ଏହି ପରିବର୍ତ୍ତନ ରେଳବାଇ, ବିମାନ ବନ୍ଦର ଏବଂ ଡିଜିଟାଲ ସଂଯୋଗୀକରଣ କ୍ଷେତ୍ରରେ ରେକର୍ଡ ପରିମାଣର ପୁଞ୍ଜି ନିବେଶ ମାଧ୍ୟମରେ ସମ୍ଭବ ହୋଇପାରିଛି। ସ୍ୱାକ୍ଷରିତ ଶାନ୍ତି ଚୁକ୍ତି ସେଠାରେ ସ୍ଥିରତା ଆଣୁଛି। ଲୋକମାନେ ସରକାରୀ ଯୋଜନାରୁ ଆଶାନୁରୂପ ଭାବରେ ଉପକୃତ ହୋଇପାରୁଛନ୍ତି।

ସ୍ୱାଧୀନତା ପରେ ପ୍ରଥମ ଥର ପାଇଁ ଉତ୍ତର-ପୂର୍ବ ଅଞ୍ଚଳକୁ ଭାରତର ବିକାଶ କାହାଣୀର କେନ୍ଦ୍ର ଭାବରେ ଦେଖାଯାଉଛି। ଉଦାହରଣ ସ୍ୱରୂପ, ରେଳବାଇରେ ପୁଞ୍ଜିନିବେଶ ଉଦାହରଣକୁ ବିଚାର କରନ୍ତୁ। ୨୦୦୯-୧୪ ତୁଳନାରେ ଏହି କ୍ଷେତ୍ର ପାଇଁ ରେଳ ବଜେଟ ଆବଣ୍ଟନ ପାଞ୍ଚ ଗୁଣ ବୃଦ୍ଧି ପାଇଛି। କେବଳ ଚଳିତ ଆର୍ଥିକ ବର୍ଷରେ ୧୦,୪୪୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ୨୦୧୪ରୁ ୨୦୨୫ ପର୍ଯ୍ୟନ୍ତ ମୋଟ ବଜେଟ ଆବଣ୍ଟନ ୬୨,୪୭୭ କୋଟି ଟଙ୍କା ଛୁଇଁଛି। ଆଜି ୭୭,୦୦୦ କୋଟି ଟଙ୍କାର ରେଳ ପ୍ରକଳ୍ପ ସେଠାରେ କାର୍ଯ୍ୟକାରୀ ହେଉଛି। ପୂର୍ବରୁ ଉତ୍ତର-ପୂର୍ବରେ ଏତେ ରେକର୍ଡ ପରିମାଣର ନିବେଶ କେବେ ସୁଦ୍ଧା ହୋଇ ନ ଥିଲା।

## ମିଜୋରାମରେ ପ୍ରଥମ

ମିଜୋରାମ ଏହି ଅଭିବୃଦ୍ଧି କାହାଣୀର ଏକ ବିଶେଷ ଅଂଶ। ରାଜ୍ୟ ଏହାର ସମୃଦ୍ଧ ସଂସ୍କୃତି, କ୍ରୀଡ଼ା ପ୍ରତି ଶ୍ରଦ୍ଧା ଏବଂ ମନଲୋଭା ସୁନ୍ଦର ପାହାଡ଼ ପାଇଁ ଜଣାଶୁଣା। ତଥାପି ଦଶନ୍ଧି ଦଶନ୍ଧି ଧରି ଏହା ସଂଯୋଗୀକରଣର ମୁଖ୍ୟଧାରାଠାରୁ ଦୂରରେ ରହିଆସିଥିଲା। ସଡ଼କ ଏବଂ ବିମାନ ସଂଯୋଗ ସୀମିତ ଥିଲା। ରେଳପଥ ମଧ୍ୟ ରାଜଧାନୀ ପର୍ଯ୍ୟନ୍ତ ପହଞ୍ଚିପାରି ନ ଥିଲା। ଲୋକମାନଙ୍କର ଆଶା ଓ ଆକାଂକ୍ଷା ଜୀବନ୍ତ ଥିଲା, କିନ୍ତୁ ବିକାଶର ଚିହ୍ନ ସତେଯେପରି କେଉଁଆଡ଼େ ହଜି ଯାଇଥିଲା। ଆଜି ପରିସ୍ଥିତି ସମ୍ପୂର୍ଣ୍ଣ ପରିବର୍ତ୍ତନ ହୋଇଛି। ବର୍ତ୍ତମାନ ଆଉ ସେହି ବ୍ୟବସ୍ଥା ରହିନାହିଁ।

ଆସନ୍ତାକାଲି ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ବୈରାବୀ-ସାଇରାଙ୍ଗ ରେଳଲାଇନର ଉଦ୍‌ଘାଟନ ମିଜୋରାମ ପାଇଁ ଏକ ଐତିହାସିକ ମାଇଲଖୁଣ୍ଟ। ୮,୦୦୦ କୋଟିରୁ ଅଧିକ ଟଙ୍କା ବ୍ୟୟରେ ନିର୍ମିତ ଏହି ୫୧ କିଲୋମିଟର ପ୍ରକଳ୍ପ ପ୍ରଥମ ଥର ପାଇଁ ଆଇଜଲକୁ ଜାତୀୟ ରେଳ ନେଟ୍‌ୱର୍କ ସହିତ ସଂଯୋଗ କରିବ।

ଏହା ସହିତ ପ୍ରଧାନମନ୍ତ୍ରୀ ସାଇରାଙ୍ଗରୁ ଦିଲ୍ଲୀ (ରାଜଧାନୀ ଏକ୍ସପ୍ରେସ୍), କୋଲକାତା (ମିଜୋରାମ ଏକ୍ସପ୍ରେସ୍) ଏବଂ ଗୁଆହାଟୀ(ଆଇଜଲ ଇଣ୍ଟରସିଟି) ପର୍ଯ୍ୟନ୍ତ ତିନୋଟି ନୂତନ ରେଳ ସେବାକୁ ପତାକା ଦେଖାଇ ଶୁଭାରମ୍ଭ କରିବେ।

ଏହି ନୂତନ ରେଳଲାଇନ ଦୁର୍ଗମ ପାହାଡ଼ିଆ ଭୂମି ଦେଇ ଗତି କରୁଛି। ମିଜୋରାମକୁ ରେଳ ସଂଯୋଗ କରିବା ପାଇଁ ରେଳ ଇଞ୍ଜିନିୟରମାନେ ୧୪୩ଟି ସେତୁ ଏବଂ ୪୫ଟି ସୁଡ଼ଙ୍ଗ ନିର୍ମାଣ କରିଛନ୍ତି। ଏହି ସେତୁମାନଙ୍କ ମଧ୍ୟରୁ ଗୋଟିଏର ଉଚ୍ଚତା ଦିଲ୍ଲୀର କୁତୁବମିନାରଠାରୁ ମଧ୍ୟ ଅଧିକ। ବାସ୍ତବରେ ଏହି ରେଳପଥଟିର ନିର୍ମାଣ ଅନ୍ୟ ହିମାଳୟ ଅଞ୍ଚଳରେ ଥିବା ରେଳଲାଇନମାନଙ୍କ ପରି 'ସେତୁ-ସୁଡ଼ଙ୍ଗ-ସେତୁ'ର ପୁନରାବୃତ୍ତିଶୀଳ ପ୍ରକାରେ ହୋଇଛି।

## ହିମାଳୟ ଟନେଲିଂ ପଦ୍ଧତି

ଉତ୍ତର-ପୂର୍ବାଞ୍ଚଳର ହିମାଳୟ ଅପେକ୍ଷାକୃତ ଯୁବ ପର୍ବତ, ଯେଉଁଠାରେ ନରମ ମାଟି ଏବଂ ଜୈବିକ ପଦାର୍ଥର ବିପୁଳ ଭାଗ ରହିଛି। ଏହି ପରିସ୍ଥିତିରେ ସୁଡ଼ଙ୍ଗ ଏବଂ ସେତୁ ନିର୍ମାଣ କରିବା ସାଧାରଣତଃ ଆହ୍ୱାନ ସୃଷ୍ଟି କରେ। ପାରମ୍ପରିକ ନିର୍ମାଣ ପଦ୍ଧତି ଏଠାରେ ବିଫଳ ହୁଏ, କାରଣ ଫପସା ମାଟି ନିର୍ମାଣକୁ ଆବଶ୍ୟକ ସ୍ଥିରତା ଯୋଗାଇପାରେ ନାହିଁ।

ଏହାକୁ ଦୂର କରିବା ପାଇଁ ଆମର ଇଞ୍ଜିନିୟରମାନେ ଏକ ନୂତନ ଏବଂ ଚତୁର ପଦ୍ଧତି ବିକଶିତ କରିଥିଲେ, ଯାହା ବର୍ତ୍ତମାନ ହିମାଳୟ ଟନେଲିଂ ପଦ୍ଧତି ଭାବରେ ସର୍ବତ୍ର ଜଣାଶୁଣା। ଏହି ପ୍ରଣାଳୀରେ ମାଟିକୁ ପ୍ରଥମେ ସ୍ଥିର କରାଯାଏ ଏବଂ ତା'ପରେ ସୁନିର୍ମାଣ କରିବା ପାଇଁ ଏହାକୁ ଶକ୍ତିଶାଳୀ କରାଯାଏ। ଏହା ଆମକୁ ଏହି ଅଞ୍ଚଳର ସବୁଠାରୁ କଠିନ ପ୍ରକଳ୍ପଗୁଡ଼ିକ ମଧ୍ୟରୁ ଗୋଟିଏକୁ ସମାପ୍ତ କରିବାରେ ସକ୍ଷମ କରିଛି।

ଭୂକମ୍ପପ୍ରବଣ ଅଞ୍ଚଳରେ ଉଚ୍ଚ ସେତୁମାନଙ୍କ ସ୍ଥିରତା ମଧ୍ୟ ଏକ ବଡ଼ ଆହ୍ୱାନ ଥିଲା। ଏଠାରେ ବିଶେଷ ଡିଜାଇନ ଏବଂ ଉନ୍ନତ କୌଶଳ ନିୟୋଜନ କରାଯାଇଥିଲା, ଯାହା ସେତୁମାନଙ୍କୁ ସ୍ଥିର ଏବଂ ସୁରକ୍ଷିତ କରିଥିଲା।

ଏହି ଘରୋଇ ଉଦ୍ଭାବନ ବିଶ୍ୱବ୍ୟାପୀ ସମାନ ଭୂଖଣ୍ଡ ପାଇଁ ଏକ ମଡେଲ। ହଜାର ହଜାର ଇଞ୍ଜିନିୟର, ଶ୍ରମିକ ଏବଂ ସ୍ଥାନୀୟ ସମ୍ପ୍ରଦାୟର ଲୋକମାନେ ଏହାକୁ ସମ୍ଭବ କରିବା ପାଇଁ ସହଯୋଗର ହାତ ବଢ଼ାଇଥିଲେ। ଯେତେବେଳେ ଭାରତ ନିର୍ମାଣ କରିବାକୁ ଦୃଢ଼ ନିଷ୍ପତ୍ତି ନିଏ, ସ୍ମାର୍ଟ ନିର୍ମାଣ ମାଧ୍ୟମରେ ସେହି ସଂକଳ୍ପକୁ କାର୍ଯ୍ୟରେ ପରିଣତ କରେ !

## ଏହି କ୍ଷେତ୍ରକୁ ଲାଭ

ରେଳପଥକୁ ସାଧାରଣତଃ ରାଷ୍ଟ୍ରୀୟ ଅଭିବୃଦ୍ଧିର ଇଞ୍ଜିନ ଭାବରେ ବିବେଚନା କରାଯାଇଥାଏ। ଏହା ନୂଆ ବଜାରଗୁଡ଼ିକୁ ନିକଟତର କରେ, ବାଣିଜ୍ୟ ସୁଯୋଗ ସୃଷ୍ଟି କରେ ଏବଂ ଅର୍ଥନୀତିକୁ ନୂଆ ଗତି ଦେଇଥାଏ। ମିଜୋରାମର ଲୋକଙ୍କ ପାଇଁ ଏହି ନୂତନ ରେଳଲାଇନ ସେମାନଙ୍କ ଜୀବନ ଧାରଣର ସ୍ଥିତିକୁ ନିଶ୍ଚିତ ଭାବରେ ଉନ୍ନତ କରିବ।

ମିଜୋରାମରେ ରାଜଧାନୀ ଏକ୍ସପ୍ରେସ୍ ପ୍ରଚଳନ ସହିତ ଆଇଜଲ ଏବଂ ଦିଲ୍ଲୀ ଆଦି କ୍ଷେତ୍ର ମଧ୍ୟରେ ଯାତ୍ରା ସମୟ ୮ ଘଣ୍ଟା ହ୍ରାସ ପାଇବ। ନୂତନ ଏକ୍ସପ୍ରେସ୍ ଟ୍ରେନଗୁଡ଼ିକ ଆଇଜଲ, କୋଲକାତା ଏବଂ ଗୁଆହାଟୀ ମଧ୍ୟରେ ଯାତ୍ରାକୁ ଦ୍ରୁତ ଏବଂ ସହଜ କରିବ। କୃଷକମାନେ ବିଶେଷକରି ବାଉଁଶ ଚାଷ ଏବଂ ଉଦ୍ୟାନ କୃଷିରେ ନିୟୋଜିତ ଥିବା ଚାଷୀମାନେ ସେମାନଙ୍କର ଉତ୍ପାଦିତ ଦ୍ରବ୍ୟକୁ ଦ୍ରୁତ ଏବଂ କମ୍ ମୂଲ୍ୟରେ ବ୍ୟାପକ ବଜାରକୁ ପରିବହନ କରିପାରିବେ। ଖାଦ୍ୟଶସ୍ୟ ଏବଂ ସାର ଭଳି ଅତ୍ୟାବଶ୍ୟକ ସାମଗ୍ରୀର ପରିବହନ ମଧ୍ୟ ଏହା ଦ୍ୱାରା ସହଜସାଧ୍ୟ ହେବ। ମିଜୋରାମର ପ୍ରାକୃତିକ ସୌନ୍ଦର୍ଯ୍ୟ ଅଧିକ ସୁଗମ ହେବା ସହିତ ପର୍ଯ୍ୟଟକମାନଙ୍କୁ ମଧ୍ୟ ପ୍ରୋତ୍ସାହନ ମିଳିବ। ଏହା ସ୍ଥାନୀୟ ବ୍ୟବସାୟ ଏବଂ ଯୁବପିଢ଼ିଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ। ଏହି ପ୍ରକଳ୍ପ ଲୋକଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ନିଯୁକ୍ତି ପାଇଁ ଉତ୍ତମ ପରିବେଶ ଓ ମାର୍ଗ ମଧ୍ୟ ଆଣିବ। ମିଜୋରାମ ପାଇଁ ଏହି ସଂଯୋଗୀକରଣ ଏହିଭଳି ଅନେକ ପ୍ରତିଶ୍ରୁତି ଦିଏ। ଏବେଠାରୁ ଆଇଜଲକୁ ଆଉ ଦୂର ଭାବରେ ଦେଖାଯିବ ନାହିଁ।

## ସାରା ଦେଶର ବିକାଶ

ସାରା ଦେଶରେ ରେଳପଥରେ ରେକର୍ଡ ପରିବର୍ତ୍ତନ ପରିଲକ୍ଷିତ ହେଉଛି। ସମ୍ପ୍ରତି ୧୦୦ରୁ ଅଧିକ ଅମୃତ ଭାରତ ଷ୍ଟେଶନ ଉଦ୍‌ଘାଟନ କରାଯାଇଛି ଏବଂ ଆଉ ୧,୨୦୦ଟି ପାଇପ୍‌ଲାଇନରେ ଅଛି। ଏହି ଷ୍ଟେଶନଗୁଡ଼ିକ ଯାତ୍ରୀମାନଙ୍କୁ ଆଧୁନିକ ସୁବିଧା ଏବଂ ସହରଗୁଡ଼ିକୁ ଅଭିବୃଦ୍ଧିର ନୂତନ ପେଣ୍ଠସ୍ଥଳ ପ୍ରଦାନ କରିବ।

୧୫୦ରୁ ଅଧିକ ହାଇ-ସ୍ପିଡ୍ ବନ୍ଦେ ଭାରତ ଟ୍ରେନ ଯାତ୍ରୀ ସୁବିଧାରେ ନୂତନ ମାନଦଣ୍ଡ ସ୍ଥାପନ କରୁଛି। ସେହି ସମୟରେ ପ୍ରାୟ ସମଗ୍ର ନେଟ୍‌ୱର୍କର ବିଦ୍ୟୁତୀକରଣ ଏହାକୁ ସବୁଜ କରୁଛି।

୨୦୧୪ ମସିହା ପରଠାରୁ ସାରା ଦେଶରେ ୩୫,୦୦୦ କିଲୋମିଟର ରେଳ ଟ୍ରାକ୍ ବିଛାଯାଇଛି। ଏହା ପୂର୍ବ ଛଅ ଦଶନ୍ଧିରେ ସାମଗ୍ରିକ ଭାବରେ ହାସଲ କରାଯାଇଥିବା ସଫଳତାଠାରୁ ମଧ୍ୟ ଅଧିକ। କେବଳ ଗତବର୍ଷ ଦେଶରେ ୩,୨୦୦ କିଲୋମିଟର ଦୈର୍ଘ୍ୟ ନୂତନ ରେଳଲାଇନ ଯୋଡା ଯାଇଥିଲା। ପରିଣାମତଃ ବିକାଶ ଏବଂ ପରିବର୍ତ୍ତନର ଏହି ଗତି ଉତ୍ତର-ପୂର୍ବାଞ୍ଚଳରେ ମଧ୍ୟ ଦୃଶ୍ୟମାନ।

## ଉତ୍ତର-ପୂର୍ବ ପାଇଁ ଦୃଷ୍ଟିକୋଣ

ପ୍ରଧାନମନ୍ତ୍ରୀ କହିଛନ୍ତି, 'ଆମ ପାଇଁ ଇଷ୍ଟର ଅର୍ଥ-ସଶକ୍ତୀକରଣ, କାର୍ଯ୍ୟାନ୍ୱୟନ, ସୁଦୃଢ଼ୀକରଣ ଏବଂ ରୂପାନ୍ତରଣ।' ଏହି ଶବ୍ଦଗୁଡ଼ିକ ଉତ୍ତର-ପୂର୍ବ ପ୍ରତି ତାଙ୍କ ଆଭିମୁଖ୍ୟର ସାରାଂଶକୁ ଧରି ରଖିଛି।

ବହୁବିଧ ସାମ୍ମୁଖ୍ୟରେ ନିର୍ଣ୍ଣାୟକ କାର୍ଯ୍ୟପନ୍ଥା ଗ୍ରହଣ ଏହି କ୍ଷେତ୍ରର ପରିବର୍ତ୍ତନକୁ ସୁନିଶ୍ଚିତ କରିଛି। ଆସାମରେ ଟାଟାର ସେମିକଣ୍ଡକ୍ଟର ପ୍ଲାଣ୍ଟ, ଅରୁଣାଚଳ ପ୍ରଦେଶରେ ଟାଟା ପରି ଜଳ ବିଦ୍ୟୁତ୍ ପ୍ରକଳ୍ପ ଏବଂ ବୋଗିବିଲ ରେଳ-ତଥା-ସଡ଼କ ସେତୁ ଭଳି ବଡ଼ ପ୍ରକଳ୍ପ ଏହି ଅଞ୍ଚଳକୁ ପୁନଃ ସ୍ୱରୂପ ପ୍ରଦାନ କରିଛି। ଏଥିସହିତ ଗୁଆହାଟୀରେ ଏମ୍ସ ପ୍ରତିଷ୍ଠା ଏବଂ ୧୦ଟି ନୂତନ ଗ୍ରୀନ୍‌ଫିଲ୍ଡ ବିମାନ ବନ୍ଦର ସ୍ୱାସ୍ଥ୍ୟସେବା ଏବଂ ସଂଯୋଗୀକରଣକୁ ସୁଦୃଢ଼ କରିଛି।

## ଫ୍ରଣ୍ଟିୟର ଟୁ ଫ୍ରଣ୍ଟରନର

ଦଶନ୍ଧି ଦଶନ୍ଧି ଧରି ମିଜୋରାମର ଲୋକମାନଙ୍କୁ ସଡ଼କ, ବିଦ୍ୟାଳୟ ଏବଂ ରେଳ ପାଇଁ ଅପେକ୍ଷା କରିବାକୁ କୁହାଯାଉଥିଲା। ସେହି ଅପେକ୍ଷାର ଏବେ ଅନ୍ତ ହୋଇଛି। ଏହି ପ୍ରକଳ୍ପଗୁଡ଼ିକ ଉତ୍ତର-ପୂର୍ବ, ଯାହାକୁ ଏକଦା 'ଶେଷ ସୀମାନ୍ତ' ଭାବରେ ଦେଖାଯାଉଥିଲା, ସେହି କ୍ଷେତ୍ରକୁ ଭାରତର ଅଭିବୃଦ୍ଧିର ଅଗ୍ରଣୀ ଅଞ୍ଚଳରେ ପରିଣତ କରିଛି। ଏହା ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣର ସାକ୍ଷାତ ପ୍ରମାଣ।

**(ଲେଖକ କେନ୍ଦ୍ର ରେଳ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ )**

# ବ୍ଲକ ଅଧ୍ୟକ୍ଷଙ୍କ କ୍ଷମତା ସଙ୍କୁଚିତ ନିଷ୍ପତ୍ତି ନ ବଦଳିଲେ ଆନ୍ଦୋଳନ: ବିଜେଡି

ଭୁବନେଶ୍ୱର, ୧୧।୯ (ସୁନିତ୍ ମିଶ୍ର)

ପଞ୍ଚାୟତ ସମିତି କାର୍ଯ୍ୟର ବିଲ୍ ପାସ୍ କରିବା କ୍ଷେତ୍ରରେ ବିଡିଓମାନଙ୍କ କ୍ଷମତା କୌଣସି ପ୍ରତି ସ୍ୱାକ୍ଷର ବିନା ପୂର୍ବରୁ ୨ ଲକ୍ଷ ଥିବାବେଳେ ଏହାକୁ ୧୦ ଲକ୍ଷକୁ ବୃଦ୍ଧିକରିବା ପାଇଁ ରାଜ୍ୟ ସରକାର ବୁଧବାର କ୍ୟାବିନେଟ୍‌ରେ ମଞ୍ଜୁର ଦେଇଛନ୍ତି। ବିଜେଡି ଏହି ନିଷ୍ପତ୍ତିକୁ ଦୃଢ଼ ସମାଲୋଚନାକରିବା ସହ ଆନ୍ଦୋଳନର ଚେତାବନୀ ଦେଇଛି। ଶଙ୍ଖ ଭବନଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ଅରୁଣ କୁମାର ସାହୁ କହିଛନ୍ତି, ଏହି ନିଷ୍ପତ୍ତି ଅଗଣତାନ୍ତ୍ରିକ ଓ ଅସାମ୍ବିଧାନିକ। ବିଜେଡି ସରକାର ସମୟରେ ପଞ୍ଚାୟତ ସମିତିକୁ ପ୍ରଭୂତ କ୍ଷମତା ପ୍ରଦାନ କରାଯାଇଥିବା ବେଳେ ବର୍ତ୍ତମାନର ଭାଜପା ସରକାର ପଞ୍ଚାୟତ ସମିତିର କ୍ଷମତା ପ୍ରତ୍ୟାହାର କରିବା ପାଇଁ ଅପଚେଷ୍ଟା କରୁଛି। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଉପରେ କୁଠାରାଘାତ ସଦୃଶ। ପୂର୍ବରୁ ୨ ଲକ୍ଷରୁ ଉର୍ଦ୍ଧ୍ୱ ପରିମାଣର ବିଲ୍ ଆସିଲେ, ସେଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ପ୍ରତି ସ୍ୱାକ୍ଷର ଆବଶ୍ୟକ ଥିଲା। ପରିବର୍ତ୍ତିତ ନିୟମ ଅନୁଯାୟୀ, ବିଲ୍ ମୂଲ୍ୟ ୧୦ ଲକ୍ଷ ପର୍ଯ୍ୟନ୍ତ ଥିଲେ କେବଳ ବିଡିଓଙ୍କ ସ୍ୱାକ୍ଷର ପର୍ଯ୍ୟାପ୍ତ ହେବ। ପଞ୍ଚାୟତ ସମିତି ମାଧ୍ୟମରେ ହେଉଥିବା ବିଭିନ୍ନ କାର୍ଯ୍ୟର ବିଲ୍ ମୂଲ୍ୟ ପ୍ରାୟତଃ ୧୦ ଲକ୍ଷରୁ ତଳେ ରହିଥାଏ। କାଁ ଭାଁ ବିଲ୍ ୧୦ ଲକ୍ଷରୁ ଅଧିକ ମୂଲ୍ୟର ଥାଏ। ତେଣୁ ସରକାରଙ୍କ ଏହି ନିଷ୍ପତ୍ତି କେବଳ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ କ୍ଷମତାକୁ ସଙ୍କୁଚିତ କରିବା ପାଇଁ ଉଦ୍ଦିଷ୍ଟ ବୋଲି ସ୍ପଷ୍ଟ। ରାଜ୍ୟ ସରକାରଙ୍କ ଉକ୍ତ ନିଷ୍ପତ୍ତି ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ରାଜ୍ୟର ଅଧିକାଂଶ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦ ବିଜେଡି ଦଖଲରେ ଥିବାରୁ ସେମାନଙ୍କ କ୍ଷମତାକୁ ସଙ୍କୁଚିତ କରିବା ପାଇଁ ଏପରି ନିଷ୍ପତ୍ତି ନିଆଯାଇଛି। ଯଦି ଏହି ନିଷ୍ପତ୍ତି ପ୍ରତ୍ୟାହାର ନ ହୁଏ ତେବେ ବିଜେଡି ସମସ୍ତ ବ୍ଲକ୍ ଅଧ୍ୟକ୍ଷ, ପଞ୍ଚାୟତ ସମିତି ସଦସ୍ୟ ଓ ସରପଞ୍ଚଙ୍କୁ ନେଇ ରାଜରାସ୍ତାକୁ ଓହ୍ଲାଇବ ବୋଲି ଅରୁଣ କହିଛନ୍ତି।

# ଡ୍ରେନ୍‌ରେ ପଡ଼ିଥିବା ହାତୀଛୁଆ ଉଦ୍ଧାର



ଆଠମଲ୍ଲିକ,୧୧।୯ (ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ବନଖଣ୍ଡ ପତାକା ବିଟ୍ ଅଞ୍ଚଳର କୁସୁମ କୁହୁରି ଗ୍ରାମରେ ଜଳସେଚନ ବିଭାଗ ଦ୍ୱାରା ନିର୍ମିତ ଡ୍ରେନ୍‌ରେ ଗୁରୁବାର ଖସି ପଡ଼ିଥିବା ଏକ ହାତୀ ଛୁଆକୁ ଉଦ୍ଧାର କରାଯାଇଛି। ପ୍ରାୟ ୫୦ ମିନିଟ ଧରି ହାତୀ ଛୁଆଟି ଡ୍ରେନ୍ ଭିତରେ ରହିଥିବା ଖବରପାଇ ବନବିଭାଗ କର୍ମଚାରୀ ପହଞ୍ଚି ଉଦ୍ଧାର କରିଥିଲେ। ହାତୀଛୁଆଟିର ବୟସ ମାତ୍ର ୩୦ ଦିନ ହୋଇଥିବା ବନବିଭାଗ ଆକଳନ କରିଛି। ଏସିଏଫ୍ ସଚ୍ଚିଦାନନ୍ଦ ସେଠୀ, ରେଞ୍ଜ ଅଧିକାରୀ ସୁନୀଲ କୁମାର ସାହୁ, ଫରେଷ୍ଟର ପୁଷ୍ପମିତ୍ରା ସିଂହ, ଫରେଷ୍ଟର ସୁବ୍ରତ ଶତପଥୀ, ବନ କର୍ମଚାରୀ ପ୍ରବୀଣ ପ୍ରଧାନ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ହାତୀ ଛୁଆଟିକୁ ଉଦ୍ଧାର କରିଥିଲେ। ଏହାପରେ ବନବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ହାତୀ ଛୁଆଟିକୁ ଜଗି ରହିଛନ୍ତି।


**ପୂର୍ବ ତଟ ରେଳପଥ**

(1) ଟେଣ୍ଡର ସଂ.32-KUR-TRD-OT-2025-26
କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳ ଅଧିନରେ କୋଲକାତା-ଚେନ୍ନାଇ ମେନ୍ ଲାଇନରେ ହରିଦାସପୁର (HDS)-ଧାନମଣ୍ଡଳ (DNM) ଷ୍ଟେସନ୍ ମଧ୍ୟରେ NH-53 (ନୂଆ NH-200)ର କି.ମି. 370/25-27 ଠାରେ ପ୍ରସ୍ତାବିତ ରୋଡ୍ ଓଭର ବ୍ରିଜ୍ (ROB)ର ନିର୍ମାଣ ସମ୍ବନ୍ଧୀୟ OHE ରୂପାନ୍ତରଣ କାର୍ଯ୍ୟ ସମ୍ପାଦନ।
ବିଜ୍ଞାପିତ ମୂଲ୍ୟ : ₹15,29,188.76, EMD : ₹30,600/-, ଶେଷ ହେବା ଅବଧି : 180 ଦିନ।
(2) ଟେଣ୍ଡର ସଂ.33-KUR-TRD-OT-2025-26
କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ୍ ମଣ୍ଡଳରେ RDSO ରକ୍ଷଣାବେକ୍ଷଣ ନିର୍ଦ୍ଦେଶ ସଂ. TI/MI/0059 REV-3 ଅନୁଯାୟୀ ପକ୍ଷୀ ପ୍ରବଣ (Bird Prone) ଅଞ୍ଚଳରେ ଆଣ୍ଟି-ବାର୍ଡ (Anti-Bird) ଡିସ୍କର ବ୍ୟବସ୍ଥା।
ବିଜ୍ଞାପିତ ମୂଲ୍ୟ : ₹3,72,20,682.88, EMD: ₹3,36,100/-, ଶେଷ ହେବା ଅବଧି : 365 ଦିନ।
ବିଡ୍ ଆରମ୍ଭ ହେବା ତାରିଖ : ତା.12.09.2025ରିଖ (ଉଭୟ ଟେଣ୍ଡର ନିମନ୍ତେ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.26.09.2025ରିଖ 1300 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍
PR-582/Q/25-26



GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, KENDRAPARA-JAJPUR
AT-CHANDIKHOL, P.O.- SUNGUDA, JAJPUR- 754296, Email- serw_kpd@yahoo.com
No.O-739
No.Tender Online RCK-15/25 Letter No.2869 Date: 8.9.25
e-Procurement NOTICE

1 Name of the work : Tender for the Bridge Works under (SBY) / Road works under (Impvt. to Existing) in the Dist. of Kendrapara & Jajpur.
2 Class of contractor : As specified in the Column-6 of the Annexure
3 Time of complement : As specified in the Column-7 of the Annexure
4 Detail projects : As per Annexure attached
5 Other details :

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical bid | Financial bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara-Jajpur | Tender Online RCK-15/25 | 16.09.2025 at 11.00 A.M. | 06.10.2025 to 05.00 P.M. | 04.10.2025 upto 02.00 P.M. | 08.10.2025 at11.00 A.M. | Will be intimated later |

Further details can be seen from the website www.tendersodisha.gov.in
Sd./- Chief Construction Engineer, Rural Works Circle, Kendrapara-Jajpur
OIPR-25129/11/0063/2526



GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER,
CENTRAL RURAL WORKS CIRCLE, BHUBANESWAR
No.3985/Date. 06.09.2025
No.O-735
"e" Procurement Notice For Road Works

| | | |
|---|---|---|
| 1. | Name of the Work | Road works under MMSY-TRIP |
| 2. | Total No. of works | 04 Nos. of Road Works under MMSY-TRIP for the year 2023-24 and 2024-25 |
| 3. | Estimated Cost of the work | Varies from Rs.529.19 lakhs to Rs.2007.02 lakhs |
| 4. | Class of Contractor | |
| | a) Estimated cost more than Rs.1.00 Crore up to Rs.20.00 Crores | A Class (of Odisha PWD) or relevant class of other licensing authorities |
| | b) Estimated cost more than Rs.6.00 Crores up to Rs.50.00 Crores | Special Class (of Odisha PWD) or relevant class of other licensing authorities |
| | c) Estimated cost more than Rs.20.00 Crores | Super Class (of Odisha PWD) or relevant class of other licensing authorities |
| 5. | Period of completion | As mentioned in Column-7 of Annexure |
| 6. | Offered rates by bidder | The offered rate by the contractor shall be excluding GST |
| 7. | Other details | |

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of Tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Construction Engineer, Central Rural Works Circle, Bhubaneswar | Tender-Online-C.C.17 of 2025 | 15.09.2025 at 11.00 A.M. | 06.10.2025 up to 5.00 P.M. | 08.10.2025 at 11.00 A.M. | To be intimated lateron |

Further details can be seen from the website www.tendersodisha.gov.in
Sd./- Chief Construction Engineer
Central Rural Works Circle, Bhubaneswar
OIPR-25194/11/0045/2526



Govt. of Jharkhand
Urban Development & Housing Department
State Urban Development Agency
Ref. No. 1066
Recruitment Notice
Date:- 09.09.2025

Urban Development and Housing Department (UD&HD), Government of Jharkhand invites application from interested professionals for the posts mentioned below on purely contractual basis under Swachh Bharat Mission-Urban 2.0 (SBM-U 2.0) in Jharkhand.

| Sl. No. | Name of the Post | Total No. of Post | Unreserved (UR) | Monthly Remuneration (Rs.) | Place of Posting |
|---|---|---|---|---|---|
| 1 | Solid Waste Management Specialist | 1 | 1 | Rs. 70,000 to 90,000/- p.m. | State Urban Development Agency, UD&HD, Ranchi, Jharkhand. |
| 2 | Waste Water Specialist | 1 | 1 | Rs. 70,000 to 90,000/- p.m. | |
| 3 | Procurement Specialist | 1 | 1 | Rs. 70,000 to 90,000/- p.m. | |
| 4 | Accountant-cum-Computer Operator | 1 | 1 | Rs. 15,000 to 20,000/- p.m. | |

1. **Terms of Engagement:** The appointment of professionals will be purely on contract basis for a period of (1) One Year, which may be extended after the annual review of performance, output and desired impacts. However, the contract may be terminated in the case of unsatisfactory service.
2. The successful candidate will have to sign a contractual agreement in the prescribed format.
3. The contract shall not confer any rights or claim of extension/absorption in the department. The candidate will have to produce and affidavit in this case.
4. Candidate should be below 50 years of age as on the last date fixed for submission of the application.
5. **Last date for submission of Application:** 10.10.2025 till 5:00 PM.
6. The qualification and experience for different category of post is described in **Appendix-A.**
7. The selection of the candidate will be completely on the basis of Essential Qualification, Additional Qualification, Experience and Interview.
8. **How to apply :**Duly filled application form as enclosed in **Appendix-B** along with attested copy of the proof of age, qualification and experience should be sent through the registered post/speed post/courier to the **State Urban Development Agency, Room No. 402, 4th Floor, Project Bhawan, Dhurwa, Ranchi-834004.**
9. The list of shortlisted candidate will be uploaded in the Notice section of the website :- udhd.jharkhand.gov.in and the candidate will be intimidated about the date of interview.
10. The department reserves the right to cancel/postpone the recruitment wholly or partially if so required. No claim will be admissible in case of such cancellation/postponement.

Sd/-
( Suraj Kumar )
Director, SUDA
Urban Development & Housing Department
PR 361658 Urban Development(25-26)#D



ୟୁନାଇଟେଡ ଇଣ୍ଡିଆ ଇନ୍‌ସ୍ୟୁରାନ୍ସ କୋ. ଲିଃ
UNITED INDIA INSURANCE CO. LTD.
କ୍ଷେତ୍ରୀୟ କାର୍ଯ୍ୟାଳୟ ଭୁବନେଶ୍ୱର, ଓସିଏଚ୍‌ସି ବିଲ୍ଡିଂ, ୫ମ ମହଲା, ଖାରବେଳ ନଗର ୟୁନିଟ୍-୩, ଭୁବନେଶ୍ୱର-୭୫୧୦୦୧, ଫୋନ: ୦୬୭୪-୨୩୯୧୧୮୩
ବିଜ୍ଞାପନ ନଂ.: ୨୬୦୦୦୦/ଇଏସ୍‌ଟି/୦୦୧/୨୦୨୫
**କଟକ, ଓଡ଼ିଶାରେ ଆଭ୍ୟନ୍ତରୀଣ ନବୀକରଣ କାର୍ଯ୍ୟ**
ୟୁନାଇଟେଡ ଇଣ୍ଡିଆ ଇନସ୍ୟୁରାନ୍ସ କୋ. ଲିଃ, ଏକ ରାଷ୍ଟ୍ରାୟତ୍ତ ଉଦ୍ୟୋଗ କଟକରେ ଥିବା ବ୍ୟବସାୟିକ କାର୍ଯ୍ୟାଳୟର ଆଭ୍ୟନ୍ତରୀଣ ଫର୍ଣ୍ଣିଶିଙ୍ଗ୍ କାର୍ଯ୍ୟ ନିମନ୍ତେ କଟକ/ଭୁବନେଶ୍ୱର ଭିତ୍ତିକ ଆଭ୍ୟନ୍ତରୀଣ ସାଜସଜ୍ଜା ଉପରେ ଉତ୍ତମ ଜ୍ଞାନ ଏବଂ ଅଭିଜ୍ଞତା ଥିବା କଣ୍ଟ୍ରାକ୍ଟରମାନଙ୍କ ଠାରୁ ଟେଣ୍ଡର ଆହ୍ୱାନ କରୁଅଛି। ଟେଣ୍ଡରର ସବିଶେଷ ବିବରଣୀ ଏବଂ କାଗଜାତ୍ ଡାଉନଲୋଡ ନିମନ୍ତେ ଆମ୍ଭର ୱେବସାଇଟ୍: www.uiic.co.in/tender ଦେଖନ୍ତୁ। ସମ୍ପୂର୍ଣ୍ଣ ବିଡ୍ ଆମ୍ଭର କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର ରେ ତା୧୦.୧୦.୨୦୨୫ରିଖ, ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ପହଞ୍ଚିବା ଆବଶ୍ୟକ।
ଭୁବନେଶ୍ୱର
ତା: ୧୨.୦୯.୨୦୨୫
ସ୍ୱା/- ମୁଖ୍ୟ କ୍ଷେତ୍ରୀୟ ପ୍ରବନ୍ଧକ



EXPRESSION OF INTEREST
STATE INSTITUTE OF HOTEL MANAGEMENT
TITILAGARH ROAD,BALANGIR - 767001 (ODISHA)
No. 578 /SIHM/2025-26/E-Tender Date: 10.09.2025
E-tender invited by SIHM, Balangir from established firms/shops for Supply/Contract of the folowing items for a period of 07 months (1st November 2025 to 31st May 2026):
1. Sec-A:- Groceries, Tins and Bottle Products etc.
2. Sec-B:- Vegetables, Fruits, Milk and Milk Products etc.
3. Sec-C:- Mutton, Chicken, Fish, Egg and other Non-veg items etc.
4. Sec-D:- Cleaning Material
Interested parties may kindly visit the below mentioned website for further details:
www.tenderwizard.com/SIHM or www.sihmbalangir.org
Sd/-
Principal



**ଚକ୍ରଧରପୁର ମଣ୍ଡଳରେ ବିଭିନ୍ନ ପରିସମ୍ପତ୍ତି ପାଇଁ ଇ-ନିଲାମ ବିଜ୍ଞପ୍ତି**
ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଚକ୍ରଧରପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ ଚକ୍ରଧରପୁର ମଣ୍ଡଳରେ ନିମ୍ନଲିଖିତ ପରିସମ୍ପତ୍ତି ବର୍ଗ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା https:/www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି।

| କ୍ର. ସଂ. | ବର୍ଗ | କାଟାଲଗ୍ ନଂ. | ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ସମାପ୍ତି ସମୟ |
|---|---|---|---|---|---|
| ୧. | ୱାଟର ଭେଣ୍ଡିଂ ମେଶିନ | ଏମ୍‌ଏସ୍‌ଏସ୍-ଡବ୍ଲ୍ୟୁଭିଏମ୍-ଏସ୍‌ଇପି-୨୫ | ୨୨।୦୯।୨୦୨୫ | ୧୨.୦୦ ଘ. | ୧୩.୦୦ ଘ. |
| ୨. | ବିଜ୍ଞାପନ | ଏଡିଭିଟି-ଏସ୍‌ଇପି-ସିକେପି-୨୫ | ୨୨।୦୯।୨୦୨୫ | ୧୧.୩୦ ଘ. | ୧୨.୩୦ ଘ. |
| ୩. | ପେ' ଆଣ୍ଡ ୟୁଜ୍ ଟଏଲେଟ | ପିଏନ୍‌ୟୁ-ସିକେପି-ଡିଆଇଭି-ଏସ୍‌ଇପି | ୨୪।୦୯।୨୦୨୫ | ୧୨.୦୦ ଘ. | ୧୩.୦୦ ଘ. |

ଆଗ୍ରହୀ ପକ୍ଷମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ସାଇଟ୍‌ର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ବିଷୟରେ ପ୍ରାସଙ୍ଗିକ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ। ଯେକୌଣସି ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।
(PR-617)
ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଚକ୍ରଧରପୁର
ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ



GOVERNMENT OF ODISHA
No.B-477
OFFICE OF THE CHIEF CONSTRUCTION ENGINEER,
CENTRAL (R&B) CIRCLE, BHUBANESWAR
Mail i.dseccbbsr@gmail.com
E-procurement Tender Call Notice No. 12 of 2025-26
No.5228 (Estg.) Bhubaneswar the 1st September 2025
The Chief Construction Engineer, Central (R&B) Circle, Bhubaneswar on behalf of the Governor of Odisha invites percentage rate bids for two number road works and three numbers building works to be received in online bidding, double cover system for improvement works as detailed in: https://tendersodisha.gov.in. The details of bid documents will be available in the above website from 5.00 P.M. of 15.09.2025 to 5.00 P.M. of 25.09.2025. The bidders must possess compatible Digital Signature Certificate of Class II or III. Bids received online shall be opened at 11.00 A.M. of 26.09.2025 in the Office of the Chief Construction Engineer, Central (R&B) Circle, Bhubaneswar.
Further details can be seen from the e-procurement portal www.tendersodisha.gov.in.
Addendum / corrigendum, if required, will be available only in the website.
Sd./- Er. M.K. Mahananda
Chief Construction Engineer, Central (R&B) Circle, Bhubaneswar
OIPR-34156/11/0044/2526

# ବ୍ୟାପକ ଧାନ ଫସଲ ନଷ୍ଟ, କାନ୍ଥପଡ଼ି ୩ ଆହତ

■ ୪୨ ଟିକିଆ ହାତୀପଲଙ୍କ ଉପଦ୍ରବ
■ ଡିଏଫ୍‌ଓଙ୍କୁ ଭେଟିଲେ କ୍ଷତିଗ୍ରସ୍ତ ଚାଷୀ

କେନ୍ଦୁଝର,୧୧ା୯ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ବନାଞ୍ଚଳରେ ଗତ ୨ ଦିନ ଧରି ୪୨ ଟିକିଆ ହାତୀପଲ ଉପଦ୍ରବ କରୁଛନ୍ତି। ହାତୀପଲରୁ ୨୯ ହାତୀ ବୁଧବାର ରାତିରେ ସଦର ବ୍ଲକ୍ ମହାଦେଇଯୋଡ଼ା ପଞ୍ଚାୟତ ଡାଲିମ୍ବାପୁର ଗ୍ରାମରେ ପଶି ବ୍ୟାପକ କ୍ଷୟକ୍ଷତି କରିଛନ୍ତି। ଅନେକ ଲୋକଙ୍କ ପାଚେରି ଓ ଘର କାନ୍ଥ ଭାଙ୍ଗିଥିବା ବେଳେ କାନ୍ଥ ପଡ଼ି ୩ ଜଣ ଆହତ ହୋଇଥିବା ଜଣାପଡ଼ିଛି। ବନ ବିଭାଗ ହାତୀଙ୍କୁ ଘଉଡ଼ାଇବା ବା ଲୋକଙ୍କ ସୁରକ୍ଷା ପାଇଁ କାମ କରୁ ନ ଥିବା ଲୋକେ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ଚମ୍ପୁଆ ରେଞ୍ଜରୁ ୪୨ ଟିକିଆ ହାତୀପଲ ସଦରକୁ ପଶିଛନ୍ତି। ସେଥିରୁ ୨୯ ହାତୀ ଡାଲିମ୍ବାପୁରରେ ପଶିବା ପରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ଲାଇନ୍ କଟାଯାଇଥିଲା। ଅନ୍ଧାରରେ ହାତୀପଲ ଗାଁ ଭିତରେ ପଶି ବହୁ ଲୋକଙ୍କ ପକ୍କା ଘର ଭାଙ୍ଗିଛନ୍ତି। ଦଳରୁ ଅଲଗା ହୋଇ ଗୋଟିଏ ଦନ୍ତା ହାତୀ ଭବରଞ୍ଜନ ଦାସଙ୍କ ପାଚେରି ଭାଙ୍ଗିବା ପରେ ସେଠାରୁ ଆସି ସୁରେଖା ଦାସଙ୍କ ଘର କାନ୍ଥ ଭାଙ୍ଗି ଦେଇଥିଲା। କାନ୍ଥପଡି ସୁରେଖା ଦାସ (୫୫), ଜାନକୀ ଦାସ (୩୫), ଆୟୁଷ ଦାସ (୬) ଆହତ ହୋଇଛନ୍ତି। ବାପୁ ମହାନ୍ତ ନାମକ ଯୁବକ ଏକ ପଥର ପକାଇବାରୁ ଦନ୍ତାହାତୀଟି ପଳାଇଥିଲା। ପରେ ଗ୍ରାମବାସୀ ୩ ଜଣଙ୍କୁ ଉଦ୍ଧାର କରି କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ସେଠାରୁ ଦନ୍ତାହାତୀ ଡାଲିମ୍ବାପୁର ଅଙ୍ଗନୱାଡି କେନ୍ଦ୍ର ପରିସରରେ ଥିବା ପାଚେରି ଭାଙ୍ଗି ପଳାଇଥିବା ସ୍ଥାନୀୟ ପୁରୁଷୋତ୍ତମ ସାହୁ କହିଛନ୍ତି। ହାତୀପଲ ଡାଲିମ୍ବାପୁରରେ ପଶି ଭବରଞ୍ଜନ ଦାସ, ଭୀମସେନ ଦାସ, ବେଣୁଧର ଦାସ, ଲୋକନାଥ ଦାସ, ଅଟଳ ବିହାରୀ ମହାନ୍ତ, ଚୈତନ୍ୟ ମହାନ୍ତ, ଖଗେଶ୍ୱର ମହାନ୍ତ, ମାନସ ଦାସ, ଶ୍ରୀହରି ମହାନ୍ତ, ନନ୍ଦ କିଶୋର ଦାସ, ଡମ୍ବରୁଧର ମହାନ୍ତ, ଶୁକ ମୁଣ୍ଡା, ଆକୁଳି ଚରଣ ସାହୁ, ବୃନ୍ଦା ମହାକୁଡ଼, ପୁରୁଷୋତ୍ତମ ସାହୁ, ନରେନ୍ଦ୍ର ମହାନ୍ତ, ଲୋଚନ ମହାନ୍ତ ପ୍ରମୁଖଙ୍କ ଧାନ ଫସଲ ନଷ୍ଟ କରିଛନ୍ତି। କେନ୍ଦୁଝର ସଦର ରେଞ୍ଜ ପଳାଶପଙ୍ଗା ଫରେଷ୍ଟର ଜୟକୃଷ୍ଣ ଦାସଙ୍କୁ ଫୋନ୍ କରି ଜଣାଇବା ପରେ ସେ ପଳାଶପଙ୍ଗାରେ ହାତୀ ଜଗିଥିବା କହିଥିଲେ। ହାତୀପଲ ଡାଲିମ୍ବାପୁରରେ ଥିବାବେଳେ ପଳାଶପଙ୍ଗା ଫରେଷ୍ଟର ଜୟକୃଷ୍ଣ ଦାସ, କର୍ମଡିହି ବିଟ୍ ଫରେଷ୍ଟ ଗାର୍ଡ ମୋନାଲିସା ସାହୁ କିମ୍ବା ହାତୀ ଘଉଡାଇବା ପାଇଁ ସ୍କ୍ୱାଡ୍ ଗାଁକୁ ଆସି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଲୋକେ ଅନ୍ଧାରରେ ହାତୀ ଘଉଡ଼ାଇଥିଲେ। ସକାଳେ ଧୂଳିଆପାଟ ଜଙ୍ଗଲକୁ ୨୯ ଟିକିଆ ହାତୀପଲ ପଳାଇଥିଲେ। ହାତୀ ଗୋଟିଏ ଗ୍ରାମରେ ଥିବା ବେଳେ ବନ କର୍ମଚାରୀ ଅନ୍ୟସ୍ଥାନରେ ଡ୍ୟୁଟି କରୁଥିବା ଅଭିଯୋଗ ହେଉଛି। ଏ ନେଇ କ୍ଷତିଗ୍ରସ୍ତ ଚାଷୀ ଡିଏଫଓ ଧନରାଜ ଏଚ୍‌ଡିଙ୍କୁ ଭେଟି ସମସ୍ୟା ଜଣାଇଛନ୍ତି। ରାତିରେ ବନ କର୍ମଚାରୀ ହାତୀ ରହୁଥିବା ଅଞ୍ଚଳରେ ରହିବେ ଏବଂ ଘର, ଧାନ ଚାଷ ନଷ୍ଟ ହୋଇଥିବା ଲୋକଙ୍କୁ ନିୟମ ମୁତାବକ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ଡିଏଫ୍‌ଓ ପ୍ରତିଶ୍ରୁତି ଦେଇଛନ୍ତି। ସଦର ରେଞ୍ଜ ଅଧିକାରୀ କହିଛନ୍ତି, ସଦର ରେଞ୍ଜରେ ୪ ଟି ସ୍ଥାନରେ ୪୨ ହାତୀ ରହିଛନ୍ତି। ଦିନରେ ଜଙ୍ଗଲରେ ରହୁଛନ୍ତି। ରାତିରେ ପଦାକୁ ବାହାରି ଏକାଧିକ ପଲରେ ବିଭକ୍ତ ହୋଇ ଉପଦ୍ରବ କରୁଛନ୍ତି। ଏଥି ପାଇଁ ୫ଟି ଗାଡିରେ ବନ କର୍ମଚାରୀ ନିୟୋଜିତ କରାଯାଇ ହାତୀ ଗତିବିଧି ଉପରେ ନଜର ରଖାଯାଇଛି।

## ହାତୀ ପାଇଁ ରାତିଅନିଦ୍ରା



ହାତୀପଲଙ୍କୁ ଜଗି ରାସ୍ତାରେ ଲୋକେ ଶୋଇଛନ୍ତି।

କେନ୍ଦୁଝର,୧୧ା୯(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲାର ବିଭିନ୍ନ ଅଞ୍ଚଳରେ ହାତୀ ଉପଦ୍ରବ ଲାଗି ରହିଛି। ଚାଷୀ ଓ ସ୍ଥାନୀୟ ଲୋକେ ସେମାନଙ୍କ ଫସଲ, ସମ୍ପତ୍ତିକୁ ସୁରକ୍ଷା ଦେବା ଓ ହାତୀକୁ ଘଉଡ଼ାଇବା ପାଇଁ ରାତି ଅନିଦ୍ରା ରହୁଛନ୍ତି। ପିଲାଠାରୁ ବୟସ୍କ ପର୍ଯ୍ୟନ୍ତ ଆଲୋକ, ଶବ୍ଦ ଯନ୍ତ୍ର ଇତ୍ୟାଦି ସହିତ ଗାଁ ସୀମା, ରାସ୍ତାରେ ଶୋଇ ଗାଁଗୁଡ଼ିକୁ ଜଗି ରହୁଥିବା କହିଛନ୍ତି।

ଲୋକଙ୍କ କହିବା ଅନୁଯାୟୀ, ଦିନରେ ଚାଷ କାମ କରୁଛନ୍ତି। ରାତିରେ ଫସଲକୁ ସୁରକ୍ଷା ଦେବା ପାଇଁ ସାରା ରାତି ଜାଗ୍ରତ ରହୁଛନ୍ତି। ସେମାନେ ଚାଷ ଉପରେ ନିର୍ଭରଶୀଳ ହୋଇଥିବାରୁ ଫସଲକୁ ରକ୍ଷା କରିବାକୁ ପୁରନ୍ଦର ବେହେରାଙ୍କ ପରି ବହୁ ଚାଷୀ ସରକାରଙ୍କୁ ନିବେଦନ କରିଛନ୍ତି। ଚଳିତ ବର୍ଷ ଭଲ ପାଗ ଯୋଗୁ ଚାଷୀମାନେ ଅଧିକ ଧାନ ଅମଳ ଆଶା କରୁଛନ୍ତି। କିନ୍ତୁ ହାତୀ ଧାନ କ୍ଷେତରେ ପଶି କ୍ଷତି କରୁଥିବାରୁ ଚାଷୀମାନେ ମୁଣ୍ଡରେ ହାତ ଦେଇଛନ୍ତି। ଡିଏଫ୍‌ଓ ଧନ୍‌ରାଜ ଏଚ୍‌ଡି କହିଛନ୍ତି, ଚାଷୀଙ୍କୁ ଚିନ୍ତିତ ହେବାର ଆବଶ୍ୟକତା ନାହିଁ। ସରକାର ସମସ୍ତ କ୍ଷତିପୂରଣ ଦେଉଛନ୍ତି। ବନ ବିଭାଗ ଅଧିକାରୀ, ହାତୀ ଡ୍ରାଇଭିଂ ସ୍କ୍ୱାଡ ହାତୀଙ୍କ ଗତିବିଧି ଉପରେ ନଜର ରଖିଛି। ହାତୀ ଆସିବା ପୂର୍ବରୁ ସ୍ଥାନୀୟ ଲୋକଙ୍କୁ ସତର୍କ ରହିବାକୁ ମଧ୍ୟ ସଚେତନ କରାଯାଉଛି। ନଷ୍ଟ ହେଉଥିବା ଫସଲ ମୁତାବକ କ୍ଷତିପୂରଣ ମିଳୁନାହିଁ। ଏଥିସହ ଭୂମିହୀନ ବହୁ ବର୍ଷ ଧରି ସରକାରୀ ଓ ଜଙ୍ଗଲ ଜମିରେ ଚାଷ କରିଆସୁଥିଲେ ହେଁ ଆଦୌ କ୍ଷତିପୂରଣ ପାଉ ନ ଥିବାରୁ ଚିନ୍ତାରେ ରହିଛନ୍ତି। ତେଣୁ ବିପଦପୂର୍ଣ୍ଣ ଭାବେ ହାତୀ ଘଉଡ଼ାଉଛନ୍ତି ବୋଲି କହିଛନ୍ତି।

# ବୃଦ୍ଧାଶ୍ରମର ଷ୍ଟାଫ୍‌ନର୍ସଙ୍କୁ ମାଡ଼

ଯୋଡ଼ା,୧୧ା୯(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରର ଚୁହଟିଂସ୍ଥିତ ଏକ ବୃଦ୍ଧାଶ୍ରମର ଷ୍ଟାଫନର୍ସଙ୍କୁ ମାଡ଼ ଅଭିଯୋଗ ହୋଇଛି। ଷ୍ଟାଫନର୍ସ ଲୋପାମୁଦ୍ରା ଓ ତାଙ୍କ ସହଯୋଗୀଙ୍କୁ ମାଡ଼ ମରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ବୁଧବାର ସନ୍ଧ୍ୟା ପ୍ରାୟ ୭.୪୫ ମିନିଟ୍‌ରେ କାର୍ଯ୍ୟ ସାରି ଚୁହଟିଁରେ ରହୁଥିବା ଭଡ଼ା ଘରକୁ ଯାଇଥିଲେ। ରାସ୍ତାରେ ଯାଉଥିବା ସମୟରେ ବୃଦ୍ଧାଶ୍ରମରେ କାର୍ଯ୍ୟ କରୁଥିବା ହିମାନୀ ଦିଦି ନାମକ ଅନ୍ୟ ଜଣେ ମହିଳା ଲୋପାମୁଦ୍ରାଙ୍କୁ ଏକୁଟିଆ ଦେଖି ଖରାପ ଭାଷାରେ ଗାଳିଗୁଲଜ କରିଥିଲେ। ଏଥି ସହିତ ତାଙ୍କ ଚୁଟି ଧରି ଘୋଷାଡି ମାଡ଼ ମାରିଥିଲେ। ଏହା ଦେଖି ଉକ୍ତ ରାସ୍ତା ଦେଇ ଯାଉଥିବା ଲୋପା ମୁଦ୍ରାଙ୍କ କିଛି ସହଯୋଗୀ ହିମାନୀଙ୍କୁ ବାରଣ କରିଥିଲେ। ହେଲେ ତାଙ୍କ କଥାକୁ ଭ୍ରୁକ୍ଷେପ ନ କରି ହିମାନୀ ସହଯୋଗୀଙ୍କୁ ମଧ୍ୟ ଗାଳିଗୁଲଜ କରିଥିଲେ। ଏ ସମ୍ପର୍କରେ ସହଯୋଗୀମାନେ ଫୋନ୍ ମାଧ୍ୟମରେ ଲୋପା ମୁଦ୍ରାଙ୍କ ସହଯୋଗୀ ଝୁନୁ ଦିଦିଙ୍କୁ ଡକାଇଥିଲେ। ହିମାନୀ କ୍ରୋଧାନ୍ୱିତ ହୋଇ ଝୁନୁଙ୍କୁ ମଧ୍ୟ ଖରାପ ଭାଷାରେ ଗାଳିଗୁଲଜ କରି ତାଙ୍କୁ ମଧ୍ୟ ମାଡ଼ ମାରିଥିଲେ। ଏ ନେଇ ଲୋପା ମୁଦ୍ରା ଯୋଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା(ନଂ.୨୬୬/୨୫) ରୁଜୁ କରି ତଦନ୍ତ କରୁଥିବା ଯୋଡ଼ା ଆଇଆଇସି ପ୍ରଶାନ୍ତ କୁମାର ସାମଲ ସୂଚନା ଦେଇଛନ୍ତି।

# ଏସିର ତମ୍ବା ପାଇପ୍ ନେଇଯାଉଛନ୍ତି

## କେନ୍ଦୁଝରରେ ଚୋରଙ୍କ ଆତଙ୍କ

କେନ୍ଦୁଝର,୧୧ା୯(ଦୀପକ ମିଶ୍ର)

କେନ୍ଦୁଝର ସହରରେ ଗତ କିଛି ଦିନ ହେବ ଏସି ପାଇପ୍ ଚୋର ଆତଙ୍କ ଖେଳାଇଛନ୍ତି। ରାତିରେ ଘର ଆଗରେ ଲାଗିଥିବା ଏସିର ଆଉଟର ମେସିନରେ ତମ୍ବା ପାଇପ୍ ଖୋଲି ନେଇଯାଉଛନ୍ତି। ଏନେଇ କୌଣସି ଅଭିଯୋଗ ହୋଇ ନ ଥିବା ବେଳେ ପୋଲିସ ନିଜଆଡୁ ତଦନ୍ତ କରୁଥିବା କହିଛି। ପ୍ରକାଶ ଯେ, କାଳୀତୀର୍ଥ କମିଟି ଦ୍ୱାରା ନିର୍ମିତ କଲ୍ୟାଣ ମଣ୍ଡପରୁ ତମ୍ବା ପାଇପ୍ ଚୋରି ହୋଇଥିବା କମିଟିର ଯୁଗ୍ମ ସମ୍ପାଦକ ମନୋଜ ମିଶ୍ର କହିଛନ୍ତି। ଅନୁରୂପ କେନ୍ଦୁଝରଗଡ଼ ମ୍ୟୁନିସିପାଲିଟି ଅଧୀନରେ ଥିବା ନଗର ଭବନରେ ଲାଗିଥିବା ଏସିର ମଧ୍ୟ ତମ୍ବା ପାଇପ୍ ଚୋରି ହୋଇଯାଇଛି। ୨ ଦିନ ମଧ୍ୟରେ ଉତ୍କଳ ସପ୍ଲାଇ ଏଜେନ୍ସିରେ ଲାଗିଥିବା ପ୍ରାୟ ୧୩ ଗୋଟି ଏସିର ପାଇପ୍ ଚୋରି ହୋଇଥିବା ଏହାର ମାଲିକ କହିଛନ୍ତି। ଥାନା ନିକଟରେ ଥିବା ବିଜୁ ପଟ୍ଟନାୟକ ଛକ ସମ୍ମୁଖରେ ଥିବା ଶ୍ରୀକ୍ରୀଷ୍ଣା ଏଣ୍ଟରପ୍ରାଇଜେସରୁ ମଧ୍ୟ ୨ ଦୁଇ ଥର ଏସି ପାଇପ ଚୋରି ହୋଇସାରିଛି ବୋଲି ଏହାର ପାର୍ଟନର ସୁରେଶ ରାଉତ ପ୍ରକାଶ କରିଛନ୍ତି। କେନ୍ଦୁଝର ସହରରେ ଏହି ସବୁ ଚୋରି ଘଟଣା ପରେ ଲୋକମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଚୋରମାନେ ଏହିସବୁ ତମ୍ବା ପାଇପକୁ କାଟିନେଇ କବାଡିବାଲାଙ୍କୁ ବିକୁଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଟାଉନ ଥାନା ଆଇଆଇସି ଶ୍ରୀକାନ୍ତ ସାହୁଙ୍କୁ ପଚାରିବାରୁ ଏହି ବାବଦରେ କେହି ଥାନାରେ କୌଣସି ଅଭିଯୋଗ କରି ନାହାନ୍ତି। କାମ ସିନ୍ଧି ଚୋରମାନେ କରୁଛନ୍ତି। ସେମାନଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ସେ ପ୍ରକାଶ କରିଥିଲେ।

# ତହସିଲଦାର, ପୋଲିସ ଗାଡ଼ି ଛାଡ଼ିଲେନି

## ପ୍ରସ୍ତାବିତ ଷ୍ଟିଲ୍‌ପ୍ଲାଣ୍ଟକୁ ନେଇ ବଢୁଛି ବିରୋଧ

ପାଟଣା,୧୧ା୯(ବୀର କିଶୋର ଦାଶ):

କେନ୍ଦୁଝର ଜିଲା ପାଟଣା ତହସିଲ ଅନ୍ତର୍ଗତ ଚେମେଣା ଓ ଯମୁନାପଶି ପଞ୍ଚାୟତ ଅଞ୍ଚଳର ୧୨ଟି ମୌଜାକୁ ନେଇ ପ୍ରସ୍ତାବିତ ଷ୍ଟିଲପ୍ଲାଣ୍ଟକୁ ନେଇ ଦିନକୁ ଦିନ ଅଞ୍ଚଳରେ ଅଶାନ୍ତ ବଢ଼ଇବାରେ ଲାଗିଛି। ଷ୍ଟିଲ ପ୍ଲାଣ୍ଟକୁ ସ୍ଥାନୀୟ ଲୋକେ ବିରୋଧ କରୁଥିବା ବେଳେ ଗାଁକୁ ପ୍ରଶାସନିକ ଅଧିକାରୀଙ୍କୁ ପୁରାଇ ଦେଉନାହାନ୍ତି। ବୁଧବାର ଗାଁକୁ ତହସିଲଦାର ଓ ପୋଲିସ ଦଖଲ ହୋଇଥିବା ସରକାରୀ ଜମି ତଦାରଖ କରିବାକୁ ଯାଇଥିବା ବେଳେ ଲୋକେ ଗାଡିକୁ ଅଟକାଇଥିଲେ। ଦୀର୍ଘ ସମୟ ଧରି ନ ଛାଡ଼ିବା ପରେ ତହସିଲଦାର ଓ ପୋଲିସ ଫେରି ଆସିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାଏକ, ଅତିରିକ୍ତ ତହସିଲଦାର ଶରଣ ଜେନା, ତୁରୁମୁଙ୍ଗା ଥାନା ଅଧିକାରୀ ଦିପ୍ତୀରଞ୍ଜନ ସାହୁ, ଭାରପ୍ରାପ୍ତ ଥାନା ଅଧିକାରୀ ସୌରଭ ପ୍ରଧାନ ଗୋଡ଼ିପୋଖରୀ, ଭୃଙ୍ଗରାଜପଶି, ଯମୁନାପଶି କୋଡ଼ଖମଣ ଆଦି ଗ୍ରାମକୁ ବୁଧବାର ଅପରାହ୍ନ ୪ ଟାରେ ଯାଇ କିଏ କିଏ ସରକାରୀ ଜମି ଦଖଲ କରିଛନ୍ତି ଦେଖିବାକୁ ଯାଇଥିଲେ। କୋଡ଼ଖମଣ ଓ ଯମୁନାପୋଷି ଗାଁରେ ଲୋକେ ଠେଙ୍ଗା ବାଡ଼ି ଧରି ଗାଡ଼ିକୁ ଅଟକାଇଥିଲେ। ଅଢ଼େଇ ଶହରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଏକତ୍ରିତ ହୋଇ ଅପରାହ୍ନ ୪ରୁ ୬ଟା ପର୍ଯ୍ୟନ୍ତ ତହସିଲ ଓ ପୋଲିସ ଗାଡି ସମ୍ମୁଖରେ ଛିଡା ହୋଇ ରାସ୍ତା ଅବରୋଧ କରି ରହିଥିଲେ। ସରକାର , କମ୍ପାନୀ, ପ୍ରଶାସନ ଓ ପୋଲିସ ବିରୋଧରେ ନାରାବାଜି ଦେଇଥିଲେ। ବୁଝାଶୁଝା ପରେ ତହସିଲଦାର ଓ ପୋଲିସ ସେଠାରୁ ମୁକୁଳିଥିଲେ। ଏ ନେଇ ଜିନ୍ଦଲ ପ୍ରତିରୋଧ ମଞ୍ଚର ସମ୍ପାଦକ ବେଣୁଧର ସର୍ଦ୍ଦାର କହିଛନ୍ତି, କୌଣସି କର୍ମଚାରୀଙ୍କୁ ଆମେ ଅଟକାଇ ନ ଥିଲୁ। କେବଳ ପ୍ରସ୍ତାବିତ ଷ୍ଟିଲ୍ ପ୍ଲାଣ୍ଟକୁ ବିରୋଧ କରି ଦାବିପତ୍ର ତହସିଲଦାରାଙ୍କୁ ପ୍ରଦାନ କରିଥିଲୁ।

# ପୁଅକୁ ଖୋଜିବା ଦାବିରେ ବାପାଙ୍କ ଧାରଣା



ବିଡିଓ, ତହସିଲଦାରଙ୍କ ଉପସ୍ଥିତିରେ ବାଲିବନ୍ଧ କରି ଖୋଜାଖୋଜି କରାଯାଉଛି।

## ଗୁଣ୍ଡିଚାଘାଗିରେ ଭାସିଯାଇ ଯୁବକ ନିଖୋଜ ଘଟଣା

ଘଟଗାଁ,୧୧ା୯(ରାଜେନ୍ଦ୍ର କୁମାର ପଟ୍ଟନାୟକ)

କେନ୍ଦୁଝର ଜିଲା ଗୁଣ୍ଡିଚାଘାଗି ଜଳପ୍ରପାତରେ ଭାସିଯାଇ ନିଖୋଜ ଯୁବକଙ୍କ ୪ ଦିନ ପରେ ବି ପତ୍ତା ମିଳୁନାହିଁ। ପୁଅକୁ ଖୋଜି ଆଣିବାକୁ ନିଖୋଜ ଯୁବକଙ୍କ ବାପା ସହଦେବ ବେହେରା ଗୁରୁବାର ମଧ୍ୟାହ୍ନ ୧୨ଟାରେ ୨୦ ନମ୍ବର ଜାତୀୟ ରାଜପଥ ଅବରୋଧକରି ବସି ରହିଥିଲେ।

ପ୍ରକାଶ ଯେ, ବାଲେଶ୍ୱର ଜିଲା ସୋର ଥାନା ଅନ୍ତର୍ଗତ ବର୍ଡ୍ଡନା ଗ୍ରାମର ଦେବେଶ ବେହେରା(୨୨) ତାଙ୍କ ଭଉଣୀ, ଭିଣୋଇଙ୍କ ସହ ସୋମବାର ଘଟଗାଁ ମା' ତାରିଣୀଙ୍କ ଦର୍ଶନ ନିମନ୍ତେ ଆସିଥିଲେ। ପୂର୍ବାହ୍ନରେ ଦର୍ଶନ ସାରି ଗୁଣ୍ଡିଚାଘାଗିକୁ ବୁଲିବା ପାଇଁ ଯାଇଥିଲେ। ସେଠାରେ ସେଲ୍ଫି ନେବା ସହ ଜଳପ୍ରପାତରେ ପଡ଼ିଯାଇ ଭାସିଯାଇଥିଲେ। ଯୁବକଙ୍କ କୌଣସି ସନ୍ଧାନ ଆଜି ପର୍ଯ୍ୟନ୍ତ ମିଳି ନ ଥିବାରୁ ବାପା ବୁଧବାର ରାସ୍ତାରେ ଧାରଣା ଦେଇଥିଲେ। ସ୍ଥାନୀୟ ପ୍ରଶାସନ ପହଞ୍ଚି ବୁଝାଶୁଝା କରିବା ପରେ ସେ ଉଠିଥିଲେ। ଗୁରୁବାର ପୁଣି ୨୦ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ପରେ ବିଡିଓ ଖଗେଶ୍ୱର ବରାଳ, ଏବିଡିଓ ଚିତ୍ତରଞ୍ଜନ ନାୟକ, ତହସିଲଦାର ଚାରୁଲତା ସିଂହ, ଏସ୍‌ଡିପିଓ ବିଜୟକୃଷ୍ଣ ମହାପାତ୍ର ଓ ଘଟଗାଁ ଥାନା ଅଧିକାରୀ ଶୁଭ୍ରାନ୍ତ କୁମାର ଜେନା ପହଞ୍ଚି ବୁଝାଶୁଝା କରି ଏନ୍‌ଡିଆର୍‌ଏଫ୍ ଟିମ୍ ସହାୟତାରେ ଖୋଜାଖୋଜି କରିବା ନେଇ ପ୍ରତିଶ୍ରୁତି ପରେ ରାସ୍ତାରୁ ଉଠିଥିଲେ। ପରେ ପ୍ରଶାସନିକ ଅଧିକାରୀ ଏନ୍‌ଡିଆର୍‌ଏଫ୍ ଟିମ୍‌ସହ ପହଞ୍ଚି ସ୍ଥାନୀୟ ସରପଞ୍ଚ ଅନ୍ନପୂର୍ଣ୍ଣା ଦେହୁରୀ ଓ ଗ୍ରାମବାସୀଙ୍କ ସହଯୋଗରେ ଖୋଜାଖୋଜି ଜାରି ରଖିଛନ୍ତି।

# ୨ ବର୍ଷ ପରେ ବୈଠକ ନିମନ୍ତେ ଚିଠି

## ଡିଏମ୍‌ଏଫର ୧୨ତମ ଟ୍ରଷ୍ଟ ବୋର୍ଡ ବୈଠକ

କେନ୍ଦୁଝର/ହାଟଡିହୀ,୧୧ା୯(ନରେଶ ଚନ୍ଦ୍ର ପଟ୍ଟନାୟକ/ଶୁଭକାନ୍ତ ନାୟକ)

କେନ୍ଦୁଝର ଡିଏମ୍‌ଏଫର ୧୨ତମ ଟ୍ରଷ୍ଟ ବୋର୍ଡ ବୈଠକ ଦୀର୍ଘ ୨ ବର୍ଷ ୯ ମାସ ପରେ ସେପ୍ଟେମ୍ବର ମାସ ୧୩ ତାରିଖ ଦିନ ଦରବାର ହଲରେ ଅନୁଷ୍ଠିତ ହେବ। ଏ ନେଇ ଡିଏମ୍‌ଏଫ ତରଫରୁ ଚିଠି ପ୍ରକାଶ ପାଇଛି। ଡିଏମ୍‌ଏଫ ସିଇଓଙ୍କ ଚିଠି ନଂ. ୨୪୭୬/୯ ସେପ୍ଟେମ୍ବର ୨୦୨୫ ଅନୁସାରେ ଜିଲାର ବିଭିନ୍ନ ବିଭାଗକୁ ଅବଗତ କରାଇବା ସହ ବୈଠକରେ ଉପସ୍ଥିତ ରହି ପ୍ରସ୍ତାବ ଦେବାକୁ ଚିଠିରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ୧୯ ନଭେମ୍ବର ୨୦୨୨ରେ ୧୧ତମ ଟ୍ରଷ୍ଟ ବୋର୍ଡ ବୈଠକ ଅନୁଷ୍ଠିତ ହୋଇଥିଲା। ଇତି ମଧ୍ୟରେ ୨ ବର୍ଷ ୯ ମାସ ବିତି ସାରିଥିଲେ ବି ନୂତନ ଟ୍ରଷ୍ଟ ବୋର୍ଡ ଗଠନ ହୋଇ ନ ଥିଲା କି ବୈଠକ ମଧ୍ୟ ଅନୁଷ୍ଠିତ ହୋଇ ନ ଥିଲା। କିନ୍ତୁ ଓଡ଼ିଏମ୍‌ଏଫ ରୁଲ ୨୦୧୫ର ରୁଲ ୪(୪) ଅନୁସାରେ ଗୋଟିଏ ଆର୍ଥିକ ବର୍ଷରେ ୨ ଥର ଟ୍ରଷ୍ଟ ବୋର୍ଡ ବୈଠକ ଅନୁଷ୍ଠିତ ହେବା କଥା । ଟ୍ରଷ୍ଟ ବୋର୍ଡ ବୈଠକ କରା ନ ଯାଇ ଡିଏମ୍‌ଏଫ ଅନୁଦାନରେ ଅପବ୍ୟବହାର, ହେରଫେର ଏବଂ ଅନିୟମିତତା ହେଉଥିବା ନେଇ ଓଡିଶା ଉଚ୍ଚ ନ୍ୟାୟାଳୟରେ ମାମଲା ବିଚାରଧୀନ ରହିଛି। ମାମଲା ଦାୟର ପରେ ଟ୍ରଷ୍ଟ ବୋର୍ଡ ପୁନଃ ଗଠନ ପାଇଁ ଜିଲାପାଳଙ୍କ ଚିଠି ନଂ. ୨୦୩୪/୨୬ ଜୁନ୍ ୨୦୨୫ରେ ମେମ୍ବର ତାଲିକା ରାଜ୍ୟ ପ୍ଲାନିଂ ଆଣ୍ଡ କନ୍‌ଭରଜେନ୍ସ ବିଭାଗକୁ ପ୍ରଦାନ କରାଯାଇଥିଲା। ପରେ ଉକ୍ତ ବିଭାଗର ନୋଟିଫିକେସନ ନଂ. ୧୦୬୧୧/୨୪ ଜୁଲାଇ ୨୦୨୫ ଅନୁସାରେ ୩୧ ଜଣିଆ ମେମ୍ବର ତାଲିକା ପ୍ରକାଶ ପାଇଥିଲା। ଏହି ମେମ୍ବର ତାଲିକାରେ ସଦର ବିଧାୟକ ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନାମ ସ୍ଥାନିତ ହୋଇଛି।

# ଔଷଧ ମିଳୁନି, କର୍ମଚାରୀ ଅଭାବରୁ ସେବା ବାଧାପ୍ରାପ୍ତ

## ଅବ୍ୟବସ୍ଥା ଘେରରେ ଢେଙ୍କିକୋଟ ପ୍ରାଣୀ ଚିକିତ୍ସାଳୟ

## ପାଣି ବ୍ୟବସ୍ଥା ନାହିଁ, ମୁଖ୍ୟ ଗେଟ୍ ଅଧାଭଙ୍ଗା ହୋଇପଡ଼ିଛି

ଢେଙ୍କିକୋଟ,୧୧ା୯(ନୀଳମଣି ମଣ୍ଡଳ)




କଳାବ୍ୟାଜ୍ ପିନ୍ଧି କର୍ମଚାରୀ କାର୍ଯ୍ୟ କରୁଛନ୍ତି।

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ଆଦିବାସୀ ଅଧ୍ୟୁଷିତ ଢେଙ୍କିକୋଟ ପ୍ରାଣୀ ଚିକିତ୍ସାଳୟ ଅବହେଳିତ ହୋଇପଡ଼ିଛି। ଆବଶ୍ୟକ କର୍ମଚାରୀ ନ ଥିବାରୁ ଅନେକ ସମୟରେ ଗୋସମ୍ପଦ ଚିକିତ୍ସାରୁ ବଞ୍ଚିତ ହେଉଛନ୍ତି। ପାଣି ସୁବିଧା ନ ଥିବା ବେଳେ ମାଗଣା ଔଷଧ ପ୍ରଦାନ କରାଯାଉନାହିଁ। ଏ ନେଇ ଗୋରୁ ଓ ଛେଳି ପାଳନକରି ପରିବାର ଗୁଜୁରାଣ କରୁଥିବା ଚାଷୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ଢେଙ୍କିକୋଟ ଅଞ୍ଚଳର ଆଖପାଖ ୧୫ରୁ ଉର୍ଦ୍ଧ୍ୱ ପଞ୍ଚାୟତରେ ଚାଷୀ ଗୋପାଳନ ସହ ଗୃହପାଳିତ ପ୍ରାଣୀ ରଖୁଛନ୍ତି। ବିଶେଷକରି ଗୋଚାଷୀ ଏବଂ ଛେଳି ଚାଷୀମାନେ ଉକ୍ତ ଚିକିତ୍ସାଳୟ ଉପରେ ନିର୍ଭର କରିଥାନ୍ତି। ମାତ୍ର ଏଠାରେ ଜଣେ ପିଅନ, ଜଣେ କମ୍ପାଉଣ୍ଡର, ଜଣେ ପ୍ରାଣୀ ଚିକିତ୍ସକ ଓ ଜଣେ ରାତ୍ର ଜଗୁଆଳ ସ୍ଥାନରେ ଜଣେ ପ୍ରାଣୀ ଚିକିତ୍ସକ ଓ ପିଅନରେ ସେବା ଚାଲିଛି। ଅନେକ ସମୟରେ ଚାଷୀ ପ୍ରାଥମିକ ଚିକିତ୍ସା ପାଇଁ ଗୃହପାଳିତ ପ୍ରାଣୀଙ୍କୁ ଆଣିଲେ ଆଗ ୫ ରୁ ୨୦ ଟଙ୍କା ପର୍ଯ୍ୟନ୍ତ ପଇଠ କରିବା ପାଇଁ ପଡୁଥିବା ଅଭିଯୋଗ ହୋଇଛି। ଏପରିକି ପ୍ରାଣୀ ଚିକିତ୍ସକ ଦେଖିବା ପରେ ମାଗଣାରେ କୌଣସି ଔଷଧ ନ ଦେଇ ବାହାରୁ ଆଣିବାକୁ କହିଥାନ୍ତି। ପ୍ରାଣୀ ଚିକିତ୍ସାଳୟ ପରିସରରେ ପାଣିର ବ୍ୟବସ୍ଥା ନାହିଁ। ପ୍ରାଣୀ ଚିକିତ୍ସକ ରହିବା ବ୍ୟବସ୍ଥା ତ ଦୂରର କଥା ଶୌଚାଳୟଟିଏ ମଧ୍ୟ ନାହିଁ। ଚିକିତ୍ସାଳୟ ମୁଖ୍ୟ ଗେଟ୍ ଅଧା ଭଙ୍ଗା ହୋଇପଡ଼ିଛି। ଅନ୍ୟପକ୍ଷେ ପ୍ରାଣୀ ଚିକିତ୍ସାମାନେ ୧୪ ଦଫା ଦାବିନେଇ କଳାବ୍ୟାଜ୍ ପରିଧାନକରି କାର୍ଯ୍ୟ କରୁଛନ୍ତି। ସରକାରଙ୍କ ନିକଟରେ ପ୍ରାଣୀ ଚିକିତ୍ସକ ବିଭିନ୍ନ ଦାବି କରିଆସୁଥିଲେ ହେଁ ପୂରଣ ହେଉ ନ ଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସକ ଚନ୍ଦ୍ରଶେଖର ରଥ କହିଛନ୍ତି, ସରକାର ସୁବ୍ୟବସ୍ଥା କଲେ ତଥା ଡାକ୍ତରଖାନାରେ ଔଷଧ ଉପଲବ୍ଧ ହେଲେ ଚାଷୀଙ୍କୁ ଦେବେ। ଏଥିପ୍ରତି ସରକାର ଦୃଷ୍ଟିଦେବା ପାଇଁ ଢେଙ୍କିକୋଟ ଅଞ୍ଚଳରେ ଦାବି କରାଯାଇଛି। ନ ଚେତ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ବ୍ରାହ୍ମଣ ସଂଘ ପକ୍ଷରୁ ଦାବିପତ୍ର

ଆନନ୍ଦପୁର,୧୧ା୯ (ସୁଶାନ୍ତ କୁମାର ସାହୁ)

ଓଡ଼ିଶାର ବିଭିନ୍ନ ସ୍ଥାନରେ ବସବାସ କରୁଥିବା ଗ୍ରହବିପ୍ରମାନେ ଅବଧାନେ ଖଡିରତ୍ନ ଜ୍ୟୋତିଷ ଭାବରେ ପରିଚିତ। ବୈଦିକ ଶାସ୍ତ୍ର ମତ ଅନୁସାରେ ବୈଦଜ୍ଞ ବ୍ରାହ୍ମଣମାନେ ମଧ୍ୟ ବ୍ରାହ୍ମଣ ବର୍ଗର ଅଟନ୍ତି। ଗତ ସରକାରଙ୍କ ଭୁଲ ନିଷ୍ପତ୍ତି ଯୋଗୁ ଏମାନଙ୍କର ଜମି ଓ ପଟ୍ଟାରେ ଜାତି ଜ୍ୟୋତିଷ ବୋଲି ଲେଖାଯାଇଛି। ଜ୍ୟୋତିଷ ଏକ ବିଦ୍ୟା ଅଟେ, ଏହା ଜାତି କିମ୍ବା ବର୍ଣ୍ଣ ନୁହେଁ। ତେଣୁ ସମ୍ପୃକ୍ତ ଜାତିର ଜନ୍ମିତ ବ୍ୟକ୍ତିଙ୍କ ଜମି ଓ ଘରବାଡି ପଟାରେ ଜ୍ୟୋତିଷ ପରିବର୍ତ୍ତେ ବ୍ରାହ୍ମଣ ଲେଖିବା ପାଇଁ ଶାକଦିପୀ ବୈଦିକ ସଂଘ ପକ୍ଷରୁ କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡରେ ଥିବା ବୈଦଜ୍ଞ ବ୍ରାହ୍ମଣ ସଂଘ ପକ୍ଷରୁ ବୁଧବାର ଜିଲା ସଭାପତି ଉମାକାନ୍ତ ନାୟକ, ସମ୍ପାଦକ ନିତ୍ୟାନନ୍ଦ ନାୟକ, ସଂଗଠନ ସମ୍ପାଦକ କୈଳାସ ଚନ୍ଦ୍ର ନାୟକ, କୋଷାଧ୍ୟକ୍ଷ ବିପିନ ବିହାରୀ ନାୟକ, ସହ ସମ୍ପାଦକ ନରେନ୍ଦ୍ର ନାୟକଙ୍କ ସହିତ ସନ୍ତୋଷ କୁମାର ନାୟକ, ସୁବ୍ରତ ନାୟକ, ପ୍ରଶାନ୍ତ ନାୟକ ପ୍ରମୁଖ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

# ୩ ଗିରଫ, ଚୋରି ସାମଗ୍ରୀ ଜବତ

## ପୁରୁଣା ବଜାରରେ ଚୋରି ଘଟଣା



ଗିରଫ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

କେନ୍ଦୁଝର,୧୧ା୯(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର):

କେନ୍ଦୁଝର ଟାଉନ ଥାନା ପୋଲିସ ଏକ ବଡ଼ ଚୋରି ଘଟଣାରେ ସଫଳତା ପାଇଛି। କେନ୍ଦୁଝର ପୁରୁଣା ବଜାରରୁ ଏକ ଚୋରି ଘଟଣାରେ ୩ ଆନ୍ତଃଜିଲା ଅପରାଧୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବାଲେଶ୍ୱର ଜିଲାର ବ୍ରଜଗୋପାଳ ଦାସ (୨୬), ଅଜୟ ଜେନା (୩୮) ଓ ପୂର୍ବ ମେଦିନାପୁର, ପଶ୍ଚିମବଙ୍ଗର ନୁରୁଦ୍ଦିନ ମଲ୍ଲିକ (୪୪) ବୋଲି ଜଣାପଡ଼ିଛି। ସେମାନଙ୍କ ନିକଟରୁ ବିପୁଳ ପରିମାଣର ଚୋରି ସାମଗ୍ରୀ ଜବତ ହୋଇଛି। ପ୍ରକାଶ ଯେ, ୪ ସେପ୍ଟେମ୍ବର ରାତିରେ କେନ୍ଦୁଝର ପୁରୁଣା ବଜାର ଲକ୍ଷ୍ମୀନାରାୟଣପୁର ସାହିରେ ଦୁର୍ବୃତ୍ତ ଜଣଙ୍କ ଘରେ ପଶି ସୁନାଗହଣା ଓ ୫୦,୦୦୦ ହଜାର ଟଙ୍କା ନେଇଥିଲେ। ଘର ମାଲିକ ନିର୍ମଳ କୁମାର ଝରାଙ୍କ ଲିଖିତ ଅଭିଯୋଗ ଆଧାରରେ ଟାଉନ ଥାନାରେ ଏକ ମାମଲା(ନଂ.୬୫୦/୨୫) ରୁଜୁ ହୋଇଥିଲା। ପୋଲିସ ତଦନ୍ତ ସମୟରେ ଘଟଣାସ୍ଥଳ ପରିଦର୍ଶନ କରି ସିସିଟିଭି ଫୁଟେଜ ସଂଗ୍ରହ କରି ଯାଞ୍ଚ କରିଥିଲା। ଫୁଟେଜ୍‌ରେ ଏକ ମାରୁତି ବ୍ରେଜା(ନଂ ଓଡ଼ି ୦୨ ସିଏମ୍ ୩୩୩୯) କାର ଓ ୪ ଜଣ ବ୍ୟକ୍ତି ଏହି ଘଟଣାରେ ଜଡ଼ିତ ଥିବା ଜଣାପଡ଼ିଥିଲା। ଗୁପ୍ତ ସୂଚନା ଓ ଟେକ୍ନିକାଲ ସରଭେଲାନ୍ସ ଉପରେ କାର୍ଯ୍ୟ କରି ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି। ସେମାନଙ୍କ ନିକଟରୁ ପୋଲିସ ଚୋରି ହୋଇଥିବା ସୁନା, ରୁପା ଗହଣା, ଲାଲ ରଙ୍ଗର ମାରୁତି ବ୍ରେଜା କାର, ଏକ ଏୟାର୍ଗନ ପିସ୍ତଲ, ୨ଟି ବଡ଼ ଲକ୍ କାଟିବା ମେସିନ, ୨ଟି ବଡ଼ ଲୋହା ଲୋହାରୀ, ୧ଟି ଅକ୍ସିଜେନ ସିଲିଣ୍ଡର ଓ କଟିଂ ମେଶିନ, ୧ଟି ଡିଭିଆର ମେସିନ ଓ ୩ଟି ସିସିଟିଭି କ୍ୟାମେରା, ଅନ୍ୟାନ୍ୟ ଅପରାଧୀ ସାମଗ୍ରୀ ଜବତ କରିଛନ୍ତି। ଅନ୍ୟ ଜଣେ ସହଭାଗୀ ସଞ୍ଜୟ ଗିରି ଫେରାର ଥିବା ବେଳେ ପୋଲିସ ଧରିବା ପାଇଁ ଚେଷ୍ଟା ଚାଲିଛି। ଅଭିଯୁକ୍ତମାନେ ପୂର୍ବରୁ ବାଲେଶ୍ୱର ଓ କେନ୍ଦୁଝର ଜିଲାରେ ଅପରାଧିକ ମାମଲାରେ ଜଡ଼ିତ ଥିଲେ। ଗୁରୁବାର ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ ସୂଚନା ଦେଇଛନ୍ତି।

## ଜମା ଓ ବୀମା ସଚେତନତା କାର୍ଯ୍ୟକ୍ରମ

ବୈଶିଙ୍ଗା,୧୧।୯(ରତନ ଦାଶ)- ବ୍ୟାଙ୍କରେ ବିଭିନ୍ନ ଜମା ଏବଂ ବୀମା ସମ୍ପର୍କୀତ ଏକ ସଚେତନତା କାର୍ଯ୍ୟକ୍ରମ ବେତନଟୀ ବ୍ଲକ ଅଧୀନ ଗଡ଼ଦେଉଳିଆ ପଞ୍ଚାୟତ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ସ୍ୱଳ୍ପ ପ୍ରିମିୟମ ଯୁକ୍ତ ଜୀବନ ବୀମା କରିବା, ଜନଧନ ଯୋଜନାରେ ଶୂନ ଜମା ରାଶି ଉପରେ ନୂତନ ଖାତା ଖୋଲିବା ଭଳି ଯୋଜନା ସମ୍ପର୍କରେ ସଚେତନ କରାଇବା ପାଇଁ ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ଜାରି ରହିଛି। ଗଡଦେଉଳିଆ ପଞ୍ଚାୟତର ସରପଞ୍ଚ ବବିତା ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଞ୍ଚଳିକ ବ୍ୟାଙ୍କ ଅଧିକାରୀ ତୀରକାନ୍ତ ନାୟକ, ସମ୍ମାନିତ ଅତିଥି ଗଡଦେଉଳିଆ ଷ୍ଟେଟ ବ୍ୟାଙ୍କର ଶାଖା ପରିଚାଳକ ବିବେକାନନ୍ଦ ବେହେରା, ସମିତି ସଭ୍ୟ ମନୋଜ ମୁର୍ମୁ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଶୁଭ୍ରଜ୍ୟୋତି ଦାସ ପ୍ରମୁଖ ଉପସ୍ଥିତ ରହି ବ୍ୟାଙ୍କର ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ବରିଷ୍ଠ ନାଗରିକଙ୍କ ସମେତ ଶତାଧିକ ମହିଳା ସଂଗଠନର ସଦସ୍ୟା ଯୋଗ ଦେଇଥିଲେ। ଗଡଦେଉଳିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ସିଂ ଧନ୍ୟବାଦ ଦେଇଥିଲେ।

# ହଷ୍ଟେଲ ପରିଚାଳନାରେ ଅବ୍ୟବସ୍ଥା

■୪୯ ମାଟ୍ରୋନ, ୨୮୬ ସିସିଏ ପଦବୀ ଖାଲି

■ଆଉଟ ସୋର୍ସିଂ ଏଜେନ୍ସି ଦ୍ୱାରା ନିଯୁକ୍ତିକୁ ଭଞ୍ଜସେନାର ବିରୋଧ

ବାରିପଦା,୧୧।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ଆଦିବାସୀ ଛାତ୍ରୀଛାତ୍ରଙ୍କୁ ଉତ୍ତମ ଶିକ୍ଷା ପ୍ରଦାନ ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାଧାନ୍ୟ ଦିଆଯାଉଛି। ଆଶ୍ରମରେ ରହିବାଠାରୁ ଆରମ୍ଭ କରି ଉତ୍ତମ ପୋଷଣ, ପାଠ୍ୟପୁସ୍ତକ, ପୋଷାକ ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅନେକ କୋଟି ଟଙ୍କା ବିନିଯୋଗ କରାଯାଉଛି। ମାତ୍ର ବ୍ୟବସ୍ଥାରେ ପରିବର୍ତ୍ତନ ହେଉ ନ ଥିବାରୁ ଅନେକ ଛାତ୍ରୀଛାତ୍ର ଏଥିରୁ ବଞ୍ଚିତ ହେଉଥିବା ବେଳେ ଉଚ୍ଚ କର୍ତ୍ତୃପକ୍ଷ ଏହାର ସମାଧାନ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଏପରିକି ବିଭାଗ ଦ୍ୱାରା ପରିଚାଳିତ ହଷ୍ଟେଲଗୁଡ଼ିକରେ ମାଟ୍ରୋନ, ସିସିଏ(କୁକ୍ କମ୍ ଆଟେଣ୍ଡାଣ୍ଟ) ଓ ଏଲ୍‌ସିସିଏ( ଲେଡିଜ୍ କୁକ୍ କମ୍ ଆଟେଣ୍ଡାଣ୍ଟ) ପଦବୀ ଖାଲି ପଡ଼ିଥିବାରୁ ପରିଚାଳନାରେ ଅବ୍ୟବସ୍ଥା ଲାଗି ରହିଛି। ଅନ୍ୟପକ୍ଷରେ ଆଉଟସୋର୍ସିଂ ଜରିଆରେ ନିଯୁକ୍ତି ପ୍ରଦାନ କରାଯିବା ଲାଗି ବିଭାଗୀୟ ନିର୍ଦ୍ଦେଶକୁ ନେଇ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ବିରୋଧ କରିଛନ୍ତି।

ସୂଚନାଯୋଗ୍ୟ, ମୟୂରଭଞ୍ଜ ଜିଲାରେ ଅନୁସୂଚୀତ ଜାତି ଓ ଜନଜାତି ଓ ସଂଖ୍ୟାଲଘୁ ଏବଂ ପଛୁଆବର୍ଗ ଉନ୍ନୟନ ବିଭାଗ ଅଧୀନରେ ୯୧୩ଟି ହଷ୍ଟେଲ ପରିଚାଳିତ ହେଉଛି। ଏହି ବିଭାଗ ଅଧୀନରେ ୧୬୭ଟି ଆଶ୍ରମ ବିଦ୍ୟାଳୟ ରହିଥିବା ବେଳେ ମୋଟ ୩୯୮ଟି ହଷ୍ଟେଲ, ସ୍କୁଲ ଓ ଗଣଶିକ୍ଷା ବିଭାଗ ଅଧୀନରେ ୪୮୪, ଏକଲବ୍ୟ ବିଦ୍ୟାଳୟରେ ୨୩ ଓ ଅନ୍ୱେଷାରେ ୮ଟି ହଷ୍ଟେଲ ପରିଚାଳିତ ହେଉଛି। ମୋଟ ୮୧ହଜାର ୩୦୯ଛାତ୍ରୀଛାତ୍ର ହଷ୍ଟେଲରେ ରହି ଶିକ୍ଷାଗ୍ରହଣ କରୁଛନ୍ତି। ସେହିପରି ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭାବ ପାଇଁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ପ୍ରଧାନ ଶିକ୍ଷକ, ଟିଜିଟି ବିଜ୍ଞାନ(ପିସିଏମ୍), ଟିଜିଟି ବିଜ୍ଞାନ(ସିବିଜେଡ୍), ଟିଜିଟି କଳା ଶିକ୍ଷକ, ସଂସ୍କୃତ ଶିକ୍ଷକ, ହିନ୍ଦୀ, ଖେଳ, ମାଟ୍ରିକ ସିଟି, ମହିଳା ମାଟ୍ରୋନ, ଜଗୁଆଳି, ଶିକ୍ଷା ସହାୟକ ଭଳି ଅନେକ ପଦବୀ ଫାଙ୍କା ପଡ଼ିଛି। ହଷ୍ଟେଲ ପରିଚାଳନା ପାଇଁ ୪୩୧ ଜଣ ମାଟ୍ରୋନ ମଧ୍ୟରୁ ୪୯ ଓ ୧୩୫୭ ସିସିଏ/ଏଲ୍‌ସିସିଏ ପଦବୀ ମଧ୍ୟରୁ ୨୮୬ଟି ପଦବୀ ଖାଲି ପଡ଼ିଛି। ଫଳରେ ଖାଲିଥିବା ପଦବୀରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ଦିନବେଳା ସ୍କୁଲରେ ଶିକ୍ଷାଦାନ ସହିତ ହଷ୍ଟେଲ ପରିଚାଳନା ଦାୟିତ୍ୱ ତୁଲାଉଥିବାରୁ ଠିକ୍ ଭାବେ ପରିଚାଳନା ସମ୍ଭବ ହୋଇପାରୁ ନାହିଁ । ବିଭାଗର ଏଭଳି ଅବ୍ୟବସ୍ଥା ଯୋଗୁ ଛାତ୍ରୀଛାତ୍ରଙ୍କ ଅକାଳ ବିୟୋଗ ଓ ଦୁର୍ଘଟଣାକୁ ନେଇ ପରିଚାଳନା ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକମାନେ ଦଣ୍ଡିତ ହେଉଛନ୍ତି। ଫଳରେ ଛାତ୍ରୀଛାତ୍ରମାନେ ଉତ୍ତମ ସେବାରୁ ବଞ୍ଚିତ ହୋଇ ଅଧାରୁ ପାଠପଢ଼ା ଛାଡ଼ି ଦାଦନ ମୁହାଁ ହେଉଥିବା ନଜିର ରହିଛି। ଖାଲିଥିବା ସିସିଏ ଓ ଏଲସିସିଏ ପଦବୀ ସ୍କୁଲ ପରିଚାଳନା କମିଟି ଚୟନ କରିବା ପରେ ଜିଲା ମଙ୍ଗଳ ଅଧିକାରୀଙ୍କ ଦ୍ୱାରା ନିଯୁକ୍ତି ଦିଆଯାଇଥାଏ। ମାତ୍ର ରାଜ୍ୟ ଏସ୍‌ଟି ଆଣ୍ଡ ଏସି ଡେଭଲପମେଣ୍ଟ ବିଭାଗର ଚିଠି ନଂ. ୨୧୮୧୨/୮ ସେପ୍ଟେମ୍ବର ୨୦୨୫ ଅନୁଯାୟୀ ଏହି ପଦବୀଗୁଡ଼ିକ ନିଯୁକ୍ତି ପାଇଁ ଆଉଟସୋର୍ସିଂ ଏଜେନ୍ସି ଦ୍ୱାରା କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଜେନ୍ସି ଦ୍ୱାରା ଚଞ୍ଚକତା ପୂର୍ବକ ନିଯୁକ୍ତି ପାଇଁ ଜିଲାର ବହୁ ଯୁବତୀ ଯୁବକ କର୍ମ ନିଯୁକ୍ତିରୁ ବଞ୍ଚିତ ରହିଛନ୍ତି। ଏପରିକି ମୋଟା ଅଙ୍କର ଅର୍ଥ ନେଇ ବାହାର ଜିଲାର ଅନଭିଜ୍ଞ ଯୁବତୀଯୁବକମାନଙ୍କୁ ନିଯୁକ୍ତି ଦିଆଯାଉଥିବାରୁ ଜିଲାର ଅନେକ ଆଶାୟୀ ନିରାଶ ହେଉଛନ୍ତି ବୋଲି ଭଞ୍ଜସେନା ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ଏହି ପଦବୀଗୁଡ଼ିକ ପୂର୍ବଭଳି ସ୍କୁଲ ପରିଚାଳନା କମିଟି ମାଧ୍ୟମରେ କରାଯାଇ ସ୍ଥାନୀୟ ଆଶାୟୀଙ୍କୁ ନିଯୁକ୍ତି ଦେବାକୁ ଦାବି ହୋଇଛି। ଏଥିରେ ବ୍ୟତିକ୍ରମ କରାଗଲେ ଆଗାମୀ ଦିନରେ ଜିଲାବ୍ୟାପି ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଭଞ୍ଜସେନା ପ୍ରତିଷ୍ଠାତ ଜେନା ଚେତାବନୀ ଦେଇଛନ୍ତି।

## ଆମ ପୋଲିସ ସମିତି ବୈଠକ



ବୈଠକରେ ଉପସ୍ଥିତ ଆମ ପୋଲିସ ସମିତିର ସଦସ୍ୟମାନେ।

ବୈଶିଙ୍ଗା,୧୧।୯(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ପୋଲିସ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ପାର୍ବଣ ଋତୁ ବିଶେଷକରି ଦୁର୍ଗାପୂଜା ଓ ରାବଣପୋଡ଼ି ମହୋତ୍ସବରେ ଶାନ୍ତି ଶୃଙ୍ଖଳା ରକ୍ଷା ସକାଶେ ବିଭିନ୍ନ ଗ୍ରାମରୁ ଆସିଥିବା ଶାନ୍ତି କମିଟି ସଦସ୍ୟମାନଙ୍କ ସହ ଆଲୋଚନା ହୋଇଥିଲା। ଏହି ଥାନା ଅଞ୍ଚଳରେ ମୋଟ ୨୦ଟି ସ୍ଥାନରେ ଦୁର୍ଗାପୂଜା ଓ ଖୁଣ୍ଟାପୁର ଓ ମେରଦାଠାରେ ରାବଣପୋଡ଼ି ଉତ୍ସବ ପାଳନ କରାଯାଏ। କମିଟିର ସଦସ୍ୟମାନଙ୍କୁ ଅଗ୍ନିଶମ, ବିଦ୍ୟୁତ୍ ବିଭାଗ ଓ ଉପଜିଲାପାଳ କାର୍ଯ୍ୟାଳୟରୁ ମାଇକ୍ ବ୍ୟବହାର ପାଇଁ ଅନୁମତି ପତ୍ର ଆଣି ଥାନାରେ ଦାଖଲ କରିବାକୁ ପରାମର୍ଶ ଦିଆଯାଇଥିଲା। ଏହାସହିତ ଭସାଣି ଉତ୍ସବ ସମ୍ପର୍କରେ ମଧ୍ୟ ପୋଲିସ ନିକଟରେ ଆଗୁଆ ସୂଚନା ଦେବାପାଇଁ ପରାମର୍ଶ ଦିଆଯାଇଥିଲା। ଏହାବାଦ ପୂଜା ଶେଷ ହେବା ପରେ ୭ ଦିନ ମଧ୍ୟରେ ଏଣେତେଣେ ପଡ଼ିଥିବା ପ୍ଲାଷ୍ଟିକ, ପାଣି ପାଉଚ, ପଲିଥିନ ଆଦି ଅଳିଆ ଆବର୍ଜନା ପରିଷ୍କାର କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ବେତନଟୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସୁତାର, ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସଙ୍କ ସମେତ ଅନ୍ୟାନ୍ୟ ପୋଲିସ ଅଧିକାରୀ ବୈଠକରେ ଉପସ୍ଥିତ ଥିଲେ।

## ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଝାରପୋଖରିଆ,୧୧।୯(ସୁଧୀର କୁମାର ମହାନ୍ତ)

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଧାଙ୍ଗୁଡ଼ିଶୋଳ ପଞ୍ଚାୟତର ମାଟିଆବେଡ଼ାସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଅଧୀନ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ପ୍ରତିହାରୀଙ୍କୁ ବୁଧବାର ଅପରାହ୍ନ ୩ଟାରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଦ୍ୟାଳୟର ବର୍ତ୍ତମାନର ପ୍ରଧାନ ଶିକ୍ଷକ ସୁଦାମ ଚନ୍ଦ୍ର ଦତ୍ତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଜିଲା ମଙ୍ଗଳ ଅଧିକାରୀ ଗୁରୁ ଚରଣ ମଲ୍ଲିକ, ମୁଖ୍ୟ ବକ୍ତାଭାବେ ଜିଲା ଅତିରିକ୍ତ ମଙ୍ଗଳ ଅଧିକାରୀ ଅଜୟ କୁମାର ଜେନା, ବରେଣ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର କୁମାର ପଣ୍ଡା, ଅବସରପ୍ରାପ୍ତ ଶିକ୍ଷା ନୀରିକ୍ଷକମାନଙ୍କ ସହିତ ବାରିପଦା ସଦର, ପାଞ୍ଚପୀଢ, ଉଦଳା, ବାମନ ଘାଟି ପ୍ରଭୃତି ୪ଟି ଡିଭିଜନ ମଧ୍ୟରେ ଥିବା ଆଶ୍ରମ ବିଦ୍ୟାଳୟଗୁଡ଼ିକର ପ୍ରଧାନ ଶିକ୍ଷକ, ଧାଙ୍ଗୁଡ଼ିଶୋଳ ପଞ୍ଚାୟତ ସରପଞ୍ଚ ଲକ୍ଷେଶ୍ୱର ନାଏକ ତଥା ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ ମୟୂରଭଞ୍ଜ ଶାଖା କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଦୀପକ କୁମାର ଦଣ୍ଡପାଟ ଅତିଥି ପରିଚୟ ପ୍ରଦାନ ଓ ସଭାକାର୍ଯ୍ୟ ସଞ୍ଚାଳନ କରିଥିଲେ। ସମ୍ବର୍ଦ୍ଧନା ସମାରୋହରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରତିହାରୀ ଓ ତାଙ୍କ ସହଧର୍ମିଣୀ ପୁଷ୍ପାଞ୍ଜଳି ପ୍ରତିହାରୀଙ୍କୁ ବିଭିନ୍ନ ଅନୁଷ୍ଠାନ, ସବଡିଭିଜନସ୍ତରୀୟ କମିଟି, ଜିଲାସ୍ତରୀୟ କମିଟି, ଅଞ୍ଚଳର ଜନସାଧାରଣ ତଥା ଜିଲା ବିଭାଗୀୟ ଅଧିକାରୀଙ୍କ ସମନ୍ୱୟ କମିଟି ପକ୍ଷରୁ ମାନପତ୍ର ସହ ଉପ ଢୌକନ ପ୍ରଦାନ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଶିକ୍ଷକ ଦେବପ୍ରସାଦ ଶେଜପଡା ପ୍ରଦୀପ ପ୍ରଜ୍ଜଳନ ସମୟରେ ମନ୍ତ୍ର ପାଠ କରିଥିଲେ। ଛାତ୍ରୀଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ପ୍ରତିହାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଫୁଟବଲ ଟୁର୍ଣ୍ଣାମେଣ୍ଟ: ଶରତ ଟିମ୍ ଚାମ୍ପିୟନ

ଠାକୁରମୁଣ୍ଡା,୧୧।୯
(ତାରାକାନ୍ତ ପଟ୍ଟନାୟକ)

ଠାକୁରମୁଣ୍ଡା ବ୍ଲକ ଡକେଇପାଳ ଗ୍ରାମର ମା' ଡକେଇଶୁଣି ଯୁବକ ସଂଘ ଅନୁକୂଲ୍ୟରେ ଆୟୋଜିତ ରାଧାକ୍ରିଷ୍ଣନ ମେମୋରିଆଲ ରୋପ୍ୟ ଜୟନ୍ତୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଶରତ ଫୁଟବଲ ଟିମ ପେନାଲଟିକ ଗୋଲରେ ଯଶୀପୁର ଚକାଡୋଳା ଫୁଟବଲ ଟିମକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ସେହିପରି ଠାକୁରମୁଣ୍ଡାର ସରାଶପୋଷି ଫୁଟବଲ ଟିମ ପେଲାଣ୍ଟିକ ଗୋଲରେ ପଣସଡ଼ିହାର ଅମ୍ବିତ ଇଲେଭେନକୁ ହରାଇ ତୃତୀୟ ସ୍ଥାନ ହାସଲ କରିଛି।ଏଥିରେ ମୋଟ ୪୮ଟି ଫୁଟବଲ ଟିମ ଅଂଶ ଗ୍ରହଣ କରିଥିଲେ। ବିଜୟୀ ଟିମ୍‌ଗୁଡ଼ିକୁ ୫୦ ହଜାର, ୩୫ ହଜାର, ୨୨ ହଜାର, ୨୦ ହଜାର ନଗଦ ଅର୍ଥ ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଏଥି ସହିତ ଅନ୍ୟ ୪ଟି ଫୁଟବଲ ଟିମ୍‌କୁ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଖେଳକୁ କେଦାର କଲୁଣ୍ଡିଆ, ମାନସ ଟୁଡ୍ଡୁ, ପପୁ ବାସ୍କେ, ଗୁଲସନ କୁମାର ଓ ଜୟନ୍ତୀ ତିରିଆ ପରିଚାଳନା କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ସରୋଜିନୀ ମୁଣ୍ଡା, ଉପାଧକ୍ଷ ସନ୍ତୋଷ ମହାନ୍ତ, ତରାମରା ସରପଞ୍ଚ ବ୍ରହ୍ମାନନ୍ଦ ଦେହୁରୀ, ଠାକୁରମୁଣ୍ଡା ସରପଞ୍ଚ ବାବୁଲି ଲୁଗୁନ, ଭାଜପା ମଣ୍ଡଳ ସଭାପତି ରଘୁନାଥ ନାୟକ, ଚିଦାନନ୍ଦ ଓ ଧୀରେନ୍ଦ୍ର ଆଚାର୍ଯ୍ୟ, ସୁଦାମ ହେମ୍ବ୍ରମ, ରଞ୍ଜନ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ କାହ୍ନୁରୁ ପାତ୍ର ପରିଚାଳନା କରିଥିଲେ। ଯୁବକ ସଂଘର ସଭାପତି ଅବିନାଶ ଦାସ,ସମ୍ପାଦକ ସୁମନ୍ତ କୁମାର ଦାସଙ୍କ ସମେତ ସଂଘଙ୍‌ର କର୍ମକର୍ତ୍ତା ଟୁର୍ନରାମଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ୫ ସ୍ୱାସ୍ଥ୍ୟକର୍ମୀ ପୁରସ୍କୃତ




ରୋଗୀ କଲ୍ୟାଣ ସମିତି ବୈଠକରେ ଉପସ୍ଥିତ ଅତିଥିମାନେ।

ବାରିପଦା,୧୧।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶାମାଖୁଣ୍ଟା ବ୍ଲକ ଅଧୀନରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରୋଗୀ କଲ୍ୟାଣ ସମିତି ପକ୍ଷରୁ ଏନକ୍ୟୁଏଏସ୍ ପୁରସ୍କାରପ୍ରାପ୍ତ ୫ଟି ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟକର୍ମୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ପି.କେ. ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ରୋଗୀ କଲ୍ୟାଣ ସମିତି ବୈଠକରେ ମୁଖ୍ୟ ଅତିଥି ଭାବେ ବାଙ୍ଗରିପୋଷି ବିଧାୟିକା ସଞ୍ଜଳି ମୁର୍ମୁ ଯୋଗଦେଇ ସଫଳତାରେ ଉଲ୍ଲେଖନୀୟ ଅବଦାନ ଥିବା ଜଗନ୍ନାଥପୁର, କରଞ୍ଜିଆ, ଟିକରପଡ଼ା, ଆମ୍ବଡୁବି ଓ ଗଉଡ଼ଡିହା ଆୟୁଷ୍ମାନ ଆରୋଗ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ କର୍ମୀଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡା. ରବୀନ୍ଦ୍ର କୁମାର ଦାଶ, ବିଡିଓ ମୁନା ସେଠୀ, ବିଇଓ ଦୀପ୍ତିମୟୀ ସିଂ, ସିଡିପିଓ ସୁରେଖା ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ବିପିଏମ୍ ମଧୁଲିକା ପାତ୍ର ବିବରଣୀ ପାଠ କରିଥିଲେ। ଜାତୀୟ ସ୍ୱାସ୍ଥ୍ୟମିଶନର କନିଷ୍ଠ ଯନ୍ତ୍ରୀ ସୌମ୍ୟ ରଞ୍ଜନ ସାହୁ ନିର୍ମାଣାଧୀନ ବିପିଏଚୟୁ ଗୃହର ନକ୍ସା ସହିତ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ରୋଗୀ କଲ୍ୟାଣ ସମିତିର ସମସ୍ତ ସଦସ୍ୟ ସଦସ୍ୟା ଏଥିରେ ଯୋଗ ଦେଇଥିଲେ।

## ମାସିକ ସାହିତ୍ୟ ଆଲୋଚନାଚକ୍ର

ବାରିପଦା,୧୧।୯
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗ ପକ୍ଷରୁ ମାସିକ ସାହିତ୍ୟ ଆଲୋଚନା ଚକ୍ର ଗୁରୁବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୁରୀସ୍ଥିତ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ତଥା ବିଶିଷ୍ଟ କବି, ସମାଲୋଚକ ଡ. ଦିଲୀପ କୁମାର ସ୍ୱାଇଁ ଯୋଗଦେଇ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସଂଯୋଜକ ତଥା ସହକାରୀ ପ୍ରଫେସର ଡ. ଶିଶିର ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଅନ୍ୟତମ ବକ୍ତା ଭାବେ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ, ଖୋର୍ଦ୍ଧାର ଓଡ଼ିଆ ବିଭାଗ ମୁଖ୍ୟ ଡ.ପ୍ରଭାତ କୁମାର ସାହୁ ଯୋଗଦେଇ କବିତାର ଗତି ଓ ପ୍ରକୃତି ସମ୍ପର୍କରେ ଆଲୋକପାତ କରିଥିଲେ। ବିଭାଗର ସହକାରୀ ପ୍ରଫେସର ବିଚିତ୍ରନାଥ ସାହୁ, ଅଧ୍ୟାପକ ରାଜକୁମାର ପାତ୍ର, ହୃଷୀକେଶ ମହାନ୍ତ ଯୋଗଦେବା ସହିତ ମୟୂରଭଞ୍ଜ ସାହିତ୍ୟ ପରିଷଦର ପୂର୍ବତନ ସମ୍ପାଦକ ଆଶିଷ କୁମାର ବଶା, ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଡ.ଭରତ ଚନ୍ଦ୍ର ଦାଶ, ସାହିତ୍ୟିକ ରାଜେନ୍ଦ୍ର ସାମଲ ଯୋଗ ଦେଇଥିଲେ। ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ପ୍ରୟୋଗ ବିଭାଗର ସହକାରୀ ପ୍ରଫେସର ସ୍ୱରୂପାନନ୍ଦ ବିଷୟୀ ପ୍ରଶ୍ନୋତ୍ତର ପର୍ଯ୍ୟାୟରେ ଯୋଗ ଦେଇଥିଲେ।ବିଭାଗର ସମସ୍ତ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ବିଭାଗର ସହକାରୀ ପ୍ରଫେସର ଡ.ବିଚିତ୍ରନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରେଳମନ୍ତ୍ରୀଙ୍କୁ ଚିଠି ଦେଲେ ଏମ୍‌ପି

### କଙ୍କା କାଳିଆ ଛକରେ ରେଳ ଓଭରବ୍ରିଜ ନିର୍ମାଣ ଦାବି

ବେତନଟୀ,୧୧।୯(ଧରଣୀଧର ମହାନ୍ତି)

ମୟୂରଭଞ୍ଜ ଜିଲା ବେତନଟୀ-ବଡ଼ସାହି ରାସ୍ତାର କଙ୍କା କାଳିଆ ଛକ ନିକଟରେ ଦକ୍ଷିଣ ପୂର୍ବ ରେଳ ପଥର ରେଲୱେ କ୍ରସିଂ ଗେଟ ଏଲସି ୧୬ ନିକଟରେ ଏକ ରେଳ ଓଭରବ୍ରିଜ ନିର୍ମାଣ ପାଇଁ ବେତନଟୀ ଅଞ୍ଚଳବାସୀ ଦୀର୍ଘ ଦିନ ଧରି ଦାବି କରି ଆସୁଛନ୍ତି। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ବେତନଟୀ ବ୍ଲକର ପୂର୍ବତନ ମଣ୍ଡଳ ସଭାପତି ରାଜକିଶୋର ସାହା ଅଞ୍ଚଳବାସୀଙ୍କ ପକ୍ଷରୁ ଏକ ଲିଖିତ ଦରଖାସ୍ତ ଏହି ବିଧାନସଭା କ୍ଷେତ୍ର ଅଧୀନ ବାଲେଶ୍ୱର ଏମପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ପ୍ରଦାନ କରିଛନ୍ତି। ଶତାଧିକ ଅଞ୍ଚଳ ବାସୀଙ୍କ ଦସ୍ତଖତ ହୋଇଥିବା ଦରଖାସ୍ତକୁ ମଣ୍ଡଳ ସଭାପତି ଦିଲୀକୁ ଯାଇ ବାଲେଶ୍ୱର ଏମ୍‌ପିଙ୍କୁ ପ୍ରଦାନ କରିଛନ୍ତି। ଏମ୍‌ପି ଷଡ଼ଙ୍ଗୀ ଏନେଇ ଏକ ଚିଠି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ପ୍ରଦାନ କରିଥିବା ମଣ୍ଡଳ ସଭାପତି ସାହା ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଏହି ୧୬ନମ୍ବର ଗେଟ ଦେଇ ପ୍ରତିଦିନ ରୂପ୍‌ସା -ବାଙ୍ଗରିପୋଷି, ବାଙ୍ଗରିପୋଷି-ବାଲେଶ୍ୱର ଲୋକାଲ ଟ୍ରେନ ଦିନ ସାରା ଯିବା ଆସିବା କରୁଥିବା ବେଳେ ଦ୍ରୁତଗାମୀ ଟ୍ରେନ ମଧ୍ୟରେ ବାଙ୍ଗରିପୋଷି-ଭୁବନେଶ୍ୱର, ଭଞ୍ଜପୁର-ପୁରୀ, ଭଞ୍ଜପୁରଞ୍ଜ-ସାଲିମର ଟ୍ରେନ ଯାତାୟାତ କରୁଛି। ଏହି ରାସ୍ତାଟି ରାଜ୍ୟ ରାଜପଥ ହୋଇଥିବା ବେଳେ ବେତନଟୀର ଏକ ମାତ୍ର ମୁଖ୍ୟ ରାସ୍ତା। ବାରମ୍ବାର ଟ୍ରେନ ଯିବା ଆସିବା କରିବା ଦ୍ୱାରା ଟ୍ରେନ ଗେଟ ପଡ଼ିବା ପରେ ଯାତାୟାତରେ ଟ୍ରାଫିକ ସମସ୍ୟା ଅତି ମାତ୍ରାରେ ବୃଦ୍ଧି ପାଉଛି। ଏହି ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ବସ୍, ଟ୍ରକ୍, କାର୍, ଅଫିସ କର୍ମଚାରୀ, ସ୍କୁଲ ପିଲା, ଆମ୍ବୁଲାନ୍ସ ଓ ଦମକଳ ଗାଡି, ସରକାରୀ ଗାଡ଼ି ଭଳି ଜରୁରୀ ଗାଡ଼ିଗୁଡ଼ିକ ଯିବା ଆସିବା କରିଥାଏ। ଗେଟ୍ ପଡ଼ିବା ପରେ ଗାଡ଼ିଗୁଡ଼ିକ ୨୦ ମିନିଟରୁ ଊର୍ଦ୍ଧ୍ୱ ସମୟ ଅଟକିରହିବା ଫଳରେ ସମସ୍ୟା ବୃଦ୍ଧିପାଉଛି। ଏଠାରେ ରେଳ ଓଭରବ୍ରିଜ ନିର୍ମାଣ ହେଲେ ଅଞ୍ଚଳବାସୀଙ୍କ ଯାତାୟାତର ଏକ ସ୍ଥାୟୀ ସମାଧାନ ହୋଇପାରେ ବୋଲି ଆଶା ବ୍ୟକ୍ତ କରାଯାଉଛି।

## ଭାଗନେବେ ପୂର୍ଣ୍ଣଚନ୍ଦ୍ରପୁର ସ୍କୁଲର ନିମାଇ ଓ ଗାଜ

### ରାଜ୍ୟସ୍ତରୀୟ ବିଦ୍ୟାଳୟ ଖେଳକୁଦ ପ୍ରତିଯୋଗିତା

ବାରିପଦା,୧୧।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବିଶୋଇସ୍ଥିତ ଏସଏସଡି ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଜିଲାସ୍ତରୀୟ ବିଦ୍ୟାଳୟ ଖେଳକୁଦ ପ୍ରତିଯୋଗିତାରେ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୬ ଜଣ ଛାତ୍ର କବାଡି ପ୍ରତିଯୋଗିତାରେ ଭାଗ ନେବାପାଇଁ ବାରିପଦା ବ୍ଲକସ୍ତରରୁ ମନୋନୀତ ହୋଇଛନ୍ତି। ବିଦ୍ୟାଳୟର କ୍ରୀଡା ଶିକ୍ଷକ ଅଭିଷେକ ବେହେରାଙ୍କ ବଳିଷ୍ଠ ପ୍ରଶିକ୍ଷଣରେ ନିମାଇ ମୁର୍ମୁ, ଗାଜ ଟୁଡୁ, ବାବା ସିଂ, ଜାଗେନ କିସ୍କୁ, ରାକେଶ ବେହେରା ଓ ବିଷ୍ଣୁପଦ ମହାନ୍ତ ପ୍ରମୁଖ ୬ ଜଣ ଛାତ୍ରଙ୍କ ମଧ୍ୟରୁ ୮ମ ଶ୍ରେଣୀର ନିମାଇ ଓ କରୋନା ସମୟରେ ପାଠପଢା ଛାଡିଦେଇଥିବା ୭ମ ଶ୍ରେଣୀର ଗାଜ ଟୁଡୁ ସୁନ୍ଦରଗଡ଼ଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲା ତରଫରୁ କବାଡି ଦଳରେ ସ୍ଥାନ ପାଇଛନ୍ତି। ବାରିପଦା ବ୍ଲକସ୍ଥିତ ଶାଳବଣୀ ଗ୍ରାମର ନିମାଇ ଓ କରଞ୍ଜିଆ ସ୍ଥିତ ଠାକୁରଝରଣ ଗ୍ରାମର ଗାଜ ବିଦ୍ୟାଳୟ ପରିସରରେ ଥିବା ନେତାଜୀ ସୁବାଷ ଚନ୍ଦ୍ର ଛାତ୍ରାବାସରେ ରହି ପାଠ ପଢ଼ନ୍ତି ।

## ଦୁର୍ଗାପୂଜା ଶାନ୍ତି କମିଟି ବୈଠକ

ବେତନଟୀ,୧୧।୯
(ଧରଣୀ ଧର ମହାନ୍ତି)

ଆଗାମୀ ଦୁର୍ଗାପୂଜା ନିମନ୍ତେ ବେତନଟୀ ସ୍ଥିତ ଧର୍ମଶାଳା ପରିସରରେ ଗୁରୁବାର ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳଙ୍କ ଅଧକ୍ଷତା ଓ ଶାନ୍ତିକମିଟି ସଭାପତି ପ୍ରକାଶ ଚନ୍ଦ୍ର ବେହେରାଙ୍କ ଦ୍ୱାରା ଆୟୋଜିତ ବୈଠକରେ ଆଇଆଇସି ସସ୍ମିତା ମହାନ୍ତ, ଇଲେକ୍ଟ୍ରି ବିଭାଗ ଏସ ଓ ସୁଭଦତ୍ତ ମିଶ୍ର, ପିଡବ୍ଲ୍ୟୁଏସ ଓ ଅରବିନ୍ଦ ମହାନ୍ତି, ଜେଇ ରବୀନ୍ଦ୍ର କୁମାର ମିଶ୍ର, ଆରଡି ଜେଇ ଜ୍ୟୋତିରଞ୍ଜନ ନାୟକ, ଅବକାରୀ ଏସ୍‌ଆଇ ପ୍ରଦୀପ ବେହେରା, ଅତିରିକ୍ତ ତହସିଲଦାର ଈଶ୍ୱର ଚନ୍ଦ୍ର ରଣା ପ୍ରମୁଖ ଉପସ୍ତିତ ରହି ଆସନ୍ତା ଦୁର୍ଗାପୂଜାରେ ହେବାକୁ ଥିବା କାର୍ଯ୍ୟକ୍ରମ ଗୁଡିକ ବାବଦରେ ଆଲୋଚନା କରିଥିଲେ। ଏଥିରେ ସମସ୍ତ ପୂଜା କମିଟିର ମୁଖ୍ୟ କର୍ମକର୍ତ୍ତା ଏବଂ ବେତନଟୀ ଓ ସଠିଲୋ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟଙ୍କ ସହିତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି, ବେତନଟୀ ବରିଷ୍ଠ ନାଗରିକ, ସିଭିଲ ସୋସାଇଟିର କର୍ମକର୍ତ୍ତାମାନେ ଉପସ୍ଥିତ ରହିଥିଲେ। ଶାନ୍ତି କମିଟିର କର୍ମକର୍ତ୍ତା ଓ ପ୍ରଶାସନିକ ଅଧିକାରୀମାନଙ୍କ ମିଳିତ ବୈଠକରେ ଆସନ୍ତା ଦୁର୍ଗାପୂଜାରେ ଶାନ୍ତି ଶୃଙ୍ଖଳା, ରାସ୍ତା ମରାମତି, ଡ୍ରେନ ସଫେଇ, ରାସ୍ତାରେ ଆଲୋକୀକରଣ, ଟ୍ରାଫିକ ନିୟନ୍ତ୍ରଣ, ରାବଣ ପୋଡି, ଭସାଣି ଉତ୍ସବ, ଦୁର୍ଗାପୂଜା, ଅପେରା ପରିବେଷଣ କିପରି ଠିକ୍ ଭାବରେ ହୋଇ ପରିବ ସେ ବାବଦ ରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ବେତନଟୀ ବସଷ୍ଟାଣ୍ଡ ଦୁର୍ଗାପୂଜା କମିଟି, ଆନନ୍ଦ ବଜାର, ବଙ୍ଗଳା ଛକ, ବାହାନଡ଼ା, ଦାନ୍ତିଆମୁହାଁ ଓ ବାରମାଇଲ ଦୁର୍ଗାପୂଜା କମିଟି, ଦୁଇଟି ଅପେରା କମିଟିର ମୁଖ୍ୟ ପଦ ପଦବୀରେ ଥିବା ଚିତ୍ତରଞ୍ଜନ ମହାନ୍ତି, ସୁଦୀପ କୁମାର ପରିଛା, ସ୍ୱାଧୀନ ଶର୍ମା, ସିଦ୍ଧାର୍ଥ ଅଗ୍ରୱାଲ, ହିମାଂଶୁ କବାଟ, ଭବାନୀ ଶଙ୍କର ପରିଡା, ରତିକାନ୍ତ ସାହୁ, ଚନ୍ଦନ ସାହୁ, ସଞ୍ଜୀବ ଜେନା, ରାମେଶ୍ୱର ମିଶ୍ର, ଅନୁପ ଦଣ୍ଡପାଟ, ନିରଞ୍ଜନ ମହାନ୍ତି, ସତ୍ୟକାମ ପଣ୍ଡା, ହରିଶ୍ଚନ୍ଦ୍ର ସାମଲ, ବିଶ୍ୱଜିତ ସାମଲ, ସିପୁନ ସାମଲ, ପ୍ରଶାନ୍ତ ନାଥ, ପନମଣି ମୁର୍ମୁ, ବିଜୟ ସିଂ, କିଶୋର ନାୟକ ଏବଂ ରଣଜିତ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ଜମି ଦଖଲରେ ନ ଥାଇ ଦେଉଛନ୍ତି ଖଜଣା

### ୨୭ ବର୍ଷ ହେଲା ହେଉନି ସମସ୍ୟାର ସମାଧାନ

ବାରିପଦା,୧୧।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶାମାଖୁଣ୍ଟା ବ୍ଲକ୍ ଅଧୀନ କଳାପଥୁରା ଗ୍ରାମ ପଞ୍ଚାୟତ ଅଖରଶିଳା ଗ୍ରାମରେ ଭୂମିହୀନ ପରିବାର ଲୋକଙ୍କୁ ଉପେକ୍ଷା କରାଯିବା ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ସରକାରଙ୍କ ପକ୍ଷରୁ ପ୍ରଦତ୍ତ ୪ ଡେସିମିଲ ଜମିର ଖଜଣା ଦୀର୍ଘ ୨୭ ବର୍ଷ ଧରି ଦେଇ ଆସୁଥିଲେ ମଧ୍ୟ ଅଦ୍ୟାବଧି ସେମାନେ ଦଖଲରୁ ବଞ୍ଚିତ ରହିଛନ୍ତି। ଏ ନେଇ ଗୁରୁବାର ଭୂମିହୀନ ପରବାର ଲୋକେ ଜିଲାପାଳଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରିଛନ୍ତି।

ସୂଚନାଯୋଗ୍ୟ, ଅଖରଶିଳା ଗ୍ରାମରେ ଥିବା ୩୦ରୁ ଊର୍ଦ୍ଧ୍ୱ ଭୂମିହୀନ ପରିବାରକୁ ୧୯୯୮ ମସିହାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜମି ଯୋଗାଇ ଦିଆଯାଇଥିଲା। ୪ ଡେସିମିଲ ଜମିର ରେକର୍ଡକୁ ଭିତ୍ତିକରି ପ୍ରତିବର୍ଷ ସେମାନେ ଖଜଣା ପ୍ରଦାନ କରୁଛନ୍ତି। ମାତ୍ର ଜମିର ନକ୍ସା କିମ୍ବା ଚିହ୍ନଟ ପାଇଁ ବାରମ୍ବାର ରାଜସ୍ୱ ନୀରିକ୍ଷକ ଓ ତହସିଲଦାରଙ୍କ କାର୍ଯ୍ୟାଳୟକୁ ଯାଇ ନିରାଶ ହୋଇଛନ୍ତି। ଏପରିକି ଜମିର ଦଖଲ ମିଳି ନ ଥିବାରୁ ଆବାସ ଯୋଜନାରୁ ବଞ୍ଚିତ ରହିଛନ୍ତି। ପଟ୍ଟାକୁ ଦେଖାଇ ବାରମ୍ବାର କାର୍ଯ୍ୟାଳୟ ଦୌଡୁଥିଲେ ମଧ୍ୟ ସେମାନଙ୍କ ସମସ୍ୟାର ସମାଧାନ କରାଯାଉ ନାହିଁ ବୋଲି ଗ୍ରାମର ସୁନାରାମ ସିଂ, ଭାଗୀରଥି ହାଁସଦା, ସନାତନ ସିଂ, ମଙ୍ଗଲ ସିଂ ଓ ଚୁନୁରାମ ସିଂ କହିଛନ୍ତି। ସମସ୍ୟାର ସମାଧାନ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ହିତାଧିକାରୀମାନେ ଚେତାବନୀ ଦେଇଛନ୍ତି।



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଭୂମିହୀନମାନେ।

**ବ୍ରାଉନସୁଗାର ଜବତ, ଯୁବକ ଗିରଫ**

ଧୁଷୁରୀ,(ଦୀପ୍ତିରଞ୍ଜନ ନାୟକ): ଧୁଷୁରୀ ଥାନା ଅଧୀନ ମଙ୍ଗଳପୁର ବଜାରରୁ ଗୁରୁବାର ସନ୍ଧ୍ୟାରେ ପୋଲିସ ୭ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି। ଏଥିସହ ମଙ୍ଗଳପୁରର ଅରୁଣ ମଳିକ ନାମକ ଜଣେ ଯୁବକଙ୍କୁ ଗିରଫ କରିଛି। ଏନେଇ ଥାନାରେ ମାମଲା (ନଂ.୪୩୮/୨୫) ରୁଜୁ ହୋଇଛି।



## ଟାଭେରାରେ ଗୋଚାଲାଣ, ୯ ଗୋରୁ ଉଦ୍ଧାର

**ବାସୁଦେବପୁର,୧୧।୯(କାଳିପଦ ରାୟ)**

ଗୋ ଚାଲାଣକାରୀ ପୋଲିସ ଏବଂ ଗୋସୁରକ୍ଷା କର୍ମୀଙ୍କଠାରୁ ବଞ୍ଚିବା ପାଇଁ ମାଲ୍‌ବାହୀ ଗାଡ଼ିବଦଳରେ ଏବେ ଯାତ୍ରୀବାହୀ ଗାଡ଼ି ଗୋଚାଲାଣ ଲାଗି ବ୍ୟବହାର କରୁଛନ୍ତି। ଏକ ଟାଭେରାରେ ଗୋଚାଲାଣ ବେଳେ ଗୁରୁବାର ନାୟକାଣିଡିହୀ ପୋଲିସ ୯ ଗୋରୁଙ୍କୁ ଉଦ୍ଧାର କରିଛି। ସୂଚନା ଅନୁଯାୟୀ, ଭୋର ସମୟରେ ଜଗନ୍ନାଥପ୍ରସାଦ ପଞ୍ଚାୟତର ଡାଙ୍ଗମାଳ ନିକଟରୁ ଟାଭେରାରେ ଅତି ଅମାନୁଷିକ ଭାବେ ଗୋରୁଙ୍କୁ ବୋଝେଇ କରି ନିଆଯାଉଥିଲା। ସ୍ଥାନୀୟ ଲୋକେ ୧୧୨ ନମ୍ବରକୁ କଲ୍ କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚିବା ପରେ ଡ୍ରାଇଭର ଗାଡ଼ି ଛାଡ଼ି ଚମ୍ପଟ ମାରିଥିଲେ। ଭଦ୍ରକ ଅଞ୍ଚଳର ଜଣେ ଗୋଚାଲାଣକାରୀଙ୍କ ସହ ସ୍ଥାନୀୟ ଜଣେ ବ୍ୟକ୍ତିଙ୍କୁ ପୋଲିସ କାବୁ କରିବା ସହ ଗାଡ଼ିକୁ ଜବତ କରି ଥାନାକୁ ନେଇଛି। ଉଦ୍ଧାର ଗୋରୁଙ୍କୁ ଗୋଶାଳାକୁ ପଠାଇ ଘଟଣାର ତଦନ୍ତ କରାଯାଉଥିବା ଥାନାଧିକାରୀ ରାଜଲକ୍ଷ୍ମୀ ନାୟକ କହିଛନ୍ତି।

# ବନ୍ୟାପାଣିରେ ବୁଡ଼ିରହିଛି ୭୭୦ ହେକ୍ଟର ଚାଷଜମି

- ଧାନଚାଷ ନଷ୍ଟ ହେବା ଆଶଙ୍କା, ଚାଷୀ ହତାଶ
- ପାଣି କମିଲେ କରାଯିବ କ୍ଷୟକ୍ଷତିର ଆକଳନ

**ତିହିଡ଼ି,୧୧।୯(ସଞ୍ଜିତ ବଳ)**

ତିହିଡ଼ି ବ୍ଲକର ତଳିଆ ଅଞ୍ଚଳ ବାରସର ଓ ଗୋବିନ୍ଦପୁର ପଞ୍ଚାୟତର ୭୭୦ ହେକ୍ଟର ଚାଷଜମି କିଛିଦିନ ହେଲା ବନ୍ୟାପାଣିରେ ବୁଡ଼ି ରହିଛି। ସେସବୁ ଜମିରେ ଧାନ ଚାଷ ନଷ୍ଟ ହେବାର ଆଶଙ୍କା ଥିବାରୁ ଚାଷୀମାନଙ୍କ ମଧ୍ୟରେ ନୈରାଶ୍ୟଭାବ ସୃଷ୍ଟି ହୋଇଛି। ସାଳନ୍ଦୀ ଓ ଏହାର ଶାଖା ନଦୀ ଗେଙ୍ଗୁଟିରେ ବନ୍ୟା ଆସିବା ଯୋଗୁ ବ୍ଲକ ଅଧୀନ ୬ ପଞ୍ଚାୟତର ଚାଷଜମି ଜଳମଗ୍ନ ହୋଇଥିଲା। ବନ୍ୟାପାଣି ଉପର ପଞ୍ଚାୟତରୁ ନିଷ୍କାସିତ ହୋଇ ନିମ୍ନରେ ଥିବା ବାରସର ଓ ଗୋବିନ୍ଦପୁର


ଗୋବିନ୍ଦପୁର ପଞ୍ଚାୟତରେ ବନ୍ୟାପାଣିରେ ବୁଡ଼ି ରହିଥିବା ଚାଷଜମି।

ପଞ୍ଚାୟତର ଚାଷଜମିକୁ ଜଳମଗ୍ନ କରିଛି। ଫଳରେ ବାରସର ପଞ୍ଚାୟତରେ ୪୧୦ହେକ୍ଟର ଓ ଗୋବିନ୍ଦପୁର ପଞ୍ଚାୟତରେ ୩୬୦ ହେକ୍ଟରରୁ ଉର୍ଦ୍ଧ୍ୱ ଜମିରେ ଧାନଚାଷ ସମ୍ପୂର୍ଣ୍ଣ ରୂପେ ଉଜୁଡ଼ିଯିବାର ଆଶଙ୍କା ଉପୁଜିଛି।

ଚଳିତ ଖରିଫ ଋତୁ ଆରମ୍ଭରୁ ପ୍ରଥମ ବନ୍ୟା ହେବା ଯୋଗୁ ପଞ୍ଚାୟତରେ ଧାନତଳି ସମ୍ପୂର୍ଣ୍ଣ ରୂପେ ଉଜୁଡ଼ି ଯାଇଥିଲା। ଚାଷୀମାନେ ବହୁ ପରିଶ୍ରମ କରି ପୁଣି ଧାନଚାଷ କରିଥିଲେ। ତେବେ ୨ୟ ଥର ବନ୍ୟାର ବିଶେଷ ପ୍ରଭାବ ନ ଥିବାରୁ ଚାଷ କାର୍ଯ୍ୟ ସୁରୁଖୁରୁରେ ଚାଲିଥିଲା। ଚାଷ କାର୍ଯ୍ୟ ଶେଷ ହୋଇ ଧାନ ଗଛର ଅଭିବୃଦ୍ଧି ଘଟିଥିବା ବେଳେ ୩ୟ ଥରର ବନ୍ୟାପାଣି ଚାଷଜମିକୁ ଜଳମଗ୍ନ କରିଛି। ଧାନ ଗଛ ପଚିଯାଇ ନଷ୍ଟ ହେବାର ଆଶଙ୍କା ଥିବାରୁ ଚାଷୀମାନେ ହତାଶ ହୋଇପଡ଼ିଛନ୍ତି। ଗରିବ ଶ୍ରେଣୀର ଚାଷୀମାନେ ଋଣ ଓ ହାତ ଉଧାରୀ କରି ଚାଷ କରିଥିବାରୁ ସେମାନଙ୍କ ଆର୍ଥିକ ସ୍ଥିତି ଜଟିଳ ହେବା ନିଶ୍ଚିତ ହୋଇଛି। ପ୍ରଶାସନ ପକ୍ଷରୁ ଧାନ ଚାଷ କ୍ଷୟକ୍ଷତିର ଆକଳନ କରାଯାଇ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ମିଳିବା ଦିଗରେ ପଦକ୍ଷେପ ନେବାକୁ ବାରସର ପଞ୍ଚାୟତ ସରପଞ୍ଚ ଚକ୍ରଧର ଦାସ, ଗୋବିନ୍ଦପୁରର ପୂର୍ବତନ ସରପଞ୍ଚ ମାନସ ରଞ୍ଜନ ସାହୁ, ବିଜେଡି ନେତା ମାନସ କୁମାର ନାୟକ, ନୃସିଂହ ମହାକୁଡ଼ ପ୍ରମୁଖ ଦାବି ଜଣାଇଛନ୍ତି। ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ଅମର ପ୍ରସାଦ ସାହୁଙ୍କୁ ପଚାରିବାରୁ ଜମିରୁ ପାଣି କମିବା ପରେ କ୍ଷୟକ୍ଷତିର ଆକଳନ କରାଯାଇ ରିପୋର୍ଟ ପ୍ରଦାନ କରାଯିବ ବୋଲି କହିଛନ୍ତି।

## ଗାୟତ୍ରୀ ଶକ୍ତିପୀଠରେ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା



**ଭଦ୍ରକ, ୧୧।୯(ରବିନାରାୟଣ ଖିଲାର)**

ଭଦ୍ରକ ବ୍ଲକର ଜଳଙ୍ଗାଠାରେ ଥିବା ଜିଲା ଗାୟତ୍ରୀ ଶକ୍ତିପୀଠର ବ୍ୟବସ୍ଥାପକ ସ୍ୱର୍ଗତ ପ୍ରକାଶ ଚନ୍ଦ୍ର ବେହେରାଙ୍କ ତ୍ରୟଦଶାହ ଦିବସରେ ବୁଧବାର ଗାୟତ୍ରୀ ଶକ୍ତିପୀଠଠାରେ ରାଜ୍ୟ ସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଜିଲା ଗାୟତ୍ରୀ ପରିବାରର ମୁଖ୍ୟ ସମନ୍ୱୟକ ପ୍ରଦୀପ କୁମାର ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ଶକ୍ତିପୀଠର ମୁଖ୍ୟ ଟ୍ରଷ୍ଟି କୈଳାସ ଚନ୍ଦ୍ର ମହାନ୍ତି ସ୍ୱର୍ଗତ ବେହେରାଙ୍କ ସ୍ମୃତିଚାରଣ କରିଥିଲେ। ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷାର ରାଜ୍ୟ ସଂଯୋଜକ ପ୍ରଫୁଲ୍ଲ ଚନ୍ଦ୍ର ଦାସ ଓ ଦୁର୍ଗା ପ୍ରସାଦ ରାୟ ଭୁବନେଶ୍ୱରରୁ ଯୋଗଦେଇ କହିଥିଲେ, ଏହି ପୀଠରେ ୭ ଏକର ଜମି ଅଛି। ଏଥିରେ ପ୍ରକାଶ ଅନେକ କିଛି କରିବାକୁ ଚାହୁଁଥିଲେ। ତାଙ୍କ ଇଚ୍ଛାକୁ ପୂରଣ କରିବାରେ ସମର୍ଥ ହେବା ବାସ୍ତବ ଶ୍ରଦ୍ଧାଞ୍ଜଳି ହେବ। ରାଉରକେଲାରୁ ସୂର୍ଯ୍ୟନାରାୟଣ ମିଶ୍ର ଯୋଗଦେଇ ପ୍ରକାଶ ମେମୋରିଆଲ ଟ୍ରଷ୍ଟ ଗଠନ ନେଇ ମତବ୍ୟକ୍ତ କରିଥିଲେ। ବିଭିନ୍ନ ଜିଲାରୁ ରମେଶ ମିଶ୍ର, ପ୍ରସନ୍ନ ପତି, ନରେଶ କୁମାର ବେହେରା, ରାସବିହାରୀ ସେଠୀ, ରସାନନ୍ଦ ବଳ, ନାରାୟଣ ପଣ୍ଡା, ଗଗନ ବିହାରୀ ବେହେରା, ବଳରାମ ଜେନା, ଗୋକୁଳାନନ୍ଦ ମିଶ୍ର, ପୂର୍ବତନ ସମନ୍ୱୟକ ଦିବାକର ପ୍ରଧାନ ପ୍ରମୁଖ ଏହି ପ୍ରସ୍ତାବକୁ ସମର୍ଥନ ଜଣାଇ ୧ ଲକ୍ଷ ଟଙ୍କାର ବ୍ୟବସ୍ଥା କରାଯିବା କଥା କହିଥିଲେ। ଭଦ୍ରକ ଓ ଅନ୍ୟାନ୍ୟ ଜିଲାରୁ ଶତାଧିକ ପରିଜନ ସଭାରେ ଯୋଗ ଦେଇଥିଲେ। ଆଲୋକ ରଞ୍ଜନ ମୁଖାର୍ଜୀ, କୈଳାସ ଚନ୍ଦ୍ର ସାହୁ, ଉମାକାନ୍ତ ସାହୁ, କେଦାରନାଥ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ଦେବ ମଲ୍ଲିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରାସ୍ତା ପାଲଟିଛି ମରଣଯନ୍ତା


ଶୁଭଦିଆ-କୁଦକାନ୍ତି ରାସ୍ତା।

**ଚାନ୍ଦବାଲି,୧୧।୯(ଅଶୋକ ପଣ୍ଡା)**

ଚାନ୍ଦବାଲି ବ୍ଲକର ଯଶିପୁର ବଜାର ଦେଇ ଯାଇଥିବା ଶୁଭଦିଆଠାରୁ କୁଦକାନ୍ତି ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ରାସ୍ତା ମରଣଯନ୍ତା ପାଲଟିଛି। ଏହି ରାସ୍ତାଟି ଚରଦିଆ ବଜାରଠାରୁ ଭାୟା ନାଳଗୋହିରା, ଯଶିପୁର, ଘଣ୍ଟେଶ୍ୱର ବଜାର ମଧ୍ୟ ଦେଇ ବାଲିଆପାଳ ଘାଟ ପର୍ଯ୍ୟନ୍ତ ଯାଇଛି। ଯଶିପୁର ପଞ୍ଚାୟତବାସୀ ଓ ଆଖପାଖ ପଞ୍ଚାୟତର ଲୋକେ ମଧ୍ୟ ଏହି ରାସ୍ତାରେ ଯାତାୟାତ କରନ୍ତି। ଶୁଭଦିଆଠାରୁ କୁଦକାନ୍ତି ମଧ୍ୟରେ ରାସ୍ତା ଅବସ୍ଥା ଖରାପ ଯୋଗୁ ଦୈନନ୍ଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଆଗକୁ ଏହି ରାସ୍ତାର ମଧ୍ୟଭାଗ ରାସ୍ତା ପାର୍ଶ୍ୱରେ ଦୁର୍ଗାପୂଜା ହେବାକୁ ଯାଉଛି। ରାସ୍ତା ମରାମତି ନ ହେଲେ ଲୋକେ ଦୁର୍ଗାପୂଜା ଦେଖିବାରୁ ବଞ୍ଚିତ ହେବେ ବୋଲି କୁହାଯାଉଛି। ସରପଞ୍ଚ ପ୍ରମିଳା ମାଝୀଙ୍କ ସମେତ ପଞ୍ଚାୟତବାସୀ ନିକଟରେ ଚାନ୍ଦବାଲି ବ୍ଲକରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ଅଭିଯୋଗ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନାହିଁ।

# ଅବରୋଧ ହଟାଇଲେ ତହସିଲଦାର

## ମାଛ ପାଇଁ ବନ୍ଧ ବାନ୍ଧିବାରୁ ଧାନଚାଷ ନଷ୍ଟ

**ଧାମନଗର,୧୧।୯ (ଦେବେନ୍ଦ୍ର ଆନ୍ଦିଆ)**

ଲଗାଣ ବର୍ଷା ଓ ଧାମନଗର ଅଞ୍ଚଳରେ ୪ଥର ବନ୍ୟା ଆସି କ୍ଷତି ଘଟାଇଥିବା ବେଳେ କେତେଜଣ ବ୍ୟକ୍ତି ମାଛ ଧରିବା ପାଇଁ ନଦୀରେ ବନ୍ଧ ବାନ୍ଧି ଦେଇଥିବାରୁ ଚାଷଜମିରୁ ପାଣି କମୁ ନ ଥିଲା। ଏନେଇ ବୁଧବାର ଧାମନଗର ତହସିଲଦାର ପୋଲିସ ସହାୟତାରେ ସେହି ବନ୍ଧକୁ ଭାଙ୍ଗି ଅବରୋଧ ହଟାଇଛନ୍ତି। ଫଳରେ ଚାଷଜମିରୁ ପାଣି କମିଛି। ଧାମନଗର ବ୍ଲକର ଦଳାଙ୍ଗ, ରାଧାବଲ୍ଲଭପୁର, ଭଟ୍ଟସାହି ଓ ବୟାଙ୍ଗଡିହି ପଞ୍ଚାୟତର ଶତାଧିକ ଚାଷୀଙ୍କ ଜମିରେ ପାଣି ଜମି ରହିବା ସମସ୍ୟାର ସମାଧାନ ହୋଇଛି।

ପ୍ରକାଶ ଯେ, କେତେଜଣ ବ୍ୟକ୍ତି ମାଛ ଧରିବା ଲାଗି ରାଧାବଲ୍ଲଭପୁର ପଞ୍ଚାୟତର ଷୋଳଗାଁ ନିକଟରେ ଗେଙ୍ଗୁଟି ନଦୀର ଶାଖା ନାଳରେ ମାଟିବନ୍ଧ ବାନ୍ଧି ଦେଇଥିଲେ। ଗତ ଅଗଷ୍ଟରୁ ଲଗାଣ ବର୍ଷା ଯୋଗୁ ଦଳାଙ୍ଗ,


ରାଧାବଲ୍ଲଭପୁର ପଞ୍ଚାୟତର ଷୋଳଗାଁ ନିକଟରେ ନାଳରେ କରାଯାଇଥିବା ବନ୍ଧ।

ବିରୁହାଁ, ଜାହାଙ୍ଗୀର, ଡାହି, ମୁଲଣାଡିହ, ଆମ୍ବିଳିଗାଁ, ପୁରୁଷୋତ୍ତମପୁରବିନ୍ଧା ଓ ବୟାଙ୍ଗଡିହି ଗାଁର ଚାଷଜମିରେ ପାଣି ଜମି ରହୁଥିଲା। ମାସେ ଧରି ପାଣି ରହିବାରୁ ଧାନ ଚାଷ ନଷ୍ଟ ହେବାରେ ଲାଗିଥିଲା। ଅଧିକାଂଶ ଜମିରେ ଧାନଗଛ ପଚିବାରୁ ପୋକ ଲାଗିବା ଆରମ୍ଭ ହୋଇଥିଲା। ଏହାକୁ ନେଇ ଚାଷୀମାନେ ଚିନ୍ତାରେ ଥିଲେ। ଏନେଇ ସ୍ଥାନୀୟ ଲୋକେ ଧାମନଗର ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀଙ୍କୁ ଭେଟି ଅଭିଯୋଗ କରିଥିଲେ। ତହସିଲଦାର ଧାମନଗର, ଧୁଷୁରୀ ଥାନା ପୋଲିସ, ଦମକଳ ବାହିନୀ ସହାୟତାରେ ସେଠାରେ ବନ୍ଧ ଭାଙ୍ଗି ପାଣି ନିଷ୍କାସନ ବ୍ୟବସ୍ଥା କରାଇଛନ୍ତି। ଫଳରେ ଏହାର ଉପର ମୁଣ୍ଡରେ ଜମି ରହିଥିବା ପାଣି ଜମିରୁ ନିଷ୍କାସନ ହେବା ଆରମ୍ଭ ହୋଇଛି।

# ଏସ୍‌ପିଙ୍କୁ ଭେଟିଲେ ପରିବାର ଲୋକ

## ନାବାଳିକା ଅପହରଣକୁ ମାସେ ବିତିଲା

**ଭଦ୍ରକ,୧୧।୯(ସନାତନ ରାଉତ)**

ଭଦ୍ରକ ଜିଲା ଧାମନଗର ଥାନା ଅଧୀନ ଭଗବାନପୁର ଅଞ୍ଚଳର ଜଣେ ନାବାଳିକା ଗତ ଅଗଷ୍ଟ ୧୩ରେ କଲେଜ ଯାଇ ଆଉ ଘରକୁ ଫେରି ନ ଥିଲା। ପରିବାର ଲୋକେ ବହୁ ଖୋଜାଖୋଜି କରି ନିରାଶ ହେବା ପରେ ନାବାଳିକାଙ୍କୁ ଅପହରଣ ନେଇ ଧାମନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଗଷ୍ଟ ୧୪ରେ ଥାନାରେ ଏକ ମାମଲା (ନଂ.୨୯୫/୨୫) ରୁଜୁ ହୋଇଥିଲା। ଏହାମଧ୍ୟରେ ଘଟଣାକୁ ଏକ ମାସ ବିତିବାକୁ ବସିଲାଣି କିନ୍ତୁ ନାବାଳିକାଙ୍କ ସନ୍ଧାନ ମିଳିନାହିଁ। ତାଙ୍କ ଝିଅକୁ ଖୋଜି ଆଣିବା ପାଇଁ ଅପହୃତା ନାବାଳିକାଙ୍କ ପରିବାର ଲୋକ ଗୁରୁବାର ପୂର୍ବାହ୍ନରେ ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତଙ୍କୁ ଭେଟି ଗୁହାରି ଜଣାଇଛନ୍ତି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଧାମନଗର ଥାନାଧିକାରୀ ରଞ୍ଜନ କୁମାର ସେଠୀଙ୍କୁ ଏସ୍‌ପି ନିର୍ଦ୍ଦେଶ ଦେବା ସହ ଖୁବ୍‌ଶୀଘ୍ର ଝିଅକୁ ଉଦ୍ଧାର କରାଯିବ ବୋଲି ପରିବାରକୁ ଆଶ୍ୱାସନା ଦେଇଥିବା ନାବାଳିକାଙ୍କ ବାପା କହିଛନ୍ତି।

ଅଭିଯୋଗ ଅନୁଯାୟୀ, ଭଗବାନପୁର ଅଞ୍ଚଳର ୧୬ବର୍ଷୀୟା ନାବାଳିକା ଚଳିତବର୍ଷ ମାଟ୍ରିକ୍ ପାସ୍ କରି ସ୍ଥାନୀୟ ଏକ କଲେଜରେ ପଢ଼ନ୍ତି। ଦୈନିକ ସେ ଘରୁ କଲେଜକୁ ବସ୍‌ରେ ଯିବାଆସିବା କରୁଥିଲେ। ଅଗଷ୍ଟ ୧୩ରେ ସେ କଲେଜକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ଅଭିଯୋଗ ପରେ ପୋଲିସ ନାବାଳିକାଙ୍କ ସାଙ୍ଗ ଓ ତାଙ୍କ ମା'ଙ୍କୁ ଥାନାକୁ ଡାକି ପଚରାଉଚରା କରିଥିଲା। ଯାଜପୁର ଜିଲା ବରୀ ଥାନା ଅଧୀନ ରତଳାଙ୍ଗ ଗ୍ରାମର ଜଣେ ଯୁବକ ନାବାଳିକାଙ୍କୁ ଅପହରଣ କରିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିଲା।

# ଗୁଟ୍‌ଖା ବିକ୍ରି ଉପରେ ପୋଲିସ ଚଢ଼ାଉ

**ଧାମନଗର, ୧୧।୯ (ଦେବେନ୍ଦ୍ର ଆନ୍ଦିଆ)**

ଧାମନଗର ଥାନା ଅଞ୍ଚଳରେ ଚୋରା ନିଶା କାରବାର ବଢ଼ି ଚାଲିଥିବା ବେଳେ ତାହାକୁ ରୋକିବା ପାଇଁ ପୋଲିସ ପକ୍ଷରୁ ଚଢ଼ାଉ ଜାରି ରହିଛି। ୨ ଦିନ ତଳେ ଧାମନଗର ପୋଲିସ ଧଳାଜହର କାରବାର ଅଭିଯୋଗରେ ଜଣଙ୍କୁ ଧରି ଗିରଫ ପରେ କୋର୍ଟଚାଲାଣ କରିଥିଲା। ଭଦ୍ରକ ଏସ୍‌ପି ମନୋଜ ରାଉତଙ୍କ ନିର୍ଦ୍ଦେଶକ୍ରମେ ଧାମନଗର ପୋଲିସ ଏବେ ସକ୍ରିୟ ହୋଇଉଠିଛି। ବିଭିନ୍ନ ବିଦ୍ୟାଳୟ ନିକଟ ଓ ବଜାରରେ ଥିବା ପାନ ଦୋକାନ, ତେଜରାତି ଦୋକାନରେ ଗୁଟ୍‌ଖା ବିକ୍ରି ହେଉଥିବାରୁ ବୁଧବାର ପୋଲିସ ଚଢ଼ାଉ କରିଛି। ଦୋକାନରୁ ଗୁଟ୍‌ଖା ଓ ଅନ୍ୟାନ୍ୟ ମାଦକ ସାମଗ୍ରୀ ଜବତ କରି ପୋଲିସ ସେସବୁ ପୋଡ଼ି ଦେଇଛି। ଏପରି ସାମଗ୍ରୀ ବିକ୍ରି କଲେ ଦୋକାନୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଧାମନଗର ଥାନା ଅଧିକାରୀ ରଞ୍ଜନ ସେଠୀ କହିଛନ୍ତି। ଥାନା ଅଧିକାରୀ ସେଠୀଙ୍କ ସହ ଏଏସ୍‌ଆଇ ସୁଜିତ ରାଉତ ଓ ଥାନା କର୍ମଚାରୀମାନେ ଚଢ଼ାଉରେ ସାମିଲ ଥିଲେ। ପୋଲିସର ଏହି ଚଢ଼ାଉ ପରେ ଅନ୍ୟ ଦୋକାନୀମାନଙ୍କ ମଧ୍ୟରେ ଛନକା ପଶିଛି।


ଜବତ ଗୁଟ୍‌ଖା ପ୍ୟାକେଟଗୁଡ଼ିକୁ ପୋଲିସ ନଷ୍ଟ କରୁଛି।

# ସାଧାରଣ ବସ୍‌ରେ ନିଆଯାଉଛି ଅତିରିକ୍ତ ଭଡ଼ା

## ଯାତ୍ରୀଙ୍କୁ ଶୋଷଣ ଅଭିଯୋଗ

**ଭଦ୍ରକ,୧୧।୯(ସନାତନ ରାଉତ)**

ଭଦ୍ରକ ଜିଲାରେ ଚଳାଚଳ କରୁଥିବା ସାଧାରଣ ବସ୍‌ଗୁଡ଼ିକରେ ଅତିରିକ୍ତ ଭଡ଼ା ନିଆଯାଉଥିବା ଅଭିଯୋଗ ହେଉଛି। ଗୁରୁବାର ଅପରାହ୍ନ ୫ଟାରେ ଭଦ୍ରକ ସହରସ୍ଥିତ ହୋଟେଲ ଓରିଅନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବରିଷ୍ଠ ଆଇନଜୀବୀ ଶଶିଭୂଷଣ ପଣ୍ଡା ଅଭିଯୋଗ କରିଛନ୍ତି ଯେ, ଜିଲାରେ ମାତ୍ର ୨/୩ଟି ଏକ୍ସପ୍ରେସ୍ ବସ୍‌କୁ ଛାଡ଼ିଦେଲେ ପ୍ରାୟ ଅନ୍ୟ ସବୁ ସାଧାରଣ ବସ୍। ଓଡ଼ିଶା ସରକାରଙ୍କ ଟ୍ରାନ୍ସପୋର୍ଟ କମିଶନରଙ୍କ ପତ୍ର ସଂଖ୍ୟା ୪୪୧୧, ତା ୧୬।୦୩।୨୦୨୪ ଆଦେଶ ମୁତାବକ ସାଧାରଣ ବସ୍‌ରେ କିଲୋମିଟର ପ୍ରତି ୮୮ ପଇସା ଓ ଏକ୍ସପ୍ରେସ ବସ୍‌ରେ ୯୨ ପଇସା ଧାର୍ଯ୍ୟ କରାଯାଇଛି। ମାତ୍ର ଜିଲା ମୁଖ୍ୟାଳୟରୁ ଧାମରା, ବାସୁଦେବପୁର, ଆରଡ଼ି, ଚାନ୍ଦବାଲି, ଧାମନଗର, ବନ୍ତ, ଆଗରପଡ଼ା, ଖଇରା, କୁପାରୀ ଆଦି ସ୍ଥାନକୁ ଯାତାୟାତ କରୁଥିବା ବସ୍‌ଗୁଡ଼ିକ ଧାର୍ଯ୍ୟ ଭଡ଼ାଠାରୁ ଅତ୍ୟଧିକ ଆଦାୟ କରିବା ଯୋଗୁ ଯାତ୍ରୀମାନେ ଶୋଷଣର ଶିକାର ହେଉଛନ୍ତି। ଏ ବାବଦରେ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଏକାଧିକବାର ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ବସ୍‌ର ବାହ୍ୟ ପାର୍ଶ୍ୱରେ ଦୂରତା ଓ ଭଡ଼ା ସମ୍ପର୍କରେ ମାଲିକମାନେ ଉଲ୍ଲେଖ କରୁନାହାନ୍ତି। ଜିଲାର ସମସ୍ତ ଅଞ୍ଚଳକୁ ଆମ ବସ୍ ଚଳାଚଳ କରିବା ପାଇଁ ସେମାନେ ଜିଲାପାଳଙ୍କଠାରେ ଦାବି କରିଥିବା ଆଇନଜୀବୀ ପଣ୍ଡା କହିଛନ୍ତି। ଧାମନଗର ବ୍ଲକ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ବେହେରା, ଯୁବ କଂଗ୍ରେସ ସଭାପତି ଆଲୋକ କୁମାର ସ୍ୱାଇଁ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଆଇନଜୀବୀଙ୍କ ସହ କଂଗ୍ରେସ କର୍ମକର୍ତ୍ତା।

# ପ୍ରଧାନଶିକ୍ଷକ ନିଲମ୍ବିତ

**ଭଣ୍ଡାରିପୋଖରୀ,୧୧।୯(ରାଜେନ୍ଦ୍ର ଶତପଥୀ)**

ଭଣ୍ଡାରିପୋଖରୀ ବ୍ଲକର ରାମଚନ୍ଦ୍ରପୁର ପଞ୍ଚାୟତ ଖଡ଼ିସିଙ୍ଗା ହାଇସ୍କୁଲ ପ୍ରଧାନଶିକ୍ଷକ ଜୟସିଂ ସର୍ଦ୍ଦାରଙ୍କୁ ବୁଧବାର ନିଲମ୍ବନ କରାଯାଇଛି। ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଦ୍ୱାରା ପ୍ରକାଶିତ ଆଦେଶ ସଂଖ୍ୟା ୨୩୮୧୪ ଅନୁଯାୟୀ ସେ ନିଲମ୍ବିତ ହୋଇଛନ୍ତି। ପ୍ରଧାନଶିକ୍ଷକ ସର୍ଦ୍ଦାରଙ୍କ ବିରୋଧରେ ଅନଧିକୃତ ଛୁଟିରେ ରହିବା, ଅର୍ଥ ତୋଷାରପାତ ଭଳି ଅଭିଯୋଗ ହୋଇଆସୁଥିଲା। ଜିଲା ଶିକ୍ଷାଧିକାରୀ ଏହାର ତଦନ୍ତ କରି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସନ୍ତୋଷ ଦାସଙ୍କୁ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦାୟିତ୍ୱ ପ୍ରଦାନ କରାଯାଇଛି।

# ସୃଜନିକା ଗୃହ ନିର୍ମାଣକୁ ନେଇ ବିବାଦ

**ଆଗରପଡ଼ା,୧୧।୯(ସୁଶାନ୍ତ ଦାଶ)**

ରାଜ୍ୟ ସରକାର ଟେରାକୋଟା ଶିଳ୍ପୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ସାଧାରଣ ସୁବିଧାକେନ୍ଦ୍ର ସୃଜନିକା ଗୃହ ନିର୍ମାଣର ଯୋଜନା କରିଛନ୍ତି। ବନ୍ତ ବ୍ଲକର ମହାନ୍ତିପଡ଼ା ପଞ୍ଚାୟତରେ ଏକ ସୃଜନିକା ଗୃହ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିବା ବେଳେ ମହାନ୍ତିପଡ଼ା ମୌଜାସ୍ଥିତ ଖାତା ନଂ. ୮୧୯ ଜମିକୁ ବିଭାଗୀୟ ଅଧିକାରୀ ଚିହ୍ନଟ କରି ତହସିଲଦାରଙ୍କୁ ବିଭାଗକୁ ଯୋଗାଇ ଦେବାକୁ ଆବେଦନ କରିଥିବା ଜଣାପଡ଼ିଛି। ଏହାକୁ ନେଇ ମହାନ୍ତିପଡ଼ା ସରପଞ୍ଚ ଅଭିଯୋଗ ଉଠାଇବା ପରେ ବିବାଦର ସୂତ୍ରପାତ ହୋଇଛି।

ସୂଚନା ଅନୁଯାୟୀ, ସରପଞ୍ଚ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୨୮/୨୦୨୫ ତା ୮।୭।୨୫ରେ ତହସିଲଦାରଙ୍କ ନିକଟରେ ସୃଜନିକା ଗୃହ ନିର୍ମାଣ ପାଇଁ ଚିହ୍ନଟ ହୋଇଥିବା ଜାଗାକୁ ନେଇ ଆପତ୍ତି ଉଠାଇଥିଲେ। ପଞ୍ଚାୟତର ବରିଷ୍ଠ ନେତୃତ୍ୱ, ନାଏବ ସରପଞ୍ଚ, ସମିତିସଭ୍ୟ ଏବଂ ପଞ୍ଚାୟତବାସୀ ମଧ୍ୟ ବୁଧବାର ଆପତ୍ତି ଉଠାଇ କହିଛନ୍ତି ଯେ, ଚିହ୍ନଟ ସ୍ଥାନରେ ନିର୍ମାଣାଧୀନ ଏକ କଲ୍ୟାଣ ମଣ୍ଡପ ଅଛି। ଉକ୍ତ ସ୍ଥାନରେ ପାର୍କ, ବିଭିନ୍ନ ସଭା ସମିତି ଆୟୋଜନ ହୋଇଥାଏ। ଏଣୁ ପଞ୍ଚାୟତର ସ୍ୱାର୍ଥ ଦୃଷ୍ଟିରୁ ଉକ୍ତ ସ୍ଥାନରେ ଅନ୍ୟ କୌଣସି ଯୋଜନାକୁ କାର୍ଯ୍ୟକାରୀ କରିବାରୁ ନିବୃତ୍ତ ରହିବାକୁ ପଞ୍ଚାୟତବାସୀଙ୍କ ପକ୍ଷରୁ ତହସିଲଦାରଙ୍କୁ ନିବେଦନ କରାଯାଇଛି। ପଞ୍ଚାୟତର ସ୍ୱାର୍ଥକୁ ଆଖି ଆଗରେ ରଖି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ଆଗରୁ ବିଭାଗ ପକ୍ଷରୁ ସୃଜନିକା ଗୃହ ନିର୍ମାଣ ଲାଗିଅନ୍ୟତ୍ର ସ୍ଥାନଚିହ୍ନଟ ପାଇଁଦାବିହୋଇଛି।

# କପାଗଡ଼ିଆ-ମେଁକିଛକ ରାସ୍ତା ନିର୍ମାଣ ପାଇଁ ୬ କୋଟି

**ବାସୁଦେବପୁର,୧୧।୯(କାଳିପଦ ରାୟ)**

ଭଦ୍ରକ ଜିଲା ଇଚ୍ଛାପୁର-ବାସୁଦେବପୁର ପୂର୍ତ୍ତ ବିଭାଗ ରାସ୍ତାର କପାଗଡ଼ିଆ ଛକଠାରୁ ସୁଗୋ ପଞ୍ଚାୟତର ଗ୍ରାମ୍ୟ ଉନ୍ନୟନ ରାସ୍ତାର ଏଡ଼ତାଳ ମେଁକିଛକ ପର୍ଯ୍ୟନ୍ତ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୬ କୋଟି ଟଙ୍କା ମଞ୍ଜୁର ହୋଇଛି। ଏହି ରାସ୍ତା ନିର୍ମାଣ କାର୍ଯ୍ୟ ୨୦୨୬ ମାର୍ଚ୍ଚ ୩୧ରେ ସମ୍ପୂର୍ଣ୍ଣ ହେବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ପ୍ରକାଶ ଯେ, କପାଗଡ଼ିଆ ଛକଠାରୁ ଏହି ଗ୍ରାମ୍ୟ ଉନ୍ନୟନ ରାସ୍ତାରୁ କୁସୁନିବିନ୍ଧା, କାଞ୍ଜିଖିଆ, କଲ୍ୟାଣପୁର ପର୍ଯ୍ୟନ୍ତ ୩ଟି ରାସ୍ତା ବର୍ଷାପାଣି ଜମି ରହି ଶୋଚନୀୟ ହୋଇପଡ଼ିଥିଲା। ଏହାକୁ ନେଇ ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଜିଲାପାଳ ଦିଲୀପ ରାଉତରାଏଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ। ଏହାପରେ ଭଦ୍ରକ ଗ୍ରାମ୍ୟ ଉନ୍ନୟନ ବିଭାଜନର ଅଧୀକ୍ଷଣ ଯନ୍ତ୍ରୀ କ୍ଷେତ୍ର ପରିଦର୍ଶନ କରିଥିଲେ। ୩ କିଲୋମିଟର ୪୮୦ ମିଟର ଲମ୍ବ ଓ ୨୫ ଫୁଟ୍ ଓସାରିଆ ଏହି ରାସ୍ତା ନିର୍ମାଣ ନିମନ୍ତେ ୫କୋଟି ୯୬ ଲକ୍ଷ ୬୦ ହଜାର ଟଙ୍କା ମଞ୍ଜୁର କରାଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଆସିଥିବା ସର୍ବୋଚ୍ଚ ଯନ୍ତ୍ରୀଙ୍କ ଚିଠି ୨୮୧୯୦, ୪।୯।୨୦୨୫ରୁ ଜଣାପଡ଼ିଛି। ଏହି ରାସ୍ତା ନିର୍ମାଣ ପରେ ଅନ୍ୟ ୨ ସଂଯୋଗୀକରଣ ରାସ୍ତା କାଞ୍ଜିଖିଆରୁ କଲ୍ୟାଣପୁର, ସୁଗୋ ହାଟଛକରୁ କୁସୁନିବିନ୍ଧା ରାସ୍ତା ପୁନଃ ନିର୍ମାଣ ହେବ ବୋଲି ସୂଚନା ମିଳିଛି।

# ଥଇଥାନ ହେବେ ଉଠାଦୋକାନୀ


ବିଧାୟକ ଅଶୋକ କୁମାର ଦାସ ଓ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

## ବ୍ୟବସାୟ ପାଇଁ ସ୍ଥାନ ନିରୂପଣ

**ବାସୁଦେବପୁର,୧୧।୯(କାଳିପଦ ରାୟ)**

ବାସୁଦେବପୁର ପୌରାଞ୍ଚଳ ଅଧୀନ ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟ ଛକଠାରୁ ତାରିଣୀ ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟପାର୍ଶ୍ୱରୁ ଶତାଧିକ ଉଠାଦୋକାନ ଗତ ୨୧ ତାରିଖରେ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଥିଲା। ସେମାନଙ୍କୁ ଥଇଥାନ ପାଇଁ ଉଠାଦୋକାନୀ ସଂଘ ପକ୍ଷରୁ ବାରମ୍ବାର ଦାବି ପରେ ପଦକ୍ଷେପ ନିଆଯାଇଛି।

ସେମାନଙ୍କୁ ଥଇଥାନ ପାଇଁ ପୌରାଞ୍ଚଳ ଅଧୀନ ଦେଉଳି ମୌଜାର ବଡ଼ପଦାଠାରେ ସ୍ଥାନ ନିରୂପଣ କରାଯାଇଛି। ଗୁରୁବାର ବିଧାୟକ ଅଶୋକ କୁମାର ଦାସ, ତହସିଲଦାର ପ୍ରିୟବ୍ରତ ଦାସ, ପୌର ନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ, ସଦର ରାଜସ୍ୱ ନିରୀକ୍ଷକ ସରୋଜ କୁମାର ପ୍ରମୁଖ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏହି ପଡ଼ିଆରେ ଉନ୍ନତୀକରଣ କରାଯିବା ପରେ ଦୋକାନୀମାନଙ୍କୁ ବ୍ୟବସାୟ ଲାଗି ଯୋଗାଇ ଦିଆଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଇଁ କହିଛନ୍ତି।

# ହେବନି ପୁନଃ ତଦନ୍ତ

## ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକଙ୍କ ବିରୋଧରେ ଅଭିଯୋଗ ଘଟଣା

**ଭଣ୍ଡାରିପୋଖରୀ,୧୧।୯(ରାଜେନ୍ଦ୍ର ଶତପଥୀ)**

ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ କମଳାକାନ୍ତ ସ୍ୱାଇଁଙ୍କ ବିରୋଧରେ ହୋଇଥିବା ଅଭିଯୋଗର ସାନି ତଦନ୍ତ ପାଇଁ ଗଠନ ହୋଇଥିବା କମିଟି ପୁନଃ ତଦନ୍ତ କରିବ ନାହିଁ ବୋଲି ଭାରପ୍ରାପ୍ତ ଜିଲା ଚିକିତ୍ସାଧିକାରୀ ଡା. ସୁଧୀର ରଞ୍ଜନ ନାୟକ ଗୁରୁବାର ସୂଚନା ଦେଇଛନ୍ତି। ଗତ ୩୦ ତାରିଖରେ ଅବସର ନେଇଥିବା ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୧୨୫୫୫ ଅନୁଯାୟୀ ୬ ଜଣିଆ ନୂତନ କମିଟି ଗଠନ କରାଯାଇ ୭ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପୁନଃ ତଦନ୍ତ ନ ହେଲେ ବି କାର୍ଯ୍ୟାନୁଷ୍ଠାନ ହେବ ବୋଲି ଡା.ନାୟକ କହିଛନ୍ତି। ଡାକ୍ତର ଅଭାବକୁ ଢାଲ କରି ଭରପୁର ସୁଯୋଗ ଉଠାଉଥିବା ଡାକ୍ତର ଓ କର୍ମଚାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

# ୭ବର୍ଷ ପରେ ଟଙ୍କା ଫେରସ୍ତ ପାଇଲେ ଚାଷୀ

## ପଣପଣା ସେବା ସମବାୟ ସମିତିରେ ଦୁର୍ନୀତି ଘଟଣା

ବାହାନଗା, ୧୧।୯(ଅରୂପ୍ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ପଣପଣା ସେବା ସମବାୟ ସମିତିରେ ଦୀର୍ଘ ବର୍ଷ ତଳେ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଥିଲା । ବର୍ଷ ବର୍ଷ ଧରି ଚାଷୀ ତଥା ଚାଷୀ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଧାରଣା ପ୍ରତିବାଦ ଘେରାଉ କରିବା ସହିତ ମନ୍ତ୍ରୀ, ବିଭାଗୀୟ ଅଧିକାରୀମାନଙ୍କ ପର୍ଯ୍ୟନ୍ତ ଦୌଡି ଦୌଡି ନୟାନ୍ତ ହେବା ପରେ ଚାଷୀମାନେ ଟଙ୍କା ପାଇବାର ଆଶା ମଉଳି ଯାଇଥିଲା। ମାତ୍ର ୭ବର୍ଷ ପରେ ଏବେ ଚାଷୀମାନେ ଗଚ୍ଛିତ ରଖିଥିବା ଟଙ୍କା ଓ ଋଣ ନେଇଥିବା ଚାଷୀମାନଙ୍କୁ ତାଙ୍କର ପ୍ରାପ୍ୟ ମଙ୍ଗଳବାର ହସ୍ତାନ୍ତର କରାଯାଇଛି। ଏନେଇ ଚାଷୀମାନଙ୍କ ମନରେ ଆନନ୍ଦ ଖେଳିଯାଇଛି।

ପଣପଣା ସେବା ସମବାୟ ସମିତିରେ ୨୦୧୬ରେ ଚାଷୀମାନଙ୍କର କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଥିଲା । ୬ହଜାର ୭୨ଜଣ ଚାଷୀ ସମିତିରେ ୬କୋଟି ୮୦ ଲକ୍ଷ ଟଙ୍କା ସଞ୍ଚୟ କରିଥିଲେ। ଏହାସହିତ କିଛି ଚାଷୀ ୧୦ହଜାର ୨୦ହଜାର ଟଙ୍କା ଋଣ ନେଇଥିବା ବେଳେ ସେତେବେଳେ ସମିତି କର୍ମଚାରୀ ଓ ସମ୍ପାଦକମାନେ ସେମାନଙ୍କ ନାମରେ ଲକ୍ଷ ଲକ୍ଷ ଟଙ୍କା ଋଣ କରି ଚାଷୀମାନଙ୍କ ଅଜାଣତରେ ୧୨କୋଟି ଟଙ୍କା ଋଣ କରି ଚଳୁ କରିନେଇଥିଲେ। ସେ ବାବଦରେ ଜଣାପଡିବା ପରେ ଚାଷୀମାନେ ବିଭିନ୍ନ ସମୟରେ ଆନ୍ଦୋଳନ କରିଥିଲେ। ସେତେବେଳେ ସମିତିରେ ଥିବା ସମ୍ପାଦକ ଆତ୍ମହତ୍ୟା କରିବା ପରେ ଚାଷୀମାନଙ୍କର ଟଙ୍କା ପାଇବା ଆଶା ମଉଳିଯାଇଥିଲା। ବିଭିନ୍ନ ସମୟରେ ତଦନ୍ତ କରାଯିବା ସହିତ ଅଡିଟ ହେବା ପରେ ଚାଷୀମାନେ ଟଙ୍କା ପାଇବାର ଆଶା ଉଙ୍କି ମାରିଥିଲା। ଦୀର୍ଘ ୭ବର୍ଷ ପରେ ସରକାର ତଦନ୍ତ କରି ସମିତିରେ ଗଚ୍ଛିତ ରଖିଥିବା ଟଙ୍କା, ଫିକ୍ସ ଡିପୋଜିଟ୍ ମାରିଥିବା ଟଙ୍କା ଓ ଚାଷୀଙ୍କ ନାମରେ ବେଆଇନ ଭାବେ କୋଟି କୋଟି ଟଙ୍କା ଋଣ ଉଠାଣ ନେଇ ତଦନ୍ତରେ ଜଣାପଡିବା ପରେ ସମବାୟ ବ୍ୟାଙ୍କ ପକ୍ଷରୁ ଚାଷୀମାନଙ୍କୁ ତାଙ୍କ ଟଙ୍କା ଫେରାଇବାର ନିଷ୍ପତ୍ତି ହୋଇଥିଲା। ସେହି ଅନୁଯାୟୀ ଗତ ମଙ୍ଗଳବାର ଚାଷୀମାନଙ୍କ ସମିତି ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର ହୋଇଛି। ସେହି ଆକାଉଣ୍ଟରୁ ପ୍ରଥମ ଦିନରେ ୧୦ଲକ୍ଷ ୫୦ହଜାର ଟଙ୍କା ଉଠାଇ ୧୩ ଜଣ ଚାଷୀଙ୍କୁ ପ୍ରଦାନ କରାଯାଇଛି। ପ୍ରଥମ ସମିତିରେ ସଞ୍ଚୟ ରଖିଥିବା ୬ହଜାର ୭୨ଜଣ ଚାଷୀଙ୍କୁ ୬ କୋଟି ୮୦ ଲକ୍ଷ ଟଙ୍କା ପ୍ରଦାନ କରାଯାଉଛି। ସମୁଦାୟ ଋଣ, ଫିକ୍ସ ଡିପୋଜିଟ୍, ସେଭିଂ ଡିପୋଜିଟି ମିଶି ୧୮ କୋଟି ୮୦ ଲକ୍ଷ ଟଙ୍କା ହେରଫେର ହୋଇଥିଲା। ପଣପଣା ସେବା ସମବାୟ ସମିତିର କ୍ରିୟାନୁଷ୍ଠାନ କମିଟିର ଆବାହକ ପ୍ରଦୀପ କୁମାର ବେହେରା କହନ୍ତି ଯେଉଁ ଗରିବ ଚାଷୀମାନେ ୭ବର୍ଷ ତଳେ ଝିଅ ବାହାଘର ଓ ଅପରେଶନ ହେବା ନିମନ୍ତେ ଟଙ୍କା ସମିତିରେ ରଖି ଶେଷରେ ସର୍ବହରା ହୋଇଥିଲେ, ସେମାନଙ୍କ ଖାଲବୁହା ଧନ ପ୍ରାପ୍ତ ହୋଇଥିବାରୁ ଖୁସିର ଲହରୀ ଖେଳିଯାଇଛି ।



ଜଣେ ଚାଷୀଙ୍କୁ ଟଙ୍କା ଫେରସ୍ତ କରାଯାଉଛି।

# ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ, କାଠ ଜବତ

## ବେଆଇନ କରତକଳ ଉପରେ ବନବିଭାଗର ଚଢ଼ାଉ

ନୀଳଗିରି(ପ୍ରଶାନ୍ତ ବିଶ୍ୱାଳ)/ ସୋର(ଜନ୍ମେଜୟ ମିଶ୍ର), ୧୧।୯

ବାଲେଶ୍ୱର ଜିଲାର ବିଭିନ୍ନ ସ୍ଥାନରେ ବେଆଇନ କରତକଳ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ନୂତନ କରି ଯୋଗଦେଇଥିବା ବାଲେଶ୍ୱର ଜିଲା ବନଖଣ୍ଡ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ କୁଲଡିହା ଅଭୟାରଣ୍ୟ ସୀମାନ୍ତ ହାତୀଖୁଲିଆ ସେକ୍ସନ ସୋର ଥାନା ମାଣିତ୍ରୀ ପଞ୍ଚାୟତର ଇଲମପଦା ଓ ଜଗନ୍ନାଥପୁର ଅଞ୍ଚଳରେ ଚାଲିଥିବା ୨ଟି ବେଆଇନ କରତକଳରେ ଚଢ଼ାଉ କରାଯାଇ ୧୦ଲକ୍ଷ ଟଙ୍କାର ଯନ୍ତ୍ରାଂଶ ଓ ମୂଲ୍ୟବାନ କାଠ ଜବତ ହୋଇଛି। ଗୁରୁବାର ଭୋର ସମୟରେ ଏହି ଚଢ଼ାଉ ହୋଇଥିଲା। ଘଟଣାସ୍ଥଳରୁ ମାଲିକ ଫେରାର ହୋଇଯାଇଥିଲେ। ତେବେ ଯେଉଁ ଜାଗାରେ ବେଆଇନ କରତକଳ ଚାଲୁଥିଲା ସେହି ଜାଗାର ମାଲିକଙ୍କ ନାମରେ ବନବିଭାଗର ଧାରା ୧୯୯୧ ଅନୁଯାୟୀ ମାମଲା ରୁଜୁ କରାଯିବ ବୋଲି ରେଞ୍ଜର ସୂଚନା ଦେଇଛନ୍ତି। କୁଲଡ଼ିହା ରେଞ୍ଜର ଦାୟିତ୍ୱରେ ଥିବା ଏସିଏଫ୍ ସୁବ୍ରତ ବେହେରା ନେତୃତ୍ୱ ନେଇଥିବା ବେଳେ ହାତୀଖୋଲିଆ ଫରେଷ୍ଟର ଜୟନ୍ତ ପ୍ରଧାନ, ଝରଣାଘାଟି ସେକ୍ସନ ଫରେଷ୍ଟର ଅଜୟ କୁମାର ଜେନା, ଜଡ଼ାଚୁଆ ସେକ୍ସନ ଫରେଷ୍ଟର ସୌମ୍ୟରଞ୍ଜନ ମାଝି, ଫରେଷ୍ଟର ସରସ୍ୱତୀ ମୁର୍ମୁ, ଲାଲମୋହନ ସିଂ, ଗାର୍ଡ ଦୀପିକା ପାଣିଗ୍ରାହୀ ଓ ରାକେଶ ବାରିକ ପ୍ରମୁଖ ମିଳିତ ଭାବେ ଚଢ଼ାଉ କରିଥିଲେ।

# ‘ମୁଁ ବଞ୍ଚିବାର ଅଧିକାରୀ’ ନାଟକ ମଞ୍ଚସ୍ଥ

## ଏଫ୍ଏମ୍ୟୁରେ ବିଶ୍ୱ ଆତ୍ମହତ୍ୟା ପ୍ରତିରୋଧ ଦିବସ

ବାଲେଶ୍ୱର, ୧୧।୯(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ବୁଧବାର ବିଶ୍ୱ ଆତ୍ମହତ୍ୟା ପ୍ରତିରୋଧ ଦିବସ ପାଳିତ ହୋଇଯାଇଛି। ସମାଜରେ ଆତ୍ମହତ୍ୟା ଭଳି ଗୁରୁତର ସମସ୍ୟା ପ୍ରତି ସଚେତନତା ଓ ସାମୂହିକ ଦାୟିତ୍ୱ ବାର୍ତ୍ତା ପ୍ରସାର ପାଇଁ ଏହି ଦିବସ ପାଳନର ମୂଳ ଲକ୍ଷ୍ୟ। ପ୍ରୟୋଗିକ ମନୋବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଆତ୍ମହତ୍ୟା କେବଳ ବ୍ୟକ୍ତିଗତ ସଂକଟ ନୁହେଁ, ଏହା ସମାଜର ସାମୂହିକ ଚ୍ୟାଲେଞ୍ଜ। ସହାନୁଭୂତି ଓ ସମର୍ଥନର ହାତ ବଢ଼ାଇଲେ ଅନେକ ପ୍ରାଣକୁ ବଞ୍ଚାଇପାରିବା ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ନୂଆଦିଲ୍ଲୀସ୍ଥିତ ଜେଏନ୍ୟୁର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଅଜିତ କୁମାର ମହାନ୍ତି ଯୋଗଦେଇ ଆମେ ଯଦି ସମ୍ବେଦନଶୀଳତାର ସହିତ ବ୍ୟକ୍ତିଙ୍କୁ ବୁଝିପାରିବା, ତେବେ ନୂଆ ଜୀବନର ଆଶା ମିଳିପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, କଟକ କାଉନସେଲିଂ ସାଇକୋଲୋଜିଷ୍ଟ ଡା. ଶଶୀମଣି ମିଶ୍ର ଆତ୍ମହତ୍ୟା ପ୍ରକ୍ରିୟାରେ ପୂର୍ବ-ହସ୍ତକ୍ଷେପ, କୁସଂସ୍କାର ହ୍ରାସ ଓ ସାମାଜିକ ସହଭାଗିତାକୁ ଆତ୍ମହତ୍ୟା ପ୍ରତିରୋଧର ମୁଖ୍ୟ ମାନଦଣ୍ଡ ବୋଲି ଉଲ୍ଲେଖ କରିଥିଲେ। ଅଧ୍ୟାପକ ଶଶାଙ୍କ ଗଡ଼ନାୟକ, ଅଧ୍ୟାପିକା ଜସ୍ମିନ ସାମନ୍ତରାୟ ଓ ଜୟନ୍ତୀ ମଲ୍ଲ, ସଂଯୋଜକ ଡ. ରାଜଶ୍ରୀ ଦଉ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ‘ମୁଁ ବଞ୍ଚିବାର ଅଧିକାରୀ’ ନାଟକ ମଞ୍ଚସ୍ଥ ହୋଇଥିଲା।



ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ।

# ୨୦ ବର୍ଷ ପରେ ଉର୍ମିଳାଙ୍କୁ ମିଳିଲା ଜାଗା

**‘ଧରିତ୍ରୀ’ ପ୍ରଭାବ**

ସିମୁଳିଆ,୧୧।୯(ସନ୍ତୋଷ ନାୟକ)

ଯାହା ଗତ ୨୦ବର୍ଷ ଧରି ମିଳି ନ ଥିଲା, ତାହା ‘ଧରିତ୍ରୀ’ରେ ଖବର ପ୍ରକାଶର ୪ଦିନ ପରେ ମିଳିଛି । ଏମିତି ଏକ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମଇତାପୁର ପଞ୍ଚାୟତ ସାନମଇତାପୁର ଅଞ୍ଚଳରେ। ଏହି ଅଞ୍ଚଳର ସ୍ୱର୍ଗତ ନରେଶ ଚନ୍ଦ୍ରଙ୍କ ସ୍ତ୍ରୀ ଉର୍ମିଳା ଧୂପାଳ(୪୭)ଙ୍କୁ ସରକାର ଗତ ୩୧।୧୦।୦୫ରେ ସାନମଇତାପୁର ଅଞ୍ଚଳର ଖତିଆନ କ୍ରମିକ ସଂଖ୍ୟା ୩୩୨/୨୬୧, ପ୍ଲଟ ନଂ. ୨୨୩/୧୩୩୭ ସ୍ଥିତିବାନ ଜମିରୁ ୪ ଡିସିମିଲ(୧ ଗୁଣ୍ଠ) ଜମି ପ୍ରଦାନ କରିଥିଲେ। ତେବେ ମିଳିଥିବା ଜାଗା ଚିହ୍ନଟ ପାଇଁ ସେ ବିଭିନ୍ନ ଅଧିକାରୀଙ୍କୁ ବାରମ୍ବାର ଆବେଦନ କରିଥିଲେ ହେଁ ତାହା କେବଳ ଆଶ୍ୱାସନାରେ ସୀମିତ ରହିଥିଲା। ଏ ସମ୍ପର୍କରେ ଗତ ୮।୦୯।୨୫ରେ ‘ସରକାର ଦେଇଛନ୍ତି, ଉର୍ମିଳା ପାଇନାହାନ୍ତି, ୨୦ବର୍ଷ ପରେ ମଧ ଜାଗା ଚିହ୍ନଟ ହୋଇନାହିଁ’ ଶୀର୍ଷକରେ ଖବର ପ୍ରକାଶ ପାଇଥିଲା। ଗୁରୁବାର ମଧ୍ୟାହ୍ନରେ ସ୍ଥାନୀୟ ମଇତାପୁର ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ତାପସ କୁମାର ସେନ ଓ ଅଫିସ ସହାୟକ ବିମ୍ବାଧର ଜେନା ପ୍ରମୁଖ ଉପସ୍ଥିତ ରହି ଉର୍ମିଳାଙ୍କ ଜାଗା ଚିହ୍ନଟ କରିଥିଲେ। ଉର୍ମିଳାଙ୍କୁ ଜାଗା ମିଳିବା ପରେ ସେ ଅତ୍ୟନ୍ତ ବିଭୋର ହୋଇପଡିବା ସହିତ ‘ଧରିତ୍ରୀ’ ସହିତ ଆର୍‌ଆଇଙ୍କୁ ଧନ୍ୟବାଦ ଜଣାଇଥିଲେ।

ଏ ସମ୍ପର୍କରେ ଆର୍‌ଆଇ ତାପସ କୁମାର ସେନ କହନ୍ତି, ଯେକୌଣସି ଅଭିଯୋଗ ଆସିଲେ ତାହା ସେ ତୁରନ୍ତ ସମାଧାନ ପାଇଁ ସର୍ବଦା ଚେଷ୍ଟା କରିଥାଆନ୍ତି। ଆର୍‌ଆଇଙ୍କ ଏହି ପ୍ରକାର ମାନସିକତାକୁ ସାଧାରଣରେ ପ୍ରଶଂସା କରାଯାଇଛି ।



ଆର୍‌ଆଇ ଉର୍ମିଳାଙ୍କ ଜାଗା ଚିହ୍ନଟ କରୁଛନ୍ତି।

# ଅବକାରୀ ଚଢ଼ାଉ, ୬ ଗିରଫ

## ୩ କାର୍ ସହ ୪୧.୫କି.ଗ୍ରା. ଗଞ୍ଜେଇ, ୬ଶହ ଲିଟର ଦେଶୀମଦ ଜବତ

ବାଲେଶ୍ୱର, ୧୧।୯(ବାଞ୍ଛାନିଧି ଦେ)

ବାଲେଶ୍ୱର ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଜିଲା ଭ୍ରାମ୍ୟମାଣ ୟୁନିଟ୍ ପକ୍ଷରୁ ବୁଧବାର ଓ ଗୁରୁବାର ଦୁଇଦିନ ବ୍ୟାପୀ ଚଢ଼ାଉ କରାଯାଇଛି। ଭ୍ରାମ୍ୟମାଣ ଅବକାରୀ ଆଇଆଇସି ହରିହର ସିଂଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢ଼ାଉ ହୋଇ ଗଞ୍ଜେଇ ଚାଲାଣ ହେଉଥିବା ଦୁଇଟି କାର୍, ଏକ ମଦ ଭର୍ତ୍ତି କାର୍ ଓ ବୁଲେଟ୍‌କୁ ଜବତ କରିବା ସହ ୬ଜଣଙ୍କୁ ଗିରଫ କରାଯାଇଛି।

ସେରଗଡ଼ ଛକ ନିକଟରେ ଗୁରୁବାର ଚଢ଼ାଉ କରାଯାଇ କାର୍ ସହ ୨୧କି.ଗ୍ରା. ଗଞ୍ଜେଇ ଜବତ ହୋଇଛି। ଫୁଲବାଣୀ ଅଞ୍ଚଳର ଡ୍ରାଇଭର ଦଧିଚି ପାତ୍ର ଓ ଅଭିଯୁକ୍ତ ବାଳକୃଷ୍ଣ ସ୍ୱାଇଁଙ୍କୁ ଗିରଫ କରାଯାଇଥିଲା। ମାମଲା (ନଂ.୨୨୯/୨୫-୨୬)। ସେହିପରି କୁରୁଡ଼ା ଛକ ନିକଟରେ ଚଢ଼ାଉ କରାଯାଇ ଏକ କାର୍ ସହ ୨୦କେଜି ୫ଶହ ଗ୍ରାମ୍ ଗଞ୍ଜେଇ ଜବତ ହୋଇଥିଲା। ଖୋର୍ଦ୍ଧା ଜଟଣୀ ଅଞ୍ଚଳର ଡ୍ରାଇଭର ପ୍ରତାପ କିଶୋର ବାରିକଙ୍କୁ ଗିରଫ କରାଯାଇଥିଲା। ମାମଲା (ନଂ.୨୩୦/୨୫-୨୬)। ଜବତ ଗଞ୍ଜେଇ ଓ ଦୁଇଟି କାର୍‌ର ଆନୁମାନିକ ମୂଲ୍ୟ ୧୨ଲକ୍ଷ ୧୫ହଜାର ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ବୁଲେଟ୍ ଯୋଗେ ମଦ ନେଇଯାଉଥିବା ବେଳେ ନୀଳଗିରି ଥାନା ମିତ୍ରପୁର ଛକ ନିକଟରେ ଚଢ଼ାଉ କରାଯାଇ ରେମୁଣା ଥାନା ଆଳଦିଆ ଗ୍ରାମର ବିଜୁ ସିଂଙ୍କୁ ଗିରଫ କରାଯିବା ସହ ତାଙ୍କଠାରୁ ୧ଶହ ଲିଟର ଦେଶୀ ମଦ ସହ ବୁଲେଟ୍ ଜବତ ହୋଇଥିଲା। ଏନେଇ ଏକ ମାମଲା (ନଂ. ୨୨୭/୨୫-୨୬) ରୁଜୁ କରାଯାଇଛି। ଅନ୍ୟ ଗିରଫ ଅଭିଯୁକ୍ତ ହେଲେ ନୀଳଗିରି ଥାନା ଧୋବଶିଳା ଗ୍ରାମର ଡ୍ରାଇଭର ରମେଶ ମଣ୍ଡଳ ଓ ଆଳଦିଆ ଗ୍ରାମର ବେପାରୀ ରାଜୁ ସିଂ କାର୍ ଯୋଗେ ଦେଶୀ ମଦ ନେଇ ଯାଉଥିବା ବେଳେ ଅଯୋଧ୍ୟା ଛକ ନିକଟରେ ଚଢ଼ାଉ କରାଯାଇ ତାଙ୍କଠାରୁ ୫ଶହ ଲିଟର ଦେଶୀ ମଦ ଜବତ ହୋଇଥିଲା। ଏନେଇ ମାମଲା (ନଂ. ୨୨୮/୨୫-୨୬) ରୁଜୁ କରାଯାଇଛି। ଗିରଫ ୬ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।



ଗିରଫ ୩ ଗଞ୍ଜେଇ ବେପାରୀ।

# ୨ ବଖରା ପୋଡ଼ି ପାଉଁଶ

ସୋର, ୧୧।୯(ଜନ୍ମେଜୟ ମିଶ୍ର): ସୋର ବ୍ଲକ ଦହିସଡା ପଞ୍ଚାୟତ ଛପୁଲିଆ ଆଦିବାସୀ ସାହିରେ ଅଗ୍ନିକାଣ୍ଡ ଘଟି ଜଣେ ବ୍ୟକ୍ତିଙ୍କର ୨ ବଖରା ଘର ପୋଡି ପାଉଁଶ ହୋଇଯାଇଛି। ଏହି ଗ୍ରାମର ଗୁରୁବା ସିଂ ଗୁରବାର ମଧ୍ୟାହ୍ନରେ ବିଲକୁ କାମ କରିବାକୁ ଯାଇଥିଲେ। କୌଣସି କାରଣରୁ ତାଙ୍କ ଚାଳ ଘରେ ଅଗ୍ନିକାଣ୍ଡ ଘଟିଥିଲା। ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିବା ସହିତ ସୋର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗର ଦୁଇଟି ଦମକଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ ସେତେବେଳେକୁ ଗୁରୁବାଙ୍କ ୨ ବଖରା ଚାଳଘର ସମେତ ଘରେ ଥିବା ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ଗୁରୁବା ଜଣେ ଗରିବ ଲୋକ ହୋଇଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବ୍ଲକସ୍ତରୀୟ ଜନଶୁଣାଣି ଶିବିର

କାଳିପଦା, ୧୧।୯ (ରାଜଶ୍ରୀ ପାଣିଗ୍ରାହୀ)

ବାଲିଆପାଳ ବ୍ଲକ ସଭାଗୃହ ମଧ୍ୟରେ ୨୦୨୫-୨୬ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ-୨୦୧୩ ଓ ମାହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅଧୀନ ସାମାଜିକ ସମୀକ୍ଷାର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୨୩୭ ଜଣ ମୃତ ବ୍ୟକ୍ତିଙ୍କ ନାମରେ ମାସକୁ ୩୮୪୬୧ କି.ଗ୍ରା. ଚାଉଳ ଉଠାଯାଉଛି ବୋଲି ଅଭିଯୋଗ ଆସିଥିଲା। ଅନ୍ୟ ୫ଟି ଅଭିଯୋଗ ମାହାତ୍ମାଗାନ୍ଧୀ କର୍ମ ନିଯୁକ୍ତି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛି। ଶିବିରରେ ଉପଜିଲାପାଳ ଶିବ ମାଲଭୀୟ, ବିଡିଓ ରାଧାରଞ୍ଜନ ଦାଶ, ଏବିଡିଓ ଶରତ କୁମାର ମୁଦୁଲି, ଖାଦ୍ୟ ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥ, ଏଇଇ ଅମିତ କୁମାର ମୁର୍ମୁ, ଏପିଓ ସୌମ୍ୟକାନ୍ତ ଦାସ, ଜିପିଡିଓ ପ୍ରିୟବ୍ରତ ଗିରି, ଫରେଷ୍ଟର ମନୋଜ ଧଡ଼ା, ବାଲେଶ୍ୱର ସାମାଜିକ ସମୀକ୍ଷକ ସତ୍ୟରଞ୍ଜନ ବେହେରା, ବ୍ଲକ ସମୀକ୍ଷକ ସଞ୍ଜୀପ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ‘ସ୍ୱଚ୍ଛତା ହିଁ ସେବା’ ପାଇଁ ଡଗରା ସରପଞ୍ଚ ସତ୍ୟାନନ୍ଦ ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ସମସ୍ତ ସରପଞ୍ଚ, ସଦସ୍ୟ, ପିଇଓ ଓ ଏଡିଓମାନେ ଉପସ୍ଥିତ ଥିଲେ।

# ପୁଣି ଡେଙ୍ଗୁ ଆତଙ୍କ

ଜଳେଶ୍ୱର,୧୧।୯(ନବୀନ ସାହୁ)

ଜଳେଶ୍ୱର ବ୍ଲକ ଖୁଦିଆମାଝିସାହି ପଞ୍ଚାୟତ ବେହେରାସାହି ଗ୍ରାମରେ ପୁଣି ଡେଙ୍ଗୁ ଦେଖାଦେଇଛି। ୧୦ଦିନ ପୂର୍ବରୁ ୬ଜଣ ଡେଙ୍ଗୁ ଜ୍ୱରରେ ଚିକିତ୍ସା ହୋଇ ଘରକୁ ଫେରିଥିବା ବେଳେ ପୁଣି ୪ଜଣଙ୍କୁ ଡେଙ୍ଗୁ ହୋଇଥିବା ଜଣାପଡ଼ିଛି। ବେହେରାସାହି ଗ୍ରାମର ଲମ୍ବୋଦର ଘୋଷ(୪୦), ଲକ୍ଷ୍ମଣ ପ୍ରଧାନ(୪୮), ବୈଦ୍ୟନାଥ ଘୋଷ(୪୮), ବାପୁନୁ ବେହେରା(୧୮)ଙ୍କୁ ଜ୍ୱର ନ କମିବାରୁ ସେମାନେ ୯ ତାରିଖରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ ଆସି ରକ୍ତ ନମୁନା ପରୀକ୍ଷା କରିଥିଲେ। ପରୀକ୍ଷାରେ ଡେଙ୍ଗୁ ପଜିଟିଭ ବାହାରିଥିଲା। ସେମାନେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ସମ୍ପୂର୍ଣ୍ଣ ବେହେରାସାହି ଗ୍ରାମବାସୀ ଏବେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଏ ନେଇ ହାତୀଗଡ଼ର ଜନ ସ୍ୱାସ୍ଥ୍ୟ ଅଧିକାରୀ ଫକୀର ମୋହନ ପ୍ରଧାନଙ୍କୁ ପଚାରିବାରୁ ଏ ବାବଦରେ କୌଣସି ସୂଚନା ନାହିଁ ବୋଲି କହିଥିଲେ।

# ୨୧୦ ଗ୍ରାମ୍ ବ୍ରାଉନସୁଗାର ଜବତ, ୨ କୋର୍ଟଚାଲାଣ

ଖଇରା, ୧୧।୯(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ଅବକାରୀ ପୋଲିସ ପକ୍ଷରୁ ମାର୍କୋଣା ଷ୍ଟେଶନ ନିକଟରେ ଚଡାଉ କରାଯାଇ ୨୧୦ ଗ୍ରାମ ବ୍ରାଉନସୁଗାର ଜବତ କରାଯିବା ସହ ୨ଜଣଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଗିରଫ ବ୍ୟକ୍ତିଦ୍ୱୟ ହେଲେ ମାର୍କୋଣା ଅଞ୍ଚଳର ଅହଲ୍ୟାରାଣୀ ଶିଅଳ ଓ ସୁଶାନ୍ତ ପଣ୍ଡା। ସେମାନଙ୍କ ନାମରେ ଏକ ମାମଲା(ନଂ. ୧୪୭/୨୫-୨୬) ରୁଜୁ କରାଯାଇଛି।

# ଅର୍ଥ ମଞ୍ଜୁର ପରେ ବି ହେଉନି କାର୍ଯ୍ୟ

## ଦୁର୍ଗମ ଗାଁ ରାସ୍ତା

ଭୋଗରାଇ, ୧୧।୯(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଜୟରାମପୁର ପଞ୍ଚାୟତ ଅଧୀନ ଟେଙ୍ଗରାମାରୀ ଗାଁ ୭ ନମ୍ବର ୱାର୍ଡ ଗ୍ରାମ ରାସ୍ତା ଦୀର୍ଘବର୍ଷ ଧରି ମରାମତି ଅଭାବରୁ ଦୁର୍ଗମ ହୋଇପଡିଛି । ଏହି ରାସ୍ତା ଦେଇ ଭୋଗରାଇ ବଜାର, ୩ଟି ମହାବିଦ୍ୟାଳୟ, ଲକ୍ଷ୍ମୀପାଟଣା ଫାଣ୍ଡି ଆଦିକୁ ପ୍ରତିଦିନ ବହୁ ଛାତ୍ରୀଛାତ୍ର ଓ ହଜାର ହଜାର ଲୋକ ଯାତାୟାତ କରିଥାନ୍ତି । ୬ଟି ପଞ୍ଚାୟତର ଅଧିବାସୀମାନେ ଉକ୍ତ ରାସ୍ତା ଉପରେ ନିର୍ଭର କରିଆସୁଥିବା ବେଳେ ରାସ୍ତାର ଗୋଟିଏ ସ୍ଥାନରେ ପ୍ରାୟ ୩ଶହ ମିଟର ପର୍ଯ୍ୟନ୍ତ ଖାଲ ସୃଷ୍ଟି ହୋଇଛି। ଯାହାକି ବର୍ଷାଋତୁରେ ଉକ୍ତ ରାସ୍ତାର ଆଣ୍ଠୁଏ ବର୍ଷା ପାଣି ଜମି ରହୁଛି । ଗମନାଗମନରେ ଘୋର ସମସ୍ୟା ସୃଷ୍ଟି ହେବା ସହ କେତେକ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଛି । ସମସ୍ୟା ସମାଧାନ ପାଇଁ ବିକଶିତ ଗାଁ ବିକଶିତ ଓଡିଶା ଯୋଜନାରେ ଉକ୍ତ ରାସ୍ତା ନବୀକରଣ ପାଇଁ ଅର୍ଥ ମଞ୍ଜୁର ହୋଇଛି । ଗ୍ରାମସଭା ଜରିଆରେ ଉକ୍ତ ରାସ୍ତା ପାଇଁ ୩ଲକ୍ଷ ୨୬ ହଜାର ଟଙ୍କା ମଞ୍ଜୁର କରାଯାଇଛି ବୋଲି ସ୍ଥାନୀୟ ସରପଞ୍ଚ ଦିପ୍ତୀରାଣୀ ମିଶ୍ର କହିଛନ୍ତି। ଅର୍ଥ ମଞ୍ଜୁର ହୋଇଥିବା ସତ୍ତ୍ୱେ ରାସ୍ତା ନିର୍ମାଣ ନ ହେବାରୁ ସ୍ଥାନୀୟ ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି। ପ୍ରଶାସନ ପକ୍ଷରୁ ଉକ୍ତ ସମସ୍ୟାକୁ ଗୁରୁତ୍ୱ ଦିଆଯାଇ ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ନିର୍ମାଣ କରିବାକୁ ସ୍ଥାନୀୟ ବାସିନ୍ଦା ଭୂଷଣ ପରିଡା, ପ୍ରଦୀପ କୁମାର ପ୍ରଧାନ, ପୀୟୁଷକାନ୍ତ ପାତ୍ର, ଦିଲୀପ ପ୍ରଧାନ, ଶମ୍ଭୁନାଥ ପରିଡା, ଜଗଦୀଶ ପାଣିଗ୍ରାହୀ, ଗୋପାଳ ପାଣିଗ୍ରାହୀ ଓ ଜୟନ୍ତ ମହାନ୍ତି ପ୍ରମୁଖ ବହୁ ଗ୍ରାମବାସୀ ଦାବି କରିଛନ୍ତି।



୭ ନମ୍ବର ୱାର୍ଡ ଗ୍ରାମ ରାସ୍ତା।

# ବାଇକ୍ ଚୋରି ବେଳେ ଧରାପଡି ମାଡ଼ଖାଇଲେ

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/କାଳିପଦା(ରାଜଶ୍ରୀ ପାଣିଗ୍ରାହୀ), ୧୧।୯: ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅଧୀନ ଖଗଡ଼ାପାଳ ଶିବ ମନ୍ଦିର ନିକଟରୁ ଗୁରୁବାର ପୂର୍ବାହ୍ନରେ ଜଣେ ଯୁବକ ବାଇକ ଚୋରି କରୁଥିବା ବେଳେ ଗ୍ରାମବାସୀଙ୍କ ଦ୍ୱାରା ଧରା ପଡ଼ି ଗଛରେ ବନ୍ଧାହୋଇ ଛେଚା ଖାଇଛନ୍ତି। ସେ ହେଲେ ଖଗଡ଼ାପାଳ ଗ୍ରାମର ବାଇନ ଦାସ। ଖଗଡ଼ାପାଳ ଗ୍ରାମର ଶିବମନ୍ଦିର ପାଖ ରାସ୍ତା ଉପରେ ଏକ ବାଇକ ଛିଡ଼ା ହୋଇଥିବା ବେଳେ ବାଇନ ବାଇକ ଚୋରି କରିବାକୁ ଉଦ୍ୟମ କରୁଥିଲେ। ଏହି ସମୟରେ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରି ଏକ ଗଛରେ ବାନ୍ଧି ଉତ୍ତମମଧ୍ୟମ ଦେଇଥିଲେ। ଖବରପାଇ ବାଲିଆପାଳ ପୋଲିସ ପହଞ୍ଚି ଉକ୍ତ ଯୁବକଙ୍କୁ ଉଦ୍ଧାର କରି ଥାନାକୁ ନେଇ ତଦନ୍ତ ଜାରି ରଖିଛନ୍ତି।

ପ୍ରକାଶ ଥାଉକି ବାଲିଆପାଳ ଅଞ୍ଚଳରେ ଦିନକୁ ଦିନ ମୋଟର ସାଇକେଲ ଓ ମୋବାଇଲ ଚୋରି ବଢ଼ିବାରେ ଲାଗିଛି। ବିଶେଷକରି ସିମୁଳିଆ ଦୈନିକ ମାଛ ମାର୍କେଟରେ ପ୍ରବଳ ଭିଡ଼ ହେଉଥିବାରୁ ଏହିପରି ଘଟଣା ଘଟୁଥିବାର ଦେଖିବାକୁ ମିଳୁଛି।

# ଆଗେଇପାରୁନି ଉନ୍ନୟନ କାର୍ଯ୍ୟ

## ବସୁନି ପଞ୍ଚାୟତ ସମିତି ବୈଠକ

ଖଇରା, ୧୧।୯(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ପଞ୍ଚାୟତ ସମିତି ବୈଠକ ୫ମାସ ହେଲା ବସିନି। ଫଳରେ ବ୍ଲକର ଉନ୍ନୟନ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ୨ବର୍ଷର ଗ୍ରାଣ୍ଟ-ଇନ-ଏଡ ବାବଦକୁ ଅର୍ଥ ପଡିରହିଥିଲେ ବି ଆଲୋଚନା ହୋଇପାରୁନି। ଖଇରାରେ ସାର ଓ କୀଟନାଶକ କଳାବଜାରୀ ଉତ୍କଟ ରୂପ ଧାରଣ କରିଥିବା ବେଳେ ଚାଷୀଙ୍କର ଉକ୍ତ ସମସ୍ୟାର କିଭଳି ସମାଧାନ ହୋଇପାରିବ ସେ ସମ୍ପର୍କରେ ଆଲୋଚନା ଲାଗି ଲୋକ ପ୍ରତିନିଧିଙ୍କୁ ସୁଯୋଗ ଦିଆଯାଉନି। ସେହିଭଳି ଅଧିକାରୀମାନେ ପଞ୍ଚାୟତ ସ୍ତରରେ କୌଣସି କାର୍ଯ୍ୟ ସମ୍ପର୍କରେ ନିଷ୍ପତ୍ତି ନିଆଯିବା ବେଳେ ଲୋକପ୍ରତିନିଧିଙ୍କୁ ସାମିଲ କରାଯାଉନି। ଏହା ପ୍ରତିବାଦରେ ଅଧିକାଂଶ ଲୋକପ୍ରତିନିଧିଙ୍କ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୮ରୁ ଅଧିକ ପଞ୍ଚାୟତର ଲୋକପ୍ରତିନିଧି ସାମିଲ ହୋଇ ନିଜର ମତ ଉପସ୍ଥାପନ କରିଥିଲେ। ତ୍ରିସ୍ତରୀୟ ପଞ୍ଚାୟତିରାଜ ବିଧିବ୍ୟବସ୍ଥା ଅନୁଯାୟୀ ପ୍ରତି ୨ମାସରେ ଥରେ ବୈଠକ ଡକାଯିବାର ନିୟମ ଅଛି। ହେଲେ ଗତ ମେ’ ୭ତାରିଖରେ ପଞ୍ଚାୟତ ସମିତିର ୧୧ତମ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ନିୟମ ଅନୁଯାୟୀ ଜୁଲାଇରେ ପରବର୍ତ୍ତୀ ବୈଠକ ଡକାଯିବା କଥା। ହେଲେ ବ୍ଲକ ପ୍ରଶାସନ ଏ ପର୍ଯ୍ୟନ୍ତ ବୈଠକ ଡାକି ନ ଥିବାରୁ ବ୍ଲକର ଅନେକ ବିଭାଗର ଅର୍ଥ ଖର୍ଚ୍ଚ ନେଇ ଆଲୋଚନା ହୋଇପାରୁନି। ଗ୍ରାଣ୍ଟ-ଇନ-ଏଡ ଭଳି ଯୋଜନାରେ ୬କୋଟିରୁ ଊର୍ଦ୍ଧ୍ୱ ପଡିରହିଥିବା ବେଳେ ଏବଂ ଦାନା ପ୍ରକଳ୍ପ ଚୟନ ପ୍ରସଙ୍ଗ ଅଦାଲତ ଯିବା ପରେ ଅର୍ଥ ଖର୍ଚ୍ଚ କରିଥିବା ଠିକାଦାରମାନେ ଅର୍ଥ ପାଇଁ ଚାତକ ପରି ଚାହିଁରହଛନ୍ତି। ଏହିଭଳି ଅନେକ ବିଷୟକୁ ବ୍ଲକ ଏବେ ଅଚଳାବସ୍ଥାକୁ ଆସିଯାଇଛି । ଏ ସମ୍ପର୍କରେ ଆଲୋଚନା ପାଇଁ ପଞ୍ଚାୟତ ସମିତି ବୈଠକ ବସିବା ଜରୁରୀ ବୋଲି ଉପଲବ୍ଧି କରିଥିବା ଏହି ୧୮ ପଞ୍ଚାୟତର ଲୋକପ୍ରତିନିଧିମାନେ ଲିଖିତ ଭାବେ ବିଡିଓଙ୍କୁ ଅବଗତ କରାଇଛନ୍ତି । ଏ ସମ୍ପର୍କରେ ବିଡିଓ ନାରାୟଣ ସାହୁଙ୍କୁ ପଚାରିବା ପରେ ବୈଠକ ଡାକିବା ପୂର୍ବରୁ ଏମ୍‌ପି, ବିଧାୟକଙ୍କ ସମୟ ତଥା ଅନ୍ୟାନ୍ୟ ବହୁ ବିଷୟକୁ ବିଚାରକୁ ନିଆଯାଇଥାଏ । ଦଶହରା ପରେ ପରେ ବୈଠକ ଡାକିବା ବିଷୟରେ ନିଷ୍ପତ୍ତି ନିଆଯାଇଥିବା କହିଛନ୍ତି। ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ଦାସ, ଜଳଦା ସମିତିସଭ୍ୟ ରମାକାନ୍ତ ମହାନ୍ତି, ବ୍ଲକ ଉପାଧ୍ୟକ୍ଷ ଗଜେନ୍ଦ୍ର ପରିଡା, ନନ୍ଦୁର ସରପଞ୍ଚ ଜୟନ୍ତୀ ପତି, ଗୋବିନ୍ଦପୁର ସମିତିସଭ୍ୟ ପାର୍ବତୀ ବାରିକଙ୍କ ସମେତ ୧୮ପଞ୍ଚାୟତର ଲୋକପ୍ରତିନିଧି ଉପସ୍ଥିତ ଥିଲେ।

# ସାର ମାଗିବାରୁ ଚାଷୀଙ୍କୁ ହତ୍ୟା ଧମକ

## ସମବାୟ ସମିତି ସମ୍ପାଦକଙ୍କ ନାଁରେ ମାମଲା ରୁଜୁ

ଧରାକୋଟ,୧୧।୯
(ବିଷ୍ଣୁକେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲାରେ ସାର ବଣ୍ଟନରେ ଅବ୍ୟବସ୍ଥାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ପରିସ୍ଥିତି ଏପରି ହୋଇଛି ଯେ ଥାନା ପର୍ଯ୍ୟନ୍ତ କଥାଯାଇଛି। ଜଣେ ଚାଷୀ ସାର ମାଗିବାରୁ ତାଙ୍କୁ ହତ୍ୟା ଧମକ ଦିଆଯାଇଥିବା ବଡ଼ଗଡ଼ ଥାନାରେ ଅଭିଯୋଗ ହୋଇଛି। ଧରାକୋଟ ବ୍ଲକ ଅନ୍ତର୍ଗତ ରୁଗୁମୁ ସେବା ସମବାୟ ସମିତିର ସମ୍ପାଦକ ବିଜୟ କୁମାର ବିଷୋୟୀ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଆଡିବନ୍ଧ ଗ୍ରାମର ଭଜରାମ ସ୍ୱାଇଁଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ. ୪୫୩/୨୫) ରୁଜୁ କରିଛି। ଅନ୍ୟପକ୍ଷରେ ସମବାୟ ସମିତି ସମ୍ପାଦକ ବିଷୋୟୀ ଗୁରୁବାର ଚାଷୀ ଭଜରାମଙ୍କ ନାଁରେ ବଡ଼ଗଡ଼ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଭଜରାମ ତାଙ୍କୁ ଜୀବନରେ ମାରିଦେବା ପାଇଁ ଉଦ୍ୟମ କରିବା ସହ ଧମକ ଦେଉଥିବା ଅଭିଯୋଗରେ ଦର୍ଶାଇଛନ୍ତି।

ରୁଗୁମୁ ସେବା ସମବାୟ ସମିତିରେ ମଙ୍ଗଳବାର ୪୫୦ ବସ୍ତା ସାର ବଣ୍ଟନ ପାଇଁ ଥିବାରୁ ଚାଷୀମାନଙ୍କ ଲମ୍ବା ଲାଇନ ଲାଗିଥିଲା। ପ୍ରାୟ ୮୦୦ ଚାଷୀ ଧାଡିରେ ଥିଲେ। ତେଣୁ ସମସ୍ତଙ୍କୁ ସାର ମିଳି ନ ଥିଲା। ଆଡିବନ୍ଧ ଗ୍ରାମର ଭଜରାମ ସାର ଆଣି ନ ପାରି ନିରାଶରେ ଫେରିଥିଲେ। ସମବାୟ ସମିତି ସମ୍ପାଦକ ବିଜୟଙ୍କ ପାଖକୁ ଯାଇ ସାର ଦେବାକୁ କହିବାରୁ ସେ କିଛି ଟଙ୍କା ମାଗିଥିଲେ। ଭଜରାମ ଟଙ୍କା କାହିଁକି ଦେବି ବୋଲି ପଚାରିବାରୁ ଉପର ଅଫିସରଙ୍କୁ ଦେବାକୁ ପଡୁଛି ବୋଲି କହିଥିଲେ। ସେ ଯୁକ୍ତିତର୍କ କରି ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ ବୋଲି ଭଜରାମ ଏତଲାରେ ଦର୍ଶାଇଥିଲେ। ଏ ସମ୍ପର୍କରେ ସମ୍ପାଦକ ବିଜୟଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ମଙ୍ଗଳବାର ସନ୍ଧ୍ୟାରେ ଭଜରାମ ଘର ଆଗକୁ ଆସି ମଦ୍ୟପାନ କରି ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ। ତାଙ୍କୁ ବୁଝାଇବାକୁ ଚେଷ୍ଟା କରିବା ବେଳେ ସେ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ଗୁରୁବାର ଏ ନେଇ ବଡଗଡ ଥାନାରେ ଅଭିଯୋଗ କରିଥିବା ବିଜୟ କହିଛନ୍ତି। ବଡଗଡ ଥାନା ଅଧିକାରୀ ଶୁଭ୍ରଜିତ ସାମନ୍ତରାୟଙ୍କ ସହ ଯୋଗାଯୋଗ କରିବାରୁ ଚାଷୀ ଜଣଙ୍କ ଅଭିଯୋଗ ପରେ ମାମଲା ରୁଜୁ ହୋଇଛି,କିନ୍ତୁ ଘଟଣାର ସତ୍ୟତା ଅନୁସନ୍ଧାନ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ଗୁରୁବାର ଧରାକୋଟ ବ୍ଲକର ମାଣିକପୁର ସେବା ସମବାୟ ସମିତିରେ ସାର ପାଇଁ ଆସି ଚାଷୀ ହିନସ୍ତା ହୋଇଛନ୍ତି। ଏହି ସମବାୟ ସମିତି ଅଧୀନସ୍ଥ ୩ଟି ପଞ୍ଚାୟତର ପ୍ରାୟ ୧୫୦୦ ଚାଷୀ ସକାଳୁ ସମିତି ଆଗରେ ଲମ୍ବା ଲାଇନ ଲଗାଇ ଆଧାର କାର୍ଡ ଜମା କରିଥିଲେ। ତେବେ ଗୋଦାମରେ ମାତ୍ର ୪୫୦ ବସ୍ତା ସାର ମହଜୁଦ ଥିବାରୁ କିଛି ଅଘଟଣ ଘଟିବା ଆଶଙ୍କା କରି ସମ୍ପାଦକ ଜଣଙ୍କ ସାର ନ ଦେଇ ଚାଲିଯାଇଥିଲେ, ଯାହାକୁ ନେଇ ଚାଷୀ ମହଲରେ ଉତ୍ତେଜନା ପ୍ରକାଶ ପାଇଥିଲା।


ମାଣିକପୁର ସେବା ସମବାୟ ସମିତି ଆଗରେ ଚାଷୀମାନେ ସାର ପାଇଁ ଅପେକ୍ଷା କରିଛନ୍ତି।

# ଆପ୍ ଡାଉନଲୋଡ୍ ପରେ ଉଡ଼ିଗଲା ୧.୯୨ ଲକ୍ଷ

## ସାଇବର ଠକେଇର ଶିକାର ହେଲେ ମହିଳା

ରାୟଗଡ଼ା,୧୧।୯
(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ଚିକିଟି ଥାନା ଅନ୍ତର୍ଗତ ଉପରକୋଡ଼ିଙ୍ଗା ଗ୍ରାମର ଜଣେ ମହିଳା ସାଇବର ଠକେଇ ଶିକାର ହୋଇଥିବା ଅଭିଯୋଗ ହୋଇଛି। ରାଜୁ ସାହୁଙ୍କ ସ୍ତ୍ରୀ ସୁନେମି ସାହୁଙ୍କ ମୋବାଇଲରେ ଏକ ହ୍ୟାକିଂ ଆପ୍ ଡାଉନଲୋଡ୍ ହୋଇ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୧ ଲକ୍ଷ ୯୨ହଜାର ଟଙ୍କା ଗାଏବ ହୋଇଯାଇଛି। ସାଇବର ଅପରାଧୀ ୭ଟି ଫେଜ୍‌ରେ ଏହି ଟଙ୍କା କାଟି ନେଇଥିବା ଜଣାପଡ଼ିଛି। ସୁନେମିଙ୍କ ସ୍ୱାମୀ ରାଜୁଙ୍କ କହିବାନୁସାରେ, ଗତ ୨ତାରିଖରେ ତାଙ୍କ ମୋବାଇଲରେ ଆରଟିଓ ଚାଲାନ ଏପିକେ ନାମକ ଏକ ଆପ୍ ଆପେ ଆପେ ଡାଉନଲୋଡ୍ ହୋଇଥିଲା। ଏହାପରେ ସୁନେମିଙ୍କ ଆଇସିଆଇସିଆଇ ବ୍ୟାଙ୍କ ଆକାଉଣ୍ଟରୁ ୭ଥର କରି ୧ଲକ୍ଷ ୯୨ହଜାର ଟଙ୍କା କଟି ଯାଇଥିଲା। ଏ ନେଇ ବ୍ୟାଙ୍କ ସହିତ ଯୋଗାଯୋଗ କରିବାରୁ ସାଇବର ଠକେଇ ହୋଇଥିବା କର୍ତ୍ତୃପକ୍ଷ କହିବା ସହିତ ପୋଲିସରେ ଏତଲା ଦେବାକୁ କହିଥିଲେ। ଚିକିଟି ଥାନାରେ ଏତଲା ଦେବାକୁ ଯିବାରୁ ସାଇବର ଥାନାରେ ଏତଲା ଦେବା ପାଇଁ ସେମାନେ କହିଥିଲେ। ତେଣୁ ସୁନେମି ଗୁରୁବାର ତାଙ୍କ ସ୍ୱାମୀଙ୍କ ସହିତ ରାୟଗଡ଼ା ଏସ୍‌ପି କାର୍ଯ୍ୟାଳୟସ୍ଥିତ ସାଇବର ବିଭାଗରେ ଏତଲା ଦେଇଥିଲେ।


ଏତଲା ଦେବାକୁ ଆସିଥିବା ମହିଳା।

# ଅପରେଶନ ପ୍ରହାର: ୧୧୦ ମାମଲା, ୧୫୭ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୧।୯(ସତ୍ୟଜିତ୍ ରାଉତ)

ବିଭିନ୍ନ ପ୍ରକାର ନିଶା କାରବାର ଉପରେ ରୋକ ଲଗାଇବାକୁ ରାଜ୍ୟ ପୋଲିସ ପକ୍ଷରୁ ସେପ୍ଟେମ୍ବର ୧ ତାରିଖରୁ ଅପରେଶନ ପ୍ରହାର ଆରମ୍ଭ କରାଯାଇଛି। ଏହି ଅଭିଯାନ ଜରିଆରେ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଅଭିଯାନ ଆରମ୍ଭ ଗୋଟିଏ ସପ୍ତାହରେ ବିପୁଳ ପରିମାଣର ଗଞ୍ଜେଇ, ବ୍ରାଉନ୍‌ସୁଗାର, କଫ୍ ସିରପ ଭଳି ନିଶାଦ୍ରବ୍ୟ ଆଦି ଜବତ କରାଯାଇଥିବା ରାଜ୍ୟ ପୋଲିସ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ଏନେଇ ୧୧୦ଟି ମାମଲା ରୁଜୁ କରାଯାଇଥିବାବେଳେ ୧୫୭ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗଞ୍ଜେଇ ଚୋରାଚାଲାଣ ଘଟଣାରେ ୭୨ ମାମଲା ରୁଜୁ କରାଯିବା ସହ ୪,୮୦୮ କେଜି ଗଞ୍ଜେଇ ଜବତ କରାଯାଇଛି। ଏସବୁ ମାମଲାରେ ୯୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେହିପରି ବ୍ରାଉନ୍‌ସୁଗାର କାରବାର ନେଇ ୨୭ଟି ମାମଲା ରୁଜୁ କରାଯାଇଛି। ୨,୩୭୪ ଗ୍ରାମ ବ୍ରାଉନ୍‌ସୁଗାର ଜବତ ସହ ୪୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେହିପରି ୩,୦୫୨ ବୋତଲ କଫ୍ ସିରପ ଜବତ ସହ ଚୋରାଚାଲାଣରେ ସମ୍ପୃକ୍ତ ଥିବା ୧୯ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏହାସହ ଭାରତୀୟ ନାଗରିକ ସୁରକ୍ଷା ସଂହିତା(ବିଏନ୍‌ଏସ୍‌ଏସ୍) ଧାରା ୧୨୯ ଅନୁଯାୟୀ ୭୦ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହା ଛଡ଼ା ଚୋରା ନିଶାଦ୍ରବ୍ୟ ବିକ୍ରି ଅଭିଯୋଗରେ ସମ୍ପୃକ୍ତ ଥିବା ୩ଟି ଦୋକାନକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲଦଣ୍ଡ

## ସରକାରୀ କ୍ୱାର୍ଟର୍ସରୁ ୨ କୋଟିର ବ୍ରାଉନ୍‌ସୁଗାର ଜବତ ମାମଲା

ଭୁବନେଶ୍ୱର,୧୧।୯(ସତ୍ୟଜିତ୍ ରାଉତ)

ବ୍ରାଉନ୍‌ସୁଗାର ସମ୍ପର୍କିତ ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଭୁବନେଶ୍ୱର ୟୁନିଟ-୩ସ୍ଥିତ ସରକାରୀ କ୍ୱାର୍ଟର (ନଂ. ଆଇଆର୍‌/୨)ରୁ ୨ କୋଟି ଟଙ୍କାର ବ୍ରାଉନ୍‌ସୁଗାର ଜବତ ମାମଲାରେ ଗୁରୁବାର ରାୟ ପ୍ରକାଶ ପାଇଛି। ଭୁବନେଶ୍ୱରସ୍ଥିତ ଖୋର୍ଦ୍ଧା ଦ୍ୱିତୀୟ ଅତିରିକ୍ତ ଦୌରାଜଙ୍କ ଅଦାଲତ ଅଭିଯୁକ୍ତ ଚିରଞ୍ଜନ ସାହୁ ଓରଫ ମଧୁ (୩୯)ଙ୍କୁ ୨୦ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ଲକ୍ଷେ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଜରିମାନା ଅନାଦାୟ ଅଧିକ ବର୍ଷେ ଜେଲରେ ରହିବାକୁ ବିଚାରପତି ରାୟ ଶୁଣାଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଢେଙ୍କାନାଳ ଜିଲା ସଦର ଥାନା ଅନ୍ତର୍ଗତ ଦିନବନ୍ଧୁପୁର ଗ୍ରାମର ଚିରଞ୍ଜନ ୨ବର୍ଷ ହେଲା ଭଡ଼ାରେ କ୍ୱାର୍ଟର୍ସକୁ ଭଡ଼ାରେ ନେଇଥିଲେ। ବାଲେଶ୍ୱର ଅଞ୍ଚଳରୁ ବ୍ରାଉନ୍‌ସୁଗାର ଆଣି ରାଜଧାନୀରେ ଚାଲାଣ କରୁଥିଲେ। ତେବେ ସେ ବିପୁଳ ପରିମାଣର ବ୍ରାଉନ୍‌ସୁଗାର ରଖିଥିବା ଖବର ମିଳିବା ପରେ ସ୍ଥାନୀୟ ପୋଲିସ ସହାୟତାରେ ଏସ୍‌ଟିଏଫ୍ ଟିମ୍ ୨୦୨୩ ମେ ୨୦ ସନ୍ଧ୍ୟାରେ କ୍ୱାର୍ଟର୍ସରେ ଚଢ଼ାଉ କରିଥିଲା। ଚିରଞ୍ଜନଙ୍କଠୁ ୧.୦୨୭କେଜି ଗ୍ରାମ୍ ବ୍ରାଉନ୍‌ସୁଗାର ସମେତ ବାଇକ, ମୋବାଇଲ ଆଦି ଜବତ କରାଯାଇଥିଲା। ଏନେଇ ଏସ୍‌ଟିଏଫ୍ ଏକ ମାମଲା (ନଂ.୧୧/୨୦୨୩) ରୁଜୁ କରି ଚିରଞ୍ଜନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ମାମଲାର ଶୁଣାଣି ବେଳେ କୋର୍ଟ ୧୨ଜଣଙ୍କ ସାକ୍ଷ୍ୟ ଓ ୨୪ଟି ଦସ୍ତାବିଜ୍ କରିଆରେ ଏହି ରାୟ ଶୁଣାଇଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ରଶ୍ମି ରଞ୍ଜନ ବ୍ରହ୍ମା ପରିଚାଳନା କରୁଥିଲେ।


ଚିରଞ୍ଜନ ସାହୁ

# ଚୋରି ବାରଣ କରିବାରୁ ପରିବା ଦୋକାନୀଙ୍କୁ ଆକ୍ରମଣ

## ଧରାପଡ଼ିଲେ ନାବାଳକ, ୨ ଫେରାର

ପୁରୀ,୧୧।୯(ଅଜିତ୍ କୁମାର ମହାନ୍ତି)

ପୁରୀ ସହରର ଜଗନ୍ନାଥବଲ୍ଲଭ ମଠ ନିକଟରେ କେତେଜଣ ନାବାଳକଙ୍କୁ ଚୋରି ପାଇଁ ବାରଣ କରିବାରୁ ଜଣେ ପରିବା ଦୋକାନୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଆକ୍ରମଣର ଶିକାର ହୋଇଛନ୍ତି ବୁଡ଼ଙ୍ଗସାହି ମଧୁବନର ସୁକାନ୍ତ କୁମାର ଦାସ। ଏହି ଘଟଣାରେ ଟାଉନ ଥାନା ପୋଲିସ ଜଣେ ନାବାଳକଙ୍କୁ ଧରିଥିବାବେଳେ ଅନ୍ୟ ୨ଜଣ ନାବାଳକ ଫେରାର ହୋଇଯାଇଛନ୍ତି। ଧରାପଡ଼ିଥିବା ନାବାଳକଙ୍କଠାରୁ ପୋଲିସ ଏକ ଜିଆଇ ପାଇପରେ ସମ୍ପୃକ୍ତ ସାଇକେଲ କ୍ରାଙ୍କ ଜବତ କରିଛି। ଅଭିଯୋଗ ଅନୁଯାୟୀ, ବୁଧବାର ରାତି ପ୍ରାୟ ସାଢ଼େ ୧୦ଟାରେ ସୁକାନ୍ତ ତାଙ୍କ ପରିବା ଦୋକାନ ବନ୍ଦ କରି ଜଗନ୍ନାଥ ବଲ୍ଲଭ ମଠ ପଛପଟେ ଥିବା ଘରକୁ ଫେରୁଥିଲେ। ଏହି ସମୟରେ ୩ଜଣ ନାବାଳକ ଏକ ବ୍ୟକ୍ତିଙ୍କ ଘର ଭାଙ୍ଗି ଚୋରି କରିବାକୁ ଉଦ୍ୟମ କରୁଥିଲେ। ଏହାଦେଖି ସୁକାନ୍ତ ସେମାନଙ୍କୁ ବାରଣ କରିଥିଲେ। ତେବେ ସେମାନଙ୍କ ମଧ୍ୟରୁ ଜଣେ ନାବାଳକ ସୁକାନ୍ତଙ୍କୁ ଜିଆଇ ପାଇପ୍ ସମ୍ପୃକ୍ତ ସାଇକେଲ କ୍ରାଙ୍କରେ ଆକ୍ରମଣ କରିଥିଲେ। ତାଙ୍କ ବାମହାତରେ ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଖବର ପାଇ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସୁକାନ୍ତଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ.୪୩୯/୨୫) ରୁଜୁକରି ତଦନ୍ତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଜଣେ ନାବାଳକଙ୍କୁ ଧରିବା ପରେ ଜୁଭେନାଇଲ କୋର୍ଟରେ ହାଜର କରିଛି। ଅନ୍ୟ ୨ନାବାଳକଙ୍କୁ ଖୁବଶୀଘ୍ର ଧରାଯିବ ଏବଂ ଏହି ଘଟଣାରେ ଅନ୍ୟ କାହାର ହାତ ରହିଛି ସେ ନେଇ ତଦନ୍ତ କରାଯିବ ବୋଲି ପୋଲିସ କହିଛି।

# ଧରାପଡ଼ିଲେ ସିସିକ୍ୟାମେରା ଚୋର, ୨ ଗିରଫ

## ଗୋଟିଏ ରାତିରେ ୧୨ ଦୋକାନରୁ ଚୋରି

ଭଦ୍ରକ,୧୧।୯(ସନାତନ ରାଉତ)

ଭଦ୍ରକ ସହରର କଲେଜ ରୋଡ୍, ଆରଡ଼ିଛକ ଆଦି ଅଞ୍ଚଳର ବିଭିନ୍ନ ଦୋକାନରୁ ଦୁଇଦିନ ତଳେ ସିସିକ୍ୟାମେରା ଚୋରି ହୋଇଥିଲା। ଏହି ଘଟଣାରେ ବିଭିନ୍ନ ସିସିଟିଭି ଫୁଟେଜକୁ ଆଧାର କରି ଟାଉନ ଥାନାଧିକାରୀଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ତଦନ୍ତ ଚାଲିଥିବା ବେଳେ ଗୁରୁବାର ୨ଜଣ ଧରାପଡ଼ିଛନ୍ତି। ସେମାନେ ହେଲେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଏରେଇ ଗ୍ରାମର ବିଶ୍ୱଜିତ ସେଠୀ(୨୫) ଓ ଯାଜପୁର ଟାଉନ ଥାନା ବିନ୍ଧାଣ ପୃଷ୍ଟିସାହିର ମଙ୍ଗଳ ପୃଷ୍ଟି(୨୪)। ଟାଉନ ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ବିଭିନ୍ନ ଦୋକାନରୁ ଚୋରି ହୋଇଥିବା ୩୫ଟି ସିସିକ୍ୟାମେରା, ଗୋଟିଏ ଓଲା ସ୍କୁଟର ଓ ୨ଟି ମୋବାଇଲ ଜବତ କରାଯାଇଥିବା ଅପରାହ୍ନରେ ଟାଉନ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଅରୁପ ଅଭିଷେକ ବେହେରା ସୂଚନା ଦେଇଛନ୍ତି। ଗତ ୮ ତାରିଖ ରାତିରେ ଦୋକାନଗୁଡ଼ିକରୁ ସିସିକ୍ୟାମେରା ଚୋରି ହୋଇଥିଲା। ପାଖ ଦୋକାନରେ ଲାଗିଥିବା ସିସିକ୍ୟାମେରାରେ ୨ ଯୁବକ କ୍ୟାମେରା ଖୋଲିବାର ଦୃଶ୍ୟ କଏଦ ହୋଇଥିଲା। ଏନେଇ କଲେଜ ରୋଡ୍‌ରେ ଦୋକାନ କରିଥିବା ଭଦ୍ରକ ପୌରାଞ୍ଚଳ ନଡ଼ିପୁର ଗ୍ରାମର ସଞ୍ଜିତ ରାୟଙ୍କ ସମେତ ଚୋରି ହୋଇଥିବା ଅନ୍ୟ ଦୋକାନୀମାନେ ଟାଉନ ଓ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଥିଲେ। ସଞ୍ଜିତଙ୍କ ଅଭିଯୋଗକ୍ରମେ ଟାଉନ ଥାନାରେ ଏକ ମାମଲା (ନଂ. ୫୪୬/୨୫) ରୁଜୁ ହୋଇଥିଲା। ପ୍ରଥମେ ଏରେଇରୁ ବିଶ୍ୱଜିତଙ୍କୁ ଧରି ପଚରାଉଚରା ପରେ ଚୋରିରେ ମଙ୍ଗଳ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ଧରାପଡ଼ିବା ପରେ ସେମାନେ ଗୋଟିଏ ରାତିରେ ୧୨ ଦୋକାନରୁ ସିସିକ୍ୟାମେରାଗୁଡ଼ିକ ଚୋରି କରିଥିବା ସ୍ୱୀକାର କରିଛନ୍ତି ବୋଲି ଥାନାଧିକାରୀ ପ୍ରଭାଂଶୁ ମିଶ୍ର କହିଛନ୍ତି।


ଜବତ ହୋଇଥିବା ସିସିକ୍ୟାମେରା।

# ଖଣି ଅଧିକାରୀଙ୍କୁ ଭୁଜାଳି ଦେଖାଇ ଛଡ଼ାଇନେଲେ ଟ୍ରାକ୍ଟର

## ଆତଙ୍କ ଖେଳାଇଲେ ୨୫ ବାଲି ଚୋରାଚାଲାଣକାରୀ

ନୀଳଗିରି, ୧୧।୯(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ତହସିଲ ଅଧୀନ ସୋନ ନଦୀର ବିଭିନ୍ନ ଘାଟରୁ ବାଲି ଚୋରାଚାଲାଣ ବଢ଼ିବାରେ ଲାଗିଛି। ପ୍ରଶାସନ ପକ୍ଷରୁ ବିଭିନ୍ନ ଘାଟରେ ଚଢ଼ାଉ କରାଯାଉଥିଲେ ମଧ୍ୟ ଚୋରାଚାଲାଣକାରୀମାନେ ଆଗୁଆ ସୂଚନା ପାଇ ଘାଟରୁ ଗାଡ଼ି ନେଇ ଫେରାର ହୋଇଯାଉଛନ୍ତି। ଫଳରେ ଅଧିକାରୀମାନେ ଖାଲି ହାତରେ ଫେରିବାକୁ ବାଧ୍ୟ ହେଉଛନ୍ତି। ଗୁରୁବାର ସୋନ ନଦୀର କାଂଶ ନିକଟ ଚିନିବେଶ ଘାଟରୁ ବେଆଇନ ଭାବେ ନମ୍ବରବିହୀନ ଟ୍ରାକ୍ଟର ଯୋଗେ ବାଲି ଉଠାଯାଉଥିବା ଖବର ମିଳିବା ପରେ ବାଲେଶ୍ୱର କନିଷ୍ଠ ଖଣି ଅଧିକାରୀ ସମ୍ବିତ୍ କୁମାର ମଣି ଓ ନୀଳଗିରି କନିଷ୍ଠ ଖଣି ଅଧିକାରୀ ଜିତେନ୍ଦ୍ର କୁମାର ଦାସ ଏକ ସ୍ୱତନ୍ତ୍ର ଟିମ୍ କରି ନୀଳଗିରି ପୋଲିସ ସହାୟତାରେ ଚଢ଼ାଉ କରିଥିଲେ। ଘଟଣାସ୍ଥଳରୁ ଏକ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରି ଅଯୋଧ୍ୟା ଫାଣ୍ଡିକୁ ଆଣୁଥିଲେ। ଏହି ସମୟରେ ଚିନିବେଶ ଗ୍ରାମର ଟ୍ରାକ୍ଟର ମାଲିକ ରାଜକୁମାର ପ୍ରଧାନଙ୍କ ସମେତ ୨୫ ଚୋରାଚାଲାଣକାରୀ ୧୫ରୁ ଊର୍ଦ୍ଧ୍ୱ ବାଇକରେ ପ୍ରତାପପୁର ଛକ ନିକଟରେ ଏକାଠି ହୋଇ ସ୍ୱତନ୍ତ୍ର ଟିମ୍‌କୁ ଘେରିଯାଇଥିଲେ। ଖଣି ଅଧିକାରୀ ଏବଂ ଏସିଆଇ କନ୍‌ଷ୍ଟେବଲଙ୍କୁ ଭୁଜାଳି ଲଗାଇ ଜବତ ଟ୍ରାକ୍ଟରକୁ ଛଡ଼ାଇ ନେଇଥିଲେ। ଏନେଇ ନୀଳଗିରି କନିଷ୍ଠ ଖଣି ଅଧିକାରୀ ବାଲି ଚାଲାଣକାରୀଙ୍କ ନାମରେ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା(ନଂ.୩୭୬୩/୨୦୨୫) ରୁଜୁ କରି ଜଣଙ୍କୁ ଅଟକ ରଖିବା ସହ ଅନ୍ୟମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।


ଜବତ ହୋଇଥିବା ଟ୍ରାକ୍ଟର।

# ଶିକ୍ଷୟିତ୍ରୀଙ୍କ ବେକରୁ ସୁନାଚେନ୍ ଝାମ୍ପିନେଲେ

ବାସୁଦେବପୁର,୧୧।୯
(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ସାନକୃଷ୍ଣପୁର ପଞ୍ଚାୟତ ପାରାପୋଖରୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଆର୍ଣ୍ଣା ଗ୍ରାମର ସୁଚିତ୍ରା ବେହେରାଙ୍କ ବେକରୁ ସୁନାଚେନ ଝାମ୍ପି ନେଇଛନ୍ତି ଲୁଟେରା। ଗୁରୁବାର ଅପରାହ୍ନ ୪ଟା ବେଳେ ସ୍କୁଲ ଛୁଟି ପରେ ସେ ଫାଟକ ନିକଟରୁ ରାସ୍ତାକୁ ଆସୁଥିବା ବେଳେ ଏକ ବାଇକରେ ୨ଜଣ ଲୁଟେରା ତାଙ୍କୁ ପିଛା କରିଥିଲେ। ସ୍କୁଲ ନିକଟରୁ କିଛି ବାଟ ଆସିବା ପରେ ତାଙ୍କ ବେକରୁ ଚେନ୍ ଝାମ୍ପି ନେଇ ସେମାନେ ଦ୍ରୁତଗତିରେ ପଳାଇ ଯାଇଥିଲେ। ଶିକ୍ଷୟିତ୍ରୀ ବେହେରା ଡାକ ପକାଇବାରୁ ଗ୍ରାମବାସୀ ଦୌଡ଼ି ଆସିଥିଲେ ମଧ୍ୟ ଲୁଟେରାମାନଙ୍କୁ କାବୁ କରିପାରି ନ ଥିଲେ। ଫୋନ୍‌ରେ ସୂଚନା ପାଇବା ପରେ କଣ୍ଠିଆ ସାମୁଦ୍ରିକ ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଶିକ୍ଷୟିତ୍ରୀ ବେହେରା ସନ୍ଧ୍ୟାରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୩୫/୨୫) ରୁଜୁ କରି ତଦନ୍ତ ଜାରି ରଖିଛି।

# ଲଜ୍‌ରେ ସେକ୍ସ ର‌୍ୟାକେଟ, ୪ ଗିରଫ

ବ୍ରହ୍ମପୁର, ୧୧।୯(ସୁବାସ ଚନ୍ଦ୍ର ପାତ୍ର)

ବ୍ରହ୍ମପୁର ଟାଉନ ଥାନା ଅନ୍ତର୍ଗତ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଛକ ନିକଟରେ ଥିବା ଏକ ଲଜ୍‌ରେ ପୋଲିସ ଚଢ଼ାଉ କରି ଏକ ସେକ୍ସ ର‌୍ୟାକେଟକୁ ଠାବ କରିଛି। ସେଠାରୁ ଜଣେ ଯୁବତୀଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଲଜ୍ ମ୍ୟାନେଜରଙ୍କ ସମେତ ୪ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ କାଶୀନଗର ୩ୟ ଲାଇନ୍‌ର ଆକାଶ ବିଷୋୟୀ(୨୪), ଅଜୟ ବେହେରା ଓରଫ ମଣ୍ଟୁ(୨୫), ଲାଞ୍ଜିପାଲି ଗଣେଶ ନଗରର ଚିନ୍ମୟ ପାତ୍ର(୨୨) ଓ ଲଜ୍ ମ୍ୟାନେଜର କି. କୃଷ୍ଣ ପାତ୍ର(୩୧)। ଲଜ୍‌ରୁ ପୋଲିସ କଣ୍ଡୋମ ଓ ଔଷଧ ଜବତ କରିଛି। ଏନେଇ ଟାଉନ ଥାନାରେ ନଂ.୩୧୫/୨୫ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଥିବା ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍. ସୂଚନା ଦେଇଛନ୍ତି। ଲଜ୍‌ରେ ଅନେକ ଦିନ ହେବ ଦେହ ବ୍ୟବସାୟ ଚାଲୁଥିବା ନେଇ ଖବର ମିଳିବା ପରେ ବୁଧବାର ରାତିରେ ଟାଉନ ଥାନା ଏସ୍‌ଆଇ ସୁଚିତା କହଁର ଓ ତାଙ୍କ ଟିମ୍ ଚଢ଼ାଉ କରିଥିଲେ। ଲଜ୍‌ରେ ଜଣେ ଯୁବତୀଙ୍କୁ ରଖାଯାଇଥିଲା। ମ୍ୟାନେଜର ଓ ମଧ୍ୟସ୍ଥିଙ୍କ କରିଆରେ ଗ୍ରାହକ ଯୋଗାଡ଼ କରାଯାଇ ଦେହ ବ୍ୟବସାୟ ଚାଲୁଥିଲା ବୋଲି ପୋଲିସ କହିଛି।

# ହାତୀ ଆକ୍ରମଣରେ ୨ ବୃଦ୍ଧ ମୃତ

## ସୁନ୍ଦରଗଡ଼, ଦେବଗଡ଼ରେ ହାତୀ ଉପଦ୍ରବ

ଟେନ୍‌ସା/ଦେବଗଡ଼,୧୧।୯(ସମୀର କୁମାର ପାଢ଼ୀ/ଶଶାଙ୍କ ଶେଖର ଖଟୁଆ)

ସୁନ୍ଦରଗଡ଼ ଜିଲାର ରିଗାଲ ହାଟି ଗ୍ରାମ ଓ ଦେବଗଡ଼ ଜିଲାର କୁରୁଡପୋଷି ଗ୍ରାମରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ବୁଧବାର ବିଳମ୍ବିତ ରାତି ଓ ଗୁରୁବାର ସକାଳେ ଦେଇ ସ୍ଥାନରେ ହାତୀ ଆକ୍ରମଣରେ ୨ ଜଣ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ହାତୀ ଉପଦ୍ରବରୁ ରକ୍ଷା ପାଇବା ପାଇଁ ବନ ବିଭାଗ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରିବାକୁ ଉଭୟ ଗ୍ରାମର ଜନସାଧାରଣ ଦାବି କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ସୁନ୍ଦରଗଡ଼ ଜିଲା ଟେଣ୍ଡିଇଁ ବନଖଣ୍ଡ କୋଇଡ଼ା ବନାଞ୍ଚଳ ଅନ୍ତର୍ଗତ ସାନ ଇନ୍ଦୁପୁରଠାରେ ଥିବା ରିଗାଲ ହାଟି ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ୨ଟି ଗୋଠଛଡ଼ା ଦନ୍ତାହାତୀ ପଶିଥିଲେ। ଗ୍ରାମବାସୀ ତାଙ୍କୁ ଘଉଡାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ୨ ଦନ୍ତା ଚାଉଳ ଅନ୍ୱେଷଣରେ ଗ୍ରାମର ଶିବରାମ ବୋଡ଼ଇକ (୬୭)ଙ୍କ ଘର ଭାଙ୍ଗିଥିଲେ। ଏହି ସମୟରେ ଶିବରାମ ଓ ତାଙ୍କ ପରିବାର ଲୋକେ ବାହାରକୁ ପଳାଇ ଆସିଥିଲେ। ହେଲେ ଶିବରାମ ଦନ୍ତା ହାତୁଡରେ ପଡ଼ି ଯାଇଥିଲେ। ଦନ୍ତା ତାଙ୍କୁ ଶୁଣ୍ଢରେ ଟେକିବା ସହ ପାଦରେ ଦଳିଦେବାରୁ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। ଗୁରୁବାର ସକାଳେ ବନ ବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ କୋଇଡ଼ା ପୋଲିସ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। କୋଇଡା ରେଞ୍ଜ ଅଧିକାରୀ ପ୍ରସନ୍ନ କୁମାର ପ୍ରଧାନ ମୃତଦେହ ସତ୍କାର ପାଇଁ ତାଙ୍କ ପରିବାର ଲୋକଙ୍କୁ ପ୍ରଥମ ପର୍ଯ୍ୟାୟରେ ୨୦ ହଜାର ଟଙ୍କା ଦେଇଛନ୍ତି। ଅବଶିଷ୍ଟ ଅର୍ଥ ସରକାରୀ ନିୟମ ଅନୁଯାୟୀ ପ୍ରଦାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଦେବଗଡ଼ ଜିଲା ରିଆମାଳ ବନାଞ୍ଚଳ କୁଣ୍ଡେଇଗୋଳା ସେକ୍ସନ ଅନ୍ତର୍ଗତ କୁରୁଡପୋଷି ଗ୍ରାମରେ ଗୁରୁବାର ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୁରୁଡପୋଷି ଗ୍ରାମର କୋହ୍ଲ ନାୟକ। ସକାଳେ ସେ ଶୌଚ ପାଇଁ ନିକଟସ୍ଥ ଖସଡ଼ା ଜଙ୍ଗଲକୁ ଯାଇଥିବାବେଳେ ୨୩ ଦିଆଁ ହାତିପଲ ହାତୁଡରେ ପଡିଯାଇଥିଲେ। ଫଳରେ ହାତୀପଲ ତାଙ୍କୁ ଆକ୍ରମଣ କରିବା ସହ ପାଦରେ ଦଳି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ଗ୍ରାମବାସୀ ଜାଣିବା ପରେ ବନ ବିଭାଗ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଦୀର୍ଘ ସମୟ ପରେ ହାତୀପଲ ଗାଁରୁ ଦୂର ହେବାରୁ ମୃତଦେହ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

# ଏନ୍‌ବିଡବ୍ଲ୍ୟୁ ସତ୍ତ୍ୱେ କୋର୍ଟରେ ହାଜର ହେଉନାହାନ୍ତି ୨ ଅଭିଯୁକ୍ତ

## ସୌମ୍ୟ ରଞ୍ଜନ ମୃତ୍ୟୁ ମାମଲା

ପାରଳାଖେମୁଣ୍ଡି,୧୧।୯
(ଗିରିଧାରୀ ପରିଡ଼ା)

ବହୁଚର୍ଚ୍ଚିତ ଏସ୍‌ଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ମାମଲାରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ମାମଲାର ବିଚାର ପ୍ରକ୍ରିୟା ଜାରି ରହିଛି। ପୂର୍ବରୁ ଧାର୍ଯ୍ୟ ଗତ ଦୁଇଟି ତାରିଖରେ କୋର୍ଟରେ ଉପସ୍ଥିତ ନ ରହିବାରୁ ଦୁଇ ଅଭିଯୁକ୍ତ ତତ୍କାଳୀନ ଡିଏସ୍‌ପି ସଂଗ୍ରାମ କେଶରୀ ବେହେରା ଓ ରୋଷେୟା ମନ୍ମଥ କୁମ୍ବଙ୍କ ବିରୋଧରେ ଗତ ଅଗଷ୍ଟ ୧୪ରେ ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି ହୋଇଥିଲା। ଗୁରୁବାର ଉଭୟଙ୍କୁ କୋର୍ଟରେ ହାଜର କରିବାକୁ କୋର୍ଟଙ୍କ ନିର୍ଦ୍ଦେଶ ଥିଲା, ମାତ୍ର ଗୁରୁବାର ମଧ୍ୟ ସେମାନେ ହାଜର ହୋଇନାହାନ୍ତି। ଏକ୍ଷେତ୍ରରେ କୋର୍ଟଙ୍କ ପରବର୍ତ୍ତୀ ନିର୍ଦ୍ଦେଶକୁ ଅପେକ୍ଷା କରାଯାଉଛି ବୋଲି ଅଭିରାମ ମହାପାତ୍ରଙ୍କ ଓକିଲ ରଜତ କୁମାର ପାତ୍ର କହିଛନ୍ତି।

ପ୍ରକାଶ ଯେ, ପାରଳାଖେମୁଣ୍ଡିରେ କାର୍ଯ୍ୟରତ ଥିବା ଏସ୍‌ଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ଶରୀରରେ ସନ୍ଦେହଜନକ ଭାବେ ୨୦୧୧ ଜୁଲାଇ ୧୧ ରାତିରେ ନିଆଁ ଲାଗିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ପ୍ରଥମେ ବ୍ରହ୍ମପୁର ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। କଟକରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଉକ୍ତ ଘଟଣାକୁ ନେଇ ପାରଳାଖେମୁଣ୍ଡି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ପରବର୍ତ୍ତୀ ସମୟରେ ସରକାରଙ୍କ ନିର୍ଦ୍ଦେଶରେ କ୍ରାଇମବ୍ରାଞ୍ଚ ଏହାର ତଦନ୍ତ କରି ପାରଳାଖେମୁଣ୍ଡି ଜିଲା ଦୌରାଜଙ୍କ ନିକଟରେ ଚାର୍ଜସିଟ ଦାଖଲ କରାଯାଇଥିଲା। ଏଥିରେ ପୂର୍ବତନ ଡିଏସ୍‌ପି ସଂଗ୍ରାମ ବେହେରା, ରୋଷେୟା ମନ୍ମଥ କୁମ୍ବ ଏବଂ ସ୍ତ୍ରୀ ବିଦ୍ୟା ଭାରତୀଙ୍କୁ କ୍ରାଇମବ୍ରାଞ୍ଚ କ୍ଲିନ୍ ଚିଟ୍ ଦେଇଥିଲା। ତଦନ୍ତକୁ ନେଇ ନିରାଶ ଥିବା ସୌମ୍ୟଙ୍କ ପରିବାର ଲୋକେ ଏପ୍ରିଲ ୨୦୨୩ରେ ତଦନ୍ତ ରେକର୍ଡକୁ ଭିତ୍ତିକରି ପୋଲିସ ଓ କ୍ରାଇମବ୍ରାଞ୍ଚର ତଦନ୍ତ ବିରୋଧରେ ଅଭିଯୋଗ ଆଣିଥିଲେ। ଏପରି କି ଏଭଳି ଏକ ସର୍ଣ୍ଣକାତର ଘଟଣାକୁ ଅଣଦେଖା କରିଥିବା ନେଇ ସୌମ୍ୟଙ୍କ ବାପା ଅଭିରାମ ମହାପାତ୍ର ନ୍ୟାୟ ପାଇଁ ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍ କୋର୍ଟର ଆଶ୍ରୟ ନେଇଥିଲେ। ସୌମ୍ୟଙ୍କ ବାପା ନିଜ ଆବେଦନରେ ଯେଉଁସବୁ ଅଭିଯୋଗ କରି ଯୁକ୍ତି ବାଢ଼ି ଯେଉଁ ତଥ୍ୟ ଉପସ୍ଥାପନ କରିଥିଲେ ସମସ୍ତ ତଥ୍ୟକୁ ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍ କୋର୍ଟ ଏସ୍‌ଡିଜେଏମ୍ ବିଚାରକୁ ନେଇ ପୂର୍ବତନ ଡିଏସ୍‌ପି ସଂଗ୍ରାମ ବେହେରା, ମନ୍ମଥ କୁମ୍ବ ଏବଂ ସ୍ତ୍ରୀ ବିଦ୍ୟା ଭାରତୀଙ୍କ ବିରୋଧରେ ଭାରତୀୟ ପିଙ୍ଗଳ କୋର୍ଟ ଅନୁସାରେ ହତ୍ୟା ଏବଂ ହତ୍ୟା ପାଇଁ ଷଡ଼ଯନ୍ତ୍ର କରିଥିବା ଅଭିଯୋଗ ଆଣି ଦଫା ୩୦୨ ଏବଂ ୧୨୦(ବି)ରେ ମାମଲା ରୁଜୁ ହୋଇଥିଲା। ଏହାକୁ ଅଭିଯୁକ୍ତମାନେ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ମାତ୍ର ଅଭିଯୁକ୍ତଙ୍କ ଉକ୍ତ ଆବେଦନକୁ ୩୦।୭।୨୦୨୫ରେ ହାଇକୋର୍ଟ ଖାରଜ କରିବା ସହ ମାମଲାର ପରିଚାଳନା ପାଇଁ ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍‌ଙ୍କୁ ନିର୍ଦ୍ଦେଶ ଦେଇଥିଲେ, ଯାହାକୁ ଭିତ୍ତିକରି ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍ ମାମଲାର ଦୁଇ ଅଭିଯୁକ୍ତ ପୂର୍ବତନ ଡିଏସ୍‌ପି ବେହେରା ଏବଂ ରୋଷେୟା କୁମ୍ବଙ୍କୁ ହାଜର ହେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କୋର୍ଟ ନିର୍ଦ୍ଦେଶକୁ ଅବମାନନା କରି ସେମାନେ ଗରହାଜର ରହିବାରୁ ଏସ୍‌ଡିଜେଏମ୍ ଗତ ଅଗଷ୍ଟ ୧୪ ତାରିଖରେ ଦୁଇ ଅଭିଯୁକ୍ତଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା ଜାରି କରିଥିଲେ।

# ODISHA PUBLIC SERVICE COMMISSION CUTTACK

## NOTICE

**No. 6446/ PSC Dt.10.09.2025**

**(DR - IV) (2PH-03-2025-26)**

**Programme of Document Verification for recruitment to the Post of Medical Officer (Advt. No. 09 of 2024-25)**

No. D-203: It is for information of all 1840 (688-W) provisionally qualified candidates that, the **Document Verification** for recruitment to the post of **Medical Officer,** pursuant to Advertisement No. 09 of 2024-25 will be held from **22.09.2025 to 26.09.2025 & 04.10.2025 to 06.10.2025 [including 05.10.2025 (Sunday)]** in the Office of Commission, at 19, Dr. P.K. Parija Road, Cuttack - 753001 as per the programme detailed below.

| Date of Verification | Time of Verification | Roll No. of the Candidates | Name of the Team |
|---|---|---|---|
| 22.09.2025 | 10.00 A.M. To 12.00 P.M. | 100001, 100002, 100003, 100005, 100006, 100008, 100009, 100012, 100013, 100014, 100017, 100021, 100023, 100026, 100027 = **15 Candidates** | Team - I |
| | | 100028, 100029, 100030, 100034, 100035, 100036, 100038,. 100039, 100040, 100041, 100043, 100044, 100048, 100049, 100052 = **15 Candidates** | Team - II |
| | | 100055, 100057, 100059, 100060, 100062, 100063, 100064, 100067, 100070, 100072, 100073, 100076, 100077, 100078, 100079 = **15 Candidates** | Team - III |
| | | 100080, 100081, 100082, 100084, 100086, 100087, 100088, 100089, 100094, 100098, 100099, 100103, 100104, 100106, 100107 = **15 Candidates** | Team - IV |
| | 12.00 P.M. To 01.30 P.M. | 100108, 100115, 100116, 100118, 100119, 100120, 100124, 100125, 100127, 100130, 100131, 100132, 100133, 100136, 100139 = **15 Candidates** | Team - I |
| | | 100140, 100142, 100146, 100147, 100151, 100152, 100153, 100156, 100157, 100159, 100160, 100161, 100162, 100163, 100164 = **15 Candidates** | Team - II |
| | | 100166, 100167, 100169, 100172, 100177, 100178, 100179, 100181, 100182, 100183, 100184, 100187, 100188, 100189, 100190 = **15 Candidates** | Team - III |
| | | 100192, 100194, 100197, 100198, 100199, 100201, 100202, 100203, 100204, 100205, 100206, 100207, 100209, 100213, 100217 = **15 Candidates** | Team - IV |
| | 02.30 P.M. To 04.00 P.M. | 100218, 100221, 100222, 100224, 100225, 100228, 100230, 100231, 100233, 100234, 100235, 100237, 100238, 100239, 100240 = **15 Candidates** | Team - I |
| | | 100241, 100242, 100243, 100245, 100246, 100248, 100249, 100251, 100252, 100256, 100260, 100263, 100267, 100268, 100269 = **15 Candidates** | Team - II |
| | | 100270, 100271, 100275, 100276, 100278, 100282, 100284, 100285, 100286, 100287, 100290, 100291, 100292, 100293, 100294 = **15 Candidates** | Team - III |
| | | 100295, 100297, 100298, 100302, 100308, 100309, 100311, 100314, 100316, 100317, 100318, 100320, 100323, 100326, 100328 = **15 Candidates** | Team - IV |
| | 04.00 P.M. To 05.30 P.M. | 100329, 100331, 100332, 100336, 100337, 100339, 100340, 100345, 100350, 100351, 100354, 100355, 100356, 100362, 100364 = **15 Candidates** | Team - I |
| | | 100367, 100369, 100373, 100374, 100376, 100377, 100378, 100379, 100381, 100386, 100387, 100389, 100392, 100394, 100396 = **15 Candidates** | Team - II |
| | | 100398, 100400, 100402, 100404, 100405, 100408, 100409, 100411, 100412, 100420, 100422, 100423, 100427, 100428, 100429 = **15 Candidates** | Team - III |
| | | 100431, 100433, 100434, 100436, 100437, 100438, 100439, 100440, 100441, 100443, 100444, 100445, 100446, 100447, 100449 = **15 Candidates** | Team - IV |
| 23.09.2025 | 10.00 A.M. To 12.00 P.M. | 100451, 100453, 100454, 100457, 100461, 100462, 100465, 100467, 100468, 100472, 100474, 100477, 100478, 100479, 100480 = **15 Candidates** | Team - I |
| | | 100485, 100486, 100488, 100491, 100493, 100496, 100499, 100501, 100504, 100506, 100507, 100508, 100509, 100510, 100512 = **15 Candidates** | Team - II |
| | | 100513, 100517, 100518, 100520, 100521, 100524, 100525, 100526, 100527, 100529, 100531, 100533, 100535, 100536, 100537 = **15 Candidates** | Team - III |
| | | 100538, 100542, 100543, 100545, 100546, 100547, 100549, 100550, 100551, 100552, 100553, 100554, 100558, 100560, 100561 = **15 Candidates** | Team - IV |
| | 12.00 P.M. To 01.30 P.M. | 100562, 100563, 100564, 100569, 100570, 100571, 100575, 100578, 100579, 100580, 100583, 100584, 100585, 100586, 100587 = **15 Candidates** | Team - I |
| | | 100588, 100589, 100590, 100591, 100592, 100594, 100596, 100598, 100601, 100602, 100604, 100607, 100608, 100609, 100610 = **15 Candidates** | Team - II |
| | | 100612, 100615, 100616, 100617, 100618, 100619, 100621, 100623, 100624, 100625, 100626, 100627, 100628, 100630, 100631 = **15 Candidates** | Team - III |
| | | 100632, 100634, 100636, 100637, 100638, 100639, 100640, 100641, 100642, 100644, 100645, 100646, 100648, 100649, 100650 = **15 Candidates** | Team - IV |
| | 02.30 P.M. To 04.00 P.M. | 100651, 100652, 100653, 100657, 100658, 100659, 100662, 100663, 100664, 100666, 100667, 100668, 100669, 100673, 100674 = **15 Candidates** | Team - I |
| | | 100675, 100676, 100677, 100678, 100679, 100680, 100681, 100682, 100683, 100685, 100686, 100688, 100690, 100693, 100695 = **15 Candidates** | Team - II |
| | | 100696, 100697, 100698, 100699, 100704, 100705, 100711, 100712, 100713, 100714, 100715, 100717, 100718, 100719, 100721 = **15 Candidates** | Team - III |
| | | 100722, 100727, 100728, 100729, 100730, 100731, 100732, 100734, 100737, 100738, 100739, 100740, 100741, 100743, 100744 = **15 Candidates** | Team - IV |
| | 04.00 P.M. To 05.30 P.M. | 100749, 100750, 100751, 100754, 100755, 100757, 100758, 100759, 100760, 100766, 100767, 100769, 100770, 100771, 100772 = **15 Candidates** | Team - I |
| | | 100773, 100774, 100775, 100776, 100782, 100784, 100786, 100787, 100788, 100795, 100797, 100798, 100799, 100800, 100801 = **15 Candidates** | Team - II |
| | | 100802, 100803, 100804, 100808, 100810, 100811, 100812, 100813, 100814, 100815, 100816, 100817, 100818, 100820, 100823 = **15 Candidates** | Team - III |
| | | 100824, 100825, 100828, 100829, 100835, 100837, 100838, 100839, 100840, 100841, 100843, 100844, 100846, 100848, 100849 = **15 Candidates** | Team - IV |
| 24.09.2025 | 10.00 A.M. To 12.00 P.M. | 100850, 100852, 100853, 100854, 100855, 100856, 100858, 100859, 100862, 100863, 100866, 100867, 100868, 100871, 100872 = **15 Candidates** | Team - I |
| | | 100873, 100875, 100879, 100880, 100884, 100885, 100886, 100887, 100888, 100890, 100891, 100895, 100896, 100899, 100900 = **15 Candidates** | Team - II |
| | | 100901, 100902, 100903, 100904, 100905, 100906, 100908, 100910, 100911, 100912, 100913, 100914, 100915, 100916, 100917 = **15 Candidates** | Team - III |
| | | 100918, 100919, 100920, 100921, 100923, 100924, 100925, 100927, 100928, 100929, 100930, 100931, 100932, 100934, 100936 = **15 Candidates** | Team - IV |
| | 12.00 P.M. To 01.30 P.M. | 100938, 100939, 100940, 100943, 100945, 100946, 100947, 100948, 100951, 100952, 100954, 100955, 100956, 100957, 100961 = **15 Candidates** | Team - I |
| | | 100962, 100964, 100966, 100967, 100969, 100970, 100971, 100975, 100976, 100977, 100978, 100979, 100980, 100981, 100982 = **15 Candidates** | Team - II |
| | | 100983, 100985, 100986, 100987, 100988, 100989, 100990, 100992, 100994, 100996, 100997, 101003, 101005, 101006, 101007 = **15 Candidates** | Team - III |
| | | 101008, 101009, 101011, 101012, 101013, 101015, 101016, 101017, 101018, 101019, 101020, 101021, 101022, 101023, 101024 = **15 Candidates** | Team - IV |

| Date of Verification | Time of Verification | Roll No. of the Candidates | Name of the Team |
|---|---|---|---|
| 24.09.2025 | 02.30 P.M. To 04.00 P.M. | 101026, 101027, 101029, 101030, 101032, 101033, 101035, 101036, 101037, 101038, 101039, 101040, 101041, 101043, 101044 = **15 Candidates** | Team - I |
| | | 101045, 101046, 101048, 101049, 101052, 101053, 101059, 101060, 101062, 101065, 101070, 101072, 101074, 101075, 101076 = **15 Candidates** | Team - II |
| | | 101077, 101078, 101079, 101080, 101081, 101083, 101088, 101089, 101090, 101091, 101096, 101098, 101101, 101104, 101105 = **15 Candidates** | Team - III |
| | | 101107, 101108, 101109, 101111, 101112, 101113, 101114, 101115, 101116, 101119, 101121, 101122, 101125, 101127, 101128 = **15 Candidates** | Team - IV |
| | 04.00 P.M. To 05.30 P.M. | 101129, 101130, 101131, 101132, 101134, 101136, 101139, 101141, 101142, 101143, 101144, 101145, 101146, 101147, 101149 = **15 Candidates** | Team - I |
| | | 101150, 101152, 101153, 101154, 101156, 101158, 101159, 101160, 101161, 101163, 101164, 101166, 101167, 101168, 101169 = **15 Candidates** | Team - II |
| | | 101171, 101174, 101176, 101178, 101179, 101180, 101181, 101182, 101183, 101185, 101186, 101190, 101192, 101193, 101195 = **15 Candidates** | Team - III |
| | | 101196, 101197, 101199, 101200, 101201, 101202, 101203, 101204, 101205, 101206, 101208, 101210, 101212, 101213, 101214 = **15 Candidates** | Team - IV |
| 25.09.2025 | 10.00 A.M. To 12.00 P.M. | 101215, 101216, 101217, 101218, 101219, 101220, 101221, 101223, 101225, 101230, 101233, 101234, 101235, 101236, 101237 = **15 Candidates** | Team - I |
| | | 101239, 101241, 101245, 101248, 101249, 101250, 101252, 101253, 101254, 101261, 101269, 101271, 101272, 101273, 101275 = **15 Candidates** | Team - II |
| | | 101278, 101279, 101280, 101282, 101284, 101286, 101287, 101288, 101289, 101290, 101292, 101293, 101296, 101297, 101298 = **15 Candidates** | Team - III |
| | | 101299, 101300, 101301, 101302, 101305, 101306, 101307, 101308, 101309, 101310, 101313, 101314, 101316, 101317, 101318 = **15 Candidates** | Team - IV |
| | 12.00 P.M. To 01.30 P.M. | 101319, 101320, 101321, 101322, 101323, 101325, 101326, 101327, 101328, 101329, 101331, 101334, 101335, 101338, 101340 = **15 Candidates** | Team - I |
| | | 101342, 101343, 101344, 101345, 101347, 101348, 101350, 101353, 101354, 101355, 101357, 101358, 101360, 101362, 101363 = **15 Candidates** | Team - II |
| | | 101365, 101366, 101367, 101368, 101369, 101371, 101372, 101373, 101375, 101376, 101377, 101378, 101380, 101382, 101385 = **15 Candidates** | Team - III |
| | | 101387, 101388, 101390, 101392, 101394, 101395, 101396, 101397, 101399, 101400, 101401, 101403, 101405, 101406, 101407 = **15 Candidates** | Team - IV |
| | 02.30 P.M. To 04.00 P.M. | 101408, 101409, 101410, 101413, 101414, 101416, 101417, 101421, 101422, 101424, 101426, 101427, 101428, 101429, 101430 = **15 Candidates** | Team - I |
| | | 101433, 101439, 101442, 101443, 101445, 101446, 101447, 101450, 101454, 101457, 101458, 101459, 101461, 101462, 101465 = **15 Candidates** | Team - II |
| | | 101466, 101468, 101469, 101474, 101480, 101481, 101482, 101483, 101484, 101486, 101487, 101488, 101489, 101495, 101496 = **15 Candidates** | Team - III |
| | | 101497, 101506, 101508, 101509, 101510, 101511, 101513, 101514, 101515, 101517, 101518, 101520, 101521, 101522, 101523 = **15 Candidates** | Team - IV |
| | 04.00 P.M. To 05.30 P.M. | 101525, 101527, 101530, 101533, 101534, 101535, 101536, 101540, 101541, 101542, 101543, 101547, 101548, 101550, 101551 = **15 Candidates** | Team - I |
| | | 101552, 101553, 101554, 101555, 101557, 101559, 101560, 101561, 101563, 101564, 101565, 101566, 101571, 101575, 101576 = **15 Candidates** | Team - II |
| | | 101577, 101578, 101579, 101582, 101586, 101587, 101588, 101589, 101590, 101592, 101594, 101596, 101598, 101600, 101601 = **15 Candidates** | Team - III |
| | | 101602, 101603, 101605, 101608, 101609, 101610, 101611, 101615, 101616, 101618, 101619, 101620, 101621, 101623, 101626 = **15 Candidates** | Team - IV |
| 26.09.2025 | 10.00 A.M. To 12.00 P.M. | 101628, 101629, 101631, 101633, 101635, 101638, 101641, 101642, 101643, 101646, 101647, 101648, 101649, 101651, 101652 = **15 Candidates** | Team - I |
| | | 101655, 101656, 101657, 101658, 101660, 101661, 101662, 101663, 101664, 101665, 101666, 101667, 101668, 101671, 101672 = **15 Candidates** | Team - II |
| | | 101674, 101675, 101676, 101677, 101678, 101683, 101685, 101686, 101687, 101691, 101693, 101694, 101695, 101697, 101699 = **15 Candidates** | Team - III |
| | | 101700, 101701, 101702, 101704, 101707, 101711, 101713, 101714, 101717, 101718, 101720, 101722, 101723, 101724, 101725 = **15 Candidates** | Team - IV |
| | 12.00 P.M. To 01.30 P.M. | 101727, 101729, 101730, 101731, 101732, 101733, 101734, 101735, 101736, 101737, 101739, 101740, 101741, 101742, 101745 = **15 Candidates** | Team - I |
| | | 101746, 101747, 101753, 101754, 101757, 101758, 101759, 101761, 101762, 101763, 101764, 101767, 101768, 101773, 101776 = **15 Candidates** | Team - II |
| | | 101780, 101782, 101783, 101785, 101786, 101787, 101790, 101791, 101792, 101795, 101798, 101802, 101803, 101804, 101809 = **15 Candidates** | Team - III |
| | | 101810, 101811, 101812, 101813, 101815, 101816, 101818, 101820, 101821, 101823, 101824, 101825, 101826, 101827, 101828 = **15 Candidates** | Team - IV |
| | 02.30 P.M. To 04.00 P.M. | 101830, 101831, 101832, 101834, 101836, 101837, 101838, 101842, 101843, 101844, 101845, 101847, 101848, 101849, 101851 = **15 Candidates** | Team - I |
| | | 101852, 101853, 101854, 101858, 101861, 101863, 101864, 101865, 101866, 101867, 101869, 101870, 101871, 101873, 101877 = **15 Candidates** | Team - II |
| | | 101878, 101879, 101880, 101881, 101882, 101883, 101885, 101887, 101888, 101892, 101893, 101894, 101895, 101896, 101898 = **15 Candidates** | Team - III |
| | | 101900, 101901, 101903, 101904, 101905, 101906, 101908, 101909, 101912, 101913, 101915, 101916, 101917, 101918, 101919 = **15 Candidates** | Team - IV |
| | 04.00 P.M. To 05.30 P.M. | 101924, 101925, 101926, 101929, 101930, 101931, 101934, 101935, 101936, 101938, 101941, 101942, 101943, 101945, 101947 = **15 Candidates** | Team - I |
| | | 101949, 101951, 101952, 101953, 101955, 101956, 101957, 101958, 101962, 101965, 101966, 101967, 101968, 101969, 101970 = **15 Candidates** | Team - II |
| | | 101973, 101974, 101976, 101978, 101981, 101984, 101985, 101986, 101987, 101988, 101993, 101994, 101996, 101997, 102000 = **15 Candidates** | Team - III |
| | | 102001, 102002, 102003, 102004, 102005, 102006, 102007, 102015, 102017, 102018, 102019, 102020, 102023, 102024, 102025 = **15 Candidates** | Team - IV |
| 04.10.2025 | 10.00 A.M. To 12.00 P.M. | 102027, 102028, 102029, 102030, 102031, 102032, 102033, 102035, 102036, 102037, 102038, 102039, 102042, 102045, 102046 = **15 Candidates** | Team - I |
| | | 102048, 102050, 102053, 102054, 102055, 102061, 102062, 102063, 102064, 102065, 102067, 102069, 102070, 102071, 102075 = **15 Candidates** | Team - II |
| | | 102076, 102079, 102083, 102085, 102086, 102088, 102090, 102091, 102092, 102095, 102097, 102099, 102100, 102103, 102105 = **15 Candidates** | Team - III |
| | | 102106, 102111, 102112, 102117, 102118, 102119, 102121, 102122, 102123, 102124, 102125, 102126, 102128, 102129, 102130 = **15 Candidates** | Team - IV |
| | 12.00 P.M. To 01.30 P.M. | 102132, 102134, 102135, 102136, 102137, 102138, 102140, 102144, 102145, 102146, 102148, 102149, 102150, 102152, 102154 = **15 Candidates** | Team - I |
| | | 102155, 102157, 102158, 102159, 102160, 102161, 102162, 102165, 102166, 102167, 102168, 102170, 102171, 102172, 102173 = **15 Candidates** | Team - II |
| | | 102176, 102178, 102179, 102180, 102183, 102184, 102185, 102186, 102191, 102193, 102196, 102201, 102202, 102203, 102204 = **15 Candidates** | Team - III |
| | | 102207, 102209, 102210, 102212, 102214, 102215, 102216, 102217, 102218, 102219, 102221, 102223, 102224, 102225, 102228 = **15 Candidates** | Team - IV |

| Date of Verification | Time of Verification | Roll No. of the Candidates | Name of the Team |
|---|---|---|---|
| 04.10.2025 | 02.30 P.M. To 04.00 P.M. | 102229, 102230, 102231, 102232, 102233, 102234, 102235, 102238, 102239, 102241, 102242, 102252, 102254, 102256, 102260 = **15 Candidates** | Team - I |
| | | 102261, 102263, 102264, 102265, 102266, 102267, 102268, 102269, 102270, 102272, 102273, 102274, 102275, 102276, 102278 = **15 Candidates** | Team - II |
| | | 102279, 102280, 102281, 102282, 102283, 102285, 102287, 102289, 102291, 102292, 102295, 102296, 102302, 102305, 102310 = **15 Candidates** | Team - III |
| | | 102312, 102313, 102314, 102324, 102327, 102328, 102331, 102333, 102334, 102335, 102339, 102342, 102343, 102344, 102345 = **15 Candidates** | Team - IV |
| | 04.00 P.M. To 05.30 P.M. | 102346, 102348, 102349, 102350, 102351, 102352, 102354, 102356, 102357, 102358, 102359, 102361, 102364, 102365, 102366 = **15 Candidates** | Team - I |
| | | 102369, 102374, 102375, 102377, 102378, 102379, 102380, 102381, 102385, 102387, 102388, 102393, 102394, 102396, 102398 = **15 Candidates** | Team - II |
| | | 102399, 102403, 102404, 102405, 102406, 102409, 102410, 102411, 102412, 102413, 102414, 102415, 102416, 102417, 102418 = **15 Candidates** | Team - III |
| | | 102420, 102421, 102422, 102425, 102427, 102428, 102430, 102431, 102432, 102434, 102436, 102438, 102441, 102442, 102444 = **15 Candidates** | Team - IV |
| 05.10.2025 | 10.00 A.M. To 12.00 P.M. | 102447, 102448, 102449, 102450, 102454, 102456, 102458, 102459, 102464, 102466, 102467, 102469, 102470, 102473, 102474 = **15 Candidates** | Team - I |
| | | 102476, 102477, 102482, 102483, 102484, 102487, 102488, 102489, 102492, 102493, 102495, 102503, 102505, 102506, 102509 = **15 Candidates** | Team - II |
| | | 102511, 102513, 102515, 102516, 102519, 102520, 102525, 102527, 102528, 102529, 102530, 102531, 102532, 102533, 102535 = **15 Candidates** | Team - III |
| | | 102536, 102539, 102540, 102541, 102542, 102543, 102544, 102545, 102546, 102548, 102549, 102550, 102552, 102554, 102555 = **15 Candidates** | Team - IV |
| | 12.00 P.M. To 01.30 P.M. | 102557, 102558, 102559, 102560, 102561, 102565, 102566, 102567, 102569, 102570, 102571, 102572, 102573, 102574, 102575 = **15 Candidates** | Team - I |
| | | 102576, 102578, 102579, 102580, 102581, 102582, 102583, 102585, 102586, 102587, 102588, 102594, 102597, 102599, 102600 = **15 Candidates** | Team - II |
| | | 102601, 102602, 102604, 102606, 102608, 102609, 102612, 102613, 102614, 102615, 102616, 102617, 102618, 102619, 102620 = **15 Candidates** | Team - III |
| | | 102624, 102627, 102628, 102629, 102632, 102633, 102634, 102638, 102639, 102641, 102644, 102645, 102646, 102648, 102649 = **15 Candidates** | Team - IV |
| | 02.30 P.M. To 04.00 P.M. | 102650, 102651, 102652, 102654, 102663, 102664, 102665, 102669, 102971, 102675, 102676, 102677, 102678, 102680, 102684 = **15 Candidates** | Team - I |
| | | 102686, 102689, 102691, 102693, 102700, 102703, 102705, 102707, 102709, 102710, 102711, 102712, 102714, 102715, 102717 = **15 Candidates** | Team - II |
| | | 102718, 102719, 102720, 102723, 102725, 102727, 102731, 102734, 102735, 102737, 102738, 102740, 102742, 102743, 102745 = **15 Candidates** | Team - III |
| | | 102746, 102748, 102749, 102750, 102752, 102753, 102755, 102756, 102757, 102760, 102762, 102766, 102767, 102769, 102770 = **15 Candidates** | Team - IV |
| | 04.00 P.M. To 05.30 P.M. | 102771, 102772, 102775, 102776, 102778, 102779, 102782, 102783, 102785, 102789, 102791, 102792, 102794, 102795, 102796 = **15 Candidates** | Team - I |
| | | 102797, 102798, 102799, 102802, 102803, 102805, 102806, 102807, 102808, 102810, 102814, 102816, 102817, 102820, 102822 = **15 Candidates** | Team - II |
| | | 102824, 102827, 102828, 102803, 102831, 102832, 102833, 102836, 102837, 102841, 102842, 102843, 102845, 102846, 102847 = **15 Candidates** | Team - III |
| | | 102848, 102849, 102850, 102851, 102855, 102856, 102859, 102862, 102863, 102866, 102870, 102872, 102874, 102875, 102877 = **15 Candidates** | Team - IV |
| 06.10.2025 | 02.00 P.M. To 03.30 P.M. | 102878, 102879, 102882, 102884, 102886, 102887, 102889, 102890, 102891, 102892, 102893, 102895, 102896, 102897, 102899, 102900 = **16 Candidates** | Team - I |
| | | 102901, 102902, 102903, 102904, 102907, 102908, 102911, 102914, 102916, 102917, 102918, 102919, 102920, 102921, 102922, 102925 = **16 Candidates** | Team - II |
| | | 102926, 102927, 102928, 102929, 102931, 102932, 102933, 102934, 102938, 102939, 102940, 102942, 102943, 102945, 102946, 102947 = **16 Candidates** | Team - III |
| | | 102948, 102954, 102955, 102956, 102957, 102958, 102959, 102963, 102964, 102965, 102966, 102967, 102970, 102972, 102973, 102974 = **16 Candidates** | Team - IV |
| | 03.30 P.M. To 04.30 P.M. | 102975, 102978, 102979, 102980, 102981, 102984, 102985, 102988, 102990, 102993, 102994, 102997 = **12 Candidates** | Team - I |
| | | 102998, 103000, 103001, 103004, 103006, 103008, 103009, 103011, 103018, 103022, 103023, 103025 = **12 Candidates** | Team - II |
| | | 103026, 103027, 103028, 103029, 103032, 103036, 103037, 103041, 103043, 103045, 103047, 103048 = **12 Candidates** | Team - III |
| | | 103049, 103051, 103053, 103054, 103055, 103056, 103058, 103059, 103062, 103064, 103066, 103069 = **12 Candidates** | Team - IV |
| | 04.30 P.M. To 05.30 P.M. | 103070, 103072, 103073, 103074, 103075, 103076, 103077, 103078, 103079, 103080, 103081, 103082 = **12 Candidates** | Team - I |
| | | 103083, 103086, 103087, 103088, 103089, 103090, 103095, 103096, 103100, 103102, 103104, 103106 = **12 Candidates** | Team - II |
| | | 103107, 103108, 103109, 103111, 103112, 103113, 103114, 103115, 103118, 103120, 103121, 103124 = **12 Candidates** | Team - III |
| | | 103127, 103132, 103136, 103140, 103143, 103146, 103147, 103150, 103151, 103152, 103153, 103154 = **12 Candidates** | Team - IV |

**N.B.:** The candidates are required to report **30 minutes before** the commencement of document verifiction in each time slot allotted in the schedule programme.

It is also made clear that the candidature of these candidates for the above recruitment is **purely provisional**. The candidature is liable to rejection in the event of inadequacy/deficiency found at any stage before or after the verification of original certificates/documents and is subject to fulfillment of terms and conditions laid down in the advertisement.

**THE CANDIDATES ARE REQUIRED TO SUBMIT THE FOLLOWING ORIGINAL DOCUMENTS ALONG WITH A SET OF SELF ATTESTED PHOTOCOPIES OF ALL CERTIFICATES/DOCUMENTS AT THE TIME OF DOCUMENT VERIFICATION FAILING WHICH THEIR CANDIDATURE WILL BE REJECTED.**

1. Hard copy of online application form **mentioning Roll No. at the Top Right Hand Corner**. Application forms are available in the website of the Commission. The candidates are requied to download the same using their respective e-mail ID/Phone Number and PASSWORD/ OTP etc. through OPSC e-Chayan Portal via **www.opscechayan.in**.
2. Four (04) recent passport size photographs within six months (unsigned & unattested) tagged with the Application form.
3. H.S.C. or Equivalent Certificate in support of declaration of age.
4. MBBS Degree Certificate and Marksheets from any recongized Unviersity in India including fail marks.
5. PG Degree (MD/MS/DNB) Certificate, if any.
6. Super Specialization Degree (DM/MCh) Certificate, if any.
7. Mark-lists in support of all the aforesaid examinations (H.S.C. to M.B.B.S. Degree and PG Degree/Super Specialization Degree) passed including fail marks, if any, issued by the concerned Board/Council/ University.

# ଜୁଆର କୂଳ ଲଂଘି ସୃଷ୍ଟିହେଲା ମୁହାଣ


ରାମତରା ପାଖ ମୀରା ବିଚ୍‌ଠାରେ ସୃଷ୍ଟି ହୋଇଥିବା ନୂଆ ମୁହାଣ ମୁହଁ।

## ଜିଲ୍ଲା ପ୍ରଶାସନ ନିଦାବିଷ୍ଟୁ

ଏରସମା, ୧୧।୯
( ଦୀପ୍ତି ଖଣ୍ଡୁଆଳ )

ଜଗତ୍‌ସିଂହପୁର ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର ତଥା ଏରସମା ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତସ୍ଥିତ ଶିଆଳିଠାରେ ସମୁଦ୍ର ଜୁଆର ବାରମ୍ବାର କୂଳ ଲଂଘିବାରେ ଲାଗିଛି। ଗତ ପୂର୍ଣ୍ଣିମା ପ୍ରଭାବରେ ଉଠି ଆସିଥିବା ଜୁଆର ମାଡ଼ି ରାମତରା ପାଖ ମୀରା ବିଚ୍‌ଠାରେ ଏକ ମୁହାଣ ସୃଷ୍ଟି କରିଛି। ଦୀର୍ଘବର୍ଷ ଧରି ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବିଭିନ୍ନ ମହଲରୁ ଦାବି ହୋଇଆସୁଥିଲେ ମଧ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ଠୋସ୍ ପଦକ୍ଷେପ ନିଆଯାଉ ନ ଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ୨୦୧୪ରେ ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଥିବା ଶିଆଳି ସମୁଦ୍ର ବେଳାଭୂମିଠାରୁ ଉତ୍ତର ଦିଗକୁ ଦେଢ଼ କି.ମି. ଦୂରସ୍ଥିତ ସ୍ଥାନୀୟ ଲୋକେ ମୀରା ବିଚ୍ ବୋଲି କହୁଥିବା ଏକ ନିମ୍ନଭୂମି ଅଞ୍ଚଳ ଦେଇ ସମୁଦ୍ର ଜୁଆର ଜଙ୍ଗଲ ଅତିକ୍ରମ କରି ଚାଷ ଜମିରେ ମାଡି ଯାଇଛି। ଜୁଆର ଫେରିଯିବା ପରେ ସେଠାରେ ନୂଆ କରି ମୁହାଣ ମୁହଁ ସୃଷ୍ଟି ହୋଇଛି। ଏହାକୁ ଦେଖିବା ପରେ ସ୍ଥାନୀୟ ଲୋକେ ସର୍ବାଧିକ ଭୟଭୀତ ହୋଇ ପଡ଼ିଛନ୍ତି। ଅପରପକ୍ଷରେ ଜୁଆର ପ୍ରଭାବରେ ଚଳିତ ଖରିଫ ଋତୁରେ ଧାନ ଚାଷ କ୍ଷତିଗ୍ରସ୍ତ ହେବାରେ ଆଶଙ୍କା ସୃଷ୍ଟି ହୋଇଛି। ଜୁଆର ରାମତରା ଗ୍ରାମ ଅନତି ଦୂର ପର୍ଯ୍ୟନ୍ତ ମାଡି ଆସିଥିବାରୁ ୬୦୦ ପରିବାର ଭୟଭୀତ ଅବସ୍ଥାରେ ଅଛନ୍ତି। ଏଥିସହ କଳାବେଦୀ, ଶଙ୍ଖା, ଶିଆଳି ଗ୍ରାମର ଲୋକେ ପ୍ରମାଦ ଗଣିବାରେ ଲାଗିଛନ୍ତି। ଏହି ଗ୍ରାମ ସଂଲଗ୍ନ ଆମ୍ବିକି ପଞ୍ଚାୟତର ବାଘାଡି, କାଙ୍କଣ, ଚାଉଳିଆ ପ୍ରଭୃତି ଗ୍ରାମବାସୀଙ୍କ ଧାନ ଚାଷ କ୍ଷତି ହେବା ଆଶଙ୍କା ସୃଷ୍ଟି ହୋଇଛି। ଓଟିଡିସି ପକ୍ଷରୁ ପର୍ଯ୍ୟଟକମାନଙ୍କ ପାଇଁ ନିର୍ମିତ ବିଶ୍ରାମ ଗୃହ ଅସୁରକ୍ଷିତ ହୋଇପଡିଛି। ପର୍ଯ୍ୟଟକମାନଙ୍କ ସମୁଦ୍ର ଦର୍ଶନ ପାଇଁ ନିର୍ମାଣ କରାଯାଇଥିବା ସୁଦୃଶ୍ୟ ଭ୍ୟୁ ଟାୱାର ଜୁଆର ମାଡ଼ରେ ଅସୁରକ୍ଷିତ ହୋଇପଡ଼ିବାରୁ ତାକୁ ପ୍ରଶାସନ ପକ୍ଷରୁ ଭାଙ୍ଗି ଦିଆଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଉପକୂଳରେ ଥିବା ପ୍ରାକୃତିକ ବାଲୁକା ସ୍ତୁପ ସମୟକ୍ରମେ ଜୁଆର ମାଡ଼ରେ ଧୋଇ ଯିବାରୁ ସମୁଦ୍ର ଭୟଙ୍କର ଭାବେ କୂଳମୁହାଁ ହୋଇଛି।

ଏ ସମ୍ପର୍କରେ ରାମତରା ଗାଁ ମୁଖିଆ ସତ୍ୟ ରଞ୍ଜନ ଭଞ୍ଜ କହିଛନ୍ତି, ଜଙ୍ଗଲ ଧ୍ୱଂସ ଓ ମୃତ୍ତିକା କ୍ଷୟହେବା ଯୋଗୁ ଜୁଆର କୂଳ ଲଂଘୁଛି। ଏହାର ସୁରକ୍ଷା ପାଇଁ କେହି ଦୃଷ୍ଟି ଦେଉନାହାନ୍ତି। ପୂର୍ବତନ ସରପଞ୍ଚ କେଶବ ପାତ୍ର କହିଛନ୍ତି, ପ୍ରଶାସନ ପକ୍ଷରୁ ଉପକୂଳରେ ୪୦ କି.ମି. ପର୍ଯ୍ୟନ୍ତ ବନି ହେନ୍ତାଳ ଜଙ୍ଗଲ ସୃଷ୍ଟି କରାଯିବା, ହାୱାଖାନା ପାଖରୁ ରାମତରା ପର୍ଯ୍ୟନ୍ତ ସମୁଦ୍ର ଜୁଆର ରୋଧକ ବନ୍ଧ ନିର୍ମାଣ ପାଇଁ ମଞ୍ଜୁରୀ ହୋଇଥିବା ୬୦ କୋଟିର ପ୍ରକଳ୍ପ ପୁନଃ ଟେଣ୍ଡର ଦିଆଯାଇ କାର୍ଯ୍ୟକାରୀ କରାଗଲେ ସମସ୍ୟା ଦୂରହୋଇପାରିବ। ସ୍ଥାନୀୟ ସରପଞ୍ଚ ପ୍ରତିଭାରାଣୀ ପାତ୍ର କହିଛନ୍ତି, ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି, ପ୍ରଶାସନ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ଗ୍ରହଣ କଲେ ଅଞ୍ଚଳବାସୀ ସୁରକ୍ଷିତ ରହିବେ। ଏରସମା ବିଡିଓ ଦାଶରଥି ଜେନାଙ୍କୁ ପଚାରିବାରେ ସମସ୍ୟା ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛୁ। ପ୍ରଶାସନିକ ସ୍ତରରେ ନିଆଯାଇଥିବା ପଦକ୍ଷେପ କାର୍ଯ୍ୟକାରୀ କରାଯିବ ବୋଲି ସେ କହିଛନ୍ତି। ତହସିଲଦାର ସ୍ନିଗ୍ଧା ଶ୍ରଦ୍ଧାଞ୍ଜଳି ବେହେରା କହିଛନ୍ତି, ଏହା ଉପରେ ସମୀକ୍ଷା ଚାଲିଛି, ପଦକ୍ଷେପ ନିଆଯିବ। ଜିଲାପାଳ ଜେ. ସୋନାଲଙ୍କୁ ପଚାରିବାରେ ବନ୍ଧ ପାଇଁ ଡ୍ରେନେଜ ବିଭାଗ ପକ୍ଷରୁ ଏଷ୍ଟିମେଟ କରାଯାଇଛି। ଏକ ଉଚ୍ଚ ଅଧିକାରୀ ଦଳ ଘଟଣାସ୍ଥଳକୁ ଯାଇ ପରିସ୍ଥିତିକୁ ମଧ ଅନୁଧ୍ୟାନ କରିଛନ୍ତି। ଏଥିସହ ଜୁଆର ପ୍ରତିରୋଧକ ବନ୍ଧ ନିର୍ମାଣ ପାଇଁ ମଞ୍ଜୁରୀ ହୋଇଥିବା ୬୦ କୋଟି ପ୍ରକଳ୍ପ ରିଟେଣ୍ଡର ପାଇଁ ସୁପାରିସ କରାଯାଇଛି, ତାହା କାର୍ଯ୍ୟକାରୀ ହେଲେ ସମସ୍ୟାର ସ୍ଥାୟୀ ସମାଧାନ ହୋଇଯିବ ବୋଲି ସେ କହିଛନ୍ତି।

# ଠିକ୍ ଢଙ୍ଗରେ ନ ଚାଲିଲେ ଦଳଠାରୁ ଦୂରେଇଯିବି: ପ୍ରଫୁଲ୍ଲ

ଭୁବନେଶ୍ୱର,୧୧।୯(ସୁନିତ୍ ମିଶ୍ର)

ଠିକ୍ ଢଙ୍ଗରେ ନ ଚାଲିଲେ ଦଳ ଠାରୁ ଦୂରେଇଯିବେ ବୋଲି କହି ଏଭଳି ଢଙ୍ଗରେ ବରିଷ୍ଠ ନେତା ପ୍ରଫୁଲ୍ଲ ମଲ୍ଲିକ ବିଜେଡିକୁ ଚେତାବନୀ ଦେଇଛନ୍ତି। ପ୍ରଫୁଲ୍ଲଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ବରିଷ୍ଠ ବିଜେଡି ନେତା ପ୍ରତାପ ଜେନା କହିଛନ୍ତି, ପ୍ରଫୁଲ୍ଲ ମଲ୍ଲିକ ବିଜେଡି ଟିକେଟରେ ୪ ଥର ବିଧାୟକ ହୋଇଛନ୍ତି। ଏହି ସମୟ ମଧ୍ୟରେ ତାଙ୍କୁ ଦଳର ସଭାପତି ପୂର୍ତ୍ତ, ଖଣି ଏବଂ ଇସ୍ପାତ ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରୀ ପଦ ଦେଇଥିଲେ। ଯେତେବେଳେ ପର୍ଯ୍ୟନ୍ତ ଦଳ ସରକାରରେ ଥିଲା ସେ ପର୍ଯ୍ୟନ୍ତ ସବୁ ଠିକ୍ ଥିଲା। ଯେପର୍ଯ୍ୟନ୍ତ ସୁବିଧା ମିଳୁଥିଲା ସେତେବେଳ ଯାଏଁ କିଛି ଅସୁବିଧା ନ ଥିଲା ବୋଲି ପ୍ରତାପ କହିଛନ୍ତି।


**ROURKELA DEVELOPMENT AUTHORITY**
UDITNAGAR, ROURKELA-769012
No. 2386/RDA, dated 8.9.25

**PROCLAMATION**

No. CAD-1730:- It is hereby informed to the General public that, **Sukanti Sahoo**, W/O- Late Himansu Sekhar Sahoo, has applied for mutation of **House No. L/115 under Durgapur Foot Hill Housing Project, Stage-II, Basanti Colony, Rourkela-12** in her favour consequent upon death of her husband **Late Himansu Sekhar Sahoo**. Anybody has got objection to the proposed mutation he/she may file objection petition before the undersigned within 30 (thirty) days from the date of publication of this proclamation. Objection petition shall not be entertained after expiry of the stipulated period.

**Sd./- Secretary, Rourkela Development Authority**
OIPR-13250/11/0102/2526

**ODISHA HYDRO POWER CORPORATION LTD.**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT, POST BOX. NO. 5, BURLA - 768017, DISTRICT : SAMBALPUR (ODISHA), PHONE : 0663-2950721 (O), 2950765 (R), E-Mail : srgmhps_burla@yahoo.co.in
CIN : U40101OR1995SGC003963

No. HHEP/Tech-W-202/9/6137 Date : 09.09.2025

**e-TENDER CALL NOTICE NO. HHEP-52/2025**

**No.CAD-1713** : Unit Head, HHEP, Burla invites percentage rate e-tender in double cover system from the eligible class of contractor registered with the Govt. of Odisha and contractor of equivalent grade / class registered with Central Govt. / MES / Railway to be received **online mode only** for the following work in the portal **https://tendersodisha.gov.in**.

| Name of work | Approx. tender value of work (in Rs.) excluding GST, EPF & ESI | Cost of tender paper (Non-Refundable) | EMD in Rs. | Class of contractor |
|---|---|---|---|---|
| Construction of Counterfort Retaining wall near Power Channel bank at RD-10500 ft of HHEP, Burla | 1,02,53,474/- | Rs. 11800/- (Rs. 10000 /- + GST 18%) | 102600/- | 'B & A' |

- Sale of tender paper : 12.09.2025 (11.00 AM) to 26.09.2025 upto 03.00 PM
- Receipt of tender paper : 26.09.2025 upto 03.00 PM
- Date & time of opening of tender : 26.09.2025 at 04.00 PM
- Further details can be seen from the e-procurement portal https://tendersodisha.gov.in / www.ohpcltd.com

OIPR-04007/11/0071/2526 Sd./- UNIT Head, HHEP, Burla

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, BHUBANESWAR (R&B) DIVISION NO.I, BHUBANESWAR**
**INVITATIONS FOR BIDS THROUGH e-Procurement**
Mail i.d. : eebbsr1@yahoo.co.in
No. 10693 Date : 10.09.2025

Bid Identification No. C.C. (R&B) 01 e-Procurement Notice No. (48) of 2025-26

**No. B-512** : The Superintending Engineer, (R&B) Division No.I, Bhubaneswar on behalf of the Governor of Odisha invites percentage rate bids for **Single cover system (online)** for works as detailed in table below.

| Sl. No. | Name of the work | Approximate Estimated cost put to Tender (Rs. In Lakh) | EMD / Bid Security | Cost of Bid Document | Class of Contractor | Period of Completion |
|---|---|---|---|---|---|---|
| 1 | S/R to O.L.A Building at Unit-V, Bhubaneswar, Such as Construction of Separate Ladies' Toilet adjacent to the Conference Hall (G+1), for the year 2025-26. (Composite work) | Rs.44.53 | Rs.44,527/- | Rs.6,000/- Online | "B" Class Only | 03 (Three) Calendar months |

The bidders have to participate in ONLINE bidding only. The web-site for **"ONLINE BIDDING"** is **http://tendersorissa.gov.in.**
**Bid documents will be available in the above website from 11:00 A.M. of 12.09..2025 to 5.30 P.M. of 25.09.2025.**
**Bids of the above work shall be opened at -12.30 P.M. of 26.09.2025.**
**The bidder must possess matching class compatible Digital Signature Certificate (DSC).**
**Further details and other terms and conditions can be seen from DTCN in the e-Procurement web site www.tendersorissa.gov.in**
**N.B.: Subsequent corrigendum / addendum if required shall be available in the website as indicated above.**

Sd./- Er. Prabhudatta Pradhan
Superintending Engineer, BBSR (R&B) Division No.I, Bhubaneswar
OIPR-34076/11/0035/2526

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବୌଦ୍ଧ**
**(ତଉଜି ଉପବିଭାଗ)**

**ସର୍ବସାଧାରଣ ବିଜ୍ଞପ୍ତି ନଂ.- ୯୦୯୯** **ତାରିଖ: ୧୦-୦୯-୨୦୨୫**

**No.F-55:-** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ବୌଦ୍ଧ ଜିଲ୍ଲାର ୪୦ଟି ସମ୍ଭାବ୍ୟ ଲଘୁଖଣିଜ ଉତ୍ସ, ଯଥା– **ବାଲି ୨୪ଟି, ପଥର ୧୬ଟି** ସମ୍ବନ୍ଧରେ ଜିଲ୍ଲା ସର୍ଭେ ରିପୋର୍ଟ (DSR)ର ଖସଡ଼ା ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ବିଜ୍ଞପ୍ତି ତଥା SEIAA ତରଫରୁ ମିଳିଥିବା ନିର୍ଦ୍ଦେଶ ଅନୁଯାୟୀ ଉପଖଣ୍ଡସ୍ତରୀୟ କମିଟି ଦ୍ୱାରା ବୌଦ୍ଧ ଜିଲ୍ଲା ପାଇଁ ପ୍ରସ୍ତୁତ କରାଯାଇଛି । ଜିଲ୍ଲା ସର୍ଭେ ରିପୋର୍ଟ (DSR) ଚୂଡ଼ାନ୍ତ ହେବା ପୂର୍ବରୁ ପ୍ରଣାଳୀ ଅନୁଯାୟୀ ସମ୍ଭାବ୍ୟ ଲଘୁଖଣିଜ ଉତ୍ସର ତାଲିକା ଜିଲ୍ଲା ୱେବସାଇଟରେ **(www.boudh.odish.gov.in)** ଉପଲବ୍ଧ ହୋଇଛି ଏବଂ ଜିଲ୍ଲାପାଳ, ବୌଦ୍ଧ/ଉପ–ଜିଲ୍ଲାପାଳ, ବୌଦ୍ଧ/ଖଣି ଉପ ନିର୍ଦ୍ଦେଶକ, ଫୁଲବାଣୀ/ ଖଣି ଅଧିକାରୀ ବୌଦ୍ଧ/ ସମସ୍ତ ତହସିଲଦାର ଦପ୍ତରରେ ମଧ ବିଜ୍ଞାପନ ପ୍ରକାଶନର ୩୦ ଦିନ ପର୍ଯ୍ୟନ୍ତ ମନ୍ତବ୍ୟ/ ପରାମର୍ଶ/ ଆପତ୍ତି ଗ୍ରହଣ ପାଇଁ ଉପଲବ୍ଧ ହୋଇଅଛି । ବିଜ୍ଞାପନ ପ୍ରକାଶନ ତାରିଖଠାରୁ ୩୦ ଦିନ ପରେ ପ୍ରାପ୍ତ ହୋଇଥିବା ମନ୍ତବ୍ୟ/ ପରାମର୍ଶ/ ଆପତ୍ତି ଗ୍ରହଣ କରାଯିବ ନାହିଁ ଏବଂ ଜିଲ୍ଲା ସର୍ଭେ ରିପୋର୍ଟ (DSR)ର ଡ୍ରାଫ୍ଟ ଅନୁମୋଦନ ନିମନ୍ତେ SEIAAକୁ ପଠାଯିବ ।

OIPR-24020/11/0005/2526 **ସ୍ୱା./- ଜିଲ୍ଲାପାଳ, ବୌଦ୍ଧ**


# ଦକ୍ଷିଣ–ଦକ୍ଷିଣ ସହଯୋଗ

**ଆଜି 'ଦକ୍ଷିଣ-ଦକ୍ଷିଣ ସହଯୋଗ'ର ଅନ୍ତର୍ଜାତୀୟ ଦିବସ**



ପ୍ରତିବର୍ଷ ସେପ୍ଟେମ୍ବର ୧୨ରେ 'ଦକ୍ଷିଣ–ଦକ୍ଷିଣ ସହଯୋଗ'ର ଅନ୍ତର୍ଜାତୀୟ ଦିବସ ପାଳନ ହୋଇଆସୁଛି। ଏହି ଦିବସଟି ଆର୍ଥିକ, ସାମାଜିକ ଏବଂ ରାଜନୈତିକ ଲକ୍ଷ୍ୟ ହାସଲ ପାଇଁ ବିକାଶଶୀଳ ଦେଶ ମଧ୍ୟରେ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରେ। ଦକ୍ଷିଣ–ଦକ୍ଷିଣ ସହଯୋଗ(ଏସ୍‌ଏସ୍‌ସି)ହେଉଛି ସାଧାରଣ ବିକାଶ ଲକ୍ଷ୍ୟ ହାସଲ କରିବା ଏବଂ ସହଭାଗୀ ଚ୍ୟାଲେଞ୍ଜର ମୁକାବିଲା ପାଇଁ ବିଶ୍ୱ ଦକ୍ଷିଣରେ ବିକାଶଶୀଳ ଦେଶ ମଧ୍ୟରେ ସହଯୋଗ,ସମ୍ବଳ, ଜ୍ଞାନ ଓ ଦକ୍ଷତାର ଆଦାନପ୍ରଦାନ। ଏହି 'ସହଯୋଗ' ରେ ସରକାର, ଅନ୍ତର୍ଜାତୀୟ ସଙ୍ଗଠନ, ଶିକ୍ଷାନୁଷ୍ଠାନ ଏବଂ ଘରୋଇ କ୍ଷେତ୍ର ସମେତ ବିଭିନ୍ନ ଅଂଶୀଦାର ସାମିଲ ଅଛନ୍ତି। ଏଥିସହ ଏହା ସ୍ୱାସ୍ଥ୍ୟ, କୃଷି ଏବଂ ପ୍ରଯୁକ୍ତିବିଦ୍ୟା ଭଳି କ୍ଷେତ୍ରରେ ସଫଳତାକୁ ବାଣ୍ଟି ନିରନ୍ତର ବିକାଶ ଲକ୍ଷ୍ୟ ଆଡ଼କୁ ହେଉଥିବା ଅଗ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଉପକରଣ ଭାବରେ କାର୍ଯ୍ୟକରେ।


(Contd.....)

8. Conversion Certificate/Conversion Formula in case of award of grades/credits/hours in MBBS Degree.
9. Housemanship/Compulsory Rotatory Internship Completion Certificate issued within 15.05.2025.
10. Permanent Medical Registration Certificate under the Odisha Council of Medical Registration (OCMR) issued within 15.05.2025.
11. Required Odia Test Pass Certificate issued within 15.05.2025.
12. Certificate relating to passing of the Screening Test conducted by the National Board of Examination as prescribed by the Medical Council of India vide Notification No. MCI-203(9) Regn. 2001, dated 13.02.2002 for Medical Graduates passing out from a Foreign University.
13. Caste Certificate by Birth in support of claim as SCs/STs/S.E.B.Cs (Please see and refer Note-1 of the Advertisement) issued within 15.05.2025.
14. Recent SEBC Certificate (issued within the last three years by the closing date for submission of online application form), wherever applicable.
15. Permanent Disability Certificate indicating percentage of disability (i.e., 40% and more) issued within 15.05.2025.
16. Discharge Certificate in case of Ex-Servicemen issued as per Orissa Ex-Servicemen (Recruitment to State Civil Services and Posts) Rules, 1985 vide G.A. Department Notification No. 22586-Gen., Dt.16.10.1985.
17. Sports Identity Card/Certificate issued by the Director of Sports, Odisha; wherever appilcable.
18. Service Certificate from the Competent Authority mentioning the period of adhoc or contractual continuous service as Medical Officer under the State Government/State Government undertaking as on the last date i.e. 15.05.2025, in case of ad hoc or contractual in-service candidates.
19. The candidates shall submit DECLARATION FORM (ANNEXURE-I & ANNEXURE-II) enclosed herewith duly filled with all details there in with full signature at the bottom.
20. No Objection Certificate issued by the Competent Authority in case of in-service candidates; wherever applicable.
21. If a candidate claims to possess qualification, equivalent to the prescribed qualification, the rule/authority (with number and date) under which it is so treated, must be furnished.
22. Any proof of photo Identity.
23. Attestation Form duly filled in by the candidate and signed by a Gazetted Officer (to be downloaded from the website of the Commission).
24. Any other relevant documents as per Para-11 of the Advertisement.

The candidates are required to mention "Submitted by me and Certified as genuine and has not been cancelled" and put their full signature and date on the same.

**OIPR12002/11/0314/2526** **Sd./- Secretary**

**ODISHA PUBLIC SERVICE COMMISSION CUTTACK**

**NOTICE**

**No. 6449 / P.S.C., Dt. 10.09.2025**
**1E-03-2025/26 (DR-III)**

**Recruitment to the Posts of Assistant Soil Conservation Officer (Advertisement No.01 of 2024-25)**

**No.D-204** : In Continuation to this Office Notice No. 5558/PSC, Dt. 04.08.2025, it is for information of all qualified candidates that the **Document Verification and Viva Voce Test** for recruitment to the posts of **Assistant Soil Conservation Officer, Group-B** of Odisha Soil Conservation Service under Department of Agriculture & Farmers' Empowerment, pursuant to Advertisement No. 01 of 2024-25 will be held from **08.10.2025 to 10.10.2025** at the office of OPSC, 19, Dr. P.K. Parija Road, Cuttack-753001 as per programme detailed below.

**PROGRAMME OF DOCUMENT VERIFICATION & VIVA VOCE TEST**

| Date | Time of verification | Time of Viva Voce | ROLL NO. of candidates |
|---|---|---|---|
| 08.10.2025 | 08.30 A.M. | 10.30 A.M. | 100001, 100003, 100006, 100027, 100044, 100049, 100074, 100075, 100079, 100085, 100086, 100093, 100114, 100124, 100129, 100157, 100224, 100226, 100252, 100258, 100271, 100274, 100282, 100304. 100305, 100376, 100422, 100432, 100442, 100469, 100488, 100594, 100614, 100644, 100760 & 100825 **= 36 Candidates** |
| | 12.30 P.M. | 02.30 P.M. | 100931, 100950, 100961, 100972, 100988, 101027, 101060, 101077, 101095, 101113, 101154, 101157, 101186, 101225, 101261, 101297, 101309, 101321, 101345, 101393, 101412, 101453, 101463 & 101508 **= 24 Candidates** |
| 09.10.2025 | 08.30 A.M. | 10.30 A.M. | 101564, 101567, 101585, 101593, 101603, 101655, 101658, 101708, 101794, 101806, 101810, 101864, 101960, 102042, 102107, 102117, 102125, 102208, 102233, 102264, 102302, 102304, 102325, 102383, 102396, 102423, 102433, 102475, 102608, 102634, 102775, 102820, 102821, 102829, 102831, & 102870 **= 36 Candidates** |
| | 12.30 P.M. | 02.30 P.M. | 102883, 102913, 102943, 102951, 103034, 103094, 103137, 103145, 103148, 103149, 103155, 103180, 103207, 103237, 103261, 103270, 103283, 103294, 103310, 103346, 103365, 103376, 103384 & 103385 **= 24 Candidates** |
| 10.10.2025 | 08.30 A.M. | 10.30 A.M. | 103407, 103409, 103450, 103474, 103511, 103583, 103586, 103597, 103602, 103632, 103660, 103702, 103736, 103739, 200001, 200033, 200109, 200141, 200143, 200367, 200379, 200449, 200450, 200714, 200935, 200979, 201004, 201010, 201023, 201076, 201094, 201144, 201153, 201154, 201217 & 201246 **= 36 Candidates** |
| | 12.30 P.M. | 02.30 P.M. | 201253, 201336, 201462, 201530, 201549, 201565 & 201588 **= 07 Candidates** |

**N.B.** - The candidates are advised to report at the office of the Commission **30 minutes before** the commencement of Document Verification in each time slot allotted in the scheduled programme.

It is also made clear that the candidature of these candidates for the above recruitment is **purely provisional**. The candidature is liable to rejection in the event of inadequacy/ deficiency found at any stage before or after the verification of original certificates/documents and is subject to fulfillment of terms & conditions laid down in the Advertisement.

**The Candidates are required to submit the following original certificates along with a set of self-attested photocopy of the following documents at the time of verification (All the Certificates/ Documents should be issued within the last date of submission of Online Application i.e. 16.08.2024).**

1. Hard Copy of Online Application form mentioning **Roll No** at the **Top Right-hand Corner**. (Online Applications are available in the website of the Commission. The candidates are required to download the same using their respective e-mail ID/Phone Number and Password OTP etc through OPSC e-Chayan Portal via www.opscechayan.in)
2. Four (04) recent passport size photographs within **06 months** (Unsigned & Unattested) which has been uploaded with application form.
3. Matriculation Certificate in support of declaration of age.
4. Intermediate/ +2 Examination Certificate.
5. Bachelor's degree Certificate in Agriculture / Horticulture/ Forestry/ Agriculture Engineering issued from recognized University.
6. Mark Sheets in support of all the Examinations (H.S.C, +2 & Bachelor Degree) including fail marks, if any, issued by the concerned Board/Council/University.
7. Required Odia Test Pass Certificate from the competent authority.
8. Caste Certificate by birth in support of claim as SEBC/ST/SC whichever applicable. (which has been **uploaded** with online Application Form)
9. Permanent Disability Certificate (indicating percentage of permanent disability i.e. 40% and more)
10. Sports Certificate issued by Director of Sports, if any.
11. Ex-Servicemen claiming reservation are required to submit/upload Release Certificate issued as per Orissa Ex-Servicemen (recruitment to State Civil Services and Posts) Rules, 1985 vide G.A. Deptt. Notification No. 22586-Gen., dt.16.10.1985. Further, Ex-Servicemen candidates must submit an affidavit undertaking that he/she has not been appointed against any civil post after retirement from military service.
12. No Objection Certificate (in case of in-service candidates), wherever applicable.
13. Any proof of identity.
14. Any other documents as per Para-10 of the Advertisement.
15. Attestation form duly filled in by the candidate and signed by the Gazetted Officer (downloaded from the website of the OPSC)
16. Candidate Information Form (CIF)/ Biodata form duly filled in affixed with passport size photograph (downloaded from the website of the OPSC)

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date** on the same.

**OIPR-12002/11/0315/2526** **Sd./- Secretary**

**OFFICE OF THE SUPERINTENDING ENGINEER, R.W.S.&S. DIVISION, NUAPADA**
E-mail : eerwssnpd@rediffmail.com
**Govt. of Odisha "e" Procurement Notice**
**Bid Identification No. RWS&S_14/2025-26**

**No.O-746** : The Superintending Engineer, R.W.S & S Division, Nuapada on behalf of Governor of Odisha invites bids through e-procurement in single cover system in conformity with the terms & conditions of the detailed tender call notice (DTCN) from the Contractor registered with the Odisha State Govt. & Contractors of equivalent grade/class registered with Central Govt. / any other State Govt. / MES / Railway & Reputed Engineering firms having valid & up to date contractors registration certificate, GST clearance Certificate & PAN Card and possessing compatible Digital Signature Certificate as given in the DTCN to be eventually drawn up in the standard Percentage Rates (P1) contract form.

| | |
|---|---|
| Nature of Work | : Construction of Percolation well, Pump house & Pipe laying for different Ashram School & PWS under Nuapada Dist. |
| No. of Tender | : 03 (Three) nos. |
| Approx. Estimated Cost | : Rs.9.85 and 48.75 Lakhs |
| Period of completion | : 04 (Four) months |
| Tender Paper Cost | : Rs.6000/- |
| Class of Contractor | : Class 'D' to 'B' |
| Date and Time of availability of bid document in the portal | : 15.09.2025 at 10.00 A.M. |
| Last date / Time for receipt of bids in the portal | : 21.09.2025 up to 5.00 P.M. |
| Date of Opening of bid | : 22.09.2025 at 11.00 A.M. |

The bidders have to participate in online bidding only. Furtrher details can be seen from the website http://tendersorissa.gov.in

Sd./- (Er. P. Sahu)
Superintending Engineer,
RWSS Division, Nuapada
OIPR-25043/11/0009/2526

Government of Odisha
**Office of the Additional Chief Engineer-Cum-Electrical Inspector, Keonjhar**
DD College Road. Baniapat. Keonjhar
Phone No.06766-796141, Pin-758001. E-mail:eikeonjhar-od@od.gov.in
No. 550 Dt. 9.9.25

**SHORT TENDER NOTICE FOR OFFICE ACCOMMODATION**
**Tender Call Notice No.01/2025-26**

No. AA-25:- Sealed Tender in plain paper is invited from the interested House Owners of Keonjhar Municipal area to let out their house on rent for office Building of Additional Chief Engineer-Cum-Electrical Inspector, Keonjhar and its subordinate offices (approximately 3600 sq feet area) having at least 4 Nos. of rooms, one big hall and provision of 6 Nos. of Toilets with at least 3 Nos. of attached toilets, Water supply facility, Electricity supply, Parking and Garage facility etc. The approved plan of the building and copy of holding number shall also be attached with the tender.

Anticipated rent per month shall be quoted in the tender. The copy of the self attested ID proof with specimen signature on the body of the ID proof shall be attached to the tender.

The tender should reach this office within 07 days from the date of publication and the tender will open on the next day at 3PM. The undersigned reserves the right to accept or reject any or all tenders without assigning any reason thereof.

**Sd./- Additional Chief Engineer-Cum-Electrical Inspector, Keonjhar**
At- Gopinath Bhawan, Ward No.XIII
Baniapat, DD College Road, Keonjhar
OIPR-04073/11/0001/2526

**GOVERNMENT OF ODISHA** No.A-604
**DEPARTMENT OF WATER RESOURCES**
**'e' Procurement Notice No 03 (BGR) / 2025-26**

| | | |
|---|---|---|
| 1 | Name of work | Construction of Check Dam & Repair and Renovation of M.I.Ps |
| 2 | Total No. of work | 26 (Twenty-Six) |
| 3 | Estimated cost | **Rs.12.58 Lakhs to 99.96 Lakhs** |
| 4 | Period of completion | (05) Five calendar months |
| 5 | Date & time of availability of Bid Document in the portal | **10.00** hours of **12.09.2025** to **17.00** hours **21.09.2025** |
| 6 | Last date / Time for receipt of Bids in the Portal | **21.09.2025** up to **17.00 hours** |
| 7 | Date and place of opening of Technical Bid | **Dt.22.09.2025** at **10.00** Hours in the office of the Superintending Engineer, Minor Irrigation Division, Balangir |
| 8 | Date and place of opening of Financial Bid | **24.09.2025** |
| 9 | Date of lottery scheduled to be held (If required) | **26.09.2025** |
| 10 | Name and address of the O.I.T (Officer Inviting Tender) | Superintending Engineer, Minor Irrigation Division, Balangir |

Further details can be seen from the e-Procurement Portal **"https://tendersodisha.gov.in"**

Sd./- Superintending Engineer,
Minor Irrigation Division, Balangir
OIPR-32550/11/0007/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:..................................
ଜନ୍ମ ତାରିଖ: ..........................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ହୋଣ୍ଡାର ୨ ନୂଆ ବାଇକ୍‌ର ବଜାର ପ୍ରବେଶ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ଉଦଳା(ସନ୍ତୋଷ କୁମାର ବାଛିନୀ),୧୧।୯

ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ) ଓ ବାରିପଦାରେ ଅଲ୍-ନ୍ୟୁ ସିବି୧୨୫ ହର୍ନେଟ ଏବଂ ଶାଇନ୍ ୧୦୦ ଡିଏକ୍ସର ବଜାର ପ୍ରବେଶ କରିଛି। ଏନେଇ କମ୍ପାନୀ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ସେଲ୍ସ ମୁଖ୍ୟ ରାଜେଶ ଚୌଧୁରୀ ଓ କ୍ଷେତ୍ର ପରିଚାଳକ ଜୟଦୀପ ସାହା, ବାରିପଦା ସନ୍ ହୋଣ୍ଡା ଶୋ'ରୁମ୍‌ର ସ୍ୱତ୍ୱାଧିକାରୀ ସ୍ୱଜନ ଅଗ୍ରୱାଲା ଓ ତାଙ୍କର ୩ ପୁଅ ଅରୁଣ, ଅନେଶ ଓ ଦୀନେଶଙ୍କ ସହିତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଲଞ୍ଚ ହୋଇଥିବା ଅଲ୍-ନ୍ୟୁ ହୋଣ୍ଡା ସିବି୧୨୫ ହର୍ନେଟ୍‌ର ମୂଲ୍ୟ ୧,୧୨,୦୦୦ ଟଙ୍କା (ସ୍ୱତନ୍ତ୍ର ଶୁଭାରମ୍ଭ ମୂଲ୍ୟ) ରଖାଯାଇଥିବା ବେଳେ ଶାଇନ୍ ୧୦୦ ଡିଏକ୍ସ ମୂଲ୍ୟ ୭୬,୮୦୯ ଟଙ୍କା ଏକ୍ସ-ଶୋ'ରୁମ୍ ରଖାଯାଇଛି। ପରବର୍ତ୍ତୀ ପିଢ଼ିର ଚାଳକମାନଙ୍କୁ ଲକ୍ଷ୍ୟ ରଖି ଏହି ୨ ବାଇକ୍ ନିର୍ମାଣ କରାଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ସେହିପରି ଉଦଳାସ୍ଥିତ ସାଇ ହୋଣ୍ଡା ଶୋ'ରୁମ୍‌ରେ ଗୁରୁବାର ହୋଣ୍ଡା ସାଇନ୍ ୧୦୦ ଏକ୍ସ ବାଇକ୍ ଲଞ୍ଚ ହୋଇଛି। ଏହି କାର୍ଯ୍ୟକ୍ରମରେ ବାରିପଦା ସନ୍‌ହୋଣ୍ଡାର ମ୍ୟାନେଜିଂ ଡାଇରେକ୍ଟର ଅନିଶ ଅଗ୍ରୱାଲ, ସେଲ୍ସ ଜୋନାଲ ଅଫିସର ରାଜେଶ ଚୌଧୁରୀ, ସେଲ୍ସ ଇନ୍‌ଚାର୍ଜ ଜୟଦୀପ ଶାହା, ଉଦଳା ହୋଣ୍ଡା ଶୋ'ରୁମ୍ ଓନର ରଜତ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ହୋଣ୍ଡା ସିବି୧୨୫ ହର୍ନେଟ୍‌ରେ ଦମ୍‌ଦାର ଷ୍ଟ୍ରିଟ୍-ଷ୍ଟାଇଲ ଡିଜାଇନ ରହିଛି ଏବଂ ଏହା ଚାରିଟି ଆକର୍ଷଣୀୟ ରଙ୍ଗରେ ଉପଲବ୍ଧ ହେଉଛି। ଏଥିରେ ଏହି ଶ୍ରେଣୀରେ ପ୍ରଥମ ଗୋଲ୍ଡେନ ୟୁଏସ୍‌ଡି ସମ୍ମୁଖ ଫର୍କ, ଅଲ୍-ଏଲ୍‌ଇଡି ଲାଇଟିଂ ବ୍ୟବସ୍ଥା ଏବଂ ପ୍ରତିବନ୍ଧକଶୂନ୍ୟ ଦିଗ ନିର୍ଣ୍ଣୟ, କଲ୍ ଏବଂ ଏସ୍‌ଏମ୍‌ଏସ୍ ଆଲର୍ଟ ନିମନ୍ତେ ବ୍ଲୁଟୁଥ୍ ସମର୍ଥିତ ହୋଣ୍ଡା ରୋଡ୍ସିଙ୍କ ସହିତ ଏକ ୪.୨ ଇଞ୍ଚ ଟିଏଫ୍‌ଟି ଡିସ୍‌ପ୍ଲେ ରହିଛି।


ବାରିପଦାଠାରେ ବଜାର ପ୍ରବେଶ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।


ଉଦଳା ସାଇ ହୋଣ୍ଡା ଶୋ'ରୁମ୍‌ଠାରେ ଉପସ୍ଥିତ ଅତିଥିମାନେ।

# ଜିନ୍ଦଲ ଷ୍ଟେନ୍‌ଲେସ୍‌ର ଲକ୍ଷ୍ମୀ ମୁର୍ମୁ ପୁରସ୍କୃତ



ଭୁବନେଶ୍ୱର,୧୧।୯

ଇଣ୍ଡିଆନ ଷ୍ଟିଲ୍ ଆସୋସିଏଶନ (ଆଇଏସ୍‌ଏ) ପକ୍ଷରୁ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ଯାଜପୁର ପ୍ଲାଣ୍ଟର ଲକ୍ଷ୍ମୀ ମୁର୍ମୁଙ୍କୁ ପ୍ରତିଷ୍ଠିତ ଜେଣ୍ଡର ଡାଇଭର୍ସିଟି ପୁରସ୍କାର ୨୦୨୫ ପ୍ରଦାନ କରାଯାଇଛି। ନିକଟରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଆଇଏସ୍‌ଏ ଷ୍ଟିଲ୍ କନ୍‌କ୍ଲେଭର ଷଷ୍ଠ ସଂସ୍କରଣର ଉଦ୍‌ଘାଟନୀ ଅଧିବେଶନରେ କେନ୍ଦ୍ର ଭାରିଶିଳ୍ପ ଏବଂ ଇସ୍ପାତ ରାଷ୍ଟ୍ରମନ୍ତ୍ରୀ ଭୂପତି ରାଜୁ ଶ୍ରୀନିବାସ ବର୍ମା ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଲକ୍ଷ୍ମୀ ତାଙ୍କର ନେତୃତ୍ୱ, ସମାବେଶୀ ଭାବଧାରା ଏବଂ ମାନୁଫ୍ୟାକ୍ଚରିଂ ପ୍ଲାଣ୍ଟରେ ସମାନ କାର୍ଯ୍ୟସ୍ଥଳ ଗଢ଼ିବାରେ ଅବଦାନ ପାଇଁ ସମ୍ମାନିତ କରାଯାଇଛି। ସେ ଗତ ୭ ବର୍ଷ ଧରି ଭାରତର ସର୍ବବୃହତ୍ ଷ୍ଟେନ୍‌ଲେସ୍ ଷ୍ଟିଲ୍ ନିର୍ମାତା ଜିନ୍ଦଲ ଷ୍ଟେନ୍‌ଲେସ୍ ସହ କାମ କରୁଛନ୍ତି। ତାଙ୍କର ଦୃଢ଼ ମନୋବଳ ଏବଂ ଶିଖିବା ଦିଗରେ ପ୍ରତିବଦ୍ଧତା ଯୋଗୁ ସେ ଏକ୍ସାଭେଟର, ଜେସିବି, କ୍ରେନ୍ ଏବଂ ଫୋର୍କଲିଫ୍ଟ ଭଳି ଭାରି ଯନ୍ତ୍ରପାତି ପରିଚାଳନା କରିପାରୁଛନ୍ତି। ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଏହି ପୁରସ୍କାର ଲକ୍ଷ୍ମୀଙ୍କ ଅଧ୍ୟବସାୟ, ଦୃଢ଼ତା ଏବଂ ପ୍ରତିବଦ୍ଧତାକୁ ଦର୍ଶାଉଛି। ଜିନ୍ଦଲ ଷ୍ଟେନ୍‌ଲେସ୍‌ରେ ଆମେ ଏକ ପ୍ରଗତିଶୀଳ କର୍ମକ୍ଷେତ୍ର ନିର୍ମାଣ ପାଇଁ ପ୍ରତିବଦ୍ଧ ଯେଉଁଠାରେ ବିବିଧତା ଏବଂ ସମାନତା କେବଳ ଆଦର୍ଶ ନୁହେଁ, ବରଂ ବାସ୍ତବରେ କାର୍ଯ୍ୟକାରୀ ହେଉଛି। ସୂଚନାଯୋଗ୍ୟ, ୨୦୨୩ରେ ମିନୁ ମହନ୍ତ ଏବଂ ୨୦୨୪ରେ ସାଗରିକା ଆଇଏସ୍‌ଏ କାର୍ଯ୍ୟକ୍ରମରେ ସମ୍ମାନିତ ହୋଇଥିଲେ।


VIKRAMA SIMHAPURI UNIVERSITY, Andra Pradesh
YOGI VEMANA UNIVERSITY, Andra Pradesh
Equivalent to Utkal & FM University
**B.Ed.** Regular (2025-27)
₹80,000/-
Total Course Fee
Counselling Centre - Odisha
Khan Nagar, Badambadi, Cuttack-12
7749063161
9439857522


## ଅରୁନ୍ଧତୀ ଜୁଏଲର୍ସର ଆନିଭରସାରି ସ୍ପେଶିଆଲ ଅଫର୍

ଭୁବନେଶ୍ୱର,୧୧।୯

ଅରୁନ୍ଧତୀ ଜୁଏଲର୍ସ ପୁରୀ ଶାଖା ପକ୍ଷରୁ ପ୍ରଥମ ବାର୍ଷିକୀ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ଆନିଭରସାରି ସ୍ପେଶିଆଲ ଅଫର୍ ମାଧ୍ୟମରେ ୫୧ ଜଣ ଲକ୍ଷପତି ହେବାର ସୁଯୋଗ ରହିଛି। ସୁନା ଗହଣାର ଗଢ଼ା ମଜୁରିରେ ୫୦% ରିହାତି ସହ ପ୍ରତ୍ୟେକ କ୍ରୟରେ ନିଶ୍ଚିତ ଉପହାର ଦିଆଯାଉଛି। ଆଡଭାନ୍ସ ବୁକିଙ୍ଗରେ ସର୍ବନିମ୍ନ ଦରରେ ସୁନାକ୍ରୟ ଏବଂ 'ପେ ଜିରୋ ଫର୍ ଇଜି ଜୁଏଲେରି ପରଚେଜ୍ ପ୍ଲାନ୍'ରେ ହୀରା ଗହଣା କ୍ରୟରେ ମାଗଣା ସ୍ୱର୍ଣ୍ଣମୁଦ୍ରା ପ୍ରଦାନ କରାଯାଉଛି। ଅରୁନ୍ଧତୀ ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେର କହିଛନ୍ତି, ଆଗାମୀ ଦିନରେ ଅରୁନ୍ଧତୀ ଅନେକ ଆକର୍ଷଣୀୟ ଡିଜାଇନ ଓ ଅଫର ନେଇ ଗ୍ରାହକବନ୍ଧୁଙ୍କ ପ୍ରତ୍ୟେକ ଖୁସିରେ ନିଜକୁ ସାମିଲ କରିବ।

# ଭିଆଇଏମ୍‌ଏସ୍ ହେଲା ବେଲ୍ଲାରି ମେଡିକାଲ କଲେଜ

## ଏନ୍‌ଏମ୍‌ଡିସିର ୮.୩୩ କୋଟି ଟଙ୍କାର ସହାୟତା ପ୍ରଦାନ



ଭୁବନେଶ୍ୱର,୧୧।୯

କର୍ନାଟକର ବେଲ୍ଲାରିରେ ଥିବା ଭିଆଇଏମ୍‌ଏସ୍ ବର୍ତ୍ତମାନ ବେଲ୍ଲାରି ମେଡିକାଲ କଲେଜ ଓ ରିସର୍ଚ୍ଚ ସେଣ୍ଟରରେ ପରିବର୍ତ୍ତନ ହୋଇଛି। ଏହା ଏବେ ଏକ ସୁପର-ସ୍ପେସିଆଲିଟି ସରକାରୀ ହସ୍ପିଟାଲ ଭାବେ ବଲ୍ଲାରୀ ସହ ପାଖାପାଖି ଜିଲା ସମେତ ଆନ୍ଧ୍ରପ୍ରଦେଶର କିଛି ଅଞ୍ଚଳକୁ ସ୍ୱାସ୍ଥ୍ୟ ସେବା ପ୍ରଦାନରେ ସହାୟକ ହେବ। ଏନ୍‌ଏମ୍‌ଡିସିର ସିଏସ୍‌ଆର ମାଧ୍ୟମରେ ୮.୩୩ କୋଟି ଟଙ୍କାର ସହାୟତା ହସ୍ପିଟାଲରେ ଆଇସିୟୁ ଭେଣ୍ଟିଲେଟର, ନବଜାତକ ପାଇଁ ବବଲ ସିପିଏପି, ପେଡିଆଟ୍ରିକ୍ ବାଇପାପ, ଏଚଡି ଲାପାରୋସ୍କୋପ, ଇଆରସିପି ସ୍କୋପ ଓ ଲେଜର ସିଷ୍ଟମ ଭଳି ଅତ୍ୟାଧୁନିକ ଉପକରଣ ଯୋଗାଇଛି। ନୂତନ ଅପରେଟିଂ ଟେବୁଲ ଓ ଏଲଇଡି ଲାଇଟ ଅସ୍ତ୍ରୋପଚାରରେ ନିରାପତ୍ତା ବୃଦ୍ଧି କରିଛି। ଭିଆଇଏମ୍‌ଏସ୍‌ର ନିର୍ଦ୍ଦେଶକ ଡାକ୍ତର ଟି ଗଙ୍ଗାଧର ଗୌଡ଼ା କହିଛନ୍ତି, ଏହି ଉପକରଣ ସହାୟତାରେ ଅଧିକ ରୋଗୀଙ୍କୁ ସେବା ଦେଇ ପାରୁଛୁ। ବାୟୋମେଡିକାଲ ଇଞ୍ଜିନିୟର ଶାନ୍ତମୂର୍ତ୍ତି କହିଛନ୍ତି, ଜଟିଳ ଅସ୍ତ୍ରୋପଚାର ପାଇଁ ଆମେ ଏବେ ଅଧିକ ପ୍ରସ୍ତୁତ। ଏନ୍‌ଏମ୍‌ଡିସିର ସିଏମ୍‌ଡି ଅମିତାଭ ମୁଖାର୍ଜୀ କହିଛନ୍ତି, ସୁସ୍ଥ ସମୁଦାୟ ହିଁ ରାଷ୍ଟ୍ର ନିର୍ମାଣର ଆଧାର। ବେଲ୍ଲାରି ମେଡିକାଲ କଲେଜକୁ ସହାୟତା ଆମର ଦାୟିତ୍ୱ।

# ପଞ୍ଜାବରେ ବନ୍ୟା ପ୍ରଭାବିତଙ୍କୁ ରିଲାଏନ୍ସର ସହାୟତା



ଭୁବନେଶ୍ୱର,୧୧।୯

ପଞ୍ଜାବରେ ବନ୍ୟା ପରେ ରିଲାଏନ୍ସ ଫାଉଣ୍ଡେଶନ, ବନ୍ତାରା, ରିଲାଏନ୍ସ ରିଟେଲ ଓ ଜିଓ ପକ୍ଷରୁ ମିଳିତ ସହାୟତା ଅଭିଯାନ ଜାରି ରହିଛି। ଅମୃତସର ଓ ସୁଲତାନପୁର ଲୋଧିର କ୍ଷତିଗ୍ରସ୍ତ ଗାଁରେ ପ୍ରଶାସନ ଓ ପଞ୍ଚାୟତ ସହ ମିଳିତ ଭାବେ ଆବଶ୍ୟକ ସହାୟତା ପ୍ରଦାନ କରାଯାଉଛି। ଏନେଇ ରିଲାଏନ୍ସ ଫାଉଣ୍ଡେଶନର ନିର୍ଦ୍ଦେଶକ ଅନନ୍ତ ଅମ୍ବାନୀ କହିଛନ୍ତି, ପଞ୍ଜାବର ଦୁଃଖ ଆମକୁ ବ୍ୟଥିତ କରିଛି। ରିଲାଏନ୍ସ ପରିବାର ଖାଦ୍ୟ, ପାଣି, ଆଶ୍ରୟ ଓ ପଶୁ ଯତ୍ନ ପାଇଁ ଲୋକଙ୍କ ସାଙ୍ଗରେ ଅଛି। ୧୦ ହଜାର ପରିବାରଙ୍କ ପାଇଁ ଶୁଖିଲା ଖାଦ୍ୟ, ୧ ହଜାର ପ୍ରଭାବିତ ପରିବାରଙ୍କ ପାଇଁ ୫,୦୦୦ ଟଙ୍କାର ଭାଉଚର, ଜଳ ଫିଲ୍ଟର, ଆଶ୍ରୟ କିଟ୍, ସାନିଟେଶନ କିଟ୍, ପଶୁ ଚିକିତ୍ସା ଓ ବନ୍ୟଜନ୍ତୁ ଉଦ୍ଧାର ସହାୟତା ଜାରି ରହିଛି। ଜିଓ ନେଟ୍‌ୱର୍କ ପୁନଃ ସ୍ଥାପନ ଓ ରିଟେଲ ଟିମ୍ ୨୧ଟି ଜରୁରୀ ସାମଗ୍ରୀର କିଟ୍ ବଣ୍ଟନ କରୁଛି। ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ବନ୍ୟା ଜଳ ଦ୍ୱାରା ବ୍ୟାପୁଥିବା ରୋଗର ମୁକାବିଲା ପାଇଁ ପ୍ରସ୍ତୁତି କରାଯାଉଛି। ରିଲାଏନ୍ସ ଫାଉଣ୍ଡେଶନ ଏବଂ ବନ୍ତାରା ସାହାଯ୍ୟରେ ଜୀବଜନ୍ତୁଙ୍କ ପାଇଁ ମେଡିସିନ, ଟିକା, ଖାଦ୍ୟ ପ୍ରଦାନ କରାଯାଉଛି। ଏଥିପାଇଁ ବନ୍ତାରାର ୫୦ରୁ ଅଧିକ ସଦସ୍ୟ ନିୟୋଜିତ ଅଛନ୍ତି।

# ପୂର୍ବତଟ ରେଳପଥର ବିକ୍ରେତା ବିକାଶ ବୈଠକ

ଭୁବନେଶ୍ୱର,୧୧।୯

ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ଅଧୀନ କଟକର ଏମ୍‌ଏସ୍‌ଏମ୍‌ଇ ବିକାଶ ଏବଂ ସୁବିଧା କାର୍ଯ୍ୟାଳୟ (ଏମ୍‌ଏସ୍‌ଏମ୍‌ଇ-ଡିଏଫ୍‌ଓ) ସହ ସମନ୍ୱୟରେ ପୂର୍ବତଟ ରେଳପଥ ପକ୍ଷରୁ ଏକ ବିକ୍ରେତା ବିକାଶ ବୈଠକ- ୨୦୨୫ ଅନୁଷ୍ଠିତ ହୋଇଯାଇଛି। ରେଳ କ୍ରୟରେ ଅଣୁ ଏବଂ କ୍ଷୁଦ୍ର ଉଦ୍ୟୋଗର ଅଧିକ ଅଂଶଗ୍ରହଣକୁ ଉତ୍ସାହିତ କରିବା, ସରକାରୀ ନୀତି ବିଷୟରେ ସଚେତନତା ପ୍ରସାର କରିବା ଏବଂ ବିକ୍ରେତା-ରେଳ ପାରସ୍ପରିକ କ୍ରିୟାକୁ ସୁଦୃଢ଼ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା। ବୈଠକରେ ଏମ୍‌ଏସ୍‌ଏମ୍‌ଇ-ଡିଏଫ୍‌ଓର ଯୁଗ୍ମ ନିର୍ଦ୍ଦେଶକ ଏବଂ କାର୍ଯ୍ୟାଳୟ ମୁଖ୍ୟ ପି.କେ. ଗୁପ୍ତା ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ବକ୍ତାମାନଙ୍କ ମଧ୍ୟରେ ପୂର୍ବତଟ ରେଳପଥର ପ୍ରମୁଖ ମୁଖ୍ୟ ସାମଗ୍ରୀ ପରିଚାଳକ ପ୍ରେମ ନାରାୟଣ, ଗିରିଜା ଶଙ୍କର ଦାଶ, ଆଲୋକ ସିଂହ ଏବଂ ପୁରୁଷୋତ୍ତମ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ, ଯେଉଁମାନେ କ୍ରୟନୀତି, ଟେଣ୍ଡରିଂ ପ୍ରକ୍ରିୟା, ଡିଜିଟାଲ ପୋର୍ଟାଲ, ବିକ୍ରେତା ଅଭିବୃଦ୍ଧି କ୍ଷେତ୍ର ଆଦି ବିଷୟରେ ଆଲୋଚନା କରିଥିଲେ। ବୈଠକରେ ୬୧ ଜଣ ବିକ୍ରେତା ଅଂଶଗ୍ରହଣ କରିଥିଲେ, ଯେଉଁଥିରେ ୩୮ଟି ଅଣୁ ଏବଂ ୧୭ଟି କ୍ଷୁଦ୍ର ଉଦ୍ୟୋଗ ଅନ୍ତର୍ଭୁକ୍ତ। ଏଥିରେ ୧୯ଟି ମହିଳା ମାଲିକାନା ଏବଂ ୩ଟି ଅନୁସୂଚିତ ଜାତି ମାଲିକାନା ଉଦ୍ୟୋଗ ଅନ୍ତର୍ଭୁକ୍ତ। ବୈଠକରେ ରେଳପଥ କ୍ରୟନୀତି ଏବଂ ପ୍ରକ୍ରିୟା ଉପରେ ଅଭିମୁଖୀକରଣ ଦିଗରେ ଆଲୋଚନା ହୋଇଥିଲା। ଏମ୍‌ଏସ୍‌ଇଗୁଡ଼ିକରୁ କ୍ରୟ ପାଇଁ ସ୍ୱତନ୍ତ୍ର ଭାବରେ ୩୫୮ ଟି ଜିନିଷ ସ୍ଥିର କରାଯାଇଛି।


# Classified Everyday
0674-2580101, 9692975378


REAL ESTATE
SALE

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ New ODM Global School-2 ଏବଂ KIIT କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ investment ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। 9692276835, 7077632085. D-1698

Ready to move 1/2BHK flat for sale @18/24lakh at Gudiapokhari Bhubaneswar. Call-9827439338. D-1803

ସିନ୍ଧିଆ High School ନିକଟ ଆଙ୍ଗୁଳାରେ Farmhouse, Cultivation, Business ପାଇଁ ଉପଯୁକ୍ତ land ସୁଲଭ ମୂଲ୍ୟରେ ଉପଲବ୍ଧ, ଯାହା ବାଲେଶ୍ୱର Railway Station ଠାରୁ 10 K.M. Direct owner. Contact- 7978551614, 9439049194. D-1873

2047sqft. commercial (NH-57) boundarywall land sale at Pitapalli, Bhubaneswar-7008634668. D-1877

ଉତ୍ତରା ନିକଟ ଗୁଡ଼ିଆପୋଖରୀ ଛକ ଠାରୁ 1.5KM ଓ 2.5.KM ଦୂରତାରେ 1750sqft. ବାଉଣ୍ଡରୀ ସହ ଘରବାଡ଼ି plot ବିକ୍ରୟ ହେବ। 1460/- ଓ 1660/-. 7978551614. D-1872

ଭୁବନେଶ୍ୱର ନଖରାଛକରୁ 9 K.M. ଦୂରରେ ଘରବାରି ପ୍ଲଟ 8,40,000/- ରେ ମିଳୁଛି। 8093465134. D-1923

ଭୁବନେଶ୍ୱର ପିତାପଲ୍ଲିଛକ NH sideରେ immediate ଘରବାଲା ଭଳି ପ୍ଲଟ୍ Boundary, ଇଲେକ୍ଟ୍ରିସିଟି, ରାସ୍ତା ଥାଇ ବିକ୍ରିହେବ- 9337166296. D-1941




The massage felt totally professional! & comfortable at all times- 7978109255. D-76492

## LOST

I, Sourav Dutta , residing Belpahar, Jharsuguda declearing this affidavit swears that my 10th Matriculation Certificate is completely eaten by white ants which was kept in wooden box and I want to reissue my certificate. D-1950


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## AFFIDAVIT

By this affidavit sworn before the Executive Magistrate, Jharsuguda No.4730, date- 08.09.25, I, Vikash Yadav, R/o. Dipupada, P.O./P.S./ Dist.- Jharsuguda, Odisha declare that my name has been wrongly mentioned as Bikash Yadav in my daughter Somya Yadav birth certificate. In order to correct the Birth Certificate henceforth, I shall be known as Vikash Yadav for all purposes. D-1949

By virtue of an affidavit CF No.- 52 sworn before Executive Magistrate, in Bhubaneswar, dated- 10.09.25, I, Rijwana Begum, W/o- Sk Siraj Uddin, Plot No.- 610, Lane No.- 11, Palashpalli, Bhimapur, Aerodrome area, Bhubaneswar, Dist.- Khordha, PIN Code- 751020, declare that I have changed the name of my son from Shakh Sohel Raza to Shaikh Sohel Raza. Henceforth, he shall be known as Shaikh Sohel Raza for all purposes. D-1954

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Before Executive Magistrate, Jagannathprasad, Ganjam, I, Janaki Behera (35), W/o- Saroj Behera, Vill/P.O.- Panchabhuti, P.S.- Jagannathprasad, with affidavit No.- MC No.- 133/ 10.09.25 that my son's actual name is Siba Behera, S/o- Saroj Behera but in Aadhaar Card wrongly written as Raja Behera, both Raja Behera and Siba Behera one and same person. Henceforth he shall be known as Siba Behera, S/o- Saroj Behera in future and other needful. D-1955

Before the Executive Magistrate, Berhampur, Dist.- Ganjam on dated 10.09.2025, I Sradhanjali Bishoyi, D/o- Subhash Chandra Bishoyi, aged about 38 years, residing at Neelakantha Nagar, P.S.- B. Sadar, Dist.- Ganjam, PIN-761003, Aadhaar No.- 718138925779. I am the mother of my minor son Sahil Sahu and has changed my minor son name to Anvit Kumar vide affidavit. Henceforth, My minor son Sahil Sahu shall be known as Anvit Kumar for all future purpose. D-1951

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

# ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଦେବଦତ୍ତ ଭଞ୍ଜ**
ବେଣୁପୁର (ମଝିଗଡ଼), ବାଲିଅନ୍ତା
ଆବିର୍ଭାବ: ୨୨।୦୫।୧୯୫୫
ତିରୋଧାନ: ୦୨।୦୯।୨୦୨୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାର ଓ ଆତ୍ମୀୟସ୍ୱଜନ
ଧ-୭୧୨୪୧

### ତୃତୀୟ ଶ୍ରାଦ୍ଧବାର୍ଷିକୀ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି



**୰ଅପରାଜିତା ମହାପାତ୍ର**
ଲୁଇସ୍ ରୋଡ୍, ଭୁବନେଶ୍ୱର
ଆବିର୍ଭାବ: ୧୩।୦୭।୧୯୫୭
ତିରୋଧାନ: ୧୨।୦୯।୨୦୨୨
ତୁମେ ଏହି ସଂସାର ଛାଡ଼ି ଯିବାର ତିନି ବର୍ଷ ବିତିଗଲା, ତେବେ ତୁମେ ଆମମାନଙ୍କର ହୃଦୟରେ ରହିଅଛ। ମନେ ହୁଏ ତୁମେ ଆମ ସାଙ୍ଗରେ ଘରେ ଅଛ ତିର୍ଥସ୍ଥାନ ତଥା ଭ୍ରମଣରେ ଯାଇଛ ଓ ଶୀଘ୍ର ଫେରିଆସିବ, ତୁମର ଆଦର୍ଶ, ଭଗବତ୍ ବିଶ୍ୱାସ, ପରୋପକାରୀ, କଷ୍ଟ ସହିଷ୍ଣୁତା ଓ ଆତ୍ମ ସ୍ୱାଭିମାନ ଗୁଣ ଗୁଡ଼ିକ ଆମକୁ ପ୍ରେରଣା ଦେଉଥାଉ। ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛୁ ତୁମର ଅମର ଆତ୍ମା ସୁଖ ଓ ଶାନ୍ତିରେ ଥାଉ।
ଶୋକସନ୍ତପ୍ତ: ପରିବାର ବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ ।
ଧ-୭୬୦୭୭

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ମାଳତୀ ମଞ୍ଜରୀ ସେନାପତି**
(ସ୍ୱାମୀ- ସ୍ୱର୍ଗତ କୈଳାସ ଚନ୍ଦ୍ର ସେନାପତି)
ଖଣ୍ଡାସାହି (ଓସ୍ତପୁର), କାକଟପୁର
ବୋଉ, ଚାହୁଁ ଚାହୁଁ ବର୍ଷେ ବିତିଗଲା। ଅନ୍ଧାରରେ ଅଣ୍ଡାଳି ହେଲା ଭଳି ଏ ବର୍ଷଟା ଆମର କଟିଛି। ତୁ ଥିଲୁ ଆମ ପାଇଁ ଆଦର୍ଶ, ପ୍ରେରଣା ବଞ୍ଚିବାର ମାଧ୍ୟମ ଏବଂ ସବୁ ପ୍ରଶ୍ନର ଉତ୍ତର। ତୋ ବିନା ଆମ ପାଇଁ ସବୁକିଛି ନିରସ, ନିସ୍ତବ୍ଧ ଓ ନିସ୍ପୃହ । ତଥାପି ତୋ ସ୍ନେହଭରା ଅମୂଲ୍ୟ ଆଶୀର୍ବାଦ ସାହାରାରେ ଆଗକୁ ଯିବାର ପ୍ରୟାସ କରୁଛୁ । ତୋର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଆମର ବିନମ୍ର ପ୍ରାର୍ଥନା।
ତୋର ହତଭାଗ୍ୟ ପୁତ୍ରଦ୍ୱୟ- ଜିତେନ୍ଦ୍ର (ବାବୁନି), ବୀରେନ୍ଦ୍ର (ଗୌରୀ) ଓ ପରିବାରବର୍ଗ
ଧ-୭୬୦୭୫

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**୰ଉଷାରାଣୀ ମହାନ୍ତି**
ସ୍ୱା- ୰ ପ୍ରଦୀପ ଚନ୍ଦ୍ର ମହାନ୍ତି
ଜଗନ୍ନାଥପୁର, କଲେଜ ଛକ, ଭଦ୍ରକ
ଆବିର୍ଭାବ: ୦୧।୦୧।୧୯୫୦
ତିରୋଧାନ: ୧୨।୦୯।୨୦୨୪
ଆପଣଙ୍କ ଅମର ଆତ୍ମା ଶାନ୍ତି ସଦ୍‌ଗତି ଲାଭ କରୁ ଏହାହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା ।
ଶୋକସନ୍ତପ୍ତ: ପୁତ୍ର- ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତିନାତୁଣୀ, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ ।
ଧ-୧୯୫୨

# ପୁଣି ଭେନସ

**ଅନ୍ତର୍ଜାତୀୟ ସ୍ତରରେ ଅନ୍ୟତମ ଚର୍ଚ୍ଚିତ ମହିଳା ଖେଳାଳି ଭେନସ ୱିଲିୟମ୍ସ ୪୫ ବର୍ଷରେ ଟେନିସ କୋର୍ଟକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ୧୯୮୧ରେ ରିନି ରିଚାର୍ଡ୍ସ ୪୭ ବର୍ଷରେ ୟୁଏସ୍ ଓପନ ଖେଳିଥିଲେ। ତେଣୁ ଭେନସ ଦ୍ୱିତୀୟ ବୟସ୍କା ଖେଳାଳି ଭାବେ ନ୍ୟୁୟର୍କ ଟୁର୍ନାମେଣ୍ଟରେ ଅବତୀର୍ଣ୍ଣ ହୋଇଥିଲେ। ସେ ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସର ପ୍ରଥମ ରାଉଣ୍ଡ ଏବଂ ଡବଲ୍ସର କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଛନ୍ତି। ଗତ ଦୁଇବର୍ଷ ମଧ୍ୟରେ ଏହାଥିଲା ତାଙ୍କର ପ୍ରଥମ ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତା...**

ଅନ୍ତର୍ଜାତୀୟ ଟେନିସରେ ଅନ୍ୟତମ ଚର୍ଚ୍ଚିତ ମହିଳା ଖେଳାଳି ଭେନସ ୱିଲିୟମ୍ସ ୪୫ ବର୍ଷରେ ଟେନିସ କୋର୍ଟକୁ ଫେରିଛନ୍ତି। ୨୦୨୫ ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସର ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ଏବଂ ଡବଲ୍ସ କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଛନ୍ତି। କାନାଡ଼ିଆନ ଲୈଲା ଫର୍ନାଣ୍ଡେଜ ଥିଲେ ତାଙ୍କ ଡବଲ୍ସ ପାର୍ଟନର। ଗତ ଦୁଇବର୍ଷ ମଧ୍ୟରେ ଏହାଥିଲା ତାଙ୍କ ପ୍ରଥମ ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତା। ୟୁଏସ୍ ଟେନିସ ଆସୋସିଏଶନ ପକ୍ଷରୁ ତାଙ୍କୁ ମହିଳା ସିଙ୍ଗଲ୍ସରେ ୱାଇଲ୍ଡ କାର୍ଡ ଏଣ୍ଟ୍ରି ମିଳିଥିଲା। ମାତ୍ର ସେ ପ୍ରଥମ ରାଉଣ୍ଡରେ ୧୧ଶ ସିଡ୍ କାରୋଲିନା ମୁଚୋଭାଙ୍କଠାରୁ ହାରି ଯାଇଥିଲେ। ୧୯୮୧ରେ ରିନି ରିଚାର୍ଡ୍ସ ୪୭ ବର୍ଷରେ ୟୁଏସ୍ ଓପନ ଖେଳିଥିଲେ। ତେଣୁ ଭେନସ ଦ୍ୱିତୀୟ ବୟସ୍କା ଖେଳାଳିଭାବେ ନ୍ୟୁୟର୍କ ଟୁର୍ନାମେଣ୍ଟରେ ଅବତୀର୍ଣ୍ଣ ହୋଇଥିଲେ। ଟେନିସ କୋର୍ଟକୁ ପ୍ରତ୍ୟାବର୍ତ୍ତନ ପଥରେ ୟୁଏସ୍ ଓପନରେ ଭେନସ ନିଜ ଭାଗ୍ୟ ପରୀକ୍ଷା କରିବା ପୂର୍ବରୁ ତାଙ୍କ କ୍ୟାରିୟର ଉପରେ ଆଲୋକପାତ କରାଯାଇପାରେ। ଭେନସ ମହିଳା ସିଙ୍ଗଲ୍ସରେ ୭ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଛନ୍ତି। ସାନ ଭଉଣୀ ସେରେନାଙ୍କୁ ସାଥିକରି ସେ ମହିଳା ଡବଲ୍ସରେ ୧୪ ଥର ଚାମ୍ପିୟନ ହୋଇଛନ୍ତି। ଏହା ବ୍ୟତୀତ ସେ ୨ ଥର ମିକ୍ସଡ ଡବଲ୍ସ ଏବଂ ଅଲିମ୍ପିକ୍ସରେ ୫ ଥର ପଦକ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି।



**ଟାଇମ୍ ଲାଇନ୍**

✲ ଭେନସ ୧୯୯୪ରେ ପ୍ରୋ ଟେନିସରେ ପଦାର୍ପଣ କଲେ।

✲ ୧୯୮୦ ଜୁନ୍ ୧୭ରେ କାଲିଫର୍ନିଆର ଲିନ୍‌ଉଡ୍‌ଠାରେ ତାଙ୍କର ଜନ୍ମ। ୧୯୯୪ରେ ମାତ୍ର ୧୪ ବର୍ଷରେ ସେ ଓକ୍‌ଲାଣ୍ଡରେ ଜୀବନର ପ୍ରଥମ ଡବ୍ଲ୍ୟୁଟିଏ ଟୁର୍ନାମେଣ୍ଟ ଖେଳିଲେ। ୧୯୮୮ରେ ଏନ୍‌ସିସି ଏଏ ସିଙ୍ଗଲ୍ସ ଚାମ୍ପିୟନ ଶନ୍ ଷ୍ଟାଫୋର୍ଡଙ୍କୁ ପ୍ରଥମ ରାଉଣ୍ଡରେ ଭେଟିଥିଲେ ଭେନସ। ଏଥିରେ ବିଜୟୀ ହୋଇଥିଲେ ମଧ୍ୟ ଦ୍ୱିତୀୟ ରାଉଣ୍ଡରେ ଆରାଞ୍ଚା ସାଞ୍ଚେଜ ଭିକାରିଓଙ୍କଠାରୁ ହାରି ଯାଇଥିଲେ।

✲ ୧୯୯୭ରେ ଫ୍ରେଞ୍ଚ୍ ଓପନରେ ସେ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ଖେଳିଲେ। ପ୍ରଥମ ରାଉଣ୍ଡରେ ସେ ନାଓକୋ ସାୱାମତ୍ସୁଙ୍କୁ ବିଦାୟ ପଥ ଦେଖାଇବା ପରେ ଦ୍ୱିତୀୟ ରାଉଣ୍ଡରେ ନାଥାଲି ଟାଉଜାଟଙ୍କଠାରୁ ହାରି ଯାଇଥିଲେ। ପ୍ରଥମଥର ପାଇଁ ୟୁଏସ୍ ଓପନ ଖେଳି ଫାଇନାଲରେ ପ୍ରବେଶ କରିଥିଲେ। ମାତ୍ର ଟାଇଟଲ ମୁକାବିଲାରେ ମାର୍ଟିନା ହିଙ୍ଗିସଙ୍କଠାରୁ ହାରି ଯାଇଥିଲେ।

✲ ୧୯୯୮ ଅଷ୍ଟ୍ରେଲିଆନ ଓପନରେ ଦୁଇ ୱିଲିୟମ୍ସ ଭଗିନୀ ଭେନସ ଓ ସେରେନା ପରସ୍ପର ବିପକ୍ଷରେ ଖେଳିଲେ। ଏଥିରେ ଭେନସ ତାଙ୍କଠାରୁ ୧୫ ମାସ ସାନ ସେରେନାଙ୍କୁ ପରାସ୍ତ କଲେ।

✲ ୧୯୯୯ରେ ୱିଲିୟମ୍ସ ଭଗିନୀ ସେମାନଙ୍କର ପ୍ରଥମ ମହିଳା ଡବଲ୍ସ ଟାଇଟଲ ହାସଲ କରିଥିଲେ। ଫ୍ରେଞ୍ଚ୍ ଓପନରେ ଏହି ଟାଇଟଲ ଥିଲା ତାଙ୍କ କ୍ୟାରିୟର ସବୁଠାରୁ ବଡ଼ ସଫଳତା। ସେହିବର୍ଷ ଦୁଇ ଭଉଣୀ ୟୁଏସ୍ ଓପନ ଟାଇଟଲ ମଧ୍ୟ ଜିତିଥିଲେ।

✲ ଭେନସ ୱିଲିୟମ୍ସ ୨୦୦୦ରେ ୱିମ୍ବଲଡନରେ କ୍ୟାରିୟରର ପ୍ରଥମ ବଡ଼ ଟାଇଟଲ ହାସଲ କରିଥିଲେ। ଅଲ୍ ଇଂଲଣ୍ଡ କ୍ଲବରେ ୱିମ୍ବଲଡନ ବିଜେତା ହେବା ବେଳକୁ ତାଙ୍କୁ ୨୦ ବର୍ଷ ହୋଇଥିଲା। ଫାଇନାଲରେ ସେ ଲିଣ୍ଡସେ ଡାଭେନପୋର୍ଟଙ୍କୁ ପରାସ୍ତ କରିଥିଲେ। ୧୯୫୦ରେ ଆଲଥିଆ ଗିବସନଙ୍କ ପରେ ଭେନସ ପ୍ରଥମ କୃଷ୍ଣକାୟ ମହିଳା ଭାବେ ୱିମ୍ବଲଡନ ଚାମ୍ପିୟନ ହୋଇଥିଲେ। ୧୯୯୯ରେ ସେରେନା ୱିଲିୟମ୍ସ ୟୁଏସ୍ ଓପନ ଜିତିଥିବାରୁ ଟେନିସ ଇତିହାସରେ ପ୍ରଥମ ଦୁଇ ଭଉଣୀ ଭାବେ ଉଭୟେ ବଡ଼ ଚାମ୍ପିୟନଶିପ୍ ଟାଇଟଲ ବିଜୟୀ ହେବାର ସୌଭାଗ୍ୟପ୍ରାପ୍ତ ହେଲେ। ଏହାପରେ ଭେନସ ୨୦୦୧, ୨୦୦୫, ୨୦୦୭ ଓ ୨୦୦୮ରେ ୱିମ୍ବଲଡନ ଟ୍ରଫି ଜିତିଥିଲେ।

✲ ୨୦୦୦ ସିଡ୍‌ନୀ ଅଲିମ୍ପିକ୍ସରେ ଭେନସ ମହିଳା ସିଙ୍ଗଲ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। କେବଳ ସେତିକି ନୁହେଁ ଭଉଣୀ ସେରେନାଙ୍କୁ ସାଥିକରି ସେ ମହିଳା ଡବଲ୍ସରେ ମଧ୍ୟ ଚାମ୍ପିୟନ ହୋଇଥିଲେ। ଏହାପରେ ୨୦୦୮ ଓ ୨୦୧୨ରେ ମହିଳା ଡବଲ୍ସ ସ୍ୱର୍ଣ୍ଣ ହାସଲ କରିଥିଲେ। ୨୦୧୬ରେ ସେ ରାଜବ ରାମଙ୍କୁ ସାଥିକରି ମିକ୍ସଡ ଡବଲ୍ସରେ ରୌପ୍ୟ ପଦକ ଜିତିଥିଲେ।

✲ ଭେନସ ନିଜ ପ୍ରଥମ ୟୁଏସ ଓପନ ଟାଇଟଲ ୨୦୦୦ରେ ଜିତିଥିଲେ। ଏଥର ମଧ୍ୟ ଫାଇନାଲରେ ସେ ଡାଭେନପୋର୍ଟଙ୍କୁ ପରାସ୍ତ କରିଥିଲେ। ଏହା ପରବର୍ଷ ସେ ନିଜ ଭଉଣୀ ସେରେନାଙ୍କୁ ହରାଇ ଚାମ୍ପିୟନ ହୋଇଥିଲେ। ୧୯୮୪ରେ ମଉଦ ୱାଟସନ ଓ ଲିଲିଆନ ୱାଟସନଙ୍କ ପରେ ଦୁଇ ଭଉଣୀଙ୍କ ମଧ୍ୟରେ ପ୍ରଥମଥର ପାଇଁ କୌଣସି ଏକ ବଡ଼ ଚାମ୍ପିୟନଶିପ୍‌ରେ ମୁକାବିଲା ହୋଇଥିଲା। ୨୦୦୨ରୁ ୨୦୦୩ ମଧ୍ୟରେ ସେରେନା ଓ ଭେନସ ପରସ୍ପରକୁ କ୍ରମାଗତ ୪ଟି ଗ୍ରାଣ୍ଡସ୍ଲାମ ଫାଇନାଲରେ ଭେଟିଥିଲେ। ଏଥିରେ ସେରେନା ୪-୦ରେ ବିଜୟୀ ହୋଇଥିଲେ।

✲ ୨୦୦୨ରେ ଭେନସ ପ୍ରଥମଥର ପାଇଁ ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗ୍‌ରେ ପ୍ରଥମସ୍ଥାନ ଅଧିକାର କରିଥିଲେ। ୨୦୦୨ ଫେବୃଆରୀରେ ଏହି ସଫଳତା ପାଇବା ପରେ କ୍ରମାଗତ ୧୧ ସପ୍ତାହଧରି ଶୀର୍ଷସ୍ଥାନ ବଜାୟ ରଖିଥିଲେ। ମୋଟ ଉପରେ ଦେଖିବାକୁ ଗଲେ ଭେନସ ୩୧୯ ସପ୍ତାହ ପାଇଁ ନମ୍ବର ୱାନ ସ୍ଥାନରେ ରହିଛନ୍ତି।

✲ ୨୦୧୧ରେ ଭେନସ ସେଜୋଗ୍ରେନ୍ସ ସିଡ୍ରମରେ ପୀଡ଼ିତ ଥିବା ଘୋଷଣା କରିଥିଲେ। ଏହା ଜଏଣ୍ଟ ପେନ୍‌ର ଅନ୍ୟତମ କାରଣ ହୋଇଥାଏ। ଏଥିପାଇଁ ସେ ୟୁଏସ୍ ଓପନର ଦ୍ୱିତୀୟ ରାଉଣ୍ଡରୁ ଓହରି ଯାଇଥିଲେ।

✲ ୨୦୧୬-୧୭ରେ ୱିଲିୟମ୍ସ କ୍ୟାରିୟରର ପୁନରୁତ୍ଥାନ ଘଟିଥିଲା। ଏହି ସମୟରେ ସେ ଦୁଇଟି ବଡ଼ ପ୍ରତିଯୋଗିତା ଅଷ୍ଟ୍ରେଲିଆ ଓପନ ଓ ୱିମ୍ବଲଡନ ଫାଇନାଲରେ ପ୍ରବେଶ କରିଥିଲେ। ଏହା ଆଉ ୨ ଥର ୱିମ୍ବଲଡନ ଓ ୟୁଏସ୍ ଓପନର ସେମିଫାଇନାଲ ଖେଳିଥିଲେ।

✲ ୨୦୨୩ ୟୁଏସ୍ ଓପନକୁ ମିଶାଇ ଭେନସ କ୍ରମାଗତ ୧୦ଟି ଗ୍ରାଣ୍ଡସ୍ଲାମର ପ୍ରଥମ କିମ୍ବା ଦ୍ୱିତୀୟ ରାଉଣ୍ଡରୁ ବିଦାୟ ନେଇଥିଲେ। ସ୍ୱାସ୍ଥ୍ୟକୁ ନେଇ ତାଙ୍କର ଅନେକ ସମସ୍ୟା ଦେଖା ଦେଇଥିଲା। ଗତବର୍ଷ ସେ ୟୁଟେରାଇନ ଫିବ୍ରୋଇଡ୍ସ ସର୍ଜରି କରାଇଛନ୍ତି। ଏଥିପାଇଁ ସେ ୧୬ ମାସଧରି ଟେନିସ କୋର୍ଟରୁ ଦୂରରେ ରହିଥିଲେ। ଗତ ଜୁଲାଇରେ ଡିସି ଓପନ ମାଧ୍ୟମରେ କୋର୍ଟକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

✲ ଦୁଇ ବର୍ଷ ବ୍ୟବଧାନରେ ୪୫ ବର୍ଷ ବୟସରେ ୨୦୨୫ ୟୁଏସ୍ ଓପନକୁ ପ୍ରତ୍ୟାବର୍ତ୍ତନ। ତେବେ ମହିଳା ସିଙ୍ଗଲ୍ସର ପ୍ରଥମ ରାଉଣ୍ଡ ଏବଂ ଡବଲ୍ସର କ୍ୱାର୍ଟର ଫାଇନାଲରୁ ବିଦାୟ ନେଲେ।

## କେବଳ ମହିଳା ଅଫିସିଆଲ



ଆସନ୍ତା ୩୦ ତାରିଖରୁ ଭାରତ ଓ ଶ୍ରୀଲଙ୍କାରେ ହେବାକୁ ଯାଉଥିବା ମହିଳା ଦିନିକିଆ ବିଶ୍ୱକପ୍‌କୁ ତଦାରଖ ଓ ପରିଚାଳନା କରିବା ପାଇଁ ଗୁରୁବାର ଆଇସିସି ପକ୍ଷରୁ ଅମ୍ପାୟର ଓ ରେଫରିଙ୍କ ପ୍ୟାନେଲ ଘୋଷଣା କରାଯାଇଛି। ଏଥିରେ କେବଳ ମହିଳା ଅଫିସିଆଲଙ୍କୁ ସାମିଲ କରାଯାଇଛି। ୧୪ ଅମ୍ପାୟର ଓ ୪ ରେଫରିଙ୍କ ସମେତ ମୋଟ ୧୮ ଅଫିସିଆଲ୍‌ଙ୍କୁ ୩୧ ମ୍ୟାଚ୍ ବିଶିଷ୍ଟ ଟୁର୍ନାମେଣ୍ଟ ଲାଗି ନିଯୁକ୍ତ କରାଯାଇଛି। ଇତିହାସରେ ପ୍ରଥମ ଥର ପାଇଁ ମହିଳା ଦିନିକିଆ ବିଶ୍ୱକପ୍ ସମ୍ପୂର୍ଣ୍ଣ ରୂପେ ମହିଳା ଅଫିସିଆଲଙ୍କ ଦ୍ୱାରା ପରିଚାଳିତ ହେବ। ଏହି ଟ୍ରେଣ୍ଡକୁ ଗତ ଦୁଇ ମହିଳା ଟି୨୦ ବିଶ୍ୱକପ୍ ଓ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଆପଣା ଯାଇଥିଲା। ଅଫିସିଆଲଙ୍କ ମଧ୍ୟରେ କ୍ଲେୟାର ପୋଲୋସାକ୍, ଜ୍ୟାକଲିନ ୱିଲିୟମ୍ସ ଓ ସୁ ରେଡଫର୍ନ ତୃତୀୟ ଥର ପାଇଁ ବିଶ୍ୱକପ୍ ପରିଚାଳନା କରିବାକୁ ଯାଉଥିବା ବେଳେ ୨୦୨୨ ସଂସ୍କରଣର ଫାଇନାଲ ପରିଚାଳନା କରିଥିବା ଲୌରେନ ଆଗେନବାଗ ଓ କିମ କଟନ ମଧ୍ୟ ଏଥିରେ ସ୍ଥାନ ପାଇଛନ୍ତି। ରେଫରିଙ୍କ ପ୍ୟାନେଲରେ ଭାରତର ଜିଏସ୍ ଲକ୍ଷ୍ମୀ, ଟ୍ରୁଡି ଆଣ୍ଡରସନ, ଶ୍ରେ ଫ୍ରିଜ ଓ ମିଚେଲ ପେରେଇରା ରହିଛନ୍ତି।

## ହାମ୍ପଶାୟାରରେ ଯୋଗଦେଲେ ସୁନ୍ଦର



ଭାରତର ୱାଶିଂଟନ ସୁନ୍ଦର ଇଂଲିଶ କାଉଣ୍ଟି କ୍ରିକେଟ ଦଳ ହାମ୍ପଶାୟାର ଦଳରେ ଯୋଗଦେଇଛନ୍ତି। ୨୦୨୫ ଚାମ୍ପିୟନଶିପ୍ ଅଭିଯାନରେ ସେ ଏହି ଦଳ ପକ୍ଷରୁ ଶେଷ ଦୁଇଟି ମ୍ୟାଚ ଖେଳିବେ। ଇଂଲିଶ କାଉଣ୍ଟି ଦଳ ତରଫରୁ ଗୁରୁବାର ଏହା ଘୋଷଣା କରାଯାଇଛି। କିଛି ସପ୍ତାହ ପୂର୍ବେ ୟୁନାଇଟେଡ କିଙ୍ଗଡମ୍ (ୟୁକେ)ରେ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ବେଳେ ଏହି ଅଲରାଉଣ୍ଡର ଅନ୍ୟତମ ଷ୍ଟାର ଖେଳାଳି ଭାବେ ଉଭା ହୋଇଥିଲେ। ହାମ୍ପଶାୟାର ଏହି ୨୫ ବର୍ଷୀୟ ଖେଳାଳିଙ୍କୁ ସେମାନଙ୍କର ସମରସେଟ ଓ ସରେ ବିପକ୍ଷ ମ୍ୟାଚ ପାଇଁ ଚୁକ୍ତି କରିଛନ୍ତି। ଇଂଲଣ୍ଡ ୫ମ୍ୟାଚ ବିଶିଷ୍ଟ ରୋମାଞ୍ଚକ ସିରିଜରେ ୱାଶିଂଟନ ୪୭ ଆଭରେଜରେ ୨୮୪ ରନ କରିଥିଲେ। ଓଲ୍ଡ ଟ୍ରାଫୋର୍ଡଠାରେ ସେ ଏକ ଶତକ ହାସଲ କରିଥିଲେ। ସେ ୩୮.୫୭ ଆଭରେଜରେ ୭ ଉଇକେଟ ଅକ୍ତିଆର କରିଥିଲେ। ୱାଶିଂଟନ ଦ୍ୱିତୀୟ ଥର ପାଇଁ କାଉଣ୍ଟି କ୍ରିକେଟ ଖେଳିବାକୁ ଯାଉଛନ୍ତି। ପୂର୍ବରୁ ୨୦୨୨ରେ ସେ ଲାଙ୍କାଶାୟାର ତରଫରୁ ଏହି ଚାମ୍ପିୟନଶିପ୍ ଏବଂ ଦିନିକିଆ କପ୍ ଖେଳିଥିଲେ। ୱାଶିଂଟନ ଆହୁରି ମଧ୍ୟ ଚଳିତବର୍ଷ ଦ୍ୱିତୀୟ ଭାରତୀୟ ଭାବେ ହାମ୍ପଶାୟାର ସହିତ ଚୁକ୍ତି କରିଛନ୍ତି। ପୂର୍ବରୁ ତିଳକ ଶର୍ମା ସିଜନ ଆରମ୍ଭରେ ୪ଟି ଚାମ୍ପିୟନଶିପ୍ ମ୍ୟାଚ ଖେଳିଥିଲେ। ୱାଶିଂଟନ ୪୦ ପ୍ରଥମଶ୍ରେଣୀ ମ୍ୟାଚ ଖେଳି ସାରିଛନ୍ତି। ତନ୍ମଧ୍ୟରେ ୧୩ ଟେଷ୍ଟ ମ୍ୟାଚ ରହିଛି। ସେ ୩୪ ଆଭରେଜରେ ୧୮୦୦ରୁ ଉର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। ସେ ଆହୁରି ମଧ୍ୟ ୨୮ ଆଭରେଜରେ ୯୧ ଉଇକେଟ ଅକ୍ତିଆର କରିଛନ୍ତି। ୨୦୨୪ରେ ପୁଣେଠାରେ ସେ ନ୍ୟୁଜିଲାଣ୍ଡ ବିପକ୍ଷ ତାଙ୍କ ଶ୍ରେଷ୍ଠ ପ୍ରଦର୍ଶନ ସହ ୫୯ ରନ ବିନିମୟରେ ୭ ଉଇକେଟ ଅକ୍ତିଆର କରିଥିଲେ।

# ନଭେମ୍ବର ୧୪ରୁ ଆଇକନିକ ସ୍ପୋର୍ଟ୍ସ ଚେସ୍ ପ୍ରିମିୟର ଲିଗ୍



ଅଲ ଓଡ଼ିଶା ଚେସ୍ ଆସୋସିଏଶନ ଓ ଆଇକନିକ ସ୍ପୋର୍ଟ୍ସ ଫେଡେରେଶନର କର୍ମକର୍ତ୍ତା ଓ ଖେଳାଳି।

ଭୁବନେଶ୍ୱର, ୧୧।୯ (ଅନାଦି କର)

ଅଲ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ଓ ଆଇକନିକ ସ୍ପୋର୍ଟ୍ସ ଫେଡେରେଶନ (ଆଇଏସ୍‌ଏଫ୍) ମିଳିତ ସହଯୋଗରେ ପ୍ରଥମ ଥର ପାଇଁ ଓଡ଼ିଶାରେ ଆଇକନିକ ଚେସ୍ ପ୍ରିମିୟର ଲିଗ୍ (ଆଇସିପିଏଲ୍) ଆୟୋଜିତ ହେବାକୁ ଯାଉଛି। ୧୨ ଫ୍ରାଞ୍ଚାଇଜିକୁ ନେଇ ହେବାକୁ ଥିବ ଏହି ଟୁର୍ନାମେଣ୍ଟ ଆସନ୍ତା ନଭେମ୍ବର ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିଲାଗି ଆସନ୍ତା ଅକ୍ଟୋବର ୧୯ ତାରିଖରେ ଖେଳାଳିଙ୍କ ଅକ୍ସନ ହେବାକୁ ଥିବା ବେଳେ ଖୁବ୍‌ଶୀଘ୍ର ଖେଳାଳିଙ୍କ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହେବ। ପଞ୍ଜୀକରଣ ପାଇଁ ଅକ୍ଟୋବର ୧୦ ତାରିଖକୁ ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। ଫିଡେ ମାନ୍ୟତାପ୍ରାପ୍ତ ସମସ୍ତ ଖେଳାଳି ଏଥିରେ ଅଂଶଗ୍ରହଣ କରିପାରିବେ। ପ୍ରତ୍ୟେକ ଦଳ ଲାଗି ୧ ଲକ୍ଷ ଟଙ୍କାର ବିଡ୍ ଭାଲ୍ୟୁ ବା ଏଣ୍ଟ୍ରି ଫି' ରଖାଯାଇଛି। ଏଥିରେ ବିଭିନ୍ନ ରାଜ୍ୟର ଦଳ ତଥା ଖେଳାଳି ଭାଗ ନେବାକୁ ଥିବା ବେଳେ ୧୦ ଲକ୍ଷ ଟଙ୍କାର ମୋଟ ପୁରସ୍କାର ରାଶି ରଖାଯାଇଛି। ଏ ନେଇ ମାଷ୍ଟର କ୍ୟାଣ୍ଟିନସ୍ଥିତ ସ୍ୱସ୍ତି ଗ୍ରାଣ୍ଡ ହୋଟେଲରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ଅବସରରେ ଏଓସିଏର ସମ୍ପାଦକ ଦେବବ୍ରତ ଭଟ, ଉପସଭାପତି ଶଙ୍କର ପ୍ରସାଦ ମିଶ୍ର, ଇସି ସଦସ୍ୟ ଅଭିଷେକ ଆଚାର୍ଯ୍ୟ, ଡ. ଶେଖ ଅବଦୁଲ ଶମିମ, ଡ. ସଞ୍ଜୟ ଦାସ, ଇସି ସଦସ୍ୟ ରିତେଶ କୁମାର ରଥ, ଓଡ଼ିଶା ଖୋ ଖୋ ଆସୋସିଏଶନ ସମ୍ପାଦକ ତଥା ପୁରୀ ଚେସ୍ ଆସୋସିଏଶନ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ବିଜୁ ପଟ୍ଟନାୟକ ପୁରସ୍କାର ବିଜେତା ଧନଞ୍ଜୟ ସାବତ, ମାନସ ପାଣି, ସଂଜୀବନ ନାୟକ, ଇଣ୍ଟରନ୍ୟାଶନାଲ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ, ତାପସ କୁମାର ମହାନ୍ତି, ସନ୍ତୋଷ ମହାପାତ୍ର, ଅନ୍ତର୍ଜାତୀୟ ମାଷ୍ଟର ସମ୍ବିତ ପଣ୍ଡା, ଅନ୍ତର୍ଜାତୀୟ ମାଷ୍ଟର ସ୍ୱୟଂସା ଶତପଥୀ, ରୋଟାରୀ ପ୍ରାନ୍ତପାଳ ୩୨୬୨ର ମନୋଜ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶାର ପ୍ରଥମ ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସ, ସାତ୍ୱିକ ସ୍ୱାଇଁ, ପ୍ରୋଚେଷ୍ଟାର ଟ୍ରେନର ଓ ଚିଫ୍ ଆଡ୍‌ମିନିଷ୍ଟ୍ରେଟିଭ ଏସ୍. ସତ୍ୟପ୍ରଜ୍ଞ, ଡ. ଅନେଶ ଉପାଧ୍ୟାୟ, ଇଣ୍ଟରନ୍ୟାଶନାଲ ମାଷ୍ଟର ସମ୍ବିତ କୁମାର ପଣ୍ଡା, ଫିଡେ ମାଷ୍ଟର ସୌମ୍ୟ ରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

**ଖେଳ ଖବର**

**ରାଜ୍ୟ ପୋଲିସ ହ୍ୟାଣ୍ଡବଲ, କବାଡି**

## ହ୍ୟାଣ୍ଡବଲରେ କେନ୍ଦୁଝର, ଓଏସ୍‌ଏପି ଢେଙ୍କାନାଳ ସେମିରେ

କେନ୍ଦୁଝର, ୧୦।୯
(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ହ୍ୟାଣ୍ଡବଲ ଷ୍ଟାଡିୟମରେ କେନ୍ଦୁଝର ପୋଲିସ ଆନୁକୂଲ୍ୟରେ ଚାଲିଥିବା ୭୮ତମ ରାଜ୍ୟ ପୋଲିସ କବାଡି ଓ ଦଶମ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଗୁରୁବାର ପଞ୍ଚମ ଦିନର ଖେଳ ଅନୁଷ୍ଠିତ ହୋଇଯାଇଛି। ହ୍ୟାଣ୍ଡବଲ ଷ୍ଟାଡିୟମର ନଂ-୨ କୋର୍ଟରେ ଲିଗ କମ ନକ୍-ଆଉଟ ପଦ୍ଧତିରେ ଅନୁଷ୍ଠିତ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ପ୍ରଥମ ବାଟାଲିୟନ ଢେଙ୍କାନାଳ ବିପକ୍ଷରେ କେନ୍ଦୁଝର ୨୧-୧୫ ପଏଣ୍ଟରେ ଓ ଷଷ୍ଠ ଆଇଆର ବାଟାଲିୟନ ୧୪-୬ ପଏଣ୍ଟରେ ଖୋର୍ଦ୍ଧାକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏହି ଖେଳରେ ଅତିଥି ଭାବେ ଓଏସଏପି ଦ୍ୱିତୀୟ ବାଟାଲିୟନ ଝାରସୁଗୁଡାର ଡେପୁଟି କାମାଣ୍ଡାଣ୍ଟ ଭବାନୀ ଶଙ୍କର ସେଠ ଓ କେନ୍ଦୁଝର ଜିଲ୍ଲା ହ୍ୟାଣ୍ଡବଲ ଆସୋସିଏସନ ସମ୍ପାଦକ ରିଦ୍ଧିକ ଅଧିକାରୀ ଯୋଗ ଦେଇଥିଲେ। ଏହି ଚାମ୍ପିୟନଶିପ୍‌ର ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଶ୍ରୀକାନ୍ତ ନାୟକ ମ୍ୟାଚ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ।

# ଦୃଷ୍ଟିବାଧିତ ଭାରତୀୟ ମହିଳା ଟି୨୦ ବିଶ୍ୱକପ୍ ଦଳରେ ଓଡ଼ିଶାରୁ ୪






ଯମୁନା ରାଣୀ ଟୁଡୁ, ବାସନ୍ତି ହାଂସଦା, ଫୁଲ ସୋରେନ ଓ ପାର୍ବତୀ ମାର୍ଣ୍ଡି।

ବାରିପଦା, ୧୧।୯
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଆସନ୍ତା ନଭେମ୍ବର ୧୧ରୁ ୨୫ ତାରିଖ ପର୍ଯ୍ୟନ୍ତ ହେବାକୁ ଯାଉଥିବା ଦୃଷ୍ଟିବାଧିତ ମହିଳା ଟି୨୦ ବିଶ୍ୱକପ୍ ପାଇଁ ଗୁରୁବାର ୧୬ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଏହି ଦଳରେ ଓଡ଼ିଶାରୁ ୪ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଯମୁନା ରାଣୀ ଟୁଡୁ, ବାସନ୍ତି ହାଂସଦା, ଫୁଲ ସୋରେନ ଓ ପାର୍ବତୀ ମାର୍ଣ୍ଡି।

ଏଥିରେ ଅଷ୍ଟ୍ରେଲିଆ, ଇଂଲଣ୍ଡ, ଭାରତ, ନେପାଳ, ପାକିସ୍ତାନ, ଶ୍ରୀଲଙ୍କା ଓ ଆମେରିକା ଦଳ ଅଂଶଗ୍ରହଣ କରିବେ। ଏହି ଟୁର୍ନାମେଣ୍ଟର ସମସ୍ତ ମ୍ୟାଚ୍ ନୂଆଦିଲ୍ଲୀ ଓ ବେଙ୍ଗାଲୁରୁରେ ଖେଳାଯିବ। ଟୁର୍ନାମେଣ୍ଟରେ ପାକିସ୍ତାନ ଖେଳିବାକୁ ଥିବାରୁ କାଠମାଣ୍ଡୁକୁ ତୃତୀୟ ଭେନ୍ୟୁ ଭାବେ ଚୟନ କରାଯାଇଥିଲା। ହେଲେ ବର୍ତ୍ତମାନ ନେପାଳରେ ଦେଖାଦେଇଥିବା ପରିସ୍ଥିତି କାରଣରୁ ବିକଳ୍ପ ଭେନ୍ୟୁ ଖୋଜା ଯାଉଛି। ଏହି ବିଶ୍ୱକପ୍‌ରେ ୨୧ଟି ଲିଗ୍ ମ୍ୟାଚ୍ ସହିତ ୩ଟି ନକ୍‌ଆଉଟ୍ ମ୍ୟାଚ୍ ଖେଳାଯିବ। ସମଗ୍ର ଦେଶରେ କରାଯାଇଥିବା ଖେଳାଳିଙ୍କ ଖୋଜା ପ୍ରକ୍ରିୟାରେ ୫୬ ଜଣଙ୍କୁ ଚୟନ କରାଯାଇଥିଲା। କଠିନ ଟ୍ରେନିଂ ଓ ଚୟନ ଶିବିର ପରେ ସେମାନଙ୍କ ମଧ୍ୟରୁ ୧୬ ଜଣିଆ ଦଳ ଘୋଷଣା କରାଯାଇଛି। ପୂର୍ବରୁ ୨୦୨୩ ଆଇବିଏସ୍‌ଏ ୱାର୍ଲ୍ଡ ଗେମ୍ସରେ ଦୃଷ୍ଟି ବାଧିତ ମହିଳା ଗେମ୍ସ ପଦାର୍ପଣ କରିଥିବା ବେଳେ ଭାରତୀୟ ଦଳ ସ୍ୱର୍ଣ୍ଣ ପଦକ ଜିତି ଦେଶକୁ ଗର୍ବିତ କରିଥିଲା। ବି୧ କ୍ୟାଟେଗୋରି: ସିମୁ ଦାସ, ପି କରୁଣା କୁମାରୀ, ଅନୁ କୁମାରୀ, ଯମୁନା ରାଣୀ ଟୁଡୁ, କାଭ୍ୟା ଭି। ବି୨ କ୍ୟାଟେଗୋରି: ଅନେଖା ଦେବୀ, ବାସନ୍ତି ହାଂସଦା, ସିମରନଜୀତ କୌର, ସୁନିତା ସରାଥେ, ପାର୍ବତୀ ମାର୍ଣ୍ଡି। ବି୩ କ୍ୟାଟେଗୋରି: ଦୀପିକା ଟି ସି (ଅଧିନାୟିକା), ଫୁଲ ସୋରେନ, ଗଙ୍ଗା ଏସ୍ କଦମ (ଉପ ଅଧିନାୟିକା), କାଭ୍ୟା ଏନ୍ ଆର, ସୁଷମା ପଟେଲ, ଦୁର୍ଗା ୟେଭଲେ। ଖେଳାଳିଙ୍କ ପୂର୍ବ ପ୍ରଦର୍ଶନ ଆଧାରରେ ଅଧିନାୟିକା ଓ ଉପଅଧିନାୟିକା ଚୟନ କରାଯାଇଛି।

ଧରିତ୍ରୀ 51 Years
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୧୨/୨୦୨୫ Bhubaneswar, Friday, September 12/ 2025

# ଗୋଆ, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ବିଜୟୀ



ଉଦ୍‌ଘାଟନୀ ଦିବସରେ ମଞ୍ଚାସୀନ ଅତିଥିଗଣ।

## ସର୍ବଭାରତୀୟ ଟି୧୦ ଟେନିସ୍ ବଲ କ୍ରିକେଟ ଆରମ୍ଭ

### ଭାଗନେଇଛନ୍ତି ୨୫ ରାଜ୍ୟର ୩୨ ଦଳ

ପୁରୀ,୧୧।୯
(ଅଜିତ୍ କୁମାର ମହାନ୍ତି)

ଟି୧୦ ଟେନିସ୍ ବଲ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆ (ଟିବିସିଏଆଇ) ଆନୁକୂଲ୍ୟରେ ତଥା ଓଡ଼ିଶା ଟି-୧୦ ଟେନିସ କ୍ରିକେଟ୍ ଆସୋସିଏଶନ ଏବଂ ଶ୍ରୀଜଗନ୍ନାଥ ଦର୍ଶନ ଚାରିଟେବୁଲ ଟ୍ରଷ୍ଟ ସହଯୋଗରେ ପୁରୀରେ ତୃତୀୟ ସର୍ବଭାରତୀୟ ଟି୧୦ ଟେନିସ୍ ବଲ୍ କ୍ରିକେଟ ଚାମ୍ପିୟନଶିପ୍ ଗୁରୁବାରଠାରୁ ଆରମ୍ଭ ହୋଇଛି। ପେଣ୍ଠକଟାସ୍ଥିତ ଶ୍ରୀଜଗନ୍ନାଥ କ୍ରିକେଟ୍ ଷ୍ଟାଡିୟମରେ ବିଭିନ୍ନ ପାରମ୍ପରିକ ନୃତ୍ୟଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଆତସବାଜି ମଧ୍ୟରେ ଅତିଥିମାନେ ଏହି ଚାମ୍ପିୟନଶିପ୍‌କୁ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ଭାଜପା ପୁରୀ ଜିଲା ସଭାପତି ଦେବେନ୍ଦ୍ରନାଥ ତରେଇ, ଟିବିସିଏଆଇ ସଭାପତି ଦଇତାପତି ଭବାନୀ ପ୍ରସାଦ ଦାସମହାପାତ୍ର, ଗଭର୍ଣ୍ଣିଂ ବଡି ଅଧ୍ୟକ୍ଷ ନିଶିକାନ୍ତ ମିଶ୍ର, କାର୍ଯ୍ୟକାରୀ ସମ୍ପାଦକ ସନ୍ତୋଷ କୁମାର ପ୍ରଧାନ, ରାଜ୍ୟ ସମ୍ପାଦକ ବ୍ରଜକିଶୋର ଦାଶ, କ୍ରୀଡ଼ା ସମ୍ପାଦକ ଶିବାନୀ ପ୍ରସାଦ ଦାସମହାପାତ୍ର, ପ୍ରଦୀପ ମହାପାତ୍ର, ଆଡଭାଇଜର ଜୟନ୍ତ କୁମାର ଷଡ଼ଙ୍ଗୀ, ଟିବିସିଏଆଇ ସାଧାରଣ ସମ୍ପାଦକ ଅଭିଷେକ ସିଂ, କୋଷାଧ୍ୟକ୍ଷ ନିତିଶ ସିନ୍ଧେ, ଦଇତାପତି ନିଯୋଗ ଉପସଭାପତି ଗଣପତି ଦାସମହାପାତ୍ର, ଦଇତାପତି ସେବକ ରାମଦାସ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି କ୍ରୀଡ଼ାକୁ ଯେପରି ଲୋକପ୍ରିୟ କରାଯାଇପାରିବ, ସେନେଇ ସହଯୋଗ ଯୋଗାଇଦେବାକୁ ଅତିଥିମାନେ ପ୍ରତିଶ୍ରୁତି ଦେଇଥିଲେ। ପ୍ରାରମ୍ଭରେ କାର୍ଯ୍ୟକାରୀ ସମ୍ପାଦକ ସନ୍ତୋଷ ପ୍ରଧାନ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ଓ କ୍ରୀଡ଼ା ସଙ୍ଗଠନ ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ପ୍ରଥମେ ପାରମ୍ପରିକ ଉତ୍କଳ ଜନନୀ ନୃତ୍ୟରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରେ ସମ୍ବଲପୁରୀ, ମାହାରୀ, ପୁରୀର ସମର କଳା ସାହିଯାତ ନୃତ୍ୟ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଟୁର୍ନାମେଣ୍ଟରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ୨୫ଟି ପୁରୁଷ ଏବଂ ୬ଟି ମହିଳା ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରତ୍ୟେକ ଦିନ ସକାଳ ୮ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ଦିବାରାତ୍ର ମ୍ୟାଚ୍ ହେବ। ଗୁରୁବାର ପ୍ରଥମ ଦିବସରେ ପୁରୁଷ ବିଭାଗର ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ୍ ଗୋଆ ଏବଂ ଆସାମ ମଧ୍ୟରେ ଖେଳାଯାଇଥିବା ବେଳେ ଗୋଆ ବିଜୟ ଲାଭ କରିଛି। ସେହିପରି ଝାଡ଼ଖଣ୍ଡ ଏବଂ ଓଡ଼ିଶା ମଧ୍ୟରେ ଦ୍ୱିତୀୟ ମ୍ୟାଚ ଖେଳାଯାଇଥିଲା। ଏଥିରେ ଝାଡ଼ଖଣ୍ଡ ଜିତିଛି। ପଶ୍ଚିମବଙ୍ଗ ଏବଂ ଉତ୍ତରପ୍ରଦେଶ ମଧ୍ୟରେ ତୃତୀୟ ମ୍ୟାଚ ହୋଇଥିବାବେଳେ ପଶ୍ଚିମବଙ୍ଗ ବିଜୟୀ ହୋଇଛି। ସେହିପରି ମଧ୍ୟପ୍ରଦେଶ ଏବଂ ଦିଲ୍ଲୀ, ଓଡ଼ିଶା ଏବଂ ସିକିମ, ବିହାର ଏବଂ ଛତିଶଗଡ଼ ମଧ୍ୟରେ ମ୍ୟାଚ ଖେଳାଯିବାକୁ ଥିବାବେଳେ ଶୁକ୍ରବାରଠାରୁ ମହିଳା ଟିମ୍‌ର ମ୍ୟାଚ ଆରମ୍ଭ ହେବ। ୧୪ ତାରିଖ ସନ୍ଧ୍ୟାରେ ଉଭୟ ପୁରୁଷ ଓ ମହିଳା ଫାଇନାଲ ମ୍ୟାଚ ଖେଳାଯିବ। ବିଜେତା, ଉପବିଜେତା, ମ୍ୟାନ୍ ଅଫ୍ ଦି ମ୍ୟାଚ, ମ୍ୟାନ ଅଫ୍ ଦି ଟୁର୍ନାମେଣ୍ଟ, ବେଷ୍ଟ ବୋଲର, ବେଷ୍ଟ ବ୍ୟାଟ୍ସମ୍ୟାନ, ବେଷ୍ଟ ଫିଲଡରଙ୍କୁ ଟ୍ରଫି ସହ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯିବ ବୋଲି ସଭାପତି ଦାସମହାପାତ୍ର କହିଛନ୍ତି।



ବିଭିନ୍ନ ରାଜ୍ୟରୁ ଆସିଥିବା ଖେଳାଳି।

# ହଂକଂର ଲଚ୍ଚୁଆ ବ୍ୟାଟିଂ

ଆବୁ ଧାବି, ୧୧।୯

ଚଳିତ ଏସିଆ କପ୍ ଟି୨୦ ଟୁର୍ନାମେଣ୍ଟର ଗ୍ରୁପ୍ ବି'ର ଏକ ମ୍ୟାଚ୍‌ରେ ବାଂଲାଦେଶ ଓ ହଂକଂ ପରସ୍ପରକୁ ଭେଟିଛନ୍ତି। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ହଂକଂ ୧୫ ଓଭର ଶେଷ ସୁଦ୍ଧା ୩ ଉଇକେଟ ହରାଇ ୧୦୧ ରନ କରିଛି। ରିପୋର୍ଟ ଲେଖା ହେଲା ବେଳକୁ ନିଜାକତ ଖାନ ୨୧ ଓ ଅଧିନାୟକ ୟାସିମ ମୁର୍ତାଜା ୨୧ ରନରେ ବ୍ୟାଟିଂ କରୁଛନ୍ତି।

ଟସ୍ ଜିତି ବାଂଲାଦେଶ ଅଧିନାୟକ ଲିଟନ ଦାସ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ହଂକଂ ଦ୍ୱିତୀୟ ଓଭରରେ ଓପନର ଅଂଶୁମାନ ରଥ(୭)ଙ୍କ ଉଇକେଟ ହରାଇଥିଲା। ତାଙ୍କ ବଦଳରେ କ୍ରିଜ୍‌କୁ ଆସିଥିବା ବାବର ହାୟତ ୧୪ ରନ କରି ପାଭିଲିଅନ ଫେରିଥିଲେ। ଏହାପରେ ଅନ୍ୟତମ ଓପନର ଜୀଶାନ ଅଲୀ ଓ ନିଜାକତ ତୃତୀୟ ଉଇକେଟରେ ୪୧ ରନ ଯୋଡ଼ିଥିଲେ। କ୍ରିଜ୍‌ରେ ଜମି ସାରିଥିବା ଜିଶାନ ୩ ଚୌକା ଓ ୧ ଛକା ସହ ୩୦ ରନ କରି ଆଉଟ୍ ହୋଇଥିଲେ। ବାଂଲାଦେଶ ପାଇଁ ତଞ୍ଜିମ ହାସନ ସାକିବ ଦୁଇଟି ଓ ଟସ୍କିନ ଅହମଦ ଗୋଟିଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ହଂକଂ: ୧୫ ଓଭରରେ ୧୦୧/୩ (ଜିଶାନ ଅଲୀ-୩୦, ନିଜାକତ ଖାନ-୨୧*, ୟାସିମ ମୁର୍ତାଜା-୨୧*, ତଞ୍ଜିମ ହାସନ ସାକିବ-୨/୨୦, ଟସ୍କିନ ଅହମଦ-୧/୧୯)।

**ଏସିଆ କପ୍ କ୍ରିକେଟ**

**(ଆଜିର ମ୍ୟାଚ୍)**

**ପାକିସ୍ତାନ ବନାମ ଓମାନ**

ଭେନ୍ୟୁ: ଦୁବାଇ,
ସମୟ: ରାତି ୮ଟା

ପ୍ରସାରଣ: ସୋନୀ ସ୍ପୋର୍ଟ୍ସ ନେଟୱାର୍କ






# ଭାରତର ପ୍ରଥମ ପରାଜୟ

**ଏସିଆ କପ୍ ମହିଳା ହକି**

ହାଙ୍ଗ୍‌ଝୋ, ୧୧।୯ (ପି.ଟି.)

ଏସିଆ କପ୍ ମହିଳା ହକିର ଏକ ସୁପର-୪ ମ୍ୟାଚ୍‌ରେ ଚାଇନା ନିକଟରୁ ଭାରତ ୪-୧ ଗୋଲ୍‌ରେ ହାରିଯାଇଛି। ଗୁରୁବାର ଖେଳାଯାଇଥିବା ଏହି ମ୍ୟାଚରେ ଭାରତ ୧-୪ ଗୋଲରେ ଚାଇନାଠାରୁ ହାରିଯାଇଛି। ଟୁର୍ନାମେଣ୍ଟରେ ଭାରତର ଏହା ପ୍ରଥମ ପରାଜୟ। ଭାରତ ତରଫରୁ ମମ୍‌ତାଜ ଖାନ୍ ଏକମାତ୍ର ଗୋଲ୍ ଖେଳର ୩୯ତମ ମିନିଟ୍‌ରେ ସ୍କୋର କରିଥିବା ବେଳେ ଚାଇନା ତରଫରୁ ଜୋଉ ମିରଙ୍ଗ (୪ର୍ଥ ଓ ୫୬ତମ) ବ୍ୟକ୍ତିଗତ ଦୁଇଟି ଏବଂ ଚେସ୍ ୟାଙ୍ଗ୍ (୩୧ତମ) ଓ ତାନ୍ ଜିଙ୍ଗହୁଆଙ୍ଗ ୪୯ତମ ମିନିଟ୍‌ରେ ଗୋଟିଏ ଗୋଲ୍ ଦେଇଥିଲେ। ପୁଲ୍ ପର୍ଯ୍ୟାୟରେ ଭାରତ ଅପରାଜେୟ ରହିଥିଲା। ଦଳ ଥାଇଲାଣ୍ଡ ଓ ସିଙ୍ଗାପୁରକୁ ହରାଇ ଦେଇଥିବା ବେଳେ ଜାପାନ ବିପକ୍ଷ ମ୍ୟାଚ ଡ୍ର' ରଖିଥିଲା। ଦଳ କୋରିଆ ବିପକ୍ଷରେ ୪-୨ ଗୋଲ୍‌ରେ ବିଜୟ ଲାଭ କରି ଭାରତ ସୁପର-୪ରେ ଏହାର ଅଭିଯାନ ଆରମ୍ଭ କରିଥିଲା। ସୁପର-୪ର ଶ୍ରେଷ୍ଠ ଦୁଇ ଦଳ ମଧ୍ୟରେ ଫାଇନାଲ ସେପ୍ଟେମ୍ବର ୧୪ରେ ଖେଳାଯିବ। ବିଜେତା ଦଳ ନେଦରଲାଣ୍ଡ୍ସ ଓ ବେଲଜିୟମରେ ହେବାକୁଥିବା ୨୦୨୬ ମହିଳା ବିଶ୍ୱକପ୍ ପାଇଁ ସିଧାସଳଖ ଯୋଗ୍ୟତା ହାସଲ କରିବ।

# ଭାରତ-ପାକିସ୍ତାନ ମ୍ୟାଚ୍ ହେବ

ନୂଆଦିଲ୍ଲୀ, ୧୧।୯

ଆସନ୍ତା ୧୪ ତାରିଖରେ ଦୁବାଇରେ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ଏସିଆ କପ୍ ମ୍ୟାଚ୍‌କୁ ବାତିଲ କରିବା ପାଇଁ ଦାଖଲ ହୋଇଥିବା ଏକ ପବ୍ଲିକ ଇଣ୍ଟରେଷ୍ଟ ଲିଟିଗେଶନ (ପିଆଇଏଲ୍)କୁ ସୁପ୍ରିମକୋର୍ଟ ଗୁରୁବାର ଖାରଜ କରିଛନ୍ତି। ଉର୍ବଶୀ ଜୈନଙ୍କ ନେତୃତ୍ୱରେ ୪ ଆଇନ ଛାତ୍ରୀଛାତ୍ର ଏହି ଆବେଦନ କରିଥିଲେ। ଜଷ୍ଟିସ ଜେକେ ମାହେଶ୍ୱରୀ ଓ ବିଜୟ ବିଷ୍ଣୋଇଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲା ଶୁଣିବା ପରେ ଯୋଜନା ମୁତାବକ ମ୍ୟାଚ୍ ଖେଳାଯିବା ଦରକାର ବୋଲି କହିଛନ୍ତି। ମ୍ୟାଚ୍‌ଟି ରବିବାର ହେବାକୁ ଥିବାରୁ ଆବେଦନକାରୀଙ୍କ ଓକିଲ ଏହି ମାମଲାର ଶୁକ୍ରବାର ଶୁଣାଣି କରିବାକୁ ଅନୁରୋଧ କରିଥିଲେ। ଏହି ଆବେଦନ ଓକିଲ ସ୍ନେହା ରାଣୀ, ଅଭିଷେକ ବର୍ମା ଓ ମହମ୍ମଦ ଆନାସ ଚୌଧାରୀଙ୍କ ଜରିଆରେ ଦାଖଲ କରାଯାଇଥିଲା।

# ସାତ୍ତ୍ୱିକ-ଚିରାଗ, ଲକ୍ଷ୍ୟଙ୍କ ପରେ ଆୟୁଷ କ୍ୱାର୍ଟରରେ

**ହଂକଂ, ୧୧।୯ (ପି.ଟି.):** ଭାରତର ଉଦୀୟମାନ ବ୍ୟାଡ୍‌ମିଣ୍ଟନ ଖେଳାଳି ଆୟୁଷ ଶେଟ୍ଟି ଏଠାରେ ଚାଲିଥିବା ହଂକଂ ଓପନ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଏକ ରୋମାଞ୍ଚକ ମୁକାବିଲାରେ ସେ ୨୦୨୩ ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ବିଜେତା ଜାପାନର କୋଡାଇ ନାରାଓକାଙ୍କୁ ଏକ ୩ ଗେମ୍ ବିଶିଷ୍ଟ ମ୍ୟାଚରେ ପରାସ୍ତ କରି ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। କର୍ନାଟକର ଏହି ୨୦ ବର୍ଷୀୟ ଖେଳାଳି ଜୁନ୍‌ରେ ୟୁଏସ୍ ଓପନ ସୁପର ୩୦୦ ଟାଇଟଲ ଜିତିଥିଲେ। ସେ ଆକ୍ରମଣାତ୍ମକ ଖେଳି ବିଶ୍ୱର ପୂର୍ବତନ ୨ ନମ୍ବର ଜାପାନୀ ଖେଳାଳିଙ୍କୁ ୨୧-୧୯, ୧୨-୨୧, ୨୧-୧୪ରେ ହରାଇ ଦେଇଛନ୍ତି। ଆୟୁଷ କ୍ୱାର୍ଟରଫାଇନାଲରେ ନିଜ ଦେଶର ଲକ୍ଷ୍ୟ ସେନ୍‌ଙ୍କୁ ଭେଟିବେ। ଦୁଇଜଣଯାକ ଖେଳାଳି ପ୍ରକାଶ ପାଦୁକୋନ୍ ବ୍ୟାଡ୍‌ମିଣ୍ଟନ ଏକାଡେମିର ସୃଷ୍ଟି। ଛଅ ମାସ ମଧ୍ୟରେ ଏକ ଟପ୍ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଇଭେଣ୍ଟରେ ଲକ୍ଷ୍ୟଙ୍କର ଏହା ହେଉଛି ପ୍ରଥମ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲ। ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ମଧ୍ୟ ପୂର୍ବରୁ ଏହି ୫୦୦, ୦୦୦ଆମେରିକୀୟ ଡଲାର ପୁରସ୍କାର ରାଶି ବିଶିଷ୍ଟ ଇଭେଣ୍ଟର କ୍ୱାର୍ଟରଫାଇନାଲରେ ପ୍ରବେଶ କରିସାରିଛନ୍ତି। ପୂର୍ବତନ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ବିଜେତା ତଥା ୨୦ତମ ର୍ୟାଙ୍କିଙ୍ଗପ୍ରାପ୍ତ ଲକ୍ଷ୍ୟ ନିଜ ଦେଶର ଏଚ୍.ଏସ୍. ପ୍ରଣୟଙ୍କୁ ୧୫-୨୧, ୨୧-୧୮, ୨୧-୧୦ରେ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୨୩ ବର୍ଷୀୟ ନାରାଓକା ପ୍ୟାରିସ ଅଲିମ୍ପିକ୍ସରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ଚଳିତ ସିଜନରେ ସେ ଇଞ୍ଜୁରୀ ଓ ଫର୍ମଜନିତ ସମସ୍ୟା ନେଇ ସଂଘର୍ଷ ଚଳାଇଛନ୍ତି। ମାର୍ଚ୍ଚରେ ସେ ଅଲ୍ ଇଂଲଣ୍ଡ ସୁପର ୧୦୦୦ରେ ସେମିଫାଇନାଲ ପର୍ଯ୍ୟନ୍ତ ଉଠିପାରିଥିଲେ। ମାକାଉ ଓପନ ସୁପର ୩୦୦ରେ ମଧ୍ୟ ସେ ସମାନ ପର୍ଯ୍ୟାୟକୁ ଉନ୍ନୀତ ହୋଇପାରିଥିଲେ। ପ୍ୟାରିସରେ ସେମାନଙ୍କର ଦ୍ୱିତୀୟ ବିଶ୍ୱଚାମ୍ପିୟନଶିପ୍ ବ୍ରୋଞ୍ଜ ଜିତିଥିବା ବିଶ୍ୱର ୯ ନମ୍ବର ସାତ୍ତ୍ୱିକ ଓ ଚିରାଗ ଯୋଡ଼ି ପୁରୁଷ ଡବଲ୍ସ କ୍ୱାର୍ଟରଫାଇନାଲରେ ମାଲେସିଆର ଜୁନେଦି ଆରିଫ୍ ଓ ରୟ କିଙ୍ଗ୍ ୟାପ୍ ଯୋଡ଼ିଙ୍କ ସହ ମୁକାବିଲା କରିବେ।






4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ